(ପୃଷ୍ଠା-୮+୮)

# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୩/୨୦୨୩ (୮+୮=୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, September 3/2023 Page 16 ₹ 7.00 | BERHAMPUR

୪୯ଶ ଭାଗ ୨୭୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 279 ମୂଲ୍ୟ₹୭/-




**କିଶୋରଙ୍କୁ ମିଳିଲା ୫୦ ଲକ୍ଷ**

ବିଶ୍ୱ ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କିଶୋର ଜେନାଙ୍କୁ ୫୦ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୦୬

୦୫ **ଦୀପାବଳିରେ ସଲମାନଙ୍କ 'ଟାଇଗର ୩'**

ବଲିଉଡ୍ ଭାଇଜାନ୍ ସଲମାନ ଖାନ୍‌ଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଟାଇଗର-୩' ଆସନ୍ତା ଦୀପାବଳିରେ ମୁକ୍ତିଲାଭ କରିବ।



# ବିସ୍ଥାପିତଙ୍କୁ ମିଳିବ ଜମିପଟ୍ଟା

ଭୁବନେଶ୍ୱର,୨।୯(ଅନିଲ ଦାସ)

୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବା ଜମିଜମା ସମସ୍ୟାର ସମାଧାନ ହେବ। ବିଭିନ୍ନ ଜଳଭଣ୍ଡାର ପାଇଁ ବିସ୍ଥାପିତଙ୍କ ଦୀର୍ଘ ବର୍ଷ ଅପେକ୍ଷାର ଅନ୍ତ ଘଟିବ। ସେମାନଙ୍କୁ ସରକାର ଜମିର ଅଧିକାର ପ୍ରଦାନ କରିବେ। ଏଥିସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ଜମି ସମସ୍ୟାର ସମାଧାନ କରାଯାଇ ଲୋକଙ୍କୁ ପଟ୍ଟା ଦେବା ସକାଶେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ଜମିପଟ୍ଟା ବଣ୍ଟନର ଅଗ୍ରଗତି ନେଇ ମୁଖ୍ୟମନ୍ତ୍ରୀ ନିଜେ ସେପ୍ଟେମ୍ବର ମଧ୍ୟଭାଗରେ ସମୀକ୍ଷା କରିବେ ବୋଲି ସୂଚନା ଦେଇଛନ୍ତି।

ନିକଟରେ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନଙ୍କ ବିଭିନ୍ନ ଜିଲା ଗସ୍ତ ଶେଷ ହୋଇଛି। ଜିଲା ଗସ୍ତ ସମୟରେ ସେ ଜମିଜମା ସମ୍ପର୍କିତ ଅନେକ ଅଭିଯୋଗ ଲୋକଙ୍କଠାରୁ ପାଇଛନ୍ତି। ହୀରାକୁଦ ବନ୍ଧ ବିସ୍ଥାପିତମାନଙ୍କର ଦୀର୍ଘ ବର୍ଷର ସମସ୍ୟା, ଅନ୍ୟ ସ୍ଥାନରେ ସରକାରୀ ଜମିରେ ବହୁଦିନ ଧରି ରହୁଥିବା ଲୋକଙ୍କ ଜମି ଅଧିକାର ସମସ୍ୟା, ରୟତ ସମସ୍ୟା ଆଦି ସମ୍ପର୍କରେ ୫-ଟି ସଚିବଙ୍କୁ ସେମାନେ ଜଣାଇଛନ୍ତି। ଏ ବିଷୟରେ ୫-ଟି ସଚିବ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏକ ଉଚ୍ଚସ୍ତରୀୟ ବୈଠକ କରାଯାଇ କରାଯାଇଛି। ଏଥିରେ ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ କରାଯାଇ ଲୋକଙ୍କୁ ପଟ୍ଟା ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି।

## ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି

- ୫୦ ବର୍ଷ ତଳର ହୀରାକୁଦ ବିସ୍ଥାପିତଙ୍କୁ ମିଳିବ ନ୍ୟାୟ
- ଅକ୍ଟୋବର ପହିଲାରୁ ସୋରଡ଼ା, ଡିସେମ୍ବର ପହିଲାରୁ ଝାରସୁଗୁଡ଼ାରେ ପଟ୍ଟା ବଣ୍ଟନ



୫-ଟି ସଚିବ ଭି.କେ.ପାଣ୍ଡିଆନ୍ ମହିଳାମାନଙ୍କଠାରୁ ଅଭିଯୋଗପତ୍ର ଗ୍ରହଣ କରୁଛନ୍ତି।

ଝାରସୁଗୁଡ଼ା ଜିଲାରେ ହୀରାକୁଦ ବନ୍ଧ ବିସ୍ଥାପିତମାନଙ୍କ ସମସ୍ୟା ୫୦ ବର୍ଷରୁ ଅଧିକ ସମୟ ଧରି ଲାଗିରହିଛି। ଲଖନପୁର ତହସିଲର ୧୮ ଗାଁ ଓ ଝାରସୁଗୁଡ଼ା ତହସିଲର ଗୋଟିଏ ଗାଁକୁ ମିଶାଇ ମୋଟ ୧୯ ଗାଁର ଜମି ସମସ୍ୟାର ସମାଧାନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ୧୭୪୯ ପରିବାରକୁ ପ୍ରାୟ ୩୨୩୧ ଏକର ଜମି ଉପରେ ଅଧିକାର ଦିଆଯିବ। ଡିସେମ୍ବରରୁ ଲିମେଇତିକ୍ରା, ସାହାସବାଗ, ଚିଟ୍ ଲାଛିପଲ୍ଲୀ, ପାତ୍ରପଲ୍ଲୀ ଓ ଦୁଆଁମୁଣ୍ଡା ଆଦି ୫ ଗାଁରେ ପଟ୍ଟା ବଣ୍ଟନ ଆରମ୍ଭ ହେବ।

ବୈଠକର ନିଷ୍ପତ୍ତି ଅନୁଯାୟୀ ଗଞ୍ଜାମ ଜିଲା ସୋରଡ଼ା ବ୍ଲକର ୧୭ଟି ଗ୍ରାମର ୮୮୩ ଜଣ ଲୋକଙ୍କୁ ଘରଡ଼ିହ ପଟ୍ଟା ଦିଆଯିବ। ୨୦୨୩ ସେପ୍ଟେମ୍ବର ୨୨ ସୁଦ୍ଧା ସମସ୍ତ ପଟ୍ଟା ବଣ୍ଟନ ପ୍ରକ୍ରିୟା ଶେଷ ହେବ। ସେହିପରି ୧୬୮ ଜଣ ଲୋକଙ୍କୁ ଚାଷଜମି ପାଇଁ ପଟ୍ଟା ଦିଆଯିବ। ଏହି ପ୍ରକ୍ରିୟା ଅକ୍ଟୋବର ପହିଲାରୁ ଆରମ୍ଭ ହେବ। ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଜିଲା ଗସ୍ତ ସମୟରେ ମିଳିଥିବା ଲୋକଙ୍କ ବିଭିନ୍ନ ଅଭିଯୋଗର ସମାଧାନ ନିମନ୍ତେ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗ ତଥା ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ୧୮୯୬ରେ ସୋରଡ଼ା ଜଳଭଣ୍ଡାର ପ୍ରତିଷ୍ଠା କରାଯାଇଥିଲା। ଏହି ଜଳଭଣ୍ଡାର ପାଇଁ ବିସ୍ଥାପିତ ହୋଇଥିବା ଲୋକମାନେ ସେମାନଙ୍କ ଜମି ☞ପୃଷ୍ଠା-୨

# ଆଦିତ୍ୟ-ଏଲ୍୧ କକ୍ଷପଥରେ ଅବସ୍ଥାପିତ

## ୧୨୫ ଦିନରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବ

ଶ୍ରୀହରିକୋଟା,୨।୯

ଚନ୍ଦ୍ରୟାନ-୩କୁ ସଫଳତାର ସହ ଚନ୍ଦ୍ରର ଦକ୍ଷିଣ ମେରୁରେ ସଫ୍ଟ ଲ୍ୟାଣ୍ଡିଂ କରାଇ ଭାରତ ଇତିହାସ ରଚିବା ପରେ ଶନିବାର ଏହାର ପ୍ରଥମ ସୌର ମିଶନ ଆଦିତ୍ୟ-ଏଲ୍୧କୁ ମହାକାଶକୁ ପଠାଇ ସଫଳତାରେ ଆଉ ଏକ ପର୍ଦ୍ଦ ଯୋଡ଼ିଛି। ଶନିବାର ପୂର୍ବାହ୍ନ ୧୧ଟା ୫୦ ମିନିଟ୍‌ରେ ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଭାରତର ପ୍ରଥମ ସୋଲାର ସ୍ପେସ୍ ଅବ୍‌ଜରଭେଟୋରି ମିଶନକୁ ପୋଲାର ସାଟେଲାଇଟ୍ ଲଞ୍ଚ ଭେହିକିଲ୍ (ପିଏସ୍‌ଏଲ୍‌ଭି-ସି୫୭) ସହାୟତାରେ ଉତ୍‌କ୍ଷେପଣ କରାଯାଇଥିଲା। ୬୩ ମିନିଟ୍ ପରେ ଆଦିତ୍ୟ-ଏଲ୍୧ ରକେଟରୁ ଅଲଗା ହୋଇ ସଫଳତାର ସହ ପୃଥିବୀର ଅଣ୍ଡାକୃତି କକ୍ଷପଥରେ ଅବସ୍ଥାପିତ ହୋଇଛି। ଏହା ୧୨୫ ଦିନ ଯାତ୍ରା କରିବା ପରେ ପୃଥିବୀଠାରୁ ୧୫ ଲକ୍ଷ କିଲୋମିଟର ଦୂରରେ ଥିବା ସୂର୍ଯ୍ୟ-ପୃଥିବୀ ସିଷ୍ଟମର ଲାଗ୍ରାଞ୍ଜ ପଏଣ୍ଟ-୧ (ଏଲ୍୧)ରେ ଥିବା ହଲୋ ଅର୍ବିଟ୍‌ରେ ପହଞ୍ଚିବ। ଗଣିତଜ୍ଞ ଜୋସେଫ୍-ଲୁଇସ୍ ଲାଗ୍ରାଞ୍ଜଙ୍କ ଦ୍ୱାରା ଉକ୍ତ ପଏଣ୍ଟ ଆବିଷ୍କାର ହୋଇଥିବାରୁ ଏହାର ନାମ ଲାଗ୍ରାଞ୍ଜ ପଏଣ୍ଟ ରଖାଯାଇଛି। ଏହା ହେଉଛି ଏପରି ସ୍ଥାନ, ଯେଉଁଠି ସୂର୍ଯ୍ୟ ଏବଂ ପୃଥିବୀର ଆକର୍ଷଣ ଏଭଳି ଭାବେ ସନ୍ତୁଳିତ ହୋଇଥାଏ ଯେ ମହାକାଶ ଯାନ



ସେଠାରେ ସର୍ବନିମ୍ନ ଇନ୍ଧନ ବ୍ୟବହାର କରି ସ୍ଥାୟୀ ଭାବେ ରହିପାରେ। ସୌର ଅନୁଧ୍ୟାନ ଲାଗି ଏଲ୍୧ ପଏଣ୍ଟକୁ ସବୁଠୁ ଉଲ୍ଲେଖନୀୟ ବୋଲି ବିଚାର କରାଯାଉଛି। ଭାରତର ପ୍ରଥମ ସୌର ଅଭିଯାନର ସଫଳ ଉତ୍‌କ୍ଷେପଣ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଏବଂ ଏହାର ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସମଗ୍ର ମାନବଜାତିର କଲ୍ୟାଣ ଲାଗି ବ୍ରହ୍ମାଣ୍ଡକୁ ଭଲ ଭାବେ ବୁଝିବା ନିମନ୍ତେ ଆମର ଅକ୍ଳାନ୍ତ ବୈଜ୍ଞାନିକ ଉଦ୍ୟମ ଜାରି ରହିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ☞ପୃଷ୍ଠା-୨

## ଚନ୍ଦ୍ରପୃଷ୍ଠରେ ୧୦୦ ମିଟର ଅତିକ୍ରମ କଲାଣି ପ୍ରଜ୍ଞାନ

ବେଙ୍ଗାଲୁରୁ,୨।୯

ଚନ୍ଦ୍ରୟାନ-୩ର ରୋଭର ପ୍ରଜ୍ଞାନ ଇତିମଧ୍ୟରେ ଚନ୍ଦ୍ରର ଦକ୍ଷିଣ ମେରୁରେ ୧୦୦ ମିଟରରୁ ଅଧିକ ପଥ ଅତିକ୍ରମ କରିଥିବାବେଳେ ସେଥିରେ ଥିବା ଉପକରଣଗୁଡ଼ିକ କ୍ରମାଗତ ଭାବେ ଗ୍ରାଉଣ୍ଡ ଷ୍ଟେଶନକୁ ତଥ୍ୟ ପଠାଇବାରେ ଲାଗିଛି। ଭାରତର ପ୍ରଥମ ସୌର ମିଶନ ଆଦିତ୍ୟ-ଏଲ୍୧ର ଉତ୍‌କ୍ଷେପଣ ସଫଳ ହେବାର କିଛି ସମୟ ପରେ ଇସ୍ରୋ ପକ୍ଷରୁ ଚନ୍ଦ୍ରୟାନ-୩ ସମ୍ପର୍କରେ ଉପରୋକ୍ତ ସୂଚନା ଦିଆଯାଇଛି। ରୋଭର ସମ୍ପୂର୍ଣ୍ଣ ସ୍ୱୟଂକ୍ରିୟ ନୁହେଁ। ଏହାକୁ ଗ୍ରାଉଣ୍ଡ ☞ପୃଷ୍ଠା-୨







**ନାବାଳିକାଙ୍କୁ ବନ୍ଦଘରେ ୪ ଦିନ ରଖି ସିଗାରେଟ ଚେଙ୍କ**

ମହାରାଷ୍ଟ୍ରର ନାଗପୁର ସହର ଅଥର୍ବ ନଗରୀ ସୋସାଇଟିରେ ରହୁଥିବା ଏକ ପରିବାର ୧୨ ବର୍ଷୀୟା ନାବାଳିକାଙ୍କୁ ତାଙ୍କ ଘରେ ରଖି କାମ କରାଇବା ପାଇଁ ବେଙ୍ଗାଲୁରୁରୁ ଆଣିଥିଲେ। ସେମାନେ ବିଭିନ୍ନ ସମୟରେ ନାବାଳିକାଙ୍କୁ ନିର୍ଯାତନା ଦେଉଥିଲେ। ଏପରିକି ସାମାନ୍ୟ ଭୁଲ ହେବା ମାତ୍ରେ ତାଙ୍କୁ ସିଗାରେଟ ଓ ଲୁହା ଚେଙ୍କ ଦେଉଥିଲେ। ଗତ ୪ ଦିନ ହେଲା ନାବାଳିକାଙ୍କୁ ଏକ ଅନ୍ଧାର କୋଠରିରେ ବନ୍ଦ କରି ଅଭିଯୁକ୍ତ ପରିବାର କେଉଁଆଡ଼େ ଚାଲିଯାଇଥିଲେ। ପଡ଼ୋଶୀ ତାଙ୍କୁ ଉଦ୍ଧାର କରିବା ପରେ ପୋଲିସ ଏହି ମାମଲାରେ ଜଣଙ୍କୁ ଗିରଫ କରିଛି।

## ସଂକ୍ଷେପରେ

### ଜ୍ଞାନବାପି ସର୍ଭେ: ଆଉ ୮ ସପ୍ତାହ ମାଗିଲା ଏଏସ୍ଆଇ



**ଲକ୍ଷ୍ନୌ,୨।୯:** ଜ୍ଞାନବାପି ମସ୍ଜିଦ ପରିସରରେ ଚାଲିଥିବା ବିଜ୍ଞାନସମ୍ମତି ସର୍ଭେ ଶେଷ କରି ରିପୋର୍ଟ ଦାଖଲ କରିବା ନିମନ୍ତେ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ଆଉ ୮ ସପ୍ତାହ ସମୟ ମାଗିଛି। ଏନେଇ ଏଏସ୍ଆଇ ବାରାଣସୀ କୋର୍ଟରେ ସ୍ୱତନ୍ତ୍ର ଆବେଦନପତ୍ର ଦାଖଲ କରିଛି। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୮ରେ କରାଯିବ। ସର୍ଭେର ୨୮ ଦିନ ପରେ ଅର୍ଥାତ୍ ଶନିବାର ଏଏସ୍ଆଇ ରିପୋର୍ଟ ଦାଖଲ କରିବାର ଥିଲା। ସର୍ଭେ ରିପୋର୍ଟ ଦାଖଲ କରିବା ଲାଗି ଏଏସ୍ଆଇ ଅଧିକ ସମୟ ଚାହେଁ ବୋଲି ହିନ୍ଦୁ ପକ୍ଷର ଓକିଲ ବିଷ୍ଣୁଶଙ୍କର ଜୈନ ଅଦାଲତଙ୍କୁ କହିଥିଲେ। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ମସ୍ଜିଦ ପରିସରରେ ପୋଲିସ ମୁତୟନ ରହିବେ ବୋଲି ଆଇନଜୀବୀ କହିଛନ୍ତି। ଆଲ୍ଲାହାବାଦ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଅଗଷ୍ଟ ୪ରୁ ଜ୍ଞାନବାପି ପରିସରରେ ଏଏସ୍ଆଇ ଟିମ୍ ସର୍ଭେ ଚଳାଇଛି। ଏଥିରେ ଗ୍ରାଉଣ୍ଡ ପେନେଟ୍ରେଟିଂ ରାଡାର (ଜିପିଆର୍) ବ୍ୟବହାର କରାଯାଉଛି।

### ତ୍ରୁଟିପୂର୍ଣ୍ଣ ପ୍ଲାଷ୍ଟିକ୍ ସର୍ଜରିରୁ ଆର୍ଜେଣ୍ଟିନା ଅଭିନେତ୍ରୀଙ୍କ ମୃତ୍ୟୁ


ସିଲ୍ଭିନା ଲୁନା

**ବୁଏନସ୍ ଏୟାର୍ସ,୨।୯:** ତ୍ରୁଟିପୂର୍ଣ୍ଣ ପ୍ଲାଷ୍ଟିକ୍ ସର୍ଜରି କାରଣରୁ ଦୀର୍ଘବର୍ଷ ହେଲା ଗୁରୁତର ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହୋଇଆସୁଥିବା ଆର୍ଜେଣ୍ଟିନାର ଜଣାଶୁଣା ଅଭିନେତ୍ରୀ, ମଡେଲ ଏବଂ ଟିଭି ଉପସ୍ଥାପିକା ସିଲ୍ଭିନା ଲୁନାଙ୍କର ମୃତ୍ୟୁ ଘଟିଛି। ଏହି ୪୩ ବର୍ଷୀୟ ଅଭିନେତ୍ରୀଙ୍କର ୨୦୧୧ରୁ କିଡ୍ନୀ କାମ କରୁ ନ ଥିଲା। ପ୍ଲାଷ୍ଟିକ୍ ସର୍ଜରି ଡାକ୍ତର ଅଭିନେତ୍ରୀଙ୍କ କସ୍ମେଟିକ୍ ସର୍ଜରି କରିବା ବେଳେ ବିଷାକ୍ତ ପଦାର୍ଥ ବ୍ୟବହାର କରିବାରୁ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଆରମ୍ଭ ହୋଇଥିଲା।

### ଜି୨୦ ସମ୍ମିଳନୀ ସ୍ଥାନରେ ୨୮ ଫୁଟ୍ ନଟରାଜ ମୂର୍ତ୍ତି ସ୍ଥାପନ

**ନୂଆଦିଲ୍ଲୀ,୨।୯:** ଆସନ୍ତା ସପ୍ତାହରେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଜି-୨୦ ସମିଟ୍ ଆୟୋଜନ ହେବାକୁ ଯାଉଥିବାବେଳେ ଏହାର କ୍ୟାମ୍ପସ୍‌ରେ ବିଶ୍ୱର ସବୁଠୁ ଉଚ୍ଚା ନଟରାଜ ମୂର୍ତ୍ତି ସ୍ଥାପନ କରାଯାଇଛି। ପୁରାତନ କାଷ୍ଟିଂ ପ୍ରଯୁକ୍ତିରେ ଏହି ୨୮ ଫୁଟ୍ ମୂର୍ତ୍ତି ନିର୍ମାଣ ହୋଇଛି। ପ୍ରଗତି ମଇଦାନରେ ନବନିର୍ମିତ ଅନ୍ତର୍ଜାତୀୟ ସମ୍ମିଳନୀ ଓ ପ୍ରଦର୍ଶନୀ କେନ୍ଦ୍ର ଭାରତ ମଣ୍ଡପମ୍‌ରେ ସେପ୍ଟେମ୍ବର ୯ ଓ ୧୦ରେ ଜି୨୦ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରଗତି ମଇଦାନ ସମ୍ମୁଖରେ ଥିବା ମଥୁରା ରୋଡକୁ ଥର୍ମାଟିକ୍ ପୋଷ୍ଟର ଏବଂ ଜି୨୦ ସଦସ୍ୟ ରାଷ୍ଟ୍ରଗୁଡ଼ିକର ପତାକା ଓ ସୁନ୍ଦର ଲୋଗୋର ସୁସଜ୍ଜିତ କରାଯାଇଛି।

# ନଭଲଖାଙ୍କୁ ଗୃହବନ୍ଦୀ ଭୁଲ୍ ପରମ୍ପରା

**ମୁମ୍ବାଇର ଏକ ପାଠାଗାରରେ ଗୃହବନ୍ଦୀ ଥିବା ଭୀମା-କୋରେଗାଓଁ ମାମଲାର ୭୦ ବର୍ଷୀୟ ଅଭିଯୁକ୍ତ ଗୌତମ ନଭଲଖାଙ୍କ ବିଗୁଡ଼ୁଥିବା ସ୍ୱାସ୍ଥ୍ୟ ଆଧାରରେ ତାଙ୍କୁ ମୁକ୍ତ କରିବା ଏବଂ ଘରେ ଗୃହବନ୍ଦୀ ରଖିବାକୁ ୨୦୨୨ ନଭେମ୍ବରରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଜଷ୍ଟିସ୍ କେ.ଏମ୍. ଜୋସେଫ୍ (ବର୍ତ୍ତମାନ ଅବସରପ୍ରାପ୍ତ) ଏବଂ ଜଷ୍ଟିସ୍ ହୃଷୀକେଶ ରାୟଙ୍କ ଖଣ୍ଡପୀଠ ଦେଇଥିବା ସେହି ୧୭ ପୃଷ୍ଠା ସମ୍ବଳିତ ରାୟ ଉପରେ ଶୁକ୍ରବାର ଅନ୍ୟ ଏକ ୨ ଜଣିଆ ଖଣ୍ଡପୀଠ ସନ୍ଦେହ ବ୍ୟକ୍ତ କରି ନଭଲଖାଙ୍କୁ ଗୃହବନ୍ଦୀ ରଖାଗଲେ 'ଭୁଲ୍ ପରମ୍ପରା' ସୃଷ୍ଟି ହୋଇପାରେ ବୋଲି କହିଛନ୍ତି। ୨୦୨୧ରେ ମାମଲାର ଚାର୍ଜଶିଟ୍ ଦାଖଲ କରାଯାଇଛି। କିନ୍ତୁ ନଭଲଖାଙ୍କ ବିରୋଧରେ ଏଯାଏ ଚାର୍ଜଫ୍ରେମ୍ ହୋଇ ନ ଥିବାରୁ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।**

## ନିଜ ପୂର୍ବ ରାୟ ଉପରେ ଆପତ୍ତି ଜଣାଇଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୨।୯
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

ଏଲ୍‌ଗାର ପରିଷଦ-ମାଓବାଦୀ ସମ୍ପର୍କ ମାମଲାରେ ୨୦୨୦ ଏପ୍ରିଲରେ ଗିରଫ ହୋଇ ଜେଲରେ ଥିବା ଅଧିକାର କର୍ମୀ ଗୌତମ ନଭଲଖାଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ ମୁମ୍ବାଇର ଏକ ଲାଇବ୍ରେରିସ୍ଥିତ ରୁମ୍‌ରେ ରହିବାକୁ ଅନୁମତି ଦିଆଯାଇଥିଲା। ନଭଲଖା ନିଜ ଗୃହବନ୍ଦୀ ସ୍ଥାନ ନଭି ମୁମ୍ବାଇକୁ ପରିବର୍ତ୍ତନ କରିବା ପାଇଁ ପୁଣି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦରେଶ ଏବଂ ଜେ.ବି. ପାରଦିୱାଲାଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ତାଙ୍କ ପିଟିଶନର ଶୁଣାଣି ବେଳେ କହିଛନ୍ତି, ନଭଲଖାଙ୍କୁ ଗୃହବନ୍ଦୀ କରି ରଖାଯିବା 'ଭୁଲ୍ ପରମ୍ପରା' ସୃଷ୍ଟି କରିପାରେ। ତାଙ୍କ ବର୍ତ୍ତମାନ ସ୍ୱାସ୍ଥ୍ୟାବସ୍ଥା ଓ ମାମଲା ଶୁଣାଣିର ସ୍ଥିତି ସମ୍ପର୍କରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଅଦାଲତଙ୍କୁ ଅବଗତ କରାଉ। ପ୍ରଥମ ଦୃଷ୍ଟିରୁ ଏଥିରେ ଆମର ଆପତ୍ତି ରହିଛି, କିନ୍ତୁ ଏକ ବିସ୍ତୃତ ରାୟ ଦିଆଯାଇଛି। ମାମଲାର ଶୁଣାଣିଯୋଗ୍ୟତାକୁ ନ ଦେଖିବା ଦ୍ୱାରା ଏକ ଭୁଲ୍ ପରମ୍ପରା ସୃଷ୍ଟି ହୋଇପାରେ। ତାଙ୍କ ଆବେଦନରେ ୧୦୦ ପ୍ରତିଶତ ମେରିଟ୍ ଥାଇପାରେ। ଏହା ଉପରେ ଆମେ କିଛି କହୁନାହୁଁ। କିନ୍ତୁ ଏହାକୁ ସୁବିଧାଜନକ କରିବା ପାଇଁ ଏବଂ ଜଣେ ବ୍ୟକ୍ତିଙ୍କ ଲାଗି ଏପରି କରାଯିବା... ଠିକ୍ ହୋଇଥାଇପାରେ। ଆପଣ ୪ ସପ୍ତାହ ମଧ୍ୟରେ ଏକ ସତ୍ୟପାଠ ଦାଖଲ କରନ୍ତୁ, ଯହିଁରେ ଏହି ବ୍ୟକ୍ତିଙ୍କ ବର୍ତ୍ତମାନର ସ୍ୱାସ୍ଥ୍ୟାବସ୍ଥା ଓ ଶୁଣାଣିର ସ୍ଥିତି ସମ୍ପର୍କରେ ଉଲ୍ଲେଖ କରିବେ ବୋଲି ଏନ୍ଆଇଏ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ (ଏଏସ୍‌ଜି) ଏସ୍.ଭି. ରାଜୁଙ୍କୁ ମୌଖିକ ଭାବେ କହିଛନ୍ତି।

ଶୁଣାଣି ଆରମ୍ଭ ହେବା ମାତ୍ରେ ଖଣ୍ଡପୀଠଙ୍କୁ ରାଜୁ କହିଥିଲେ, ଜଣେ ବ୍ୟକ୍ତିଙ୍କୁ ଏକ ଅସାଧାରଣ ନିର୍ଦ୍ଦେଶନାମା ବଳରେ ଗୃହବନ୍ଦୀ ରଖିବା ନେଇ ସମ୍ଭବତଃ ଏହା ପ୍ରଥମ ରାୟ। ସେ ଅସୁସ୍ଥ ଥିବା ଦର୍ଶାଇ ବ୍ୟକ୍ତିଗତ ସ୍ୱାଧୀନତାର ସୁବିଧା ହାସଲ କରିଛନ୍ତି। ତାଙ୍କ ସହ ଜଣେ ମହିଳା ରହିବେ ବୋଲି ସେ ପୂର୍ବରୁ କହିଥିଲେ। କିନ୍ତୁ ମହିଳା ଜଣକ ତାଙ୍କ ସହ ଅଧିକାଂଶ ସମୟରେ ରହୁନାହାନ୍ତି। ତେଣୁ ତାଙ୍କୁ ଗୃହବନ୍ଦୀ ରଖିବା ସମ୍ପର୍କିତ ରାୟ ଆବଶ୍ୟକ ନ ଥିଲା। ରାଜୁ ଆହୁରି କହିଥିଲେ, ନଭଲଖା ସରକାରଙ୍କୁ ନିଜ ପୋଲିସ ସୁରକ୍ଷା ବାବଦକୁ ୧ କୋଟି ଟଙ୍କା ପଇଠ କରିବାର ଅଛି। ଅନ୍ୟୂନ ୨୦ ଲକ୍ଷ ଟଙ୍କା ପଇଠ କରିବା ପାଇଁ ତାଙ୍କୁ ନିର୍ଦ୍ଦେଶ ଦିଆଯାଉ। ଅନ୍ୟପକ୍ଷେ ନଭଲଖାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ନିତ୍ୟା ରାମକ୍ରିଷ୍ଣନ୍ କହିଥିଲେ, ଆକ୍ଟିଭିଷ୍ଟ ଅସୁସ୍ଥ ଥିବା ବିଷୟ ଏନ୍ଆଇଏର ନିଜସ୍ୱ ଡାକ୍ତରୀ ପରୀକ୍ଷାରୁ ସ୍ପଷ୍ଟ ହୋଇସାରିଛି। ସୁପ୍ରିମକୋର୍ଟ ଗତ ଏପ୍ରିଲରେ ଆକ୍ଟିଭିଷ୍ଟଙ୍କ ସ୍ଥାନ ପରିବର୍ତ୍ତନ ସମ୍ପର୍କିତ ଆବେଦନ ଉପରେ ଜବାବ ଦାଖଲ ପାଇଁ ଏନ୍ଆଇଏକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହି ଆତଙ୍କବାଦ ନିରୋଧୀ ସଂଘୀୟ ସଂସ୍ଥା ଅଦ୍ୟାବଧି ନିଜ ଜବାବ ଦାଖଲ କରିନାହିଁ। ଖଣ୍ଡପୀଠ ୮ ସପ୍ତାହ ପାଇଁ ଶୁଣାଣି ସ୍ଥଗିତ ରଖିବାକୁ ସହମତି ପ୍ରକାଶ କରିଥିବାବେଳେ ବମ୍ବେ ହାଇକୋର୍ଟ ନଭଲଖାଙ୍କ ଜାମିନ ଆବେଦନର ବିଚାର କରୁଛନ୍ତି।

୨୦୨୨ ନଭେମ୍ବର ୧୦ରେ ସୁପ୍ରିମକୋର୍ଟ ସେତେବେଳେ ନଭି ମୁମ୍ବାଇର ତଲୋଜା ଜେଲରେ ଥିବା ନଭଲଖାଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ ଗୃହବନ୍ଦୀ ରଖିବାକୁ ଅନୁମତି ଦେଇଥିଲେ। ଏଥିସହ ପୋଲିସ ସୁରକ୍ଷା ବାବଦକୁ ସରକାରଙ୍କ ନିକଟରେ ୨.୪ ଲକ୍ଷ ଟଙ୍କା ଜମା ଦେବାକୁ ନଭଲଖାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେତେବେଳେ ଅଦାଲତ କହିଥିଲେ, ୨୦୨୦ ଏପ୍ରିଲ ୧୪ରୁ ହାଜତରେ ଥିବା ନଭଲଖାଙ୍କ ମେଡିକାଲ ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରିବାର କୌଣସି କାରଣ ନାହିଁ। ଏହି ମାମଲାକୁ ଛାଡ଼ିଦେଲେ ତାଙ୍କର କୌଣସି ଆପରାଧିକ ପୃଷ୍ଠଭୂମି ନାହିଁ। ଏପରି କି ଭାରତ ସରକାର ମଧ୍ୟ ମାଓବାଦୀଙ୍କ ସହ ଆଲୋଚନା ପାଇଁ ତାଙ୍କୁ ମଧ୍ୟସ୍ଥ ନିଯୁକ୍ତ କରିଥିଲେ। ତେଣୁ ସେ ୨.୪ ଲକ୍ଷ ଟଙ୍କା ସୁରକ୍ଷା ଖର୍ଚ୍ଚ ଜମାକଲେ ତାଙ୍କୁ ୨୪ ଘଣ୍ଟା ଭିତରେ ମୁମ୍ବାଇରେ ମାସକ ପାଇଁ ଗୃହବନ୍ଦୀ ରଖାଯାଉ ବୋଲି କହିଥିଲେ। ଏହା ପରେ ଅଦାଲତ ତାଙ୍କ ଗୃହବନ୍ଦୀ ଅବଧିକୁ ଅନେକ ଥର ବଢ଼ାଇସାରିଛନ୍ତି।

### ଏଲ୍‌ଗାର ପରିଷଦ ମାମଲା କ'ଣ

୨୦୧୭ ଡିସେମ୍ବର ୩୧ ମହାରାଷ୍ଟ୍ରର ପୁଣେ ନିକଟ ଶନିବାରୱାଡାରେ ଭୀମା-କୋରେଗାଓଁ ଯୁଦ୍ଧର ୨୦୦ ବର୍ଷ ପୂର୍ତ୍ତି ପାଳନର ଅବ୍ୟବହିତ ପୂର୍ବରୁ ପକ୍ଷରୁ 'ଏଲ୍‌ଗାର ପରିଷଦ' ନାମରେ ଏକ ସାନ୍ଧ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ପ୍ରାୟ ୩୫,୦୦୦ ଲୋକ ସାମିଲ ହୋଇଥିଲେ। ଏହାର ଦିନକ ପରେ ଅର୍ଥାତ୍ ୨୦୧୮ ଜାନୁୟାରୀ ୧ରେ ଭୀମା-କୋରେଗାଓଁରେ ହିଂସା ଦେଖିବାକୁ ମିଳିଥିଲା। ଏଥିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଥିଲେ। ନିଷିଦ୍ଧ ଘୋଷିତ ମାଓବାଦୀ ସଙ୍ଗଠନଗୁଡ଼ିକ ଆୟୋଜିତ ଏଲ୍‌ଗାର ପରିଷଦରେ ଯୋଗଦେଇଥିବା ବକ୍ତାମାନଙ୍କ ମନ୍ତବ୍ୟକୁ ପୋଲିସ ଏଫ୍ଆଇଆର୍‌ରେ ଦାୟୀ କରିଥିଲା। ଏହି ମାମଲାରେ ଗୌତମ ନଭଲଖାଙ୍କ ସମେତ କେତେଜଣ ହାଇପ୍ରୋଫାଇଲ ଆକ୍ଟିଭିଷ୍ଟ, କବି, ଲେଖକ ଓ ଆଇନଜୀବୀଙ୍କୁ ଗିରଫ କରାଯାଇଥିବାରୁ ଏହା ସର୍ବାଧିକ ଚର୍ଚ୍ଚିତ ହୋଇଥିଲା। ୟୁଏପିଏ ବଳରେ ଗିରଫ ହୋଇଥିବା ଅନ୍ୟ ୧୫ ଅଭିଯୁକ୍ତଙ୍କ ମଧ୍ୟରେ ସୁରେନ୍ଦ୍ର ଗାଡ୍‌ଲିଙ୍ଗ୍, ରୋନା ୱିଲ୍‌ସନ, ମହେଶ ରାଉତ, ସୁଧୀର ଧୱାଲେ, ଶୋମା ସେନ ଓ ଷ୍ଟାନ୍ ସ୍ୱାମୀ ରହିଥିଲେ। ଅସୁସ୍ଥ ଥିବା ପାଦ୍ରୀ ତଥା ଆଦିବାସୀ ଅଧିକାର କର୍ମୀ ଷ୍ଟାନ୍ ସ୍ୱାମୀ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଜେଲରେ ରହିବା ପରେ ମୁମ୍ବାଇର ହୋଲି ଫାମିଲି ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜି ଦେଇଥିଲେ।

## ଗୌତମ ନଭଲଖାଙ୍କ ପରିଚୟ



ମଧ୍ୟପ୍ରଦେଶର ଗ୍ୱାଲିଅରରେ ଜନ୍ମିତ ଗୌତମ ନଭଲଖା ଏକାଧାରରେ ଜଣେ ଭାରତୀୟ ମାନବ ଅଧିକାର କର୍ମୀ, ସାମ୍ବାଦିକ ଓ ରାଜନୈତିକ ବନ୍ଦୀ। କଶ୍ମୀରରେ ସାମରିକ ଓ ସରକାରୀ ବର୍ବରତାର ଜଣେ ଦୃଢ଼ ସମାଲୋଚକ ଭାବେ ପରିଚିତ ଏହି ୭୦ ବର୍ଷୀୟ ବୁଦ୍ଧିଜୀବୀ ବାମପନ୍ଥୀ କଠୋରବାଦ ଉପରେ ଲେଖାଲେଖି କରନ୍ତି। ସେ ନୂଆଦିଲ୍ଲୀସ୍ଥିତ ପିପୁଲ୍ସ ୟୁନିୟନ ଫର୍ ଡେମୋକ୍ରାଟିକ୍ ରାଇଟ୍ସ (ପିୟୁଡିଆର୍) ସମ୍ପାଦକ ଦାୟିତ୍ୱ ତୁଲାଇଛନ୍ତି। ଏହାବାଦ୍ ନଭଲଖା ଦୀର୍ଘ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଇକୋନୋମିକ୍ ଆଣ୍ଡ୍ ପଲିଟିକାଲ୍ ୱିକ୍‌ଲିର ଜଣେ ଏଡିଟୋରିଆଲ୍ କନ୍‌ସଲ୍ଟାଣ୍ଟ ଭାବେ କାର୍ଯ୍ୟ କରିଛନ୍ତି। ନୂଆଦିଲ୍ଲୀ ବାସିନ୍ଦା ନଭଲଖାଙ୍କ ପୁସ୍ତକ 'ଡେଜ୍ ଆଣ୍ଡ୍ ନାଇଟ୍ସ ଇନ୍ ଦି ହାର୍ଟଲ୍ୟାଣ୍ଡ୍ ଅଫ୍ ରେବେଲିୟନ୍' ବେଶ୍ ପାଠକୀୟ ଆଦୃତି ଲାଭ କରିଥିଲା।

ନଭଲଖା ଇଣ୍ଟରନ୍ୟାଶନାଲ ପିପୁଲ୍ସ ଟ୍ରାଇବାଲ ଅନ୍ ହ୍ୟୁମାନ୍ ରାଇଟ୍ସ ଆଣ୍ଡ୍ ଜଷ୍ଟିସ୍ ଇନ୍ କଶ୍ମୀରର ସଂଯୋଜକ ମଧ୍ୟ ରହିଆସିଛନ୍ତି। କଶ୍ମୀରରୁ ସେନା ପ୍ରତ୍ୟାହାର ଉପରେ ଗଣଭୋଟ କରାଇବା ନେଇ ସୁପ୍ରିମକୋର୍ଟ ଆଇନଜୀବୀ ପ୍ରଶାନ୍ତ ଭୂଷଣଙ୍କ ଯୁକ୍ତିର ନଭଲଖା ଜଣେ ସମର୍ଥକ। ନିକଟ ଅତୀତରେ ସେ ଛତିଶଗଡ଼ର ମାଓବାଦୀ ପ୍ରଭାବିତ ଅଞ୍ଚଳ ଉପରେ ମନୋନିବେଶ କରିଥିଲେ। ବିରୋଧୀ ଓ ଆକ୍ଟିଭିଷ୍ଟମାନଙ୍କୁ ଆଇନର କାଠଗଡ଼ାରେ ଛିଡ଼ା କରାଇବା ପାଇଁ ସରକାରଙ୍କ ଦ୍ୱାରା ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ (ୟୁଏପିଏ)ର ଦୁରୁପଯୋଗ କରାଯାଉଥିବାରୁ ସେ ଏହାର ନିନ୍ଦା କରିଥାଆନ୍ତି।

୨୦୧୧ରେ ନଭଲଖାଙ୍କୁ ଶ୍ରୀନଗର ଏୟାରପୋର୍ଟରେ ପ୍ରବେଶ ଅନୁମତି ଦିଆ ନ ଯିବାରୁ ସେ ବାଧହୋଇ ଦିଲ୍ଲୀ ଫେରିଥିଲେ। ଉପତ୍ୟକାରେ ତାଙ୍କ ଉପସ୍ଥିତି ଶାନ୍ତି ଓ ଆଇନଶୃଙ୍ଖଳା ଭଙ୍ଗ କରିପାରେ ବୋଲି ଜମ୍ମୁ-କଶ୍ମୀର ସରକାର ମନେକରି ସିଆର୍‌ପିସି ୧୪୪ ଧାରା ବଳରେ ପ୍ରବେଶ ଉପରେ କଟକଣା ଜାରି କରିଥିଲେ। ସରକାରଙ୍କ ଏହି ପଦକ୍ଷେପକୁ ବିଭିନ୍ନ ରାଜନୈତିକ ଦଳ, ଅଧିକାର ସଙ୍ଗଠନ ଓ ନାଗରିକ ସମାଜ ପକ୍ଷରୁ ବିରୋଧ କରାଯାଇଥିଲା। ନଭଲଖା ସର୍ବାଧିକ ଚର୍ଚ୍ଚାକୁ ଆସିଥିଲେ ୨୦୧୮ର ଭୀମା-କୋରେଗାଓଁ ହିଂସା ପରେ। ଏଲ୍‌ଗାର ପରିଷଦ-ମାଓବାଦୀ ଲିଙ୍କ୍ ମାମଲାରେ ୨୦୨୦ ଏପ୍ରିଲ ୮ରେ ସୁପ୍ରିମକୋର୍ଟ ୟୁଏପିଏ ବଳରେ ନଭଲଖା ଓ ଆନନ୍ଦ ତେଲତୁମ୍ବଡେଙ୍କ ଅଗ୍ରିମ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ଏପ୍ରିଲ ୧୪ରେ ଉଭୟଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ନିକଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କାରଣ ଏହା ପୂର୍ବରୁ ନଭଲଖା ଓ ଗୁଲାମ ନବୀ ଫାଇ ସରକାରଙ୍କ ବିରୋଧରେ ବୁଦ୍ଧିଜୀବୀମାନଙ୍କୁ ଅନେକ ଥର ଏକତ୍ରିତ କରିଥିବା ଏନ୍ଆଇଏ ଚାର୍ଜଶିଟ୍‌ରେ ଦର୍ଶାଇଥିଲା। ପରେ ସୁପ୍ରିମକୋର୍ଟ ତାଙ୍କୁ ଗୃହବନ୍ଦୀ କରିବାକୁ ଅନୁମତି ଦେଇଥିଲେ। ଏହା ହେଉଛି ନଭଲଖାଙ୍କ ବିରୋଧରେ ପ୍ରଥମ ଆପରାଧିକ ମାମଲା।

# ୨୩୬ କୋଟିର ସମ୍ପତ୍ତି ବାଜ୍ୟାପ୍ତ

## ଝାଡ଼ଖଣ୍ଡ ଜମି ଦୁର୍ନୀତି ମାମଲା

### ହେମନ୍ତ ସୋରେନ୍‌ଙ୍କୁ ଇଡିର ତୃତୀୟ ସମନ


ହେମନ୍ତ ସୋରେନ୍

ରାଞ୍ଚି,୨।୯

ଝାଡ଼ଖଣ୍ଡ ଜମି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରାଞ୍ଚିରେ ଥିବା ୧୬୧.୬୪ କୋଟି ଟଙ୍କାର ୩ଟି ଜମିକୁ ଅସ୍ଥାୟୀ ଭାବେ ବାଜ୍ୟାପ୍ତ କରିଛି। ଏହି ଜମିକୁ ଜାଲିଆତି କରାଯାଇ ରାଜସ୍ୱ ଅଧିକାରୀଙ୍କ ସଲାସୁତୁରାରେ ଜମି ମାଫିଆଙ୍କ ନାଁରେ ପରିବର୍ତ୍ତନ କରାଯାଇଥିଲା। ଜମି ଦୁର୍ନୀତି ମାମଲାରେ ଏହା ଦ୍ୱିତୀୟ କାର୍ଯ୍ୟାନୁଷ୍ଠାନ। ଏହାକୁ ମିଶାଇ ମୋଟ ୨୩୬ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରାଗଲାଣି। ରାଞ୍ଚିର ଚେଶିର ହୋମ୍ ରୋଡ୍, ପୁଗ୍ଗୁ ଏବଂ ସିରାମଠାରେ ଥିବା ଜମିକୁ ଆଟାଚ୍ କରାଯାଇଛି। ଏଥିସହିତ ରାଞ୍ଚିର ପୂର୍ବତନ ଡିସି ଛବି ରଞ୍ଜନ, ବ୍ୟବସାୟୀ ବିଷ୍ଣୁ ଅଗ୍ରୱାଲ ଓ ଅନ୍ୟମାନଙ୍କ ବିରୋଧରେ ଦ୍ୱିତୀୟ ଚାର୍ଜଶିଟ୍ ଦାଖଲ ହୋଇଛି। ଏହି ମାମଲାରେ ଇଡି ଶନିବାର ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ତୃତୀୟ ଥର ପାଇଁ ସମନ ଜାରି କରିଛି। ଜେରା ପାଇଁ ତାଙ୍କୁ ଆସନ୍ତା ୯ ତାରିଖରେ ଇଡି ଜୋନାଲ କାର୍ଯ୍ୟାଳୟରେ ହାଜର ହେବାକୁ କୁହାଯାଇଛି। ଅଗଷ୍ଟ ୧୪ରେ ଇଡିର ପ୍ରଥମ ସମନକୁ ସୋରେନ ଏଡ଼ାଇଯିବା ସହ ଏହାକୁ ପ୍ରତ୍ୟାହାର କରି ନ ନେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଥିଲେ। ଏହା ପରେ ଅଗଷ୍ଟ ୨୪ରେ ଇଡି ଦ୍ୱିତୀୟ ସମନ ଜାରି କରିଥିଲେ ମଧ୍ୟ ସୋରେନ ଏହାକୁ ଏଡ଼ାଇଯାଇ ସୁପ୍ରିମକୋର୍ଟରେ ଏହାକୁ ଚ୍ୟାଲେଞ୍ଜ କରିଥିଲେ।



ଭାରତର ପ୍ରଥମ ସୌର ମିଶନ ଉତ୍କ୍ଷେପଣ ସଫଳ ହେବା ପରେ 'ଆଦିତ୍ୟ ଏଲ୍୧'ର ପ୍ରକଳ୍ପ ନିର୍ଦ୍ଦେଶିକା ନିଗର ଶାଜି ଶ୍ରୀହରିକୋଟାରେ ଉଦ୍‌ବୋଧନ ଦେଉଛନ୍ତି। ପାଖରେ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଜିତେନ୍ଦ୍ର ସିଂ ଏବଂ ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ ଉପସ୍ଥିତ ଅଛନ୍ତି।

# ୮ରେ ମୋଦି-ବାଇଡେନ୍ ଦ୍ୱିପାକ୍ଷିକ ଆଲୋଚନା

## ୭ରେ ଆସିବେ ଆମେରିକା ରାଷ୍ଟ୍ରପତି




ୱାଶିଂଟନ,୨।୯

ନୂଆଦିଲ୍ଲୀରେ ହେବାକୁ ଥିବା ଜି୨୦ ସମିଟ୍‌ରେ ଯୋଗଦେବା ଲାଗି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଆସନ୍ତା ସପ୍ତାହରେ ଭାରତ ଆସିବେ। ଏହି ଐତିହାସିକ ସମ୍ମିଳନୀ ଅବସରରେ ବାଇଡେନ୍ ସେପ୍ଟେମ୍ବର ୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନାରେ ଭାଗନେବେ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ ଘୋଷଣା କରାଯାଇଛି। ଭାରତ ଅଧ୍ୟକ୍ଷତାରେ ସେପ୍ଟେମ୍ବର ୯ ଓ ୧୦ ତାରିଖରେ ହେବାକୁ ଯାଉଥିବା ଜି୨୦ ସମ୍ମିଳନୀରେ ଯୋଗଦେବା ପାଇଁ ବହୁସଂଖ୍ୟାରେ ବିଶ୍ୱନେତା ଦିଲ୍ଲୀ ଆସୁଛନ୍ତି। ଏଥିପାଇଁ ଦିଲ୍ଲୀରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆସନ୍ତା ୭ ତାରିଖରେ ବାଇଡେନ୍ ନୂଆଦିଲ୍ଲୀ ଆସିବା କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ସେ ମୋଦିଙ୍କ ଦ୍ୱିପାକ୍ଷିକ ଆଲୋଚନାରେ ସାମିଲ ହେବେ। ଶନିବାର ଓ ରବିବାର ବାଇଡେନ୍ ଜି୨୦ ସମିଟ୍‌ରେ ଭାଗନେଇ ଜଳବାୟୁ ପରିବର୍ତ୍ତନର ମୁକାବିଲା ଓ ସ୍ୱଚ୍ଛ ଶକ୍ତି ସମେତ ବିଭିନ୍ନ ବୈଶ୍ୱିକ ପ୍ରସଙ୍ଗର ସମାଧାନ ଲାଗି ମିଳିତ ଉଦ୍ୟମ ଉପରେ ଆଲୋଚନା କରିବେ ବୋଲି ହ୍ୱାଇଟ୍ ହାଉସ୍ କହିଛି।

# ନୋବେଲ ବିଜେତାଙ୍କୁ ବିଦେଶୀ ଏଜେଣ୍ଟ ଘୋଷଣା କଲା ରୁଷିଆ

## ସମାଲୋଚକଙ୍କ ସ୍ୱର ଚାପିଦେବାକୁ ମସ୍କୋର କ୍ରମାଗତ ଉଦ୍ୟମ


ଡିମିଟ୍ରି ମୁରାଟୋଭ

ମସ୍କୋ,୨।୯

ନୋବେଲ ପୁରସ୍କାର ବିଜୟୀ ଖବରକାଗଜ ସମ୍ପାଦକ ଡିମିଟ୍ରି ମୁରାଟୋଭ୍‌ଙ୍କୁ ରୁଷିଆ କର୍ତ୍ତୃପକ୍ଷ ବିଦେଶୀ ଏଜେଣ୍ଟ ବୋଲି ଶୁକ୍ରବାର ଘୋଷଣା କରିଛନ୍ତି। ରୁଷିଆ ସମାଲୋଚକ ଏବଂ ନିରପେକ୍ଷ ସାମ୍ବାଦିକତାକୁ ଚାପିଦେବା ପାଇଁ କ୍ରମାଗତ ଭାବେ ଉଦ୍ୟମ ଜାରି ରଖିଛି। ରୁଷିଆ ଆଇନ ଅନୁଯାୟୀ ଯେଉଁ ବ୍ୟକ୍ତିବିଶେଷ ଏବଂ ସଂଗଠନ ବିଦେଶରୁ ପାଣ୍ଠି ପାଉଛନ୍ତି, ସେମାନଙ୍କୁ ବିଦେଶୀ ଏଜେଣ୍ଟ ଘୋଷଣା କରାଯାଇପାରିବ, ଯାହା ରୁଷିଆ ଜନସାଧାରଣଙ୍କ ଆଗରେ ତାଙ୍କର ବିଶ୍ୱସନୀୟତାକୁ ନୀଚା ଦେଖାଇବା ପାଇଁ ବ୍ୟବହୃତ ଏକ ଅପମାନଜନକ ଶବ୍ଦ। ମୁରାଟୋଭ ନୋଭୟା ଗେଜେଟା ସମ୍ବାଦପତ୍ରର ମୁଖ୍ୟ ସମ୍ପାଦକ ଅଛନ୍ତି। ଏହି ଖବରକାଗଜ ଅନୁସନ୍ଧାନମୂଳକ ଖବର ପ୍ରକାଶନ ପାଇଁ ବିଦେଶରେ ବିଶେଷ ଭାବେ ସମ୍ମାନିତ ହୋଇଥିବାବେଳେ କ୍ରେମ୍‌ଲିନ୍‌କୁ ସମାଲୋଚନା କରିଥାଏ। ମୁରାଟୋଭ ୨୦୨୧ରେ ମାରିଆ ରେସାଙ୍କ ସହ ମିଳିତ ଭାବେ ନୋବେଲ ଶାନ୍ତି ପୁରସ୍କାର ପାଇଥିଲେ। ପରେ ସେ ତାଙ୍କ ନୋବେଲ ମେଡାଲକୁ ୧୦୩.୫ ନିୟୁତ ଡଲାରରେ ନିଲାମ କରି ଉକ୍ତ ଅର୍ଥକୁ ୟୁକ୍ରେନ୍‌ର ଶରଣାର୍ଥୀ ପିଲାମାନଙ୍କ ସହାୟତାରେ ବିନିଯୋଗ ହେବ ବୋଲି ଘୋଷଣା କରିଥିଲେ। ୟୁକ୍ରେନ୍‌ରେ ସାମରିକ କାର୍ଯ୍ୟାନୁଷ୍ଠାନକୁ ସମାଲୋଚନା କରାଗଲେ ସମ୍ବାଦପତ୍ର ବିରୋଧରେ ଦଣ୍ଡବିଧାନ କରାଯିବ ବୋଲି ରୁଷିଆ କଠୋର ଆଇନ ଆଣିବା ପରେ ନୋଭାୟା ଗେଜେଟା ଏହାର ପ୍ରକାଶନ ଯୁଦ୍ଧ ଶେଷ ହେବା ପର୍ଯ୍ୟନ୍ତ ବନ୍ଦ ଘୋଷଣା କରିଥିଲା।

# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୩/୨୦୨୩ | Bhubaneswar, Sunday, September 3/2023



## ଯୁକ୍ତ୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ୪ରୁ ଆବେଦନ

**ଭୁବନେଶ୍ୱର,୨।୯(ଅସମାପିକା ସାହୁ)**

୨୦୨୩-୨୪ ଶିକ୍ଷାବର୍ଷରେ ଯୁକ୍ତ୩ ନାମଲେଖା ପାଇଁ ପୁଣିଥରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ୪ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଏହା ୧୩ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଚାଲିବ। ୧୪ ତାରିଖ ସକାଳ ୧୧ଟାରୁ ୧୫ତାରିଖ ରାତି ୧୧ଟା ୪୫ ଭିତରେ ଛାତ୍ରୀଛାତ୍ର ଆବେଦନ ଫର୍ମରେ କିଛି ପରିବର୍ତ୍ତନ ବା ଏଡିଟ୍ କରିବାକୁ ଚାହୁଁଥିଲେ କରିପାରିବେ। ୨୨ତାରିଖ ଅପରାହ୍ନ ୧୨ଟାରେ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ର ୨୩ ତାରିଖ ସକାଳ ୯ଟାରୁ ୨୬ତାରିଖ ଅପରାହ୍ନ ୫ଟା ଭିତରେ(ଛୁଟିଦିନ ବ୍ୟତୀତ) ନାମ ଲେଖାଇବେ। ବଳକା ସିଟ୍‌ରେ ନାମଲେଖା ପାଇଁ ଅକ୍ଟୋବର ୩ ଅପରାହ୍ନ ୨ଟାରେ ପୁନର୍ବାର ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ଚୟନ ହୋଇଥିବା ଛାତ୍ରୀଛାତ୍ର ୬ତାରିଖ ଦିନ ନାମଲେଖାଇବେ। ଏପଟେ ଅଗଷ୍ଟ ୨୧ରୁ ଯୁକ୍ତ୩ ପ୍ରଥମବର୍ଷ ପାଠପଢ଼ା ଆରମ୍ଭ ହୋଇଛି। କିନ୍ତୁ ପ୍ରଥମ ପର୍ଯ୍ୟାୟ ନାମଲେଖାରେ ସିଟ୍ ପୂରଣ ନ ହେବାରୁ ଉଚ୍ଚଶିକ୍ଷା ବିଭାଗ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ନିଷ୍ପତ୍ତି ନେଇଥିଲା। ଏ ନେଇ ଶନିବାର ବିଭାଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ ଚେୟାରମ୍ୟାନ, ସରକାରୀ ଓ ବେସରକାରୀ ଡିଗ୍ରୀ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟର ☞ପୃଷ୍ଠା-୨

# ଚାର୍ଜଶିଟ୍ ଦାଖଲକଲା ସିବିଆଇ

### ବାହାନଗା ଟ୍ରେନ୍ ଦୁର୍ଘଟଣା



**ନୂଆଦିଲ୍ଲୀ,୨।୯ (ପି.ଟି.)**

ବାଲେଶ୍ୱର ଜିଲା ବାହାନଗା ବଜାର ଷ୍ଟେଶନରେ ଗତ ଜୁନ୍ ୨ରେ ଘଟିଥିବା ମର୍ମନ୍ତୁଦ ଟ୍ରେନ ଦୁର୍ଘଟଣା ମାମଲାରେ ଗିରଫ ହୋଇଥିବା ୩ ରେଳ ଅଧିକାରୀଙ୍କ ନାଁରେ ଶନିବାର ଚାର୍ଜଶିଟ୍ ଦାଖଲ କରିଛି ସିବିଆଇ। ଉକ୍ତ ୩ ଅଧିକାରୀ ହେଲେ ସିନିୟର ସେକ୍ସନ ଇଞ୍ଜିନିୟର (ସିଗ୍‌ନାଲ) ଅରୁଣ କୁମାର ମହାନ୍ତି, ସେକ୍ସନ ଇଞ୍ଜିନିୟର ଅମୀର ଖାନ ଓ ଟେକ୍ନିସିଆନ ପପୁ କୁମାର। ଏମାନେ ବାଲେଶ୍ୱର ଜିଲାରେ ନିଯୁକ୍ତ ଥିବାବେଳେ ମାମଲାର ତଦନ୍ତ କରୁଥିବା ସିବିଆଇ ସେମାନଙ୍କୁ ଗତ ଜୁଲାଇ ୭ରେ ଗିରଫ କରିଥିଲା। ଭୁବନେଶ୍ୱରସ୍ଥିତ ସିବିଆଇ ସ୍ପେଶାଲ କୋର୍ଟରେ ଦାଖଲ ହୋଇଥିବା ଚାର୍ଜଶିଟ୍‌ରେ ଅଭିଯୁକ୍ତମାନଙ୍କ ବିରୋଧରେ ଆଇପିସି ଦଫା ୩୦୪ (୨) (ଉଦ୍ଦେଶ୍ୟ ନ ଥାଇ ହତ୍ୟା), ୨୦୧ (ପ୍ରମାଣ ନଷ୍ଟ), ୩୪ (ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି) ଏବଂ ରେଲୱେ ଆକ୍ଟର ଦଫା ୧୫୩ (ଜଣା କିମ୍ବା ଅଜଣାରେ ରେଳଯାତ୍ରୀଙ୍କୁ କ୍ଷତି ପହଞ୍ଚାଇବା) ଲଗାଯାଇଛି।

ସିବିଆଇ ଅଭିଯୋଗ କରିଛି ଯେ, ବାହାନଗା ଷ୍ଟେଶନ ବଜାର ନିକଟ ଲେଭଲ କ୍ରସିଂ ଗେଟ୍ ନମ୍ବର ୯୪ରେ ମରାମତି କାର୍ଯ୍ୟ ସିନିୟର ସେକ୍ସନ ଇଞ୍ଜିନିୟର (ସିଗ୍‌ନାଲ) ମହାନ୍ତଙ୍କ ଦ୍ୱାରା ହୋଇଥିଲା, ଯିଏକି ଲେଭଲ କ୍ରସିଂ ଗେଟ୍ ନଂ.୭୯ର ସର୍କିଟ୍ ଡାଏଗ୍ରାମ୍‌କୁ ବ୍ୟବହାର କରିଥିଲେ। ବିଦ୍ୟମାନ ସିଗ୍‌ନାଲ ଏବଂ ଇଣ୍ଟରଲକିଂ ଇନ୍‌ଷ୍ଟଲେଶନର ପରୀକ୍ଷଣ, ମରାମତି ଓ ପରିବର୍ତ୍ତନ ବେଳେ ତାହା ଅନୁମୋଦିତ ଯୋଜନା ଏବଂ ନିର୍ଦ୍ଦେଶନାମା ଅନୁଯାୟୀ ହେବାର ସୁନିଶ୍ଚିତ କରିବା ଅଭିଯୁକ୍ତ ଅଧିକାରୀଙ୍କ କର୍ତ୍ତବ୍ୟ ଥିଲା। ହେଲେ ସେ ତାହା କରି ନ ଥିବା ସିବିଆଇ ଅଭିଯୋଗରେ ଦର୍ଶାଇଛି।

ସୂଚନାଥାଉ କି, ଘଟଣାଦିନ ବାହାନଗା ବଜାର ☞ପୃଷ୍ଠା-୨


## ପରଲୋକରେ ସୂର୍ଯ୍ୟ ପାତ୍ର

### ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର,୨।୯(ଅନିଲ ଦାସ)**

ପୂର୍ବତନ ବାଚସ୍ପତି ତଥା ଦିଗପହଣ୍ଡି ବିଧାୟକ ସୂର୍ଯ୍ୟନାରାୟଣ ପାତ୍ରଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଶନିବାର ସନ୍ଧ୍ୟା ୭ଟା ୩୧ ମିନିଟ୍‌ରେ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ୨ ପୁଅ ଓ ଝିଅ ଉପସ୍ଥିତ ଥିଲେ। ସୂର୍ଯ୍ୟନାରାୟଣ ଦୀର୍ଘମାସ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ।

୧୯୬୯ରେ ବ୍ରହ୍ମପୁର ମ୍ୟୁନିସିପାଲିଟିରେ କାଉନସିଲର ଭାବେ ସୂର୍ଯ୍ୟ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ସେ ଫିସ୍‌ଫେଡ୍, ଓମ୍‌ଫେଡ୍, ଓପୋଲଫେଡ୍ ଅଧ୍ୟକ୍ଷ ଏବଂ ଓଡ଼ିଶା ଘରୋଇ ମୋଟର ପରିବହନ କର୍ମଚାରୀ ସଂଘର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ସେ ୭ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଗଜପତି ଜିଲା ମୋହନା ବିଧାନସଭା ଆସନରୁ ୪ଥର ଏବଂ ଗଞ୍ଜାମ ଜିଲା ଦିଗପହଣ୍ଡି ଆସନରୁ ୩ ଥର ନିର୍ବାଚିତ ହୋଇଥିଲେ। ୧୯୯୦ରେ ପ୍ରଥମ ଥର ବିଧାୟକ ଭାବେ ନିର୍ବାଚିତ ହେବା ପରେ ବିଜୁ ପଟ୍ଟନାୟକଙ୍କ ସରକାରରେ ଜଙ୍ଗଲ, ମତ୍ସ୍ୟ ଓ ପଶୁସମ୍ପଦ ରାଷ୍ଟ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ☞ପୃଷ୍ଠା-୨



ସୂର୍ଯ୍ୟନାରାୟଣ ପାତ୍ର

# ଓଡ଼ିଶା ହାଇକୋର୍ଟରେ ୨ ନୂଆ ବିଚାରପତି ନିଯୁକ୍ତ

**■ ୫ରେ ଶପଥ ନେବେ ଶିବଶଙ୍କର ମିଶ୍ର, ଆନନ୍ଦ ଚନ୍ଦ୍ର ବେହେରା**

**କଟକ,୨।୯ (କାର୍ତ୍ତିକ ସାହୁ)**

ଓଡ଼ିଶା ହାଇକୋର୍ଟରେ ୨ ଜଣ ନୂଆ ବିଚାରପତିଙ୍କୁ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ନିଯୁକ୍ତି ଦେଇଛି। ସେମାନେ ହେଲେ ଆଇନଜୀବୀ ଶିବଶଙ୍କର ମିଶ୍ର ଓ ବିଚାର ବିଭାଗୀୟ ଅଧିକାରୀ ଆନନ୍ଦ ଚନ୍ଦ୍ର ବେହେରା। ଏ ସମ୍ପର୍କିତ ବିଜ୍ଞପ୍ତି ପତ୍ର ଓଡ଼ିଶା ହାଇକୋର୍ଟରେ ଶନିବାର ପହଞ୍ଚିଛି। ଆସନ୍ତା ୫ରେ ସେମାନେ ଶପଥ ଗ୍ରହଣ କରିବା କାର୍ଯ୍ୟକ୍ରମ ରହିଛି। ହାଇକୋର୍ଟ ପକ୍ଷରୁ ଏଥିପାଇଁ ଆୟୋଜନ ଚାଲିଛି। ଅପରପକ୍ଷରେ ସେହିଦିନ ହାଇକୋର୍ଟ ବିଚାରପତି ବିଶ୍ୱନାଥ ରଥ ଅବସର ଗ୍ରହଣ କରିବେ ବୋଲି ଜଣାପଡ଼ିଛି।

ସୂଚନା ଅନୁସାରେ, ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ଼, ବିଚାରପତି ସଞ୍ଜୟ କିଶାନ କାଉଲ, ବିଚାରପତି ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ କଲେଜିୟମ୍ ହାଇକୋର୍ଟ ନୂତନ ବିଚାରପତି ନିମନ୍ତେ ମିଶ୍ର ☞ପୃଷ୍ଠା-୨



ଶିବଶଙ୍କର ମିଶ୍ର



ଆନନ୍ଦ ଚନ୍ଦ୍ର ବେହେରା

## କମିଟିରେ ଶାହା, ଅଧୀର

### ଏକ ଦେଶ, ଏକ ନିର୍ବାଚନ

**ନୂଆଦିଲ୍ଲୀ,୨।୯**

ସାରାଦେଶରେ ଏକକାଳୀନ ଲୋକ ସଭା, ରାଜ୍ୟ ବିଧାନସଭା, ପୌରପାଳିକା ଓ ପଞ୍ଚାୟତଗୁଡ଼ିକରେ ଏକକାଳୀନ ନିର୍ବାଚନ କରାଇବା ପାଇଁ ଉଦ୍ଦିଷ୍ଟ ଉଚ୍ଚସ୍ତରୀୟ କମିଟି ଉପରେ ଶନିବାର କେନ୍ଦ୍ର ସରକାର ବିଜ୍ଞପ୍ତି ଜାରି କରିଛନ୍ତି। 'ଏକ ଦେଶ, ଏକ ନିର୍ବାଚନ' ପ୍ୟାନେଲରେ ୮ ସଦସ୍ୟଙ୍କୁ ରଖାଯାଇଛି। ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ କମିଟି ଅଧ୍ୟକ୍ଷ ନିଯୁକ୍ତ କରାଯାଇଥିବାବେଳେ ଅମିତ ଶାହା, ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ, ରାଜ୍ୟ ସଭାର ପୂର୍ବତନ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** — **ଅପରାଧ ଆଇନର ବିଫଳତା**







**ଆଜିର ମନ୍ତବ୍ୟ**

"ଇଣ୍ଡିଆ ବ୍ଲକ୍‌ର ନେତାମାନେ ଦେଶକୁ ନୁହେଁ, ବରଂ ନିଜ ପରିବାରକୁ ଆଗକୁ ବଢ଼ାଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ସୋନିଆ ଗାନ୍ଧୀଙ୍କଠୁ ନେଇ ଲାଲୁ ଯାଦବଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ କେବଳ ନିଜ ପରିବାର ଉନ୍ନତି ଚିନ୍ତା ଘାରିଛି। **-ଜେ.ପି. ନଡ୍ଡା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୂଅକୁ ଝର,**
**ଦୁଧକୁ ସର।**

ଝରୁଥିବା କୂଅ ଭଲ। କାରଣ କୂଅରେ ଝର ପଡ଼ିଥିଲେ ତାହା ଖରାଦିନେ ଶୁଖିଯିବାର ଭୟ ବା ଆଶଙ୍କା ରହି ନ ଥାଏ। ଠିକ୍ ସେହିପରି ସର ପଡୁଥିବା ଦୁଧ ବା କ୍ଷୀର ଭଲ। କାରଣ ମୋଟା ସର ପଡୁଥିଲେ କ୍ଷୀର ଖାଣ୍ଟି ବା ଶୁଦ୍ଧ ହୋଇଥିବା ଜଣାଯାଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**କୁହାଯାଉଥାଏ ସିନା**
**ତୁହାଇ ତୁହାଇ ପୁଟ ଦେଉଥିଲେ**
**ଲୁହା କି ହୋଇବ ସୁନା ?**

କହିବା କଥା ଦୂରେ ଥାଉ, ଯିଏ ଯାହା ସିଏ ସେଇଆ। ଯେତେ ଯାହା କଲେ ମଧ୍ୟ ଲୁହା ସୁନା ହୋଇପାରି ନ ଥାଏ। ଗୁଣ ଅପରିବର୍ତ୍ତିତ। ପରୋକ୍ଷରେ ମଧୁର କଥା କହି ଅନ୍ୟକୁ ପରିବର୍ତ୍ତନ କରିବାକୁ ଚାହିଁଲେ ବା ପରକୁ ଆପଣାର କରିବାକୁ ଚାହିଁଲେ ତାହା କେବେ ବି ସମ୍ଭବପର ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ୩ ଲିଟର କ୍ଷୀର ଦେଉଛି ୧୩ ମାସର ବାଛୁରୀ


ତିହିଡ଼ି ବ୍ଲକର ଫତେପୁର ଗ୍ରାମରେ କ୍ଷୀର ଦେଉଥିବା ବାଛୁରୀ।

**ଭଦ୍ରକ, ୨।୯(ସନାତନ ରାଉତ)**

ମାତ୍ର ୧୩ ମାସର ଏକ ବାଛୁରୀ ଗର୍ଭବତୀ ନ ହୋଇ ମଧ୍ୟ ଦିନକୁ ୩ ଲିଟର କ୍ଷୀର ଦେବା ଭଦ୍ରକ ଜିଲା ତିହିଡ଼ି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। କୃତ୍ରିମ ପ୍ରଜନନରୁ ଜନ୍ମ ହୋଇଥିବା ମାଈ ବାଛୁରୀଟି ଏବେ କାମଧେନୁର ଆଖ୍ୟା ପାଇଛି। ଏପରି ଆଶ୍ଚର୍ଯ୍ୟକର ଘଟଣା ଦେଖିବାକୁ ମିଳିଛି ତିହିଡ଼ି ବ୍ଲକର ଫତେପୁର ଗ୍ରାମରେ। ଉକ୍ତ ଗ୍ରାମର ସୁଦର୍ଶନ ଦାସଙ୍କ ବାଛୁରୀ ମାତ୍ର ୧୨ମାସ ବୟସରୁ ଦୁଗ୍ଧ ଉତ୍ପାଦନ ଆରମ୍ଭ କରିଛି। ପ୍ରଥମେ ଏକ ମାସ ବୟସ ହେବା ପରେ ଉକ୍ତ ବାଛୁରୀର ଚିର ଏବଂ ପହ୍ନା ବାହାରିବା ଆରମ୍ଭ ହେଲା। ଡାକ୍ତରଙ୍କ ପରାମର୍ଶ ଅନୁସାରେ ଭିଟାମିନ, ଦାନା ଆଦି ଖାଇବାକୁ ଦେବା ପରେ ବାଛୁରୀଟି ଏବେ ଦୁଇ ଓଳିରେ ଦୈନିକ ୩ ଲିଟର କ୍ଷୀର ଦେଉଥିବା କହିଛନ୍ତି ସୁଦର୍ଶନ। ଉପଯୁକ୍ତ ଲାଳନପାଳନ, ଖାଦ୍ୟ, ଯତ୍ନ ତଥା ଅତ୍ୟଧିକ ପ୍ରୋଲାକ୍ଟିନ, ଅକ୍ସିଟୋସିନ ଆଦି ହରମୋନ କ୍ଷରଣ ଯୋଗୁ ଏହା ସମ୍ଭବ ବୋଲି ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନିରାକାର ଜେନା କହିଛନ୍ତି।

# ଓଡ଼ିଶାର ୪ଜଣ ପାଇବେ 'ଜାତୀୟ ଶିକ୍ଷକ ପୁରସ୍କାର'

## ଦେଶରୁ ୭୫ ଶିକ୍ଷକ ମନୋନୀତ

**ଭୁବନେଶ୍ୱର, ୨।୯ (ଅସମାପିକା ସାହୁ)**

ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୁରୁଦିବସ ଅବସରରେ ୫ ତାରିଖ ଦିନ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ୭୫ ଜଣଙ୍କୁ 'ଜାତୀୟ ଶିକ୍ଷକ ପୁରସ୍କାର ୨୦୨୩' ପ୍ରଦାନ କରାଯିବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିକ୍ଷକମାନଙ୍କୁ ଏହି ପୁରସ୍କାର ପ୍ରଦାନ କରିବେ। ଓଡ଼ିଶାର ୪ଜଣ ଶିକ୍ଷକ ଏହି ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣ ଶିକ୍ଷକ ଓ ଅନ୍ୟ ଦୁଇଜଣ ହେଉଛନ୍ତି ପ୍ରଶିକ୍ଷଣ ଅଧିକାରୀ। ସେମାନେ ହେଲେ ଭଦ୍ରକ ଜିଲାର କେନ୍ଦୁଆପଡ଼ା ନୋଡାଲ ହାଇସ୍କୁଲର ଶିକ୍ଷକ ଶଶି ଶେଖର କର ଶର୍ମା ଏବଂ ଜଗତ୍‌ସିଂହପୁର ଜିଲା ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ। ସେହିପରି ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟର ପୁରସ୍କାର ବିଜେତାଙ୍କ ମଧ୍ୟରେ ଅଛନ୍ତି ଖୋର୍ଦ୍ଧା ଜିଲା ଜଟଣୀ ଖୁଦପୁରସ୍ଥିତ ଦିବ୍ୟାଙ୍ଗମାନଙ୍କ ପାଇଁ ରହିଥିବା ସ୍ୱତନ୍ତ୍ର ଆଇଟିଆଇ ଅନୁଷ୍ଠାନର ପ୍ରଶିକ୍ଷଣ ଅଧିକାରୀ ରବିନାରାୟଣ ସାହୁ ଏବଂ ଭୁବନେଶ୍ୱରର ରାଜଭବନ ନିକଟରେ ଥିବା ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନର ସହକାରୀ ପ୍ରଶିକ୍ଷଣ ଅଧିକାରୀ (ଏଟିଓ) ସୁନୀତା ସିଂହ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ପାଇବାକୁ ଯୋଗ୍ୟବିବେଚିତ ୪ଜଣ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ସେ କହିଛନ୍ତି, ଆପଣମାନଙ୍କ କାର୍ଯ୍ୟ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ଏହା ସମସ୍ତଙ୍କୁ ଅନୁପ୍ରାଣିତ କରିବା ସହିତ ଓଡ଼ିଶାର ଶିକ୍ଷା କ୍ଷେତ୍ରକୁ ଆହୁରି ସମୃଦ୍ଧ କରିବାରେ ସହାୟକ ହେଉ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ପକ୍ଷରୁ ପ୍ରତିବର୍ଷ ଶିକ୍ଷକ ଦିବସରେ ଏକ ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଦେଶର ଶ୍ରେଷ୍ଠ ଶିକ୍ଷକଙ୍କୁ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଥାଏ। ଚଳିତବର୍ଷଠାରୁ ଜାତୀୟ ଶିକ୍ଷକ ପୁରସ୍କାରର ପରିସରକୁ ବ୍ୟାପକ କରାଯାଇ ଉଚ୍ଚଶିକ୍ଷା ବିଭାଗ ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ଶିକ୍ଷକମାନଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ଚଳିତ ବର୍ଷ ୫୦ଜଣ ସ୍କୁଲ ଶିକ୍ଷକ, ଉଚ୍ଚଶିକ୍ଷା ବିଭାଗର ୧୩ଜଣ ଶିକ୍ଷକ ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ୧୨ଜଣ ଶିକ୍ଷକଙ୍କୁ ପୁରସ୍କୃତ କରାଯିବ।

# ମୃତ ନାବାଳକଙ୍କୁ ବଞ୍ଚାଇବା ଲାଗି ପୂଜାର୍ଚ୍ଚନା

**ଜଳେଶ୍ୱର, ୨।୯(ରବିନାରାୟଣ ପାତ୍ର)**

ବିଜ୍ଞାନ ଯେତେ ଅଗ୍ରଗତି କଲେ ମଧ୍ୟ ଏବେ ବି ଲୋକଙ୍କ ମନରେ ବସାବାନ୍ଧି ରହିଛି ଅନ୍ଧବିଶ୍ୱାସ। ଜଣେ ନାବାଳକଙ୍କୁ ଡାକ୍ତର ମୃତ ଘୋଷଣା କରିବା ସତ୍ତ୍ୱେ ପରିବାର ଲୋକେ ସତ୍କାର ନ କରି ବଞ୍ଚାଇବା ପାଇଁ ଠାକୁରାଣୀଙ୍କଠାରେ ପୂଜାର୍ଚ୍ଚନ କରିବା ଘଟଣା ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ଖାଡପିମ୍ପଳ ପଞ୍ଚାୟତର ତ୍ରିପାଣ ଦଣ୍ଡପାଟଙ୍କ ପୁଅ ଜୀବନ (୧୪) ଗୁରୁବାର ନିଜ ସାନ ଭାଇଙ୍କ ସହିତ ଗାଁରେ ଥିବା ଅନ୍ୟ ଜଣେ ସମ୍ପର୍କୀୟଙ୍କ ଘରକୁ ରାକ୍ଷୀପୂର୍ଣ୍ଣମୀ ଉପଲକ୍ଷେ ଯାଇଥିଲେ। ଦୁଇଭାଇ ଘରକୁ ଫେରୁଥିବା ବେଳେ ଗାଁର କପିଳେନ୍ଦ୍ର ଗିରିଙ୍କ ଗାଡିଆ ନିକଟରେ ମାଛ ପହଁରୁଥିବା ଦେଖିଥିଲେ। ଜୀବନ ମାଛ ଧରିବାକୁ ଗାଡିଆ ଭିତରେ ପଶିଥିବା ବେଳେ ସାନଭାଇ ହୁଡାରେ ବସିଥିଲେ। ଜୀବନ ହଠାତ୍ ପାଣିରେ ବୁଡିଯାଇଥିଲେ। ସାନଭାଇ ଏହା ଦେଖି କପିଳେନ୍ଦ୍ର ଗିରିଙ୍କ ଘରକୁ ଦୌଡିଯାଇ ଏ କଥା କହିଥିଲେ। ତାଙ୍କ ଘରୁ ଦୁଇଜଣ ବ୍ୟକ୍ତି ଆସି ଗାଡିଆ ନିକଟରେ ଥିବା ବିଦ୍ୟୁତ୍‌ଖୁଣ୍ଟରୁ ଏକ ତାର ପୋଖରୀ ପାଣିକୁ ଲାଗିଥିବା ଦେଖି ବାଡିରେ ଖସାଇ ଦେଇଥିଲେ। ଗାଁ ଲୋକେ ରୁଣ୍ଡ ହୋଇ ପୋଖରୀରୁ ଜୀବନକୁ ଉଦ୍ଧାର କରି ବାଲିଆପାଳସ୍ଥିତ ଇଡକୋ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିବାରୁ ବିଦ୍ୟୁତ୍ ବିଭାଗକୁ ଦାୟୀ କରି ପରିବାର ଲୋକେ କମର୍ଦ୍ଦା-ବାଲିଆପାଳ ରାସ୍ତାର କାଳିକାପୁରଠାରେ ରାସ୍ତାରୋକୋ କରିଥିଲେ। ସେଠାରେ ଜୀବନଙ୍କ ହାତ ଓ ଗୋଡ ଆଙ୍ଗୁଳି ସଂଚାଳନ ହେଉଥିବା ଅନୁଭବ କରି ପରିବାର ଲୋକେ ଗାଁ ଲୋକଙ୍କ ପ୍ରରୋଚନାରେ ଠାକୁରାଣୀଙ୍କଠାରେ ପୂଜାର୍ଚ୍ଚନା କରିଥିଲେ ଓ ପରେ ପୁଣି ଡାକ୍ତରଖାନା ନେଇଥିଲେ। କିନ୍ତୁ ଡାକ୍ତର ଦ୍ୱିତୀୟ ଥର ପାଇଁ ମୃତ ଘୋଷଣା କରିବାରୁ ଜୀବନଙ୍କ ମୃତଦେହ ଧରି ଗାଁକୁ ଫେରିଥିଲେ। ଶୁକ୍ରବାର ଜୀବନଙ୍କ ଶବ ବ୍ୟବଚ୍ଛେଦ ଲାଗି ଜଳେଶ୍ୱର ଜିକେଭଞ୍ଜର ହସପିଟାଲକୁ ଅଣାଯାଇଥିଲା। ଶନିବାର ଶବ ବ୍ୟବଚ୍ଛେଦ ପରେ ସତ୍କାର କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଆଦିତ୍ୟ-ଏଲ୍୧ ...

ସୂର୍ଯ୍ୟର କରୋନାଲ ଉତ୍ତାପ ଏବଂ ସୌର ବାୟୁର ଗତି ବୃଦ୍ଧିକୁ ବୁଝିବା, କରୋନାଲ ମାସ୍ ଇଜେକ୍‌ଶନ (ସିଏମ୍‌ଇ)ର ସୂତ୍ରପାତ, ପୃଥିବୀ ନିକଟବର୍ତ୍ତୀ ମହାକାଶର ଜଳବାୟୁ ଆଦି ସମ୍ପର୍କରେ ଅବଗତ ହେବା ସୌର ମିଶନର ମୁଖ୍ୟ ଲକ୍ଷ୍ୟ ବୋଲି ଇସ୍ରୋ କହିଛି। ଆଦିତ୍ୟ-ଏଲ୍୧ରେ ୭ଟି ପ୍ଲେଲୋଡ୍ ରହିଛି। ସେଥିରୁ ୪ଟି ସୂର୍ଯ୍ୟର ଆଲୋକ ଉପରେ ଅନୁଧ୍ୟାନ କରିବାକୁ ଥିବାବେଳେ ଅନ୍ୟ ୩ ପ୍ଲେଲୋଡ୍ ପ୍ଲାଜ୍‌ମା ଏବଂ ଚୁମ୍ବକୀୟ କ୍ଷେତ୍ରର ଇନ୍-ସିଟୁ ପ୍ରଣାଳୀ ଆକଳନ କରିବ। ଆଦିତ୍ୟ-ଏଲ୍୧ରେ ଥିବା ଭିଜିବଲ୍ ଏମିଶନ ଲାଇନ କରୋନାଗ୍ରାଫ୍ ଗ୍ରାଉଣ୍ଡ ଷ୍ଟେଶନକୁ ଦିନକୁ ୧,୪୪୦ ଫଟୋ ପଠାଇବ। ସୌର ମିଶନ ଭାରତକୁ ଜଳବାୟୁ ଆକଳନ ସମ୍ପର୍କିତ କେତେକ ମଡେଲ ବିକାଶ କରିବା ସହ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ପ୍ରତିରୋଧୀ ଯୋଜନା ପ୍ରସ୍ତୁତିରେ ସହାୟକ ହେବ ବୋଲି ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଜି. ମାଧବନ ନାୟାର ଶନିବାର କହିଛନ୍ତି।

### ଚନ୍ଦ୍ରପୃଷ୍ଠରେ ୧୦୦ ...

ଷ୍ଟେଶନରୁ କମାଣ୍ଡ ପଠାଇବାକୁ ହୋଇଥାଏ। ପ୍ରଜ୍ଞାନ ବହୁ ଚ୍ୟାଲେଞ୍ଜକୁ ସାମ୍ନା କରି ଆଗେଇଚାଲିଛି। ଏହାର ଗତିପଥ ସମ୍ପର୍କରେ ରୋଭରରେ ଥିବା ନାଭିଗେଶନ କ୍ୟାମେରା ଡାଟାକୁ ଗ୍ରାଉଣ୍ଡ ଷ୍ଟେଶନରେ ଡାଉନଲୋଡ୍ କରାଯାଇ ଡିଜିଟାଲ ଏଲିଭେଶନ ମଡେଲ (ଡିଇଏମ୍) କରାଯାଇଥାଏ ଏବଂ ରୋଭର କେଉଁ ବାଟ ଦେଇ ଗତି କରିବ ସେନେଇ ଗ୍ରାଉଣ୍ଡ ଷ୍ଟେଶନ ଏବଂ ମେକାନିଜମ୍ ଟିମ୍ ନିଷ୍ପତ୍ତି ନେଇଥାନ୍ତି। ପ୍ରତିଥର ସର୍ବାଧିକ ମାତ୍ର ୫ ମିଟର ପର୍ଯ୍ୟନ୍ତ ଡିଇଏମ୍ ସୃଷ୍ଟି କରାଯାଇପାରିବ।

### ବିସ୍ଥାପିତଙ୍କୁ ମିଳିବ ...

ଅଧିକାର ପାଇବା ପାଇଁ ଦୀର୍ଘ ବର୍ଷ ଧରି ଅପେକ୍ଷା କରି ରହିଛନ୍ତି। ସେବେଠାରୁ ବିସ୍ଥାପିତମାନେ ଜମି ଅଧିକାର ପାଇବାରୁ ବଞ୍ଚିତ ହୋଇ ଆସୁଥିଲେ। ବିସ୍ଥାପିତମାନେ ୫-ଟି ସଚିବଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଗଞ୍ଜାମ ଜିଲାକୁ ଗତ ଅଗଷ୍ଟ ୨୬ରେ ୫-ଟି ସଚିବ ଗସ୍ତ କରିଥିଲେ। ସେଠାରେ ଲୋକଙ୍କ ସମସ୍ୟା ଶୁଣିବା ପରେ ମାତ୍ର ୫ ଦିନରେ ଜମି ସମସ୍ୟାର ସମାଧାନ ହୋଇଛି। ବୈଠକରେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ସହିତ ଉନ୍ନୟନ କମିଶନର ଅନୁ ଗର୍ଗ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଗଞ୍ଜାମ ଓ ଝାରସୁଗୁଡ଼ା ଜିଲାର ଜିଲାପାଳ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଚାର୍ଜଶିଟ୍ ଦାଖଲ ...

ଷ୍ଟେଶନର ଲୁପ୍ ଲାଇନରେ ଏକ ମାଲବାହୀ ଟ୍ରେନ ଅଟକିଥିଲା। ସନ୍ଧ୍ୟା ପ୍ରାୟ ୭ଟାରେ ଶାଲିମାର-ଚେନ୍ନାଇ ସେଣ୍ଟ୍ରାଲ କରମଣ୍ଡଳ ଏକ୍ସପ୍ରେସ୍ ଉକ୍ତ ମାଲବାହୀ ଟ୍ରେନକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ କରମଣ୍ଡଳ ଏକ୍ସପ୍ରେସ୍‌ର ୧୨ଟି ବଗି ଓଲଟି ପଡ଼ିବା ସହ କେତେକ ବଗି ୩ ନମ୍ବର ଲାଇନରେ ଯାଉଥିବା ଯଶବନ୍ତପୁର-ହାଓଡା ସୁପରଫାଷ୍ଟ ଏକ୍ସପ୍ରେସ୍ ସହ ଧକ୍କା ହୋଇଥିଲା। ଏହାଦ୍ୱାରା ଯଶବନ୍ତପୁର-ହାଓଡା ସୁପରଫାଷ୍ଟ ଏକ୍ସପ୍ରେସ୍‌ର ୪ ବଗି ଓଲଟି ପଡ଼ିଥିଲା। ଏହି ଘଟଣାରେ ୨୯୬ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପ୍ରାୟ ୧୨୦୦ ଯାତ୍ରୀ ଆହତ ହୋଇଥିଲେ। ଘଟଣାରେ ଷଡ଼ଯନ୍ତ୍ର ଥିବା ରେଲୱେ ବୋର୍ଡ ସନ୍ଦେହ କରି ସିବିଆଇ ତଦନ୍ତ ପାଇଁ ସୁପାରିସ୍ କରିଥିଲା।

### ପରଲୋକରେ ସୂର୍ଯ୍ୟ ...

୨୦୦୦ରେ ବିଜେଡି ସରକାରରେ ଶକ୍ତି, ବିଜ୍ଞାନ ଓ କାରିଗରି କୌଶଳ, ପରିବେଶ, ପର୍ଯ୍ୟଟନ, ସୂଚନା ଓ ପ୍ରଯୁକ୍ତିବିଦ୍ୟା, ସଂସ୍କୃତି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ଆଦି ବିଭାଗର ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୨୦୧୯ରେ ସେ ଓଡ଼ିଶା ବିଧାନସଭାର ବାଚସ୍ପତି ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୨୨ ଜୁନ୍‌ରେ ତାଙ୍କୁ ବାଚସ୍ପତି ପଦରୁ ଇସ୍ତଫା ଦେବାକୁ ପଡ଼ିଥିଲା। ସୂର୍ଯ୍ୟନାରାୟଣ ଆଇନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ୨୦୧୯ ଫେବୃୟାରୀରେ ପଞ୍ଜାବର ଦେଶଭଗତ ବିଶ୍ୱବିଦ୍ୟାଳୟରୁ ତାଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ମିଳିଥିଲା। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକ ପ୍ରକାଶ କରାଯାଇଛି।

ସୂର୍ଯ୍ୟଙ୍କ ବିୟୋଗରେ ରାଜ୍ୟପାଳ ଗଣେଶୀ ଲାଲ ଗଭୀର ଶୋକପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଲୋକପ୍ରତିନିଧି ଭାବେ ଆଜୀବନ ଲୋକସେବା ପାଇଁ ସେ ସ୍ମରଣୀୟ ହୋଇ ରହିବେ ବୋଲି ରାଜ୍ୟପାଳ କହିଛନ୍ତ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୂର୍ଯ୍ୟ ପାତ୍ରଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତ। ଶୋକ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପାତ୍ରଙ୍କୁ ଜଣେ ଦକ୍ଷ ପ୍ରଶାସକ ଓ ସଂଗଠକ ଭାବରେ ବର୍ଣ୍ଣନା କରିଛନ୍ତି । ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଗଭୀର ସମବେଦନା ଜଣାଇଛନ୍ତି। ବିଭିନ୍ନ ବିଭାଗର ମନ୍ତ୍ରୀ ଭାବେ ସେ ରାଜ୍ୟର ଉନ୍ନୟନ ପ୍ରକ୍ରିୟାକୁ କ୍ରିୟାଶୀଳ କରିଥିଲେ। ବାଚସ୍ପତି ଭାବରେ ସେ ଓଡ଼ିଶାରେ ସଂସଦୀୟ ପରମ୍ପରାର ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଅମାୟିକ ସ୍ୱଭାବ ପାଇଁ ସେ ଦଳମତ ନିର୍ବିଶେଷରେ ସମସ୍ତଙ୍କ ପ୍ରିୟପାତ୍ର ଥିଲେ। ବିଜୁ ଜନତା ଦଳର ଜଣେ ବରିଷ୍ଠ ନେତା ଭାବେ ସେ ଦଳକୁ ନୂଆ ଦିଗ ଦେଇଥିଲେ। ବିଶେଷକରି ଗଞ୍ଜାମ ଜିଲାରେ ଦଳକୁ ସୁଦୃଢ଼ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତାଙ୍କ ବିୟୋଗ ରାଜ୍ୟ ରାଜନୀତିରେ ଏକ ବିରାଟ ଶୂନ୍ୟତା ସୃଷ୍ଟି କରିଛି ବୋଲି ସେ କହିଛନ୍ତ। ସୂର୍ଯ୍ୟଙ୍କ ବିୟୋଗରେ ଏସ୍‌ସି,ଏସ୍‌ଟି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା, ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ନଗର ଉନ୍ନୟନ ମନ୍ତ୍ରୀ ଉଷାଦେବୀ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି।

### ଓଡ଼ିଶା ହାଇକୋର୍ଟରେ ...

ଓ ବେହେରାଙ୍କ ନାମ ସୁପାରିସ କରିଥିଲେ। ଓଡ଼ିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ମଧ୍ୟ ଉକ୍ତ ସୁପାରିସରେ ସମ୍ମତି ପ୍ରଦାନ କରିଥିଲେ।

୧୯୬୮ ମେ' ୩ ତାରିଖରେ ଶିବଶଙ୍କର ଜୟପୁରଠାରେ ଜନ୍ମଗ୍ରହଣ କରିଥିଲେ। ସ୍ୱର୍ଗତ ଅନଙ୍ଗଭୀମ ମିଶ୍ର ଓ ସ୍ୱର୍ଗତ ଶଶିରେଖା ମିଶ୍ରଙ୍କ ପୁଅ ଶିବଶଙ୍କର କୋରାପୁଟର ଜୟପୁର ଆଇନ ମହାବିଦ୍ୟାଳୟରୁ ଏଲ୍‌ଏଲ୍‌ବି ଡିଗ୍ରୀ ହାସଲ କରିଥିଲେ। ଶିବଶଙ୍କର ୧୯୯୧ ଡିସେମ୍ବର ୭ରେ ଓକିଲାତି ନିମନ୍ତେ ନାମ ପଞ୍ଜୀକରଣ କରିଥିଲେ। ତାଙ୍କର ୩୦ ବର୍ଷର ଓକିଲାତି ଅଭିଜ୍ଞତା ରହିଛି। ଏଥିସହ ଦେୱାନୀ, ଫୌଜଦାରି ମାମଲା ପରିଚାଳନାରେ ସେ ସିଦ୍ଧହସ୍ତ। ସେହିପରି ଆନନ୍ଦ ୧୯୬୪ ମେ' ୨୩ରେ ଜନ୍ମଗ୍ରହଣ କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ସେ ବରିଷ୍ଠ ବିଚାର ବିଭାଗୀୟ ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ସେ ରାଜ୍ୟ ଭିଜିଲାନ୍ସରେ ଲିଗାଲ ଆଡ୍‌ଭାଇଜର ଭାବେ କାର୍ଯ୍ୟରତ ଥିଲେ। ହାଇକୋର୍ଟର ମଞ୍ଜୁରୀପ୍ରାପ୍ତ ବିଚାରପତି ପଦବୀ ୩୩ ହୋଇଥିବାବେଳେ ଏବେ ମୁଖ୍ୟ ବିଚାରପତିଙ୍କୁ ମିଶାଇ ୨୦ଜଣ କାର୍ଯ୍ୟରତ ଅଛନ୍ତି। ଏହି ଦୁଇ ବିଚାରପତି ଶପଥ ଗ୍ରହଣ କରିବା ପରେ ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୨୨ରେ ପହଞ୍ଚିବ। ହେଲେ ବିଚାରପତି ବିଶ୍ୱନାଥ ରଥଙ୍କ ଅବସର ପରେ ମୋଟ ବିଚାରପତିଙ୍କ ସଂଖ୍ୟା ୨୧ରେ ସୀମିତ ରହିବ। ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବିପିନ୍ ବିହାରୀ ରଥ ଓ ହେମାବତୀ ରଥଙ୍କ ପୁତ୍ର ବିଶ୍ୱନାଥ ୧୯୬୧ ସେପ୍ଟେମ୍ବର ୭ରେ ଜନ୍ମଗ୍ରହଣ କରିଥିଲେ। ପରେ ସେ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନ୍‌ରେ ଡିଗ୍ରୀ ହାସଲ କରିଥିଲେ। ସେ ୧୯୮୫ରେ ନିଜ ପିତାଙ୍କ ଅଧୀନରେ ଆଇନ ଅଭ୍ୟାସ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୧୪ ଜୁଲାଇ ୨ରେ ସେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଯୋଗଦେଇଥିଲେ। ସେ ଓକିଲାତି କରିବା ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ ମାମଲା ପରିଚାଳନା କରିବା ସହ ବିଚାରପତି ଭାବେ ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାର ରାୟ ପ୍ରଦାନ କରିଛନ୍ତି।

### ଯୁକ୍ତ୩ ଦ୍ୱିତୀୟ ପର୍ଯ୍ୟାୟ ...

ମୋଟ ୧,୦୪୦ ଡିଗ୍ରୀ କଲେଜରେ ୨,୭୦,୧୬୩ ସିଟ୍ ରହିଛି। ସେଥିମଧ୍ୟରୁ ୧,୫୯,୦୫୫ଜଣ ନାମ ଲେଖାଇଥିବାବେଳେ ୧,୧୧,୧୦୮ ସିଟ୍ ଖାଲି ପଡ଼ିଛି। ଏଥିମଧ୍ୟରୁ କଳାରେ ୪୮,୪୫୪, ପଦାର୍ଥ ବିଜ୍ଞାନରେ ୨୬,୫୦୦, ଜୈବ ବିଜ୍ଞାନରେ ୧୨,୩୪୨, ବାଣିଜ୍ୟରେ ୧୭,୦୬୯, ସେଲ୍‌ଫ ଫାଇନାନ୍ସିଂରେ ୯୮୭ ଏବଂ ସଂସ୍କୃତରେ ୫,୭୫୬ଟି ସିଟ୍ ଖାଲି ପଡ଼ିଛି।

### କମିଟିରେ ଶାହା, ...

ଏବଂ ଅର୍ଥ କମିଶନର ପୂର୍ବତନ ଅଧ୍ୟକ୍ଷ ଏନ୍.କେ. ସିଂଙ୍କୁ ସଦସ୍ୟ ରୂପେ ସ୍ଥାନ ମିଳିଛି। ବିଜ୍ଞପ୍ତି ଅନୁସାରେ ଏହି କମିଟି ତତ୍କାଳ କାର୍ଯ୍ୟକ୍ଷମ ହେବା ସହ ଯଥାଶୀଘ୍ର ସମ୍ଭବ ଏକକାଳୀନ ନିର୍ବାଚନ ଉପରେ ସୁପାରିସ କରିବ। ତେବେ ରିପୋର୍ଟ ଦାଖଲ ସକାଶେ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ସ୍ଥିର କରାଯାଇନାହିଁ। ଏଥିରେ ଲୋକ ସଭାର ପୂର୍ବତନ ସେକ୍ରେଟାରି ଜେନେରାଲ୍ ସୁବାସ କଶ୍ୟପ, ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ ଏବଂ ପୂର୍ବତନ ଭିଜିଲାନ୍ସ କମିଶନର ସଞ୍ଜୟ କୋଠାରୀ ପ୍ରମୁଖ ଏହି ପ୍ୟାନେଲରେ ରହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବୁଧଙ୍କ ନକ୍ଷତ୍ରରେ ଚନ୍ଦ୍ର ଅବସ୍ଥାନ କରିଥିବାରୁ ଅର୍ଥ ସମ୍ବନ୍ଧୀୟ ଆଲୋଚନା କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ଦୂରଯାତ୍ରା ଓ ପ୍ରତିଦ୍ୱନ୍ଦ୍ୱିତାର ସାମ୍ନା କରିବା ପ୍ରଭୃତି ବିଷୟରେ ଯୋଜନା କରିବେ। ରୋଗୀର ଆରୋଗ୍ୟ ସକାଶେ ଋଣ ପରିଶୋଧ ପାଇଁ ମାନସିକ ସ୍ତରରେ ବ୍ୟଗ୍ରତା ପ୍ରକାଶ ପାଇବ।

**ବୃଷ**
ଦ୍ୱାଦଶରେ ରାହୁ ଓ ବୃହସ୍ପତି ପ୍ରଭାବରୁ ସକାଳୁ ସକାଳୁ ମନଟା ବିଗିଡ଼ି ଯାଇପାରେ। କର୍ମକ୍ଷେତ୍ରରେ ମଧ୍ୟ କେହି ଜଣେ ପ୍ରତିବାଦର ସ୍ୱର ଉଠାଇ ସମସ୍ୟା ସୃଷ୍ଟି କରିପାରନ୍ତି। ସାମାଜିକ ସ୍ତରରେ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। ନିର୍ମାଣାଧୀନ କାର୍ଯ୍ୟ, ଜମିଜମା, ଆଲୋଚନା, ବନ୍ଧୁ ସମ୍ପର୍କରେ କିଛିଟା ଝଟକା ଲାଗିପାରେ।

**ମିଥୁନ**
ଭାଗ୍ୟାଦୀପ ଭାଗ୍ୟସ୍ଥ ଯୋଗୁ ଯାହା ଭାବୁଛନ୍ତି ତାହାହିଁ ହେବ ଓ ପାଇବା ଜିନିଷ ମଧ୍ୟ ପାଇବେ। କିନ୍ତୁ ପାରିବାରିକ କ୍ଷେତ୍ରରେ କୁହୁଳୁଥିବା ନିଆଁ ପ୍ରତି ସାବଧାନ ରହିବା ବିଧେୟ। ଅନାମନ୍ତ୍ରିତ ଭାବରେ ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ଅପମାନିତ ହୋଇପାରନ୍ତି। ମିତ୍ରମାନେ ଭୁଲ୍ ବୁଝାମଣା ହେତୁ କ୍ରମଶଃ ଦୂରେଇ ଯାଇପାରନ୍ତି।

**କର୍କଟ**
ଦୁର୍ବଳ କର୍ମାଧିପତି ମାନସିକ ସ୍ତରରେ କେତେକ ଅକୁହା କଥାକୁ ବିଶ୍ଳେଷଣ କରି ଅବସାଦ ଉତ୍ପନ୍ନ କରିବ। କର୍ମକ୍ଷେତ୍ରରେ ପୁରୁଣା ସମସ୍ୟାଗୁଡ଼ିକ ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ। ଅବଶ୍ୟ ହିତୈଷୀଙ୍କ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। କୋର୍ଟକଚେରି କାମ ଅନୁକୂଳ।

**ସିଂହ**
ଶନିଙ୍କ କୁପ୍ରଭାବରେ ପରିବାରରେ ପିତା-ପୁତ୍ର କିମ୍ବା ସ୍ୱାମୀ/ସ୍ତ୍ରୀଙ୍କ ମଧ୍ୟରେ ମତଭେଦର ସୂଚନା ଦେଖାଦେଇପାରେ। ଆପଣଙ୍କ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଅବଶ୍ୟ ରାଜନୈତିକ ସ୍ତରରେ, ପ୍ରଶାସନିକ କ୍ଷେତ୍ର ପାଇଁ, ସଂଗଠନ ସକାଶେ ଦିନଟି ବହୁତ ଭଲ।

**କନ୍ୟା**
ଏକାଦଶସ୍ଥ ଶୁକ୍ରଜନିତ ହିତୈଷୀଙ୍କ ସାହାଯ୍ୟରୁ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ଆଲୋଚନାରେ ଭାବ ପ୍ରବଣତା ପରିହାର ପୂର୍ବକ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ଅନିଦ୍ରା ସାଙ୍ଗକୁ ଗୁରୁପାକ ଦ୍ରବ୍ୟ ଭୋଜନରୁ ସ୍ୱାସ୍ଥ୍ୟ ଖରାପ ହୋଇପାରେ।

**ତୁଳା**
କେତୁ ରାଶିସ୍ଥ ହେତୁ ପରୋକ୍ଷ ଶତ୍ରୁତା, ଋଣ ପରିଶୋଧ, କ୍ରନିକ୍ ରୋଗ ସକାଶେ ସମସ୍ୟାକୁ ଆନୟନ କରିପାରେ। ଏଣେ ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ପାରିବାରିକ ଜୀବନକୁ ଅସନ୍ତୁଳିତ କରି ରଖିବାର ସମ୍ଭାବନା ରହିଛି। ମାତ୍ର ଗତକାଲିଠାରୁ ମନରେ ଭାବୁଥିବା କଥାଟି ଆଜିହିଁ ବାସ୍ତବରେ ପରିଣତ ହେବ।

**ବିଛା**
ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ହେତୁ ଅବସାଦଗ୍ରସ୍ତ ମନରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ଅସମର୍ଥ ହୋଇପାରନ୍ତି। ଅନୁରାଧା ନକ୍ଷତ୍ର ଆଜିର କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଆବଶ୍ୟକତା ଅନୁଯାୟୀ କୌଣସି ମୂଲ୍ୟବାନ୍ ଜିନିଷ ଘରକୁ ଆଣିପାରନ୍ତି। ପଡ଼ୋଶୀଙ୍କ ଦ୍ୱାରା ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ ଗତି କରିବେ।

**ଧନୁ**
ଆଜିର ଗ୍ରହସ୍ଥିତି ଆପଣଙ୍କ ସକାଶେ ପ୍ରତିକୂଳ ପରିବେଶ ସୃଷ୍ଟି କରିପାରେ। ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ଲାଭର ସୂଚନା ରହିଛି। ସ୍ୱକୀୟ ଉଦ୍ୟମ ଓ ଆପୋସ ଆଲୋଚନାରେ ପାରିବାରିକ ସମସ୍ୟାର ସମାଧାନ ଘଟିବ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାରୁ କୈଫିୟତ ଦେବାକୁ ପଡ଼ିପାରେ।

**ମକର**
ଗୁରୁଚାଣ୍ଡାଳ ଯୋଗ ତୃତୀୟସ୍ଥ ହେତୁ ଅତି ନିକଟରେ ରହି ଶତ୍ରୁତା କରୁଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ। ପ୍ରତ୍ୟେକ ପରିସ୍ଥିତିରେ ପରିବାର ସଦସ୍ୟଙ୍କ ମନ ନେଇ କାମକଲେ ସମସ୍ୟାର ସରଳ ସମାଧାନ ହେବ। ରଚନାତ୍ମକ କାର୍ଯ୍ୟ, ଗବେଷଣା, ଅନୁସନ୍ଧାନ, ବ୍ୟବସାୟ ଓ ପରିବହନରେ ସମସ୍ୟା ଦୂର ହେବ।

**କୁମ୍ଭ**
ମୁଖଭାବସ୍ଥ ଚନ୍ଦ୍ର ପ୍ରଭାବରେ ପାରିବାରିକ କ୍ଷେତ୍ରରେ ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ତରଫରୁ ସମସ୍ୟା ଆସିପାରେ। ଆଜିର ଭ୍ରମଣ ବେଶ୍ ଆନନ୍ଦଦାୟକ ହେବ। ସ୍ଥଗିତ ଏବଂ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ବ୍ୟବସାୟିକ ସ୍ଥିତି ପ୍ରାୟତଃ ଭଲ ରହିବା କାରଣରୁ ମାନସିକ ଶାନ୍ତି ଅନୁଭବ କରିବେ।

**ମୀନ**
ଚନ୍ଦ୍ରଙ୍କ ସୁପ୍ରଭାବରୁ କୌଣସି କାର୍ଯ୍ୟ ସାଧନରେ ଅସୁବିଧା ରହିବ ନାହିଁ। ମାତ୍ର ସାଧାରଣ କଥାକୁ କେନ୍ଦ୍ର କରି ପରିବାରରେ ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ। ବିବାଦୀୟ ପରିସ୍ଥିତିରେ ସବୁ ଜାଣିଶୁଣି ନୀରବତା ଅବଲମ୍ବନ କରିବା ଭଲ ହେବ। ଅସଫଳତାର କାରଣ ଖୋଜିବାକୁ ଯାଇ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଦୂର ସମ୍ପର୍କୀୟ ବନ୍ଧୁ ହଠାତ୍ ଆସିପାରନ୍ତି।

ଆଜି ଭାଦ୍ରବ କୃଷ୍ଣ ଚତୁର୍ଥୀ ରବିବାର, ସେପ୍ଟେମ୍ବର ୩ ତାରିଖ, ରକ୍ଷାପଞ୍ଚମୀ, ଖୁଦୁରୁକୁଣୀ ଓଷା ପ୍ରଥମପାଳି, ରାଶି ନକ୍ଷତ୍ର-ରେବତୀ/ମୀନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ. ୦୫।୪୫ ଗତେ ଘ.୦୭।୪୨ ମଧ୍ୟେ, ଘ.୦୧।୧୮ ଗତେ ଘ.୦୧।୪୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୪ ଗତେ ଘ.୦୫।୫୭ ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ଟାଙ୍ଗିଆରେ ହାଣି ସାନଭାଇଙ୍କୁ ହତ୍ୟା

**ଅନୁଗୋଳ/ଖମାର, ୨।୯(ଅମିତ କୁମାର ସାମଲ/ରଜନୀକାନ୍ତ ମହାରଣା):** ଜମିଜମା ବିବାଦକୁ କେନ୍ଦ୍ର କରି ସାନ ଭାଇଙ୍କୁ ଏକ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି ବଡ଼ଭାଇ। ଏଭଳି ବିଭତ୍ସ ହତ୍ୟାକାଣ୍ଡ ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡ ଖମାର ଥାନା ଅନ୍ତର୍ଗତ ପଦାପଶି ଗ୍ରାମରେ ଘଟିଛି। ସୂଚନା ଅନୁସାରେ, ପଦାପଶି ଗ୍ରାମର ଖଜୁରି କିସାନ (୫୨) ଓ ବଡ଼ବାପା ପୁଅ ଗେଣ୍ଡୁ କିସାନ (୬୦)ଙ୍କ ମଧ୍ୟରେ ଦୀର୍ଘଦିନ ହେବ ଜମିବାଡ଼ିକୁ ନେଇ ବିବାଦ ଲାଗିରହିଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ଖଜୁରି ଘରେ ଶୋଇଥିବା ବେଳେ ବଡ଼ଭାଇ ଗେଣ୍ଡୁ ଏକ ଟାଙ୍ଗିଆରେ ତାଙ୍କ ବେକକୁ ହାଣି ହତ୍ୟା କରିଥିଲେ। ପରେ ଥାନାରେ ଆତ୍ମସମର୍ପଣ କରିଥିଲେ। ପୋଲିସ କେସ ନଂ ୧୬୪/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତ ଗେଣ୍ଡୁଙ୍କୁ କୋର୍ଟ ଚାଲାଣ କରିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇ ପଠାଇବା ସହିତ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

### ପିପିଲିରୁ କୋଟିଏ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

**ଭୁବନେଶ୍ୱର,୨।୯ (ସୂର୍ଯ୍ୟକାନ୍ତ ବେହେରା):** କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଶୁକ୍ରବାର ଉତ୍ତରା-ପିପିଲି ରାସ୍ତାରେ ଚଢାଉ କରି ପିପିଲି ନିକଟରୁ ୧.୮୦ କେଜି ବ୍ରାଉନସୁଗାର ଜବତ କରିଛି। ଏଥିସହ ଏହାକୁ ଚାଲାଣ କରୁଥିବା ୨ ନିଶାବେପାରିଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ପିପିଲିର ଲିପୁନ ପାଣ୍ଡେ ଏବଂ ଖୋର୍ଦ୍ଧା ଜିଲା ସାରଦାପୁରର ସେକ୍ ଆବାସ। ସେମାନେ ଉକ୍ତ ବ୍ରାଉନସୁଗାରକୁ ବାଲେଶ୍ୱରର ଜଣେ ଗ୍ରାହକଙ୍କୁ ଦେବାକୁ ଅପେକ୍ଷା କରିଥିବାବେଳେ ଧରାପଡିଥିଲେ। ତେବେ ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ କୋଟିଏରୁ ଅଧିକ ଟଙ୍କା ହେବ। ଅଭିଯୁକ୍ତ ଲିପୁନଙ୍କର ଏକ ଗ୍ୟାରେଜ ଥିବାବେଳେ ତାଙ୍କ ନାଁରେ ପୁରୀ ବାସେଳୀ, ପିପିଲି, ନିମାପଡା ଆଦି ଥାନାରେ ମାମଲା ରହିଛି। ସେହିପରି ଅଭିଯୁକ୍ତ ସେକ ଆବାସ ସେଣ୍ଟୁରିଆନ ୟୁନିଭର୍ସିଟିରୁ ଡି ଫାର୍ମ ପଢ଼ା ଶେଷ କରି ଏକ ଘରୋଇ ମେଡିକାଲରେ କିଛିଦିନ ଚାକିରି କରିଥିବା ଏସଟିଏଫ୍ ଜାଣିବାକୁ ପାଇଛି। ଏସଟିଏଫ୍ ଏକ ମାମଲା (୧୭/୨୩) ରୁଜୁ କରି ଉଭୟଙ୍କୁ ଗିରଫ ପୁରୀର ସ୍ୱତନ୍ତ୍ର କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ୧୦ ଟଙ୍କା ପାଇଁ ମା'ଙ୍କୁ ହତ୍ୟା

**ଯାଜପୁର ଟାଉନ,୨।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)**


ହତ୍ୟା ଅଭିଯୁକ୍ତ ଶୁଭମ୍ ସାହୁ।

- ଟଙ୍କା ନ ଦେବାରୁ ହେମଦସ୍ତା ପୁଆରେ ଛେଚି ମାରିଲେ ପୁଅ
- ଅଭିଯୁକ୍ତ ପ୍ରତ୍ୟେକ ଦିନ ଡ୍ରଗ୍ସସେବନ କରୁଥିଲେ

ଯାଜପୁର ଟାଉନ ଥାନା ଅନ୍ତର୍ଗତ କୁଆଁସରପୁର ଗ୍ରାମରେ ଶନିବାର ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ଯୁବକ ମାତ୍ର ୧୦ ଟଙ୍କା ପାଇଁ ତାଙ୍କ ମା'ଙ୍କ ମୁଣ୍ଡକୁ ହେମଦସ୍ତା ପୁଆରେ ଛେଚି ହତ୍ୟା କରିଛନ୍ତି। ହତ୍ୟାର ଶିକାର ହୋଇଛନ୍ତି ଗ୍ରାମର ନରେଶ ସାହୁଙ୍କ ସ୍ତ୍ରୀ ନିରୁପମା। ପୋଲିସ ତାଙ୍କ ପୁଅ ଶୁଭମ୍ ଓରଫ୍ ବାବୁନ୍(୨୦)ଙ୍କୁ ଗିରଫକରି ତଦନ୍ତ ଚଳାଇଛି। ଶୁଭମ୍ ପ୍ରତ୍ୟେକ ଦିନ ଡ୍ରଗ୍ସ ସେବନ କରନ୍ତି ବୋଲି ସ୍ଥାନୀୟ ଲୋକଙ୍କଠାରୁ ଜଣାପଡ଼ିଛି। ଡ୍ରଗ୍ସ ନିଶାରେ ସେ ଏଭଳି ଘଟଣା ଘଟାଇଥିବା ଲୋକେ କହିଛନ୍ତି।

ସୂଚନା ମୁତାବକ, ମଧ୍ୟାହ୍ନରେ ଶୁଭମ୍ ତାଙ୍କ ମା' ନିରୁପମାଙ୍କୁ ୧୦ ଟଙ୍କା ମାଗିଥିଲେ। ହେଲେ ନିରୁପମା ପଇସା ନାହିଁ ବୋଲି କହିଥିଲେ। ଏତିକିରେ ଶୁଭମ୍ ହଠାତ୍ ରାଗିଯାଇ ମା'ଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଘରେ ପୂରାଇ ଭିତରପଟୁ କବାଟ ବନ୍ଦ କରି ଦେଇଥିଲେ। ପରେ ଶୁଭମ୍ ଘରେ ଥିବା ଏକ ହେମଦସ୍ତା ପୁଆରେ ମା'ଙ୍କ ମୁଣ୍ଡକୁ ନିସ୍ଥୁକ ପିଟିଥିଲେ। ନିରୁପମାଙ୍କ ଚିତ୍କାର ଶୁଣି ପଡ଼ୋଶୀ ମନୋରମା ସାହୁ ଦୌଡ଼ିଯିବାରୁ ଘରର ଭିତର ପଟୁ କବାଟ ଦିଆଯାଇଥିବା ଦେଖିଥିଲେ। ଏହାପରେ ସେ ପାଖ ଲୋକଙ୍କୁ ଡାକ ପକାଇଥିଲେ ଏବଂ ମନୋରମା ଝରକାରେ ଦେଖିବାକୁ ପାଇଥିଲେଯେ, ଶୁଭମ୍ ତାଙ୍କ ମା'ଙ୍କ ମୁଣ୍ଡକୁ ହେମଦସ୍ତା ପୁଆରେ ପିଟି ବଣ ବାହାର କରିଦେଇଛନ୍ତି। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ଶୁଭମ୍‌ଙ୍କୁ କାବୁ କରିବା ସହ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶୁଭମ୍‌ଙ୍କୁ ଗିରଫ କରିଥିଲା। ପରେ ନିରୁପମାଙ୍କ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଥାନାରେ ଏକ ମାମଲା ନଂ.(୩୨୭/୨୩) ରୁଜୁ ହୋଇଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଦଣ୍ଡାଦେଶର ଶୁଣାଣି କରିବେ ହାଇକୋର୍ଟ

**ଛତ୍ରପୁର,୨।୯(ସନ୍ତୋଷ ପାଢ଼ୀ)**

**ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀଙ୍କୁ ଆଜୀବନ ଦଣ୍ଡାଦେଶ ଘଟଣା**


ଗଞ୍ଜାମ ଜିଲାରେ ଟାଟା କମ୍ପାନୀର ଜମି ଅଧିଗ୍ରହଣ ବେଳେ ପୋଲିସ ରିଜର୍ଭ ଇନ୍ସପେକ୍ଟରଙ୍କୁ ହତ୍ୟା ମାମଲାର ଚୂଡାନ୍ତ ରାୟ ପ୍ରାୟ ୨୫ ବର୍ଷ ପରେ ଗତ ଜୁଲାଇ ୩୧ ତାରିଖରେ ପ୍ରକାଶ ପାଇଥିଲା। ବ୍ରହ୍ମପୁର ଏଡିଜେ-୩ ଉକ୍ତ ମାମଲାର ଶୁଣାଣି କରି ଅଭିଯୁକ୍ତ ଛତ୍ରପୁରର ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀଙ୍କ ସମେତ ୧୩ ଜଣଙ୍କୁ ଆଜୀବନ ଜେଲ ଓ ୨୦ ହଜାର ଟଙ୍କା ଜରିମାନା କରିଥିଲେ। ଏହି ରାୟକୁ ଚ୍ୟାଲେଞ୍ଜ କରି ପୂର୍ବତନ ବିଧାୟକ ରେଡ୍ଡୀଙ୍କ ସମେତ ପି.କାମରାଜୁ ରେଡ୍ଡୀ ଓ ଏନ. ଦିଲୀପ କୁମାର ରେଡ୍ଡୀଙ୍କ ପକ୍ଷରୁ ସେମାନଙ୍କ ଓକିଲ ଜରିଆରେ ଗତ ୨୫ ତାରିଖରେ ହାଇକୋର୍ଟରେ କ୍ରିମିନାଲ ଅପିଲ (ନଂ.୯୫୭/୨୩)କରାଯାଇଥିଲା। ହାଇକୋର୍ଟ ଶନିବାର ଏହି ଅପିଲର ବିଚାର ଲାଗି ଗ୍ରହଣ କରିବା ସହ ଜରିମାନା ଆଦାୟ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଉକ୍ତ ମାମଲାର ରେକର୍ଡ ତଳ କୋର୍ଟକୁ ମାଗିଛନ୍ତି। ଅପିଲକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ସୁବୀର ପାଲିତ, ଡ. ପ୍ରଶାନ୍ତ କୁମାର ମିଶ୍ର ଓ ଭବାନୀ ଦାଶ ମାମଲା ପରିଚାଳନା କରୁଛନ୍ତି।

ସୂଚନାଯୋଗ୍ୟ, ୧୯୯୮ ଜୁନ ୧୮ ତାରିଖରେ ଟାଟା କମ୍ପାନୀ ଜମି ଅଧିଗ୍ରହଣ ବେଳେ ସିନ୍ଧିଗାଁଠାରେ ପୋଲିସ-ଜନତା ମୁହାଁମୁହିଁ ହୋଇଥିଲେ। ସେ ସମୟରେ ବୋମାମାଡ଼ରେ ତତ୍କାଳୀନ ରିଜର୍ଭ ଇନ୍ସପେକ୍ଟର ବିନୋବା ମେହେରଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ନେଇ ଅଭିଯୋଗ ପରେ ଛତ୍ରପୁର ଥାନାରେ ନଂ.୧୧୫/୯୮ରେ ଦଫା ୩୦୨ ଅନୁସାରେ ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀଙ୍କ ସମେତ ୨୨ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଏଡିଜେ-୩ କୋର୍ଟରେ ଉକ୍ତ ମାମଲାର ରାୟ ପ୍ରକାଶ ପାଇବା ପରେ ଅଭିଯୁକ୍ତମାନେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଛନ୍ତି।

# ୨୦୨୭ ସୁଦ୍ଧା ମାଲେରିଆମୁକ୍ତ ଓଡ଼ିଶା ଲକ୍ଷ୍ୟ

**ଭୁବନେଶ୍ୱର,୨।୯(ଅଭିଜିତ ଦାସ)**

- ଦକ୍ଷିଣ ଓଡ଼ିଶାରେ ଅଧିକ ଆକ୍ରାନ୍ତ
- ନିୟନ୍ତ୍ରଣ ପାଇଁ ହେବ ମାଇକ୍ରୋପ୍ଲାନିଂ



ରାଜ୍ୟରେ ମ୍ୟାଲେରିଆ ପରୀକ୍ଷଣ ବୃଦ୍ଧି ହୋଇଥିବାବେଳେ ଆକ୍ରାନ୍ତଙ୍କ ସଂଖ୍ୟା କମିଛି। ଜାତୀୟ ହାର ତୁଳନାରେ ଉଭୟ ସଂକ୍ରମିତ ଓ ମୃତ୍ୟୁସଂଖ୍ୟା ହ୍ରାସ ପାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ୨୦୩୦ ସୁଦ୍ଧା ମ୍ୟାଲେରିଆମୁକ୍ତ ବିଶ୍ୱ ପାଇଁ ଲକ୍ଷ୍ୟ ରଖିଥିବାବେଳେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ୨୦୨୭ ସୁଦ୍ଧା ଓଡ଼ିଶାକୁ ମ୍ୟାଲେରିଆମୁକ୍ତ କରିବାକୁ ଲାଗିପଡିଛି। ଫଳରେ ୨୦୧୬ରୁ ୨୦୨୨ ମଧ୍ୟରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ପ୍ରାୟ ୯୫ ପ୍ରତିଶତ ହ୍ରାସ ପାଇଛି। ସେହିପରି ଗତ ୭ ବର୍ଷରେ ମ୍ୟାଲେରିଆଜନିତ ମୃତ୍ୟୁସଂଖ୍ୟା ୧୪୦ ରହିଥିବାବେଳେ ଏହି ହାରକୁ କମାଇବା ପାଇଁ ତୃଣମୂଳସ୍ତରରୁ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବ୍ୟାପକ କାର୍ଯ୍ୟକ୍ରମ ଜାରି ରହିଛି। ଆଶାକର୍ମୀ ସଚେତନତା ସୃଷ୍ଟି କରିବା ସହିତ ଔଷଧ ପ୍ରଦାନ କରୁଛନ୍ତି। ସଚେତନତା କାର୍ଯ୍ୟକ୍ରମ 'ଦମନ'କୁ ବ୍ୟାପକ କରାଯାଇଥିବାବେଳେ ଉନ୍ନତ ଚିକିତ୍ସା ପଦ୍ଧତି ଏହି ସଫଳତା ପାଇଁ ବାଟ କଢ଼ାଉଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏହାଛଡ଼ା ୨୦୨୪-୨୫ ବର୍ଷ ପାଇଁ ରାଜ୍ୟ ସରକାର ୧.୬୫ କୋଟି ଔଷଧୀୟ ମଶାରି ଯୋଗାଇଦେବାକୁ କେନ୍ଦ୍ର ସରକାରଙ୍କୁ ଯୋଗାଯୋଗ କରାଯାଇଛି। ବିଶେଷକରି ଦକ୍ଷିଣ ଓଡ଼ିଶା ଜିଲାଗୁଡିକରେ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ରହିଥିବାରୁ ସେସବୁ ଜିଲାଗୁଡ଼ିକରେ ମାଇକ୍ରୋପ୍ଲାନିଂ କରାଯାଇ ମ୍ୟାଲେରିଆ ସଂକ୍ରମଣକୁ ନିୟନ୍ତ୍ରଣ କରାଯିବ ବୋଲି ରାଜ୍ୟ ଭିବିଡିର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଶୁଭାଶିଷ ମହାନ୍ତି କହିଛନ୍ତି।

ବିଶ୍ୱର ୧୦୩ ରାଷ୍ଟ୍ରରେ ମ୍ୟାଲେରିଆ ବୃଦ୍ଧି ପାଉଥିବାବେଳେ ରାଜ୍ୟର ସ୍ଥିତି ଜାଣିବା ପାଇଁ ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏକ ଦଳ ଓଡିଶା ଆସି ତଦାରଖ କରିଥିଲା। ବର୍ତ୍ତମାନ ରାଜ୍ୟର ମାଲକାନଗିରି, ରାୟଗଡ଼ା, କୋରାପୁଟ, କଳାହାଣ୍ଡି, କନ୍ଧମାଳ ଏବଂ ବୌଦ୍ଧ ଜିଲାରେ ଲୋକ ଅଧିକ ସଂକ୍ରମିତ ହେଉଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ତାହା ଉପରେ ନଜର ରଖିଛି। ଏହି ଅଞ୍ଚଳରୁ ପ୍ରାୟ ୮୫ ପ୍ରତିଶତ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦମନ କାର୍ଯ୍ୟକ୍ରମ ଜାରି ରହିଥିବାବେଳେ ସୂଚନା ଓ ଲୋକସମ୍ପର୍କ ବିଭାଗ, ଜଙ୍ଗଲ ଓ ପରିବେଶ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସହିତ ମିଶି ମ୍ୟାଲେରିଆ ସଚେତନତା କାର୍ଯ୍ୟ କରାଯାଉଛି। ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ ପାଇଁ 'ମ୍ୟାଲେରିଆ ନୋ ମୋର୍ (ଏମ୍‌ଏନ୍‌ଏମ୍)' ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଏଥିସହ ପ୍ରାୟ ୪୮ ହଜାରରୁ ଅଧିକ ଆଶାକର୍ମୀ ଘରକୁ ଘର ବୁଲି ସଚେତନ କରିବା ସହିତ ଲୋକକଳା ମାଧ୍ୟମରେ ମଧ୍ୟ ବିଭିନ୍ନ ଅଞ୍ଚଳରେ ସଚେତନତା ଜାରି ରହିଛି।

### ଡ୍ରପ୍‌ଆଉଟ୍ ପିଲାଙ୍କୁ ନିଯୁକ୍ତିକ୍ଷମ କରାଯିବ

**ଭୁବନେଶ୍ୱର, ୨।୯(ଅସମାପିକା ସାହୁ):** ଡ୍ରପ୍ ଆଉଟ୍ ପିଲାଙ୍କୁ ନିଯୁକ୍ତିକ୍ଷମ କରାଯିବ। ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ ଟୁଲ୍ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର(ସିଟିସି)ରେ ସେମାନଙ୍କୁ ବିଭିନ୍ନ ଟ୍ରେଡ୍‌ରେ ତାଲିମ ଦିଆଯିବ। ଏ ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବାବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ବିଭାଗୀୟ ସଚିବ ଅଶ୍ୱଥୀ ଏସ୍. ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆୟାର ଶନିବାର ସିଟିସି କ୍ୟାମ୍ପସ ପରିଦର୍ଶନ କରି ପ୍ରାରମ୍ଭିକ ଆଲୋଚନା କରିଛନ୍ତି। ଏ ସମ୍ପର୍କରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ କହିଛନ୍ତି, ସିଟିସିରେ ବିଭିନ୍ନ ଦକ୍ଷତା ବିକାଶ ପାଠ୍ୟକ୍ରମ ରହିଛି। ତେଣୁ ଡ୍ରପ୍ ଆଉଟ୍ ପିଲାଙ୍କୁ ତାଲିମ୍ ପାଇଁ ଏହି ସେଣ୍ଟର ସହ ସହଭାଗିତା ଉପରେ ଗୁରୁତ୍ୱ ଦିଆଯାଉଛି। ଯେଉଁ ପିଲାମାନେ ମାଟ୍ରିକରେ ଫେଲ୍ ବା ଅଧାରୁ ପାଠ ଛାଡ଼ି ଦେଉଛନ୍ତି, ସେମାନଙ୍କୁ ସିଟିସିରେ ତାଲିମ ଦେବା ଉପରେ ଆଲୋଚନା ହୋଇଛି। ୩ ମାସିଆ କିମ୍ବା ୬ ମାସିଆ ପାଠ୍ୟକ୍ରମ ମାଧ୍ୟମରେ ସେମାନଙ୍କୁ ଏଠାରେ ତାଲିମ୍ ଦିଆଯାଇ ନିଯୁକ୍ତିକ୍ଷମ କରାଯିବ। ଏ ନେଇ ସିଟିସିର ପ୍ରଶିକ୍ଷଣ ମୁଖ୍ୟ କେ.ଏମ୍. ରାଜନ୍ କହିଛନ୍ତି, ଦଶମ ଡ୍ରପ୍ ଆଉଟ୍‌ଠାରୁ ଆରମ୍ଭ କରି ଇଞ୍ଜିନିୟରିଂ ପର୍ଯ୍ୟନ୍ତ ଏଠାରେ ବିଭିନ୍ନ ଦକ୍ଷତା ବିକାଶ ତାଲିମ ଦିଆଯାଉଛି। ଡ୍ରପ୍ ଆଉଟ୍ ପିଲାଙ୍କୁ ଚିହ୍ନଟ କରି ସେମାନଙ୍କ ଦକ୍ଷତା ବିକାଶ କରାଗଲେ ସେମାନେ ଆତ୍ମନିର୍ଭର ଓ ରୋଜଗାରକ୍ଷମ ହୋଇପାରିବେ।

# ସ୍ୱଚ୍ଛ ବାୟୁ ସର୍ବେକ୍ଷଣରେ ଅନୁଗୋଳ ଦେଶରେ ତୃତୀୟ

**ଅନୁଗୋଳ, ୨।୯(ଅମିତ କୁମାର ସାମଲ)**

**୭ରେ ଭୋପାଳରେ ମିଳିବ ପୁରସ୍କାର**

କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ କରାଯାଇଥିବା ସ୍ୱଚ୍ଛ ବାୟୁ ସର୍ବେକ୍ଷଣରେ ଅନୁଗୋଳ ପୌରପାଳିକା ଦେଶରେ ତୃତୀୟ ସ୍ଥାନ ଅଧିକାର କରିଛି। ଆସନ୍ତା ୭ ତାରିଖରେ ମଧ୍ୟପ୍ରଦେଶସ୍ଥିତ ଭୋପାଳର କୁଶବାହୁ ଠାକ୍‌ରେ ହଲ୍‌ରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ସହ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଅନୁଗୋଳ ପୌରପାଳିକାକୁ ଏହି ପୁରସ୍କାର ପ୍ରଦାନ କରିବେ। ତେବେ ଦେଶରେ ୧୩୧ଟି ସହର ଓ ରାଜ୍ୟର ୭ଟି ସହରକୁ ପଛରେ ପକାଇ ଅନୁଗୋଳ ପୌରପାଳିକା ଦେଶରେ ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ୨୦୨୩-୨୪ ଆର୍ଥିକ ବର୍ଷରେ ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ପାଇଁ ଗତ ଏକ ବର୍ଷ ଧରି ରାଜ୍ୟର କଟକ, ଭୁବନେଶର, ବାଲେଶ୍ୱର, ରାଉରକେଲା, କଳିଙ୍ଗନଗର, ତାଳଚେର ଓ ଅନୁଗୋଳରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଅନୁଧ୍ୟାନ ଚାଲିଥିଲା। ଏହି ପୌରପାଳିକାରେ ପାଖାପାଖି ୨୦ଟି ପର୍ଯ୍ୟାୟରେ ଅନୁଧ୍ୟାନ କରାଯାଇଥିଲା। ତେବେ ଅନୁଗୋଳ ପୌରପାଳିକାର ତତ୍କାଳୀନ ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକଙ୍କ ସମୟରେ ଏଫ୍‌ଏସ୍‌ଟିଭି ପ୍ଲାଣ୍ଟରେ ପାଣିକୁ ପୂର୍ବ ବ୍ୟବହାର କରାଯିବା ସହ ମେଶିନରେ ପୌରପାଳିକା ସଫେଇ, ଓ୍ୱିଙ୍କଲର ସାହାଯ୍ୟରେ ରାସ୍ତାରେ ପାଣି ସିଞ୍ଚନ ଆଦି କାର୍ଯ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସନ୍ତୁଷ୍ଟ ହୋଇଥିଲା। ଏଭଳି କି ସହରରେ ଥିବା ବିଭିନ୍ନ କ୍ଷେତ୍ରରେ ଅନୁଧ୍ୟାନ ପରେ ଅନୁଗୋଳ ସହରର ବାୟୁରେ ପ୍ରଦୂଷଣମାତ୍ରା କମ୍ ଥିବା ଜାଣିବାକୁ ପାଇଥିଲା। ତେଣୁ ଦେଶରେ ଅନୁଗୋଳ ସହର ତୃତୀୟ ସ୍ଥାନ ଅଧିକାର କରିଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁଗୋଳ ପୌରପାଳିକାକୁ ଚିଠି କରାଯାଇ ଅବଗତ କରାଯାଇଥିଲା। ଏଭଳି କି ଅନୁଗୋଳ ସହର ୨୦୦ ନମ୍ବରରୁ ୧୮୭.୫ ନମ୍ବର ରଖିଥିବା ଜଣାପଡ଼ିଛି।

## ନୀତି ରାଜନୀତି

# ଓଡ଼ିଶାରେ ଗଣତନ୍ତ୍ରର ମୃତ୍ୟୁ ହୋଇଛି: ଚେଲ୍ଲାକୁମାର


ଜନଜାଗରଣ ଯାତ୍ରାରେ ଯୋଗଦେଇଥିବା କଂଗ୍ରେସ ନେତା ଓ କର୍ମୀ।

**ବାଲିଗୁଡ଼ା,୨।୯(ସଞ୍ଜୟ କୁମାର ପାଣିଗ୍ରାହୀ)**

- ବାଲିଗୁଡ଼ାରେ କଂଗ୍ରେସର ଜନଜାଗରଣ ଯାତ୍ରା
- ସରକାରୀ ଅର୍ଥରେ ବିଜେଡି କର୍ମୀ ପୋଷଣ ଚାଲିଛି: ଶରତ

କନ୍ଧମାଳ ଜିଲା ବାଲିଗୁଡ଼ାଠାରେ ଶନିବାର ଆୟୋଜିତ କଂଗ୍ରେସର ଜନଜାଗରଣ ଯାତ୍ରାରେ ଦଳୀୟ ନେତାମାନେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏଥିରେ ଯୋଗଦେଇ ରାଜ୍ୟ ପ୍ରଭାରୀ ଏ. ଚେଲ୍ଲାକୁମାର କହିଛନ୍ତି, ଗତ ୨୩ ବର୍ଷ ଧରି କନ୍ଧମାଳକୁ ରାଜ୍ୟ ସରକାର ଲୁଟ୍ କରିଛନ୍ତି। ଏହାର ପ୍ରତିବଦଳରେ କିଛି ଦେଇନାହାନ୍ତି। ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ ବିପର୍ଯ୍ୟସ୍ତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ବଦଳରେ ସଚିବ ଜିଲା ଗସ୍ତ କରୁଛନ୍ତି। ଓଡ଼ିଶାରେ ଗଣତନ୍ତ୍ରର ମୃତ୍ୟୁ ହୋଇଛି। ବିଜେଡି -ଭାଜପାର ଭିତିରି ସମ୍ପର୍କ ପଦାରେ ପଡ଼ିଛି । ଗୋଟିଏ ଦେଶ, ଗୋଟିଏ ନିର୍ବାଚନ ସମ୍ଭବ ନୁହେଁ ବୋଲି ଚେଲ୍ଲାକୁମାର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ବିଜେଡି ଓ ଭାଜପା ଶାସନରେ ଓଡ଼ିଶା ତଳିତଳାନ୍ତ ହୋଇଗଲାଣି। ସରକାରୀ ଅର୍ଥରେ ବିଜେଡି କର୍ମୀ ପୋଷଣ ଚାଲିଛି। କେନ୍ଦ୍ରରେ ୯ ବର୍ଷ ଓ ରାଜ୍ୟରେ ୨୩ ବର୍ଷ ମିଛ ପ୍ରତିଶ୍ରୁତି ଦେଇ ଶାସନ କରୁଥିବା ଭାଜପା ଓ ବିଜେଡି ସରକାର ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଛନ୍ତି। ରାଜ୍ୟରେ ବର୍ତ୍ତମାନ ତାମିଲବାବୁ ଶାସନ ଚାଲିଛି। ଏଣିକି ଏହି ଶାସନ ଆଉ ଚାଲିବ ନାହିଁ। ଓଡ଼ିଶାରେ ଓଡ଼ିଆ ଲୋକଙ୍କ ଶାସନ ଚାଲିବ, ନ ହେଲେ ରାଜରାସ୍ତାରେ ବିରୋଧ କରାଯିବ। ମୁଖ୍ୟମନ୍ତ୍ରୀଙ୍କୁ ଅଣ୍ଡା ଫିଙ୍ଗିଲେ କଂଗ୍ରେସ କର୍ମୀଙ୍କୁ ୩୦୭ ଦଫା ଲାଗୁଛି। କିନ୍ତୁ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ଅଣ୍ଡାମାଡ଼ ହୋଇଥିବା ବେଳେ ସେମାନଙ୍କ ଉପରେ କିଛି କାର୍ଯ୍ୟାନୁଷ୍ଠାନ ନାହିଁ ବୋଲି ଶରତ କହିଛନ୍ତି।

ସମାବେଶ ପୂର୍ବରୁ ଗାନ୍ଧୀ ଛକଠାରୁ ଏକ ବିରାଟ ଶୋଭାଯାତ୍ରାରେ କଂଗ୍ରେସ ନେତା,କର୍ମୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ସଭାସ୍ଥଳ ନିକଟରେ ପହଞ୍ଚିଥିଲେ। ଜିଲା ସଭାପତି ଅନାମ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ରାଜ୍ୟ ପ୍ରଭାରୀ ଏ.ଚେଲ୍ଲାକୁମାରଙ୍କ ସମେତ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ, ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ, ବିଧାୟକ ସୁର ରାଉତରାୟ, ତାରା ପ୍ରସାଦ ବାହିନୀପତି, ରମେଶ ଜେନା, ଦାଶରଥି ଗମାଙ୍ଗ, ରାଜ୍ୟ ସଭାନେତ୍ରୀ ବନ୍ଦିତା ପରିଡ଼ା, ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ଅନୁସୂଚିତ ଜନଜାତି ଅଧ୍ୟକ୍ଷ ଭୁଜବଳ ମାଝି, ଅନୁସୂଚିତ ଜାତି ଅଧ୍ୟକ୍ଷ ବାଙ୍କନିଧି ବେହେରା, କନ୍ଧମାଳ ପ୍ରଭାରୀ ଜାନକୀ ବଲ୍ଲଭ ପଟ୍ଟନାୟକ, ବିସ୍ମୟ ମହାପାତ୍ର, ମାନସ ଚୌଧୁରୀ, ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ଜାକବ ପ୍ରଧାନ, ଅଜୟନ୍ତୀ ପ୍ରଧାନ, ପୂର୍ବତନ ଏମ୍‌ପି ନକୁଳ ନାୟକ, କୋଟଗଡ ବ୍ଲକ ଅଧ୍ୟକ୍ଷା ପିଙ୍କି କହଁର, ଜିଲା ପରିଷଦ ସଦସ୍ୟ ଜିରିମିୟ ସୁନାମାଝି, ବାଲିଗୁଡ଼ା ବ୍ଲକ ସଭାପତି ଆଇବର ନାୟକ, ନଗର ସଭାପତି ସ୍ୱପ୍ନେଶ୍ୱର ସାହୁଙ୍କ ସମେତ ଜିଲାର ସମସ୍ତ ବ୍ଲକର ନେତା ଓ ସହସ୍ରାଧିକ କର୍ମୀ ଯୋଗ ଦେଇଥିଲେ। ଏଥିସହ ବିଜେଡି ଓ ଭାଜପା ଛାଡି ପାଞ୍ଚ ଶହରୁ ଉର୍ଦ୍ଧ୍ୱ ନେତା ଓ କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ। ପୂର୍ବତନ ବିଧାୟିକା ଅଜୟନ୍ତୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ଏକ ଦେଶ-ଏକ ନିର୍ବାଚନ ସପକ୍ଷରେ ୱାଇଏସ୍‌ଆରସିପି ମହାସଚିବ ବିଜୟସାଇ ରେଡ୍ଡୀ

**ହାଇଦ୍ରାବାଦ,୨।୯ :** ୱାଇଏସ୍‌ଆର କଂଗ୍ରେସ ପାର୍ଟି (ୱାଇଏସଆରସିପି ) ସାଧାରଣ ସଚିବ ଭି. ବିଜୟସାଇ ରେଡ୍ଡୀ ଶନିବାର ଏକ ଦେଶ-ଏକ ନିର୍ବାଚନ ପ୍ରସ୍ତାବକୁ ସମର୍ଥନ କରିଛନ୍ତି। ସେ କହିଛନ୍ତି ଏହା ଦ୍ୱାରା ଦେଶର ହଜାର ହଜାର କୋଟି ଟଙ୍କା ସଞ୍ଚୟ ହୋଇପାରିବ। ରେଡ୍ଡୀ ଆନ୍ଧ୍ରପ୍ରଦେଶର ଶାସକ ଦଳର ରାଜ୍ୟସଭା ସଦସ୍ୟ ଅଛନ୍ତି। ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନେତୃତ୍ୱରେ ଏକ କମିଟି ଗଠନ ପରେ ରାଜ୍ୟସଭା ଏବଂ ଲୋକ ସଭା ପାଇଁ ଏକକାଳୀନ ନିର୍ବାଚନର ସମ୍ଭାବନାକୁ ଅନୁଧ୍ୟାନ କରିବା ପରେ ସେ ନିଜର ମତ ରଖିଛନ୍ତି। ଏକ ଦେଶ-ଏକ ନିର୍ବାଚନର ସଂକଳ୍ପରେ ଅନେକ ସକାରାତ୍ମକ ଦିଗ ରହିଛି। ରେଡ୍ଡୀ ସୋସିଆଲ ମିଡ଼ିଆରେ ପୋଷ୍ଟରେ ଏହା କହିଛନ୍ତି।

### ସଭାପତି ନିତ୍ୟ ସୁନ୍ଦର, କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର

**'ମୋ ଦଳ'ର ରାଜ୍ୟ କର୍ମକର୍ତ୍ତା ଘୋଷିତ**

**ଭୁବନେଶ୍ୱର,୨।୯(ଅନୁରାଧା ମହାରଣା)**

ରାଜ୍ୟରେ ନବଗଠିତ ରାଜନୈତିକ ଦଳ 'ମୋ ଦଳ'ର କାର୍ଯ୍ୟକାରିଣୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଧିବଦ୍ଧ ଭାବେ ରାଜ୍ୟ କର୍ମକର୍ତ୍ତା ଘୋଷଣା କରାଯାଇଛି। ସଭାପତି ଭାବେ ପ୍ରତିଷ୍ଠାତା ସଭାପତି ନିତ୍ୟ ସୁନ୍ଦର ଦାସ, କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର, ସଂଯୋଜକ କ୍ଷୀରୋଦ ରାଉତ ଓ ମହାସଚିବ ଭାବେ ପ୍ରଦୀପ ପ୍ରଧାନଙ୍କୁ ମନୋନୀତ କରାଯାଇଛି। ସେହିଭଳି ଦଳର ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଭାବେ ଶେଷଦେବ ନନ୍ଦ ଓ ଉପସଭାପତି ଭାବେ ବସନ୍ତ କୁମାର ସାହୁ, ରଣଜିତ ପଟ୍ଟନାୟକ, ରାଜେନ୍ଦ୍ର ମିଶ୍ର, ଡ. କୁଳମଣି ବାରିକ, ସାଧାରଣ ସମ୍ପାଦକ ଭାବେ ଅଶୋକ କୁମାର ମହାନ୍ତି, ସୋମନାଥ ରାଉତ, ଉମାକାନ୍ତ ଭାରତ, ରଶ୍ମିରଞ୍ଜନ ସ୍ୱାଇଁ ଏବଂ ସମ୍ପାଦକ ଭାବେ ପ୍ରସନ୍ନ କଅଁର, ଅରୁଣ କୁମାର ମହାପାତ୍ର, ଦେବୀ ପ୍ରସାଦ ମହାରଣା ପ୍ରମୁଖ ରହିଛନ୍ତି। କୋଷାଧ୍ୟକ୍ଷ ଭାବେ କୃଷକ ନେତା ନିମାଇଁ ରାୟ, ଯୁବଛାତ୍ର ସଂଗଠନ ଦାୟିତ୍ୱରେ ମନୱର ଅଲ୍ଲୀ ଓ ମହିଳା ସଂଗଠିକା ଭାବେ ସରୋଜିନୀ ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି।



> ପ୍ରତ୍ୟେକ ଧର୍ମର ସେହି ଗୋଟିଏ ସତ୍ୟ। ପୃଥିବୀରେ କେବେ କେବେ ଜଣେ ମହାନ୍ ଶିକ୍ଷାଦାତା ବା ଗୁରୁଙ୍କର ଆବିର୍ଭାବ ହୁଏ। ସେ ଏକ ଦିବ୍ୟସତ୍ୟକୁ ଏ ପୃଥିବୀ ଉପରକୁ ଓହ୍ଲାଇ ଆଣନ୍ତି। କିନ୍ତୁ ପରେ ପରେ ସାଧାରଣ ଲୋକେ ଏହାକୁ ଅଧିକାର କରିବସନ୍ତି- ଏଥିରେ ବ୍ୟବସାୟ କରନ୍ତି ଏବଂ ଏହାକୁ ନେଇ ଏକ ରାଜନୈତିକ ସଂସ୍ଥା ସୃଷ୍ଟି କରନ୍ତି। —ଶ୍ରୀମା

# ଅପରାଧ ଆଇନର ବିଫଳତା



ଆକାର ପଟେଲ

ମୋର ଏକ ଉପନ୍ୟାସ ଏଇ ମାସରେ ପ୍ରକାଶିତ ହୋଇଛି ଏବଂ ଏକ କାର୍ଯ୍ୟକ୍ରମ ବି ଅଛି ଯେଉଁଠି ବୟସବାଦୀ ଦୁନିଆରେ ସଂଶ୍ଳିଷ୍ଟ ରହି ଉପନ୍ୟାସ ଲେଖିବାର ଭୂମିକା ବିଷୟରେ ଆଲୋଚନା କରାଯାଉଛି। ପୂର୍ବରେ ରାହୁଲ ଗାନ୍ଧୀଙ୍କ ମାମଲାରେ ପ୍ରତିନିଧିତ୍ୱ କରୁଥିବା ଓକିଲମାନେ ମଧ୍ୟ 'ଥିଓରି ଅଫ୍ ସସ୍ପିସିଅନ' ବା 'ସନ୍ଦେହର ସିଦ୍ଧାନ୍ତ' ଶୀର୍ଷକ ଏକ କାଳ୍ପନିକ ଲେଖା ସମ୍ବଳିତ ପୁସ୍ତକ ପ୍ରକାଶ କରିଛନ୍ତି। କିରିଟ ପାନ୍ୱାଲା ଏବଂ ରୋହନ ପାନ୍ୱାଲା ଆଇନଜୀବୀ ଭାବେ ଅପରାଧିକ ପକ୍ଷରେ ଲଢୁଥିବା ସମୟର ଅଭିଜ୍ଞତାକୁ ଏହି କାହାଣୀରେ ବର୍ଣ୍ଣନା କରିଛନ୍ତି। ଏକାଧିକ ହତ୍ୟା ରହସ୍ୟ ହେଉଛି ପୁସ୍ତକର ମୂଳାଧାର ଏବଂ ଲେଖକଦ୍ୱୟ କହିଛନ୍ତି ଯେ, ସେମାନେ ବାସ୍ତବ ଘଟଣାରୁ ଲେଖିବାକୁ ପ୍ରେରଣା ପାଆନ୍ତି। ସେମାନଙ୍କ ଉପନ୍ୟାସ ସମ୍ପୂର୍ଣ୍ଣ ନିଆରା, କାରଣ ଭାରତରେ ଖୁବ୍ କମ୍ ବୃତ୍ତିଧାରୀ ବହି ଲେଖନ୍ତି ଏବଂ ଆହୁରି କମ୍ ସେମାନଙ୍କ କାର୍ଯ୍ୟକ୍ଷେତ୍ରର ଅଭିଜ୍ଞତାକୁ ନେଇ କାଳ୍ପନିକ ଲେଖା ଲେଖିଥାନ୍ତି। ମୋ ମତରେ ପାକିସ୍ତାନର ଦୁଇ ପ୍ରଧାନ ବିଚାରପତିଙ୍କ ଲିଖିତ ଆତ୍ମଜୀବନୀ, ଏମ୍‌ସି ଛାଗ୍ଲାଙ୍କ 'ରୋଜ୍ ଇନ୍ ଡିସେମ୍ବର' ଏବଂ ଏମ୍‌ସି ସିତଲଭାଦଙ୍କ ଜୀବନ ଚରିତରେ ସେମାନଙ୍କ ନ୍ୟାୟିକ ବୃତ୍ତିକୁ ନେଇ ଅଧିକ କିଛି ନାହିଁ। ଏହି କାରଣରୁ ଯେଉଁ ଲେଖକମାନେ (ପାନ୍ୱାଲା) ମର୍ଡର ରହସ୍ୟକୁ ଲେଖାରେ ଧ୍ୟାନ ଦେଇ ପୋଲିସର କାର୍ଯ୍ୟଧାରା ଉପରେ ଏକ ସୂକ୍ଷ୍ମଦୃଷ୍ଟି ଦେଇଛନ୍ତି, ନ୍ୟାୟପାଳିକା ପ୍ରତି ରାଜ୍ୟ ପ୍ରୋଟୋକଲ୍ କ'ଣ, ଆଇନଜୀବୀଙ୍କ ଆଚରଣ ଏବଂ ଉପଚାରଭରତା ପାଇଁ କିଛି ଟିପ୍ସ ବିଷୟରେ ଆମକୁ ବିସ୍ତୃତ ଭାବେ ସୂଚିତ କରିଛନ୍ତି, ସେମାନଙ୍କ ପ୍ରତି ଆମେ କୃତଜ୍ଞ ରହିବା ଦରକାର। କେବଳ ଏଗୁଡ଼ିକ ପାଇଁ ହିଁ ପୁସ୍ତକ ପାଠ୍ୟଯୋଗ୍ୟ। ତେବେ ହତ୍ୟା ରହସ୍ୟ ବାହାରେ ପାନ୍‌ୱାଲା ନ୍ୟାୟ ଏବଂ ନବସୃଜନ ବିଷୟରେ ଉଲ୍ଲେଖ କରିଛନ୍ତି। ସେମାନେ ଜଣେ ବିଚାରପତିଙ୍କୁ ନେଇ କାହାଣୀ ଆରମ୍ଭ କରିଛନ୍ତି, ଯିଏ ତଥାକଥିତ ସାଧାରଣ ଆଇନକୁ ଅସ୍ୱୀକାର କରିବା ସହ ଇଚ୍ଛା ଅନୁଯାୟୀ ବିଚାର ଆରମ୍ଭ କରିବାର ସିଦ୍ଧାନ୍ତ ବିକଶିତ କରିଛନ୍ତି, ଯାହାକୁ ରହସ୍ୟମୟ ଏବଂ ସମାନ ଭାବେ ଏକ 'ଦୋଷ' ଭାବେ ବର୍ଣ୍ଣନା କରାଯାଇପାରେ। ସାମ୍ପ୍ରତିକ ସମୟରେ ଆମ ଦେଶର ବ୍ୟାପକ ଅଞ୍ଚଳରେ ନ୍ୟାୟିକ ଦୃଷ୍ଟିକୋଣରେ ଏହି ସିଦ୍ଧାନ୍ତ ପ୍ରତିଫଳିତ ହେଉଛି। ଆଧୁନିକ ଅପରାଧ ନ୍ୟାୟ ବ୍ୟବସ୍ଥା ଅଭିଯୁକ୍ତମାନଙ୍କ ଅଧିକାରକୁ ନେଇ ପରିକଳ୍ପନା କରାଯାଇଥିବାବେଳେ ଅପରାଧ ମାମଲାରେ କ୍ଷମତା ଦେଶ ପାଖରେ ଅତ୍ୟଧିକ ରହିଛି। ସରକାର ପୋଲିସକୁ ନିୟନ୍ତ୍ରଣ କରନ୍ତି, ବିଚାରପତିଙ୍କ ନିଯୁକ୍ତି ଏବଂ ବଦଳି ଉପରେ ଏହାର ଭିଟୋ ଅଛି। ଏହା ମଧ୍ୟ ବିଚାର ପ୍ରକ୍ରିୟାକୁ ପରିଚାଳନା କରିବା ସହ ବନ୍ଦୀକରି ଜେଲରେ ରଖିପାରନ୍ତି। ତୁଳନାତ୍ମକ ଭାବେ ଅଭିଯୁକ୍ତର କୌଣସି କ୍ଷମତା କିମ୍ବା ଏଜେନ୍ସି ନାହିଁ।

ଖରାପ ଲୋକଙ୍କୁ ଦଣ୍ଡଦେବା ଲାଗି ଦେଶର କ୍ଷମତା ରହିବା ଉଚିତ ବୋଲି ଭାବୁଥିବା ସଂଖ୍ୟାଧିକ ଲୋକଙ୍କୁ ସମ୍ଭବତଃ ଏହା ଆଶ୍ଚର୍ଯ୍ୟ କରିବ। ୨୦୦୭ ରେ, ସାର୍ବଜନୀନ ବ୍ୟବସ୍ଥା ଉପରେ ପ୍ରଶାସନିକ ସଂସ୍କାର ଆୟୋଗର ପଞ୍ଚମ ରିପୋର୍ଟ ଏପିଜେ ଅବଦୁଲ କଲାମଙ୍କ ଉଦ୍ଧୃତି ସହିତ ଆରମ୍ଭ ହୋଇଥିଲା। ସେଥିରେ ଉଲ୍ଲେଖ ରହିଥିଲା ଯେ, ବିଭିନ୍ନ କାରଣରୁ ଆପରାଧିକ ନ୍ୟାୟରେ ବିଳମ୍ବ ହେତୁ ଯଦି ସମାଜରେ ପ୍ରକୃତ ଅପରାଧୀମାନେ ବର୍ଷ ବର୍ଷ ଧରି ଦଣ୍ଡବିଧାନ ବାହାରେ ରହିଯାଆନ୍ତି, ତେବେ ପ୍ରକୃତରେ ଆପରାଧିକ କାର୍ଯ୍ୟରେ ଅତ୍ୟଧିକ ଲୋକ ଜଡ଼ିତ ହେବେ। 'ପ୍ରକୃତ ଅପରାଧୀ' ବିରୋଧରେ ଦେଶର ଦଣ୍ଡବିଧାନ ଏକ ନ୍ୟାୟପୂର୍ଣ୍ଣ ସମାଜ ସୃଷ୍ଟିକରେ ; ଏଭଳି ଧାରଣାକୁ ଆଧାରକରି ଯେଉଁମାନେ ମୃତ୍ୟୁଦଣ୍ଡ ବା ଫାଶୀ ଦାବି କରନ୍ତି ସେମାନଙ୍କ ପାଇଁ ଏହା ଯୁକ୍ତିଯୁକ୍ତ। ଏହି ମନୋଭାବ, ଏହି ମାନସିକତା କାରଣରୁ ସ୍ୱାଧୀନ ଭାରତ ଅଭିଯୁକ୍ତଙ୍କ ବିରୋଧରେ ଦେଶକୁ ଅଧିକ କ୍ଷମତା ଦେବା ପାଇଁ ଆଇନକୁ କଡ଼ାକଡ଼ି କରିଛି ଏବଂ ଉପନିବେଶିକ ଯୁଗର ଆଇନକୁ ଅଗ୍ରାହ୍ୟ କରିନାହିଁ, ବରଂ ସେଗୁଡ଼ିକୁ ଆହୁରି କଠୋର କରିଛି। ରୌଲାଟ୍ ଆଇନକୁ ବିରୋଧ କରିବାକୁ ଜାଲିଆନାୱାଲାବାଗରେ ଲୋକେ ସମବେତ ହୋଇଥିବା ବେଳେ ଗଣହତ୍ୟା ଘଟଣା ଘଟିଥିଲା। ଏହି ଆଇନ ବିନା ବିଚାରରେ ଅଟକ ରଖିବାକୁ ସରକାରଙ୍କୁ କ୍ଷମତା ଦେଇଥିଲା। ଖୁବ୍ କମ୍ ଲୋକ ଜାଣିଥିବେ ଯେ ଏହି ନିୟମ କେବେ ପ୍ରୟୋଗ କରାଯାଇ ନ ଥିଲା ବରଂ ଏହାକୁ ବାତିଲ କରାଯାଇଥିଲା। କିନ୍ତୁ ଆଜି ଭାରତର ପ୍ରତ୍ୟେକ ରାଜ୍ୟରେ ରୌଲାଟ୍ ଆଇନଠାରୁ ଖରାପ ଆଇନ ଅଛି, ଯାହା ବଳରେ ଲୋକମାନଙ୍କୁ ବିନା ବିଚାର ଏବଂ ଅପରାଧରେ ଜେଲରେ ଅଟକ ରଖାଯାଉଛି। ତେବେ ଏହି କଠୋରତା ଅପରାଧ ରୋକିବାରେ ପ୍ରଭାବୀ ସାବ୍ୟସ୍ତ ହୋଇଛି କି? କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ତଥ୍ୟରୁ ଜଣାପଡ଼ିଛି ଯେ, ଏଥିରେ ଆମେ ସଫଳ ହୋଇନାହୁଁ। ୧୯୬୧ରେ ଆଇପିସି କେସ୍‌ରେ ଦୋଷୀ ସାବ୍ୟସ୍ତ ହାର ଥିଲା ୬୪.୮%। ୨୦୦୪ରେ ଏହା ଥିଲା ୪୨.୪%। ୨୦୧୭ରେ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ତଥ୍ୟ ସ୍ପଷ୍ଟ କରିଛି ଯେ, ଭାରତରେ ମର୍ଡର କେସ୍‌ରେ ଦୋଷୀ ହାର ୪୩%। ବଳାତ୍କାର ପାଇଁ ଏହା ୩୨%, ଅପହରଣ ଲାଗି ୨୬%। ଏହାସହ ଏସିଡ୍ ଆକ୍ରମଣରେ ଆହତ ହେବା ଘଟଣାରେ ଦୋଷୀ ହାର ୨୯% ଥିବାବେଳେ ଦଙ୍ଗା ମାମଲାରେ ଏହା ମାତ୍ର ୨୦%। ବାସ୍ତବରେ ପୂର୍ବତନ ରାଷ୍ଟ୍ରପତି ଯାହା ଚାହିଁଥିଲେ କଠୋର ଆଇନରୁ ସେଭଳି ପରିଣାମ ମିଳିନାହିଁ।

ଏଠାରେ ନିର୍ଦ୍ଦୋଷରେ ମୁକ୍ତ ହେବାର ଆଉ ଏକ କାହାଣୀ ଅଛି। ଅପରାଧ ଆଇନର ଜୀବନ ନଷ୍ଟ କରିବାର ଶକ୍ତି ଅଛି ଏବଂ ଏଥିପାଇଁ ଏହାକୁ ବ୍ୟବହାର କରିବାକୁ ହେଲେ ଏଥିପ୍ରତି ସତର୍କ ରହିବା ଓ ଏହାର ମୂଲ୍ୟାୟନ କରିବା ସହ ଯାଞ୍ଚ କରିବା ଆବଶ୍ୟକ। ବେପରୁଆ ଭାବେ ଲଗାତର ଏହାକୁ ପ୍ରୟୋଗ କରାଯିବା ଉଚିତ ନୁହେଁ। କିନ୍ତୁ ଦୁର୍ଭାଗ୍ୟଜନକ ଯେ, ଆମ ଦେଶରେ ଏଭଳି କରାଯାଉଛି। ବିଚାରପତି ଏବଂ ତାଙ୍କ ପରିବାର ବିଷୟରେ ପାନ୍‌ୱାଲାଙ୍କ କାହାଣୀ ପଢ଼ିବାବେଳେ ଏହିସବୁ ଚିନ୍ତାଧାରା ପ୍ରତିଫଳିତ ହୁଏ। ସେମାନଙ୍କ କାହାଣୀର ବିଚାରପତି ହେଉଛନ୍ତି କାଳ୍ପନିକ, କିନ୍ତୁ ଯେତେବେଳେ ଅସାଧୁ ବିଷୟ ଆସୁଛି ସେତେବେଳେ ତାଙ୍କର ବାସ୍ତବ ଜୀବନ ସହ ତାହାର ସମାନତା ରହୁଛି। କାଳ୍ପନିକ ହେଲେ ବି ବାସ୍ତବତା ମଧ୍ୟରେ ଏହି ଉପନ୍ୟାସ ଲେଖାଯାଇଛି। ଏହି କାରଣରୁ ମୋ ପାଇଁ ପୁସ୍ତକ ସନ୍ତୋଷଜନକ ଥିଲା।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | 6 | 8 | | | | | | |
| | | | | | 1 | | | |
| 2 | | | | | | | 5 | 6 |
| | 2 | | 6 | | | 8 | | |
| 4 | | | | | | | | 1 |
| | 8 | | | 4 | 3 | 7 | 2 | |
| 5 | | | | | 7 | | | |
| | | 1 | | | 5 | | | |
| | | 3 | | | | | 1 | 4 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 6 | 7 | 3 | 4 | 2 | 8 | 5 |
| 7 | 4 | 3 | 2 | 5 | 8 | 9 | 1 | 6 |
| 2 | 5 | 8 | 1 | 6 | 9 | 3 | 7 | 4 |
| 3 | 2 | 1 | 9 | 4 | 7 | 6 | 5 | 8 |
| 8 | 7 | 9 | 6 | 1 | 5 | 4 | 2 | 3 |
| 5 | 6 | 4 | 3 | 8 | 2 | 7 | 9 | 1 |
| 6 | 8 | 2 | 4 | 9 | 1 | 5 | 3 | 7 |
| 4 | 1 | 7 | 5 | 2 | 3 | 8 | 6 | 9 |
| 9 | 3 | 5 | 8 | 7 | 6 | 1 | 4 | 2 |

ଗତ କାଲିର ଉତ୍ତର

# ଦେଶର ନେତା, ସ୍ୱୟଂ ଜନତା



ସୌଭାଗ୍ୟ ସୁନ୍ଦରରାୟ

୧୯୭୫ ମସିହା ଜୁନ ମାସରେ ଦେଶରେ ଜରୁରୀ ପରିସ୍ଥିତି ଜାରି କରାଯାଇଥିଲା। ବହୁ ସଂଖ୍ୟକ ଆନ୍ଦୋଳନକାରୀ ରାଜନୈତିକ ନେତୃବୃନ୍ଦଙ୍କୁ ଏମ୍‌ଆଇଏସ୍‌ଏ ଓ କୋଫେପୋସା ଆଇନ ବଳରେ ଗିରଫ କରାଯାଇ ବନ୍ଦୀ କରାଗଲା। ସାଧାରଣ ନାଗରିକଙ୍କ ମୌଳିକ ଅଧିକାର ଅପହରଣ କରିନିଆଗଲା। ଏହି ସମୟରେ ଦେଶର ଶାସନ କ୍ଷମତାରେ ଥିଲା କଂଗ୍ରେସ ଦଳ ଓ ପ୍ରଧାନମନ୍ତ୍ରୀ ଥିଲେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ। ଆଭ୍ୟନ୍ତରୀଣ ନିରାପତ୍ତା, ପ୍ରଶାସନିକ ସ୍ଥିରତା ଓ ଶାନ୍ତି ବାଧାପ୍ରାପ୍ତ ହେବା ଆଶଙ୍କା କରି ଜରୁରୀ ପରିସ୍ଥିତି ଜାରି କରାଯାଇଥିଲା। ୨ ବର୍ଷ ପରେ ୧୯୭୭ ମସିହାରେ ଜରୁରୀ ଘୋଷଣାନାମା ପ୍ରତ୍ୟାହାର କରିନିଆଗଲା। କିନ୍ତୁ ପରବର୍ତ୍ତୀ ନିର୍ବାଚନରେ ଇନ୍ଦିରା ଗାନ୍ଧୀ ଭୋଟରଙ୍କ ଦ୍ୱାରା କ୍ଷମତାଚ୍ୟୁତ ହେଲେ। ଜରୁରୀ ପରିସ୍ଥିତିକୁ କଂଗ୍ରେସ ବିରୋଧୀ ରାଜନୈତିକ ଦଳ କଳା ଘଟଣା ଭାବେ ପାଳନ କରିଆସୁଛନ୍ତି। ଅନୁରୂପ ଭାବେ ଦେଖିଲେ ଜରୁରୀ ପରିସ୍ଥିତି ପରି ଗତ କିଛିବର୍ଷ ହେଲା ପିଏମ୍‌ଏଲ୍‌ଏ, ବିପର୍ଯ୍ୟୟ ପରିଚାଳନା ଆଇନ, ଦେଶଦ୍ରୋହ ଆଇନ ବଳରେ ଅନେକ ବ୍ୟକ୍ତିଙ୍କ ନାମରେ ମାମଲା ଦାଏର କରାଯାଉଛି, ରାଜନେତାଙ୍କୁ ଗିରଫ କରାଯାଉଛି। ଦେଶଦ୍ରୋହ ଆଇନ ଦ୍ୱାରା ସାଧାରଣ ଜନତାଙ୍କ ମୌଳିକ ଅଧିକାର କ୍ଷୁଣ୍ଣ କରାଯାଉଛି। ରାଜ୍ୟ କ୍ଷମତାକୁ ଉପେକ୍ଷା କରାଯାଇ ସିବିଆଇ ତଦନ୍ତ କରାଯାଉଛି। ଫଳରେ ଅନେକ ରାଜ୍ୟ ସରକାର ସିବିଆଇ ନିକଟରୁ ତଦନ୍ତ କ୍ଷମତା ପ୍ରତ୍ୟାହାର କରି ନେଇଛନ୍ତି। ଗତ ୮ ବର୍ଷରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପ୍ରାୟ ୫,୦୦୦ ମାମଲା ଦାଏର କରିଛି, ୪୦୦ ବ୍ୟକ୍ତିଙ୍କୁ ଗିରଫ କରିଛି। ଏହି ମାମଲାରେ ଦଣ୍ଡବିଧାନ ହାର ରହିଛି ୦.୪୨%।

୨୦୧୬ ନଭେମ୍ବର ୮ ରାତିରେ ଅଚାନକ ଭାବେ ଦେଶରେ ବିମୁଦ୍ରୀକରଣ ଘୋଷଣା କରାଗଲା। ୫୦୦ ଓ ୧୦୦୦ ଟଙ୍କିଆ ନୋଟ ଅଚଳ ଘୋଷଣା କରାଗଲା। ପ୍ରଧାନମନ୍ତ୍ରୀ ଆକସ୍ମିକ ଭାବେ ଏହି ଘୋଷଣା କରିଥିଲେ। ଫଳରେ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଲେ। ବିମୁଦ୍ରୀକରଣ ଦ୍ୱାରା ଦେଶରୁ କଳାଟଙ୍କା ରାଜକୋଷକୁ ଫେରିବ ଓ ଦେଶରୁ ଆତଙ୍କବାଦୀ କାର୍ଯ୍ୟକଳାପ ଲୋପ ପାଇବ ବୋଲି କୁହାଗଲା। କିନ୍ତୁ ତାହା ବାସ୍ତବରେ ଫଳିଲା ନାହିଁ। ଏହାପରେ ୨୦୦୦ ଟଙ୍କିଆ ନୋଟ ପ୍ରଚଳନ କରାଯାଇ ଏବେ ଏହାକୁ ପ୍ରତ୍ୟାହାର କରାଗଲାଣି। ରାଜ୍ୟ ସରକାରଙ୍କୁ ଉପେକ୍ଷା କରି କେନ୍ଦ୍ର ସରକାର ୨୦୨୦ରେ ନୂଆ କୃଷି ଆଇନ ପ୍ରଣୟନ କଲେ। ଏହା ବିରୋଧରେ ଚାଷୀ ଦୀର୍ଘ ବର୍ଷେ ଆନ୍ଦୋଳନ କଲେ। କୃଷି ଆଇନକୁ ବିରୋଧ କରି କେରଳ, ଛତିଶଗଡ଼, ରାଜସ୍ଥାନ ଓ ଦିଲ୍ଲୀ ସରକାର ବିଧାନସଭାରେ ପ୍ରସ୍ତାବ ଗ୍ରହଣ କଲେ। ଅର୍ଥାତ୍ କେନ୍ଦ୍ରର କୃଷି ଆଇନକୁ ଅଚଳ କରିବାର ଅଧିକାର ରାଜ୍ୟ ସରକାରର ରହିଛି ବୋଲି ଏଥିରୁ ପ୍ରମାଣିତ ହେଲା। ଶେଷକୁ ଏହି ଆଇନ ପ୍ରତ୍ୟାହାର ବିଷୟ ପ୍ରଧାନମନ୍ତ୍ରୀ ନିଜେ ଘୋଷଣା କଲେ। ଉପରୋକ୍ତ ସମସ୍ତ ଘଟଣାକୁ ଏକଚ୍ଛତ୍ରବାଦୀ ମାନସିକତା ବା ଏକତରଫା ନିଷ୍ପତ୍ତି ସହ ତୁଳନା କରାଯାଇପାରେ।



ଶାସନ କ୍ଷମତାରେ ଥିବା ଦଳ ନିଜକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ଅନ୍ୟକୁ ଦୋଷୀ ଦର୍ଶାଇବା ପଛରେ ରାଜନୈତିକ ଅଭିଳାଷ ରହିଥାଏ। ଅନ୍ୟର ଦୋଷତ୍ରୁଟି ଦର୍ଶାଇବା ସମୟରେ ନିଜର ଦୋଷତ୍ରୁଟି ଭୁଲି ଯାଇଥାଆନ୍ତି। କ୍ଷମତାସୀନ ଦଳ ପୂର୍ବ ସରକାରଙ୍କ ଦୋଷ ସର୍ବଦା ପ୍ରକାଶ କରିଥାଆନ୍ତି। ବିଭିନ୍ନ ପ୍ରସଙ୍ଗକୁ ନେଇ ରାଜନୈତିକ ଦଳ ପରସ୍ପର ପ୍ରତି ଆକ୍ଷେପ ପ୍ରତିଆକ୍ଷେପରେ ଜଡ଼ିତ ରୁହନ୍ତି। ସେମାନଙ୍କ ମତ ଓ ବିଚାରଧାରା ସାଧାରଣ ଜନତାଙ୍କ ଉପରେ ଲଦି ଦଳ ସପକ୍ଷରେ ଭୋଟରଙ୍କୁ ପ୍ରଭାବିତ କରିଥାଆନ୍ତି। ତେବେ କାଦୁଅ ଫୋପଡ଼ାର ମଧ୍ୟ ଲକ୍ଷ୍ମଣରେଖା ରହିବା ଆବଶ୍ୟକ। ପଶ୍ଚିମବଙ୍ଗରେ ପଞ୍ଚାୟତ ନିର୍ବାଚନ ହିଂସା ହେଲା, ମଣିପୁରରେ ମଧ୍ୟ ଜାତିଆଣ ସଂଘର୍ଷ ଜାରି ରହିଛି। ୟୁରୋପୀୟ ପାର୍ଲାମେଣ୍ଟରେ ମଣିପୁର ପ୍ରସଙ୍ଗ ଆଲୋଚିତ ହେଲା। ତେବେ ଏହି ହିଂସା କବଳରୁ କିପରି ମୁକ୍ତି ପାଇ ସାଧାରଣ ନାଗରିକର ଜୀବନ ସୁରକ୍ଷିତ କରିହେବ ସେ ସମ୍ପର୍କରେ ପ୍ରଥମେ ଚିନ୍ତା କରାଯିବା ଆବଶ୍ୟକ। ରାଜନୈତିକ ଦୃଷ୍ଟିକୋଣରୁ ଆକ୍ଷେପ ପ୍ରତିଆକ୍ଷେପ ଦ୍ୱାରା ନାଗରିକ ଜୀବନ ସୁରକ୍ଷିତ ହୋଇପାରିବ ନାହିଁ। ୨୦୧୩ ମସିହା ଶେଷବେଳକୁ ଦେଶରେ ଦରଦାମ ବ୍ୟାପକ ଭାବେ ବୃଦ୍ଧି ପାଇଲା। ପିଆଜ ଦର କିଲୋଗ୍ରାମ ପିଛା ୧୦୦ ଟଙ୍କାରେ ପହଞ୍ଚିଲା। ପରବର୍ଷ ଜନତାଙ୍କ ଦ୍ୱାରା ମନମୋହନ ସିଂହ କ୍ଷମତାରୁ ଗଲେ। ଚଳିତବର୍ଷ ଦେଶରେ ଟମାଟୋ ଦଳ ୨୦୦ ଟଙ୍କା ଓ ଅଦା ୩୦୦ ଟଙ୍କାରେ ପହଞ୍ଚିଛି। ପିଆଜ ଦର ବୃଦ୍ଧି ପାଇବାରେ ଲାଗିଛି।

ବାବ୍ରୀ ମସ୍‌ଜିଦ୍ ଧ୍ୱଂସ ଦେଶର ଅନ୍ୟ ଏକ ଘଟଣା କଳା ଦିବସ ଭାବେ ପାଳିତ ହେଉଛି। ଅଯୋଧ୍ୟାରେ ଥିବା ପରିତ୍ୟକ୍ତ ବାବ୍ରୀ ମସ୍‌ଜିଦ୍‌କୁ ବିଶ୍ୱ ହିନ୍ଦୁ ପରିଷଦ କର ସେବକମାନେ ୧୯୯୨ ଡିସେମ୍ବର ମାସରେ ଧ୍ୱଂସ କରିଥିଲେ। ଏହାଦ୍ୱାରା ବିଶ୍ୱରେ ଭାରତର ଧର୍ମନିରପେକ୍ଷ ଭାବମୂର୍ତ୍ତି ନଷ୍ଟ ହୋଇଥିଲା। ଅଣ-ଭାଜପା ଦଳ ଏହି ଦିନକୁ କଳା ଦିବସ ଭାବେ ପାଳନ କରୁଛନ୍ତି। କହିବାର ତାତ୍ପର୍ଯ୍ୟ ଯେ, ବର୍ତ୍ତମାନ ସମୟରେ ଜରୁରୀ ପରିସ୍ଥିତି ବା ବାବ୍ରୀ ମସଜିଦ୍ ପ୍ରସଙ୍ଗ ଉଠାଇ କଳା ଦିବସ ପାଳନ କରିବାର କିଛି ଯଥାର୍ଥତା ନାହିଁ। ଗୋଧ୍ରା ଦଙ୍ଗା ମଧ୍ୟ ଭାରତ ଇତିହାସରେ ଅନ୍ୟ ଏକ କଳା ଘଟଣା। ୨୦୦୨, ଫେବୃୟାରୀ ୨୭ ତାରିଖରେ ଏହି ଘଟଣା ଘଟିଥିଲା। ଦଙ୍ଗାରେ ୧୦୦୦ରୁ ଅଧିକ ଜନତା ପ୍ରାଣ ହରାଇବା ସହ ବହୁ ନିଖୋଜ ହୋଇଥିଲେ। ଏହି ସମୟରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବା ନରେନ୍ଦ୍ର ମୋଦିଙ୍କୁ ରାଜଧର୍ମ ପାଳନ କରିବାକୁ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଚେତାଇ ଦେଇଥିଲେ।

୧୯୭୮ରେ ମୁସ୍‌ଲିମ ସମ୍ପ୍ରଦାୟର ମହିଳା ଶାହା ବାନୋ ଛାଡ଼ପତ୍ର ବାବଦକୁ ଭରଣପୋଷଣ ଦାବି କରି ଅଦାଲତରେ ଏକ ମାମଲା ଦାଏର କଲେ। ଇନ୍ଦୋରର ନିମ୍ନ ଅଦାଲତ ଛାଡ଼ପତ୍ର ବାବଦକୁ ମାସିକ ୨୦ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଲେ। ମଧ୍ୟପ୍ରଦେଶ ହାଇକୋର୍ଟ ଏହାକୁ ୧୭୯ ଟଙ୍କାକୁ ବୃଦ୍ଧି କରିଥିଲେ। ଏହି ସମୟରେ ସମ୍ବିଧାନର ଧାରା ୪୪ କଥା ଉଠିଥିଲା। ଏହି ମାମଲା ମୁସ୍‌ଲିମ ପର୍ସନାଲ ଆଇନ ଅନ୍ତର୍ଭୁକ୍ତ ହୋଇଥିବାରୁ ମୁସ୍‌ଲିମ ଭୋଟରଙ୍କ ରୋଷର ଶିକାର ହେବା ଭୟରେ ରାଜୀବ ଗାନ୍ଧୀ ନେତୃତ୍ୱାଧୀନ ସରକାର ୧୯୮୬ ରେ ପାର୍ଲାମେଣ୍ଟରେ ମୁସ୍‌ଲିମ ମହିଳା ସୁରକ୍ଷା ଓ ଅଧିକାର ଆଇନ ଆଣି ଅଦାଲତର ପ୍ରଗତିଶୀଳ ରାୟକୁ ଏକପ୍ରକାର ଅକାମୀ କରିଦେଲେ। ଅନୁରୂପ ଭାବେ ନିର୍ବାଚିତ ସରକାରଙ୍କୁ ଦିଲ୍ଲୀର ଅମଲାତାନ୍ତ୍ରିକ ନିୟନ୍ତ୍ରଣ କ୍ଷମତା ପ୍ରଦାନ ପାଇଁ ସୁପ୍ରିମକୋର୍ଟ ରାୟ ପ୍ରଦାନ କରିଥିଲେ ମଧ୍ୟ କେନ୍ଦ୍ର ସରକାର ଆଇନ ବଳରେ ଏହି ରାୟକୁ ଅକାମୀ କରି ଦେଇଛନ୍ତି। ଉଭୟ କ୍ଷେତ୍ରରେ ମାନସିକତା ଏକା। ଏହାକୁ ସାଧାରଣ ଜନତା ନିରୀକ୍ଷଣ କରୁଛନ୍ତି। ଏଣୁ ଜନତାଙ୍କୁ ସବୁ ସମୟ ପାଇଁ ଠକି ହେବ ନାହିଁ।

୧୯୭୫ ବା ୧୯୯୨ ରେ କ'ଣ ହୋଇଥିଲା ତାହା ସର୍ବସାଧାରଣରେ ବାରମ୍ବାର ଆଲୋଚନା ଦ୍ୱାରା ଭାରତୀୟ ରାଜନୀତିର ଏକ ନକାରାତ୍ମକ ଦିଗ ସର୍ବସମ୍ମୁଖକୁ ଆସୁଛି। କ୍ଷମତାସୀନ ରାଜନୈତିକ ଦଳ ଭାବୁଥାଆନ୍ତି ସେମାନେ ଯାହା କରନ୍ତି ତାହା ଠିକ୍। କିନ୍ତୁ ଏହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ। ସେମାନେ ଦେଶ ପାଇଁ ଯେ ସମ୍ପୂର୍ଣ୍ଣ ସମର୍ପିତ ତାହା ମଧ୍ୟ ସମ୍ପୂର୍ଣ୍ଣ ଠିକ୍ ନୁହେଁ। ଦେଶ ଜନତାଙ୍କର ଏବଂ ଜନତାଙ୍କ ଦ୍ୱାରା ଓ ଜନତାଙ୍କ ପାଇଁ ଚାଲିଛି। ସ୍ୱାଧୀନୋତ୍ତର ଭାରତ ବର୍ଷରେ ଏହିପରି ଅନେକ ଘଟଣା ଘଟିଯାଇଛି, ଯାହା କେତେବେଳେ ଭାରତର ଧର୍ମନିରପେକ୍ଷ ଭାବମୂର୍ତ୍ତିକୁ ମଳିନ କରିଛି। ଏଣୁ ରାଜନୀତିରେ ରାଜଧର୍ମ ପାଳନ କରି ଆଚରଣରେ ପରିବର୍ତ୍ତନ କରାଗଲେ ଭାରତୀୟ ଗଣତନ୍ତ୍ର ଅଧିକ ଋଦ୍ଧିମନ୍ତ ହୋଇପାରିବ।

ମୋ: ୯୪୩୭୨୨୯୨୩୩

# ଅସହାୟଙ୍କ ଆଲୋକବର୍ତ୍ତିକା

ଜାଣିଥିଲେ ତାଙ୍କ ପୁଅ ଦିନେ ବଡ଼ ନାମ ଅର୍ଜନ କରିବ। ମୋ ସ୍ୱାମୀ ଓ ମୁଁ ସର୍ବଦା ଚାହିଁ ଆସିଥିଲୁ ପୁଅ ଡାକ୍ତର ହେଉ। ଏହି ବୃତ୍ତିରେ ରହିଲେ ସେ ସାଧାରଣ ଲୋକଙ୍କ ସେବା କରିପାରିବ। ପିଲାଟିବେଳୁ ସେ ଅତି ନମ୍ର ସ୍ୱଭାବର ଥିଲା ଓ ନିଜ କାର୍ଯ୍ୟ ପ୍ରତି ଉତ୍ସର୍ଗୀକୃତ ରହିଆସିଛି। କୌଣସି ମାନ୍ୟତା ପାଇଲେ ସେ କଦାପି ଅତି ଖୁସି ହୁଏନା। ଯେତେବେଳେ ଯେଉଁ ସମ୍ମାନ ପାଇଛି ତାହା ଦ୍ୱାରା ଉତ୍ସାହିତ ହୋଇ ଲୋକଙ୍କୁ ଅଧିକ ସେବା ଯୋଗାଇ ଦେବା ପାଇଁ ଆଶାନ୍ୱିତ ହୋଇଛି। ଆମେ ଏକ ସାଧାରଣ ଦକ୍ଷିଣ ଭାରତୀୟ ନିରାମିଷ ପରିବାରରୁ ଆସିଛୁ ଓ ଏବେ ଦେଶର ଏକ ସୁନ୍ଦର ସ୍ଥାନରେ ବାସ କରୁଛୁ। ଏଭଳି କଥା କହିଛନ୍ତି ରମନ ମାଗ୍‌ସେସେ ପୁରସ୍କାର ଲାଗି ମନୋନୀତ ହୋଇଥିବା ଆସାମର ସିଲ୍‌ଚରସ୍ଥିତ ଡାକ୍ତର ରବି କାନ୍ନନ ଆର୍‌ଙ୍କ ମାତା ଇନ୍ଦୁମତି। ଉଲ୍ଲେଖଯୋଗ୍ୟ, ଏସିଆର ନୋବେଲ ଭାବେ ପରିଚିତ ଏହି ସମ୍ମାନ ୧୯୫୮ରୁ ଫିଲିପାଇନ୍ସର ପୂର୍ବତନ ରାଷ୍ଟ୍ରପତି ରମନ ମାଗ୍‌ସେସେଙ୍କ ନାମରେ ଦିଆଯାଇଆସୁଛି। ନିଃସ୍ୱାର୍ଥପର ଭାବେ ମର୍ଯ୍ୟାଦାଜନକ କାର୍ଯ୍ୟ କରୁଥିବା ବ୍ୟକ୍ତି ଓ ସଂସ୍ଥାକୁ ଏହି ପୁରସ୍କାର ଲାଗି ବଛାଯାଇଥାଏ। ଭୂଦାନ ଆନ୍ଦୋଳନର ପ୍ରବକ୍ତା ବିନୋବା ଭାବେ, ସେବାର ମୂର୍ତ୍ତିମନ୍ତ ପ୍ରତୀକ ମଦର ଟେରେସା, ରାଜନେତା ଜୟପ୍ରକାଶ ନାରାୟଣ, ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ସତ୍ୟଜିତ୍ ରାଏ, ବିଶିଷ୍ଟ କର୍ଣ୍ଣାଟକୀ ଗାୟିକା ଏମ୍.ଏସ୍. ଶୁବୁଲକ୍ଷ୍ମୀଙ୍କଠାରୁ ଆରମ୍ଭ କରି ଶ୍ୱେତ ବିପ୍ଳବର ଜନକ ଭର୍ଗିଜ୍ କୁରିଏନ୍, କୃଷି ବିଜ୍ଞାନୀ ଏମ୍.ଏସ୍. ସ୍ୱାମୀନାଥନ୍, ପ୍ରଶାସକ ଟି.ଏନ୍. ଶେଷାନ, ଡାକ୍ତର ପ୍ରକାଶ ଆମ୍‌ତେ, ବ୍ୟଙ୍ଗ ଚିତ୍ରକର ଆର୍.କେ. ଲକ୍ଷ୍ମଣ, ସାମ୍ବାଦିକ ପି. ସାଇନାଥ, ଇଞ୍ଜିନିୟର ତଥା ଶିକ୍ଷା ସଂସ୍କାରକ ସୋନମ ୱାଙ୍ଗଚୁକ୍‌ଙ୍କ ଭଳି ବିଭିନ୍ନ କ୍ଷେତ୍ରରେ ସାମାଜିକ ପରିବର୍ତ୍ତନ ଓ ବିଶ୍ୱ ସମ୍ମୁଖୀନ ହେଉଥିବା ଆହ୍ୱାନକୁ ମୁକାବିଲା କରିବା ଦିଗରେ ସାମର୍ଥ୍ୟ ରଖିଥିବା ଏହି ଭାରତୀୟଙ୍କ ତାଲିକାରେ ରବି କାନ୍ନନ ସାମିଲ ହୋଇଥିବାରୁ ତାଙ୍କ ମାତା ଖୁସିବ୍ୟକ୍ତ କରିବା ସ୍ୱାଭାବିକ।



ବ୍ୟକ୍ତିତ୍ୱ

ଡାକ୍ତର ରବି କାନ୍ନନ ଆର୍

ରବି ତାମିଲନାଡୁର ଚେନ୍ନାଇରେ ଜନ୍ମଗ୍ରହଣ କରିଥିଲେ। ସେଠାକାର କିଲ୍‌ପଉକ ମେଡିକାଲ କଲେଜରୁ ଏମ୍‌ବିବିଏସ୍ ଏବଂ ନୂଆଦିଲ୍ଲୀସ୍ଥିତ ମୌଲାନା ଆଜାଦ ମେଡିକାଲ କଲେଜରୁ ସର୍ଜିକାଲ ଅନ୍‌କୋଲୋଜିରେ ମାଷ୍ଟର ଅଫ୍ ସର୍ଜରି ଡିଗ୍ରୀ ଅର୍ଜନ କରିଥିଲେ। ଏହା ପରେ ସେ ଚେନ୍ନାଇର ଅଦ୍ୟାର କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ୍‌ରେ ଯୋଗଦେଇ ଏହାର ମୁଖ୍ୟ ହୋଇଥିଲେ। ୨୦୦୬ରେ ତାଙ୍କର ଜଣେ ସହଯୋଗୀଙ୍କ ଅନୁରୋଧ କ୍ରମେ ସେ ଆସାମର କାଚର କ୍ୟାନ୍‌ସର ହସ୍ପିଟାଲ ଆଣ୍ଡ୍ ରିସର୍ଚ୍ଚ ସେଣ୍ଟର (ସିସିଏଚ୍‌ଆର୍‌ସି)କୁ ପରାମର୍ଶ ଦେବାକୁ ଯାଇଥିଲେ। ସେଠାରେ କେନ୍ଦ୍ରର ମୁଖ୍ୟ ଭାବେ ଦାୟିତ୍ୱ ନିର୍ବାହ କରିବା ଲାଗି ନିର୍ଦ୍ଦେଶକ ତାଙ୍କୁ ଅନୁରୋଧ କରିଥିଲେ। ଅସହାୟ, ଗରିବ କର୍କଟ ରୋଗୀଙ୍କ ପାଇଁ ଉକ୍ତ ଅଣଲାଭଦାୟକ ସଂସ୍ଥା କାର୍ଯ୍ୟ କରୁଥିବା ଅନୁଭବ କରିବା ପରେ ରବି ନିର୍ଦ୍ଦେଶକଙ୍କ କଥାକୁ ସମ୍ମାନ ଜଣାଇଥିଲେ। ଚେନ୍ନାଇଠାରେ ପ୍ରାକ୍ଟିସ୍ ଛାଡ଼ି ସେ ୨୦୦୭ରେ ପରିବାର ସହ ଆସାମର ସିଲ୍‌ଚର ଚାଲିଯାଇଥିଲେ।

ବାୟୁସେନା ଅଧିକାରୀଙ୍କ ପୁଅ ଭାବେ ରବି ଜଣେ ଦୃଢ଼ମନା ବ୍ୟକ୍ତି। ଯେତେବେଳେ ସେ ସିସିଏଚ୍‌ଆର୍‌ସିରେ ଯୋଗଦେଇଥିଲେ ସେତେବେଳେ କର୍ମଚାରୀ ସଂଖ୍ୟା ଥିଲା ମାତ୍ର ୨୩। ଏବେ ବଢ଼ି ୪୫୦ରେ ପହଞ୍ଚିସାରିଛି। ସେ କହନ୍ତି, ସଂସ୍ଥା ଏକ ସୋସାଇଟି ଦ୍ୱାରା ପରିଚାଳିତ ହେଉଥିଲେ ହେଁ ଯେତେବେଳେ ସାହାଯ୍ୟ ଓ ସହଯୋଗ ଲୋଡ଼ାଯାଇଛି ସେତେବେଳେ ରାଜ୍ୟ ଓ କେନ୍ଦ୍ର ସରକାର ସହାୟତା ଯୋଗାଇ ଦେଇଛନ୍ତି। ଏହି କେନ୍ଦ୍ର ପ୍ରତିବର୍ଷ ପ୍ରାୟ ପାଞ୍ଚ ହଜାର ନୂଆ କର୍କଟ ରୋଗୀକୁ ବିନାମୂଲ୍ୟରେ କିମ୍ବା ଅତ୍ୟଧିକ ରିହାତି ମୂଲ୍ୟରେ ଚିକିତ୍ସା ସେବା ଯୋଗାଇ ଦେଉଛି। ଏପରି କି ବହୁ ଦୂରରେ ଥିବା ଗ୍ରାମାଞ୍ଚଳର ରୋଗୀଙ୍କ ଘରକୁ ରବିଙ୍କ ଟିମ୍‌ର ସଦସ୍ୟମାନେ ଯାଇ ମାଗଣା ଔଷଧ ଦେବା ସହ ସେବା ପ୍ରଦାନ କରୁଛନ୍ତି। ସ୍ୱଳ୍ପ ବ୍ୟୟରେ କିଭଳି କ୍ୟାନ୍‌ସର ଚିକିତ୍ସା ମିଳିପାରିବ ସେହି ଦିଗରେ ରବି ବହୁବିଧ ପଦକ୍ଷେପ ନେଇଛନ୍ତି। ସେଥିମଧ୍ୟରୁ ରାଜ୍ୟର କେତେକ ଜିଲାରେ 'ରିମୋଟ୍ କ୍ଲିନିକ୍' ସ୍ଥାପନ କରାଯାଇଛି।

ନିଃସ୍ୱାର୍ଥପର ସେବା ଲାଗି ୨୦୧୩ରେ ମେଡିସିନ୍ କ୍ଷେତ୍ରରେ ମହାବୀର ସମ୍ମାନ ଓ ୨୦୨୦ରେ ଭାରତର ଚତୁର୍ଥ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମଶ୍ରୀ' ପାଇଥିବା ରବି କାନ୍ନନ ୨୦୨୩ ଲାଗି ରମନ ମାଗ୍‌ସେସେ ପୁରସ୍କାର ବିଜେତା ହୋଇଛନ୍ତି। ଉକ୍ତ ପୁରସ୍କାର ଲାଗି ତାଙ୍କ ନାମ ଘୋଷଣା ହେବା ପରେ ସେ ତାହାକୁ ତାଙ୍କ ହସ୍ପିଟାଲର ଏହା ସମ୍ମାନ ବୋଲି ଅଭିହିତ କରିଛନ୍ତି। ସେ କେବଳ ଏହାର ମୁଖ୍ୟ ଭାବେ ପୁରସ୍କାର ଗ୍ରହଣ କରିବାକୁ ଯିବେ ବୋଲି କହିଛନ୍ତି। ସମସ୍ତେ ଏକ ଟିମ୍ ଭାବେ କାର୍ଯ୍ୟ କରୁଛନ୍ତି ଓ ପ୍ରତ୍ୟେକଙ୍କ ଲକ୍ଷ୍ୟ ହେଉଛି ପ୍ରକଳ୍ପକୁ ସଫଳ କରିବା। ଏଠାରେ ଯେଉଁମାନେ କାର୍ଯ୍ୟ କରୁଛନ୍ତି କେବଳ ସେମାନେ ନୁହନ୍ତି, ବାହାରୁ ଯେଉଁ ଲୋକମାନେ ଆମକୁ ସାହାଯ୍ୟ କରୁଛନ୍ତି ସମସ୍ତେ ଏହି ପୁରସ୍କାର ବିଜେତା ବୋଲି ରବି କହିଛନ୍ତି। ସେ କହନ୍ତି, କର୍କଟ ଅନ୍ୟ ରୋଗ ଭଳି ଆରୋଗ୍ୟଯୋଗ୍ୟ। ଯେଭଳି କୌଣସି ରୋଗୀ କର୍କଟରେ ନ ମରିବେ ସେଥିଲାଗି ଯଥାସାଧ୍ୟ ପ୍ରୟାସ କରାଯାଉଛି। ଆସାମ ଓ ଉତ୍ତର ପୂର୍ବାଞ୍ଚଳର ଅନେକ ଅଞ୍ଚଳରେ ଲୋକଙ୍କ ଜୀବନଶୈଳୀ କର୍କଟ ରୋଗକୁ ଡାକିଆଣୁଛି। ତମାଖୁ, ଗୁଆ ସେବନ ଓ ଅତ୍ୟଧିକ ମଦ୍ୟପାନ ଯୋଗୁ ଲୋକେ ଏଥିରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ଏଥିରୁ ଲୋକେ କିଭଳି ନିବୃତ୍ତ ରହିବେ ସେଥିଲାଗି ତାଙ୍କ ଟିମ୍ କାର୍ଯ୍ୟ କରୁଛି ବୋଲି ସେ କହିଛନ୍ତି। ଏହି ଭାରତୀୟ ଡାକ୍ତରଙ୍କୁ ରମନ ମାଗ୍‌ସେସେ ସମ୍ମାନ ମିଳିବ ବୋଲି ଘୋଷଣା ହେବା ପରେ ତାଙ୍କୁ ସବୁଆଡ଼ୁ ଶୁଭେଚ୍ଛା ମିଳିବାରେ ଲାଗିଛି। ତେବେ ମାଗ୍‌ସେସେ ଫାଉଣ୍ଡେଶନ ତାଙ୍କ ବିଷୟରେ ଉଲ୍ଲେଖ କରିବାକୁ ଯାଇ କହିଛି ଯେ, ଡାକ୍ତର ରବି ନିଃସ୍ୱାର୍ଥପର ଭାବେ ଯେଉଁ ଜନକଲ୍ୟାଣକାରୀ ସେବା କରୁଛନ୍ତି ସେଥିପାଇଁ ସେ ଅନେକ ନିୟୁତଙ୍କ ଲାଗି ଆଶାର ଆଲୋକବର୍ତ୍ତିକା ପାଲଟି ଯାଇଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ବହୁ ସମୟରେ ଲୋକଙ୍କ ଅଜବ ନିଶା ପ୍ରକାଶ ପାଏ, ଯାହା ଦେଖାଯାଇଛି ଯତି ଗୌରଙ୍କଠାରେ। ସେ ସାରା ଭାରତକୁ ଓ ତାହାର ଲୋକଙ୍କୁ ଜାଣିବା ଲାଗି ପଦଯାତ୍ରା ଆରମ୍ଭ କରିଛନ୍ତି। ଚାଲିଚାଲି ସେ ବିଭିନ୍ନ ରାଜ୍ୟ ଯାଉଛନ୍ତି ଓ ସାଙ୍ଗରେ ନେଉଛନ୍ତି ତାଙ୍କ ପୋଷା କୁକୁରକୁ। ସେ ରାଜସ୍ଥାନର ଜୟପୁର ଜିଲା ଦେଇ ଯାଉଥିବା ସମୟରେ ମା' ନ ଥିବା ଏକ କୁକୁର ଛୁଆକୁ ଉଦ୍ଧାର କରିଥିଲେ ଓ ତାକୁ ହାତରେ ଧରି ୬୦ କି.ମି. ଚାଲିଥିଲେ। ପରେ ଜଣେ ଟେଲର ଏକ ବ୍ୟାଗ୍ ତିଆରି କରିବା ପରେ ତାହାକୁ ସେ ସେଥିରେ ନେଇ ଚାଲୁଛନ୍ତି। ସେହି ପୋଷା କୁକୁର ଏବେ ତାଙ୍କ ଯାତ୍ରାର ସାଥୀ। ଏବେ ସୁଦ୍ଧା ଯତି ଗୋଆ, ହିମାଚଳପ୍ରଦେଶ, ଉତ୍ତରାଖଣ୍ଡ ଏବଂ ରାଜସ୍ଥାନ ଯାଇସାରିଲେଣି। ୨୦୨୦ ସେପ୍ଟେମ୍ବରରେ କୋଭିଡ୍ ପ୍ରଥମ ଲହର ଥମିବା ପରେ ସେ ତାଙ୍କ ଯାତ୍ରା ଆରମ୍ଭ କରିଥିଲେ। ସେବେଠାରୁ ସେ ୫,୦୦୦ କି.ମି. ଚାଲିସାରିଲେଣି। ଯତି ତାଙ୍କ ଯାତ୍ରା ସମ୍ପର୍କରେ ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩ ସେପ୍ଟେମ୍ବର ୧୯୯୮

- ମସ୍କୋଠାରେ ରୁଷ୍ ଓ ଆମେରିକା ମଧ୍ୟରେ ଚାଲିଥିବା ଦୁଇଦିନିଆ ଶିଖର ସମ୍ମିଳନୀରେ ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ ନେଇ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍ ଓ ବୋରିସ୍ ୟେଲଟସିନଙ୍କ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ବେଲାରୁସ୍‌କୁ ଆନୁଷ୍ଠାନିକ ଭାବେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ(ନାମ)ର ୧୧୪ତମ ସଦସ୍ୟ ରାଷ୍ଟ୍ରଭାବେ ସ୍ୱୀକୃତି ପ୍ରଦାନ।

## ଚିରନ୍ତନୀ

ଅସୀମ କାଳର ସ୍ରୋତେ
ମୋ ଜୀବନ-କାଳ ଯେତେ ସାନ
ହେଉ ପଛେ କ୍ଷୀଣତମ
କ୍ଷୁଦ୍ରତମ ବୁଦ୍‌ବୁଦ ସମାନ।
(ଶୂନ୍ୟ ଚିନ୍ତା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବନାନ ତ୍ରୁଟି ଯୋଗୁ ବହୁ ଜାତି ତାଲିକାଭୁକ୍ତ ହୋଇପାରୁନି

ମହାଶୟ,
କେତେକ ଜାତିର ନାମ ଲେଖିଲା ବେଳେ ବନାନରେ ମାତ୍ରାର ଏପଟ ସେପଟ ହୋଇଥିବାରୁ ସେମାନଙ୍କୁ ଅନୁସୂଚିତ ଜାତି ଓ ଜନଜାତି ତାଲିକାରେ ଅନ୍ତର୍ଭୁକ୍ତ କରାଯାଉନି। ଫଳରେ ସେହି ଜାତିର ଲୋକମାନେ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ରାଜ୍ୟ ସରକାର ଆବଶ୍ୟକ ଅନୁଧ୍ୟାନ କରି କେନ୍ଦ୍ରକୁ ସୁପାରିସ କରିବାର ନିୟମ ରହିଛି। କୌଣସି ଜାତିକୁ ଅନୁସୂଚିତ ଜାତି କିମ୍ବା ଜନଜାତି ବର୍ଗରେ ତାଲିକାଭୁକ୍ତ କରିବା କ୍ଷମତା କେବଳ କେନ୍ଦ୍ର ସରକାରଙ୍କର। ପ୍ରଶାସନିକ ତ୍ରୁଟି ଯୋଗୁ ଏସ୍‌ସି/ଏସ୍‌ଟି ବ୍ୟକ୍ତିଙ୍କ ପିଲାମାନେ ଜାତି ସାର୍ଟିଫିକେଟ ପାଇବାରୁ ବଞ୍ଚିତ ହୋଇଥିବା ଘଟଣା ସରକାରଙ୍କ ଦୃଷ୍ଟିକୁ ଆସିପାରୁ ନାହିଁ। ୨୦୧୭ରୁ ବିଦ୍ୟାଳୟରେ ଏସ୍‌ସି/ଏସ୍‌ଟି ପିଲାଙ୍କୁ ଜାତି ସାର୍ଟିଫିକେଟ ପ୍ରଦାନ କାର୍ଯ୍ୟ ଚାଲୁ ରହିଛି। ସୂଚନାଥାଉ କି ଅନୁସୂଚିତ ଜାତି ଓ ଜନଜାତି ତାଲିକାରେ କାହାକୁ ଅନ୍ତର୍ଭୁକ୍ତ କରାଯିବ, ସେଥିପାଇଁ ଭାରତ ସରକାରଙ୍କର ଗାଇଡ୍‌ଲାଇନ ରହିଛି। ବିଭିନ୍ନ ଆବେଦନକୁ ଅନୁଧ୍ୟାନ କରି ଅନୁସୂଚିତ ଜନଜାତି ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ ୧୬୯ଟି ଜାତିର ନାମକୁ କେନ୍ଦ୍ରକୁ ସୁପାରିସ କରାଯାଇଛ ଓ ଏହା ବିଚାରାଧୀନ ଅଛି। ତେବେ ସରକାର ତୁରନ୍ତ ଏହାକୁ ସମାଧାନ କରନ୍ତୁ।

– ଯୁଧିଷ୍ଠିର ମହାରଣା,
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଟିଟୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜିଓ ଟ୍ରୁ-୫ଜି କ୍ୟାମ୍ପସ୍ ଅଭିଯାନ

ଭୁବନେଶ୍ୱର,୨।୯

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓର ଓଡ଼ିଶା ୟୁନିଟ୍ ପକ୍ଷରୁ ଜିଓ ଟ୍ରୁ-୫ଜି କ୍ୟାମ୍ପସ୍ ଅଭିଯାନର ଶୁଭାରମ୍ଭ କରାଯାଇଛି। ବିଶେଷକରି ଜିଓ ଟ୍ରୁ-୫ଜି ଜରିଆରେ ଓଡ଼ିଶାର ସମସ୍ତ ଶିକ୍ଷାନୁଷ୍ଠାନକୁ ସ୍ୱତନ୍ତ୍ର ଭାବେ ୫ଜି ସଂଯୋଗ ଦେବା ସହିତ ଶିକ୍ଷା କ୍ଷେତ୍ରରେ ଆସିବାକୁ ଥିବା ବୈପ୍ଳବିକ ରୂପାନ୍ତରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଉଛି। ନିକଟରେ ଭୁବନେଶ୍ୱରର ସୋଆ ବିଶ୍ୱବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଚଳିତ ସପ୍ତାହ ମଧ୍ୟରେ ରାଉରକେଲାର ଏସ୍‌କେ ଡିଏଭି ପଲିଟେକ୍ନିକ କଲେଜ, ଭଦ୍ରକ ଅଟୋନୋମସ କଲେଜ ଏବଂ କେନ୍ଦୁଝର ଜିଲାର ରେକ୍ରୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ ପରିସର ବର୍ତ୍ତମାନ ଜିଓ ଟ୍ରୁ-୫ଜି କ୍ୟାମ୍ପସରେ ପରିଣତ ହୋଇଛି। ବିଶେଷକରି ଉପରୋକ୍ତ ଶିକ୍ଷାନୁଷ୍ଠାନଗୁଡିକରେ ଅନୁଷ୍ଠିତ ହୋଇଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରିଲାଏନ୍ସ ଜିଓ ପକ୍ଷରୁ ଛାତ୍ରୀଛାତ୍ର,ଶିକ୍ଷୟିତ୍ରୀଶିକ୍ଷକ ଏବଂ କର୍ତ୍ତୃପକ୍ଷଙ୍କୁ ୫ଜି ସେବା ସମ୍ପର୍କିତ ବିସ୍ତୃତ ସୂଚନା ଓ ବିଭିନ୍ନ ବ୍ୟବହାରିକ ପ୍ରୟୋଗ ପ୍ରଦର୍ଶିତ କରାଯାଇଥିଲା। ସେହିଭଳି ଛାତ୍ରୀଛାତ୍ରମାନଙ୍କ ସହ ଏକ ଭାବ ବିନିମୟ କାର୍ଯ୍ୟକ୍ରମରେ ଜିଓ ଓଡ଼ିଶା ଟିମ୍ ପକ୍ଷରୁ ଟ୍ରୁ-୫ଜିର ବହୁ ମୁଖୀ ଲାଭ ଓ ସମ୍ଭାବନାକୁ ଉପସ୍ଥାପନ କରାଯାଇଥିଲା ଏବଂ ଡିଜିଟାଲ ଶିକ୍ଷାଦାନରେ ବିପ୍ଳବ ଆଣିବା, ନବସୃଜନ, ସହଯୋଗିତା ଓ ଜ୍ଞାନ ପ୍ରଦାନର ପରିବେଶକୁ ସୁଦୃଢ଼ କରିବା ଦିଗରେ ରହିଥିବା ବ୍ୟାପକ ସମ୍ଭାବନା ଉପରେ ଗୁରୁତ୍ୱାରୋପ କରି ଟ୍ରୁ-୫ଜିର ରୂପାନ୍ତରଣ ସମ୍ଭାବନା ବିଷୟରେ ବର୍ଣ୍ଣନା କରାଯାଇଥିଲା। ଏପରିକି ବିଭିନ୍ନ କ୍ଷେତ୍ରରେ ୫ଜିର ବିଭିନ୍ନ ବ୍ୟବହାରିକ ପ୍ରୟୋଗ ଭିଡିଓ ମାଧ୍ୟମରେ ସିଧାସଳଖ ଛାତ୍ରୀଛାତ୍ରମାନଙ୍କୁ ପ୍ରଦର୍ଶନ କରାଯାଇଥିଲା ଏବଂ ଇ-ଗଭର୍ନାନ୍ସ, ଶିକ୍ଷା, ଅଟୋମେସନ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଗେମିଂ, ସ୍ୱାସ୍ଥ୍ୟ ସେବା, କୃଷି, ଆଇଟି ଓ ଏସ୍‌ଏମ୍‌ଇ କ୍ଷେତ୍ରରେ ୫ଜିର ରହିଥିବା ବ୍ୟାପକ ଅଭିବୃଦ୍ଧି ସୁଯୋଗ ବିଷୟରେ ଅବଗତ କରାଯାଇଥିଲା।

# ବାର୍ଷିକ ଖଣି ସୁରକ୍ଷା ସପ୍ତାହରେ ଓସିପିଏଲ୍ ପୁରସ୍କୃତ




ଭୁବନେଶ୍ୱର,୨।୯ (ଅଭୟ ଦାଶ)

ଓଡ଼ିଶା କୋଲ୍ ଆଣ୍ଡ୍ ପାୱାର ଲିମିଟେଡ୍(ଓସିପିଏଲ୍) କୁ ନିକଟରେ ଆଉ ଏକ ସମ୍ମାନ ଓ ସ୍ୱୀକୃତି ପ୍ରଦାନ କରାଯାଇଛି। ଓସିପିଏଲ୍ ପ୍ରଥମଥର ପାଇଁ ଖଣି ସୁରକ୍ଷା ନିର୍ଦ୍ଦେଶାଳୟ (ଡିଜିଏମ୍‌ଏସ୍) ଏବଂ ମହାନଦୀ କୋଲ ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ବାର୍ଷିକ ଖଣି ସୁରକ୍ଷା ସପ୍ତାହ ଫର୍ଟ ନାଇଟ୍ ପ୍ରତିଯୋଗିତା-୨୦୨୨ରେ ଅଂଶ ଗ୍ରହଣ କରି ପୁରସ୍କୃତ ହୋଇଥିଲା। ଏପରିକି ଓସିପିଏଲ୍‌ର ମନୋହରପୁର କୋଇଲା ଖଣିଠାରେ ୨୦୨୨ ଡିସେମ୍ବର ୬ରୁ ୧୯ମଧ୍ୟରେ ବାର୍ଷିକ ଖଣି ସୁରକ୍ଷା ଫର୍ଟ ନାଇଟ୍ ପ୍ରତିଯୋଗିତା ପାଳନ କରାଯାଇଥିଲା,ଯେଉଁଥିରେ ଡିଜିଏମ୍‌ଏସ୍‌ର କାର୍ଯ୍ୟସୂଚୀ ଅନୁଯାୟୀ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକଳାପ କରାଯାଇଥିଲା। ସେହିଭଳି ଏକ ଉଚ୍ଚସ୍ତରୀୟ ସୁରକ୍ଷା ଦଳ ଓସିପିଏଲ୍‌ର ମନୋହରପୁର କୋଇଲା ଖଣି ଯାଞ୍ଚ ଏବଂ ମୂଲ୍ୟାଙ୍କନକରି ବାର୍ଷିକ ଖଣି ସୁରକ୍ଷା ପକ୍ଷ(ଫର୍ଟ ନାଇଟ୍) ପ୍ରତିଯୋଗିତା-୨୦୨୨ ବିଭିନ୍ନ ବିଭାଗରେ ପୁରସ୍କାର ପ୍ରଦାନ କରିଛନ୍ତି। ବିଶେଷକରି ଉକ୍ତ କାର୍ଯ୍ୟକ୍ରମରେ ଚୁକ୍ତିଭିତ୍ତିକ ବର୍ଗ ଅନ୍ତର୍ଗତ ମେଗା ଓପନ କାଷ୍ଟ ମାଇନ୍ସର ସାମଗ୍ରିକ ପ୍ରଦର୍ଶନରେ ଓସିପିଏଲ୍‌କୁ ବିଜେତା ଘୋଷଣା କରାଯାଇଛି। ଏଥିସହ ଗ୍ରୁପ୍ ଭୋକେଶନାଲ ଟ୍ରେନିଂ ସେଣ୍ଟର ପାଇଁ ଓସିପିଏଲ୍‌ର ମନୋହରପୁର କୋଇଲା ଖଣିକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ସର୍ବୋତ୍ତମ ଆଲୋକୀକରଣ ଏବଂ ବୈଦ୍ୟୁତିକ ସଂସ୍ଥାପନ କ୍ଷେତ୍ରରେ ମଧ୍ୟ ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଛି। ଚୁକ୍ତିଭିତ୍ତିକ ବର୍ଗରେ ଓସିପିଏଲ୍‌ର ମାଇନ୍ ଅପରେଟର ବିଜିଆର୍ ମାଇନିଂ କମ୍ପାନୀକୁ ଶ୍ରେଷ୍ଠ ସ୍ୱଚ୍ଛତା ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି। ଏହି ବାର୍ଷିକ ଖଣି ସୁରକ୍ଷା ପକ୍ଷ ପ୍ରତିଯୋଗିତାରେ ଓଡ଼ିଶାର ସମସ୍ତ କୋଇଲା ଖଣି ଯଥା ଓସିପିଏଲ୍, ଏମ୍‌ସିଏଲ୍,ଏନ୍‌ଟିପିସି ଏବଂ ଏନ୍‌ଏଲ୍‌ସିଆଇଏଲ୍ ପ୍ରମୁଖ ଭାଗ ନେଇଥିଲେ। ମନୋହରପୁର କୋଇଲା ଖଣି କର୍ମଚାରୀମାନେ ୨୦୨୨ ନଭେମ୍ବର୧୧ରେ ଲଖନପୁରଠାରେ ଆୟୋଜିତ ବାଣିଜ୍ୟ ପରୀକ୍ଷଣରେ ଅଂଶ ଗ୍ରହଣକରି ବିଜେତା ଘୋଷିତ ହୋଇଥିଲେ।

# ମେଶିନ ଲର୍ନ ଅନ୍‌ରାମ୍ପର ଶୁଭାରମ୍ଭ

ଭୁବନେଶ୍ୱର,୨।୯

ମାଥ୍‌ୱାର୍କସ ଇଣ୍ଡିଆ ଏବଂ ଆଇଇଇଇ ଭୁବନେଶ୍ୱରର ମିଳିତ ସହଯୋଗରେ ଏକ ଅତ୍ୟାଧୁନିକ ପ୍ଲାଟ୍‌ଫର୍ମ 'ମେଶିନ ଲର୍ନ ଅନ୍‌ରାମ୍ପ'ର ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଉଭୟ ସଂସ୍ଥା ପକ୍ଷରୁ ଏକ ଦିନିକିଆ କର୍ମଶାଳାର ମଧ୍ୟ ଆୟୋଜନ କରାଯାଇଥିଲା। ବିଶେଷକରି ଇଞ୍ଜିନିୟରିଂ ଶିକ୍ଷା କ୍ଷେତ୍ରରେ ଏମ୍ବ୍ରାସିଂ ଏଆଇ-ଶିଳ୍ପ, ଏକାଡେମିଆ ଓ ଷ୍ଟାର୍ଟଅପ୍ ସଫଳତା ପାଇଁ ଅପ୍‌ସ୍କିଲିଂ ଉପରେ କାର୍ଯ୍ୟ ଉଦ୍ଦେଶ୍ୟରେ ପ୍ରଯୁକ୍ତିବିଦ୍ୟାକୁ ସୁଯୋଗ ଦେବା ଲାଗି ଉକ୍ତ କର୍ମଶାଳା ଭୁବନେଶ୍ୱରଠାରେ ଆୟୋଜିତ ହୋଇଥିଲା। ଏ ସମ୍ପର୍କରେ ମ୍ୟାଥ୍‌ୱାର୍କସର ନିର୍ଦ୍ଦେଶକ (ଇଏସ୍) ଜୟନ୍ତ ଭାଦୁଡିଆ କହିଛନ୍ତି, ଉକ୍ତ କାର୍ଯ୍ୟକ୍ରମରେ ସକାରାତ୍ମକ ପ୍ରତିକ୍ରିୟା ଓ ଯୋଗଦାନ ଦେଖି ବହୁତ ଖୁସି ଲାଗିଲା। ବିଭିନ୍ନ ଶିଳ୍ପର କମ୍ପାନୀଗୁଡ଼ିକ ସହ ଆମର ବ୍ୟାପକ ଅଭିଜ୍ଞତା ଆମକୁ ମୂଲ୍ୟବାନ ଜ୍ଞାନ ପ୍ରଦାନ କରିଛି। ଏପରିକି ଶିଳ୍ପ ଆବଶ୍ୟକତା ଅନୁଯାୟୀ ପାଠ୍ୟକ୍ରମ ଡିଜାଇନ କରିବାକୁ ଶିକ୍ଷା ବିଶେଷଜ୍ଞଙ୍କୁ ସକ୍ଷମ କରିଥାଏ। ସେହିଭଳି ଆଇଇଇଇ ଭୁବନେଶ୍ୱରର ଅଧ୍ୟକ୍ଷ ଡ. ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ କହିଥିଲେ, ଏଆଇ କ୍ଷେତ୍ରରେ ଜ୍ଞାନ ଓ ଧାରଣା ଆଦାନପ୍ରଦାନକୁ ସହଜ କରି ଆମର ମିଶନ ହାସଲ କରିବାରେ ଏହି ସେମିନାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ମ୍ୟାଥ୍‌ୱାର୍କସ ସହ ସହଭାଗିତା କରି ଆମେ ବେଶ୍ ଉତ୍ସାହିତ ଅଛୁ, ଯାହା ଆମକୁ ବିଶେଷଜ୍ଞ ଓ ଉତ୍ସାହୀମାନଙ୍କୁ ଏକତ୍ର କରିବାକୁ ଅନୁମତି ଦେଇଛି। ଯାହା ଅଧିକାଂଶ ପ୍ରମୁଖ ଶିଳ୍ପଗୁଡ଼ିକରେ ଟେକ୍‌ନୋଲୋଜିର ପରିବର୍ତ୍ତନଶୀଳ ଦିଗ ଓ ଶକ୍ତି ଅନୁସନ୍ଧାନ କରିବ। ଉକ୍ତ କାର୍ଯ୍ୟକ୍ରମରେ ମ୍ୟାଥ୍‌ୱାର୍କର ବିଶେଷଜ୍ଞମାନେ ବିଭିନ୍ନ ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଯେପରିକ ମାଟଲାବ ଓ ସିମୁଲିଙ୍କ କିପରି ଶିଳ୍ପ ଗୁଡ଼ିକରେ ଏଆଇ ଉଦ୍ଭାବନକୁ ପ୍ରୋତ୍ସାହିତ କରନ୍ତି ଓ ଅତ୍ୟାବଶ୍ୟକ କୌଶଳ ସହିତ କର୍ମଜୀବୀ ପ୍ରସ୍ତୁତ କରନ୍ତି। ବିଶେଷକରି ଉକ୍ତ ସେମିନାରରେ ମ୍ୟାଥ୍‌ୱାର୍କସ ଇଣ୍ଡିଆର ଚନ୍ଦନ ପରମାଣିକ ଓ ଆଇଆଇଟି ବିବିଏସ୍‌ଇର ସ୍କୁଲ ଅଫ୍ ଇଲେକ୍ଟ୍ରିକାଲ ସାଇନ୍ସ ପ୍ରଫେସର ତଥା ଆଇଇଇଇ ବିବିଏସ୍ ମ୍ୟାଥ୍‌ୱାର୍କସ ବିଶେଷଜ୍ଞ ତଥା ଅଧ୍ୟକ୍ଷ ଡ.ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟଙ୍କ ଦ୍ୱାରା ଏକ ବିଶିଷ୍ଟ ଉପସ୍ଥାପନା ଆୟୋଜନ କରାଯାଇଥିଲା। ଡ. ମୋନାଲିସା ପାଲ ଓ ନିକିତା ପିଣ୍ଟୋ ଶିକ୍ଷା କ୍ଷେତ୍ରରେ ଏଆଇର ବ୍ୟବହାରିକ ଜ୍ଞାନ ପ୍ରୟୋଗ ପ୍ରଦର୍ଶନ କରିଥିଲେ। ପରିଶେଷରେ ଡ. ପ୍ରଦନ୍ୟା ଗୋଏଙ୍କର ଓ ଡ.ଦେବୀ ପ୍ରସାଦ ଡୋଗ୍ରା ଏଆଇ ଲ୍ୟାଣ୍ଡସ୍କେପ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଉକ୍ତ ଅଧିବେଶନ ବ୍ୟତୀତ ପ୍ରତିନିଧି ଓ ବକ୍ତାମାନେ ଭାରତରେ ବିଭିନ୍ନ ଦକ୍ଷତା ପଦକ୍ଷେପ ବିଷୟରେ ଏକ ଖୋଲା ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଫୁରସତ୍

# ୭ ବର୍ଷ ଧରି ନେଉଛନ୍ତି ଗର୍ଭଧାରଣର ଅନୁଭୂତି

## ଜନ୍ମ ଦେବେ ୧୦ମ ଶିଶୁ

କାନବେରା



ପ୍ରତ୍ୟେକ ବିବାହିତା ମହିଳାଙ୍କ ପାଇଁ ମା' ହେବା ବହୁତ ଖାସ୍ ହୋଇଥାଏ। ଆଗକାଳରେ ମହିଳାମାନେ ଅଧିକ ଶିଶୁ ଜନ୍ମ କରୁଥିଲେ। ସେମାନଙ୍କ ଲାଳନପାଳନ କରିବାକୁ ମଧ୍ୟ ଅଧିକ ପରିଶ୍ରମ କରିବାକୁ ପଡୁଥିଲା। ହେଲେ ଧୀରେ ଧୀରେ ତାହା କମିଛି। ଏବେ ପ୍ରତ୍ୟେକଙ୍କ ଗୋଟିଏ କିମ୍ବା ୨ଟି ପିଲା ରହିଛନ୍ତି। ହେଲେ ଅଷ୍ଟ୍ରେଲିଆର ଜଣେ ମହିଳା ଏବେ ବେଶ୍ ଚର୍ଚ୍ଚାରେ ଅଛନ୍ତି। ତାଙ୍କର ଏପର୍ଯ୍ୟନ୍ତ ୯ଟି ପିଲା ଥିବାବେଳେ ସେ ବର୍ତ୍ତମାନ ୧୦ମ ଥର ପାଇଁ ଗର୍ଭବତୀ ଅଛନ୍ତି। ରିପୋର୍ଟ ମୁତାବକ, ଅଷ୍ଟ୍ରେଲିଆର କ୍ଲୋଇ ନାମ୍ନୀ ମହିଳା ଗତ ୭ ବର୍ଷ ହେବ ଗର୍ଭବତୀ ରହୁଛନ୍ତି। ସେ ପ୍ରତିବର୍ଷ ଗର୍ଭଧାରଣର ଅନୁଭୂତି ନେଉଛନ୍ତି। ତାଙ୍କର ୯ଟି ପିଲା ଅଛନ୍ତି। ଆସନ୍ତା ବର୍ଷ ସେ ତାଙ୍କର ୧୦ମ ଶିଶୁ ଜନ୍ମଦେବାକୁ ଯାଉଛନ୍ତି। ନିକଟରେ କ୍ଲୋଇ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଶେୟାର କରିଛନ୍ତି। ସେଥିରେ ସେ ତାଙ୍କ ସ୍ୱାମୀ ଏବଂ ୯ ଶିଶୁଙ୍କ ସହିତ ପୋଜ୍ ଦେଇ ଠିଆ ହୋଇଛନ୍ତି। ଏଥିସହ ତାଙ୍କ ହାତରେ ଅଲଟ୍ରାସାଉଣ୍ଡର ଏକ ଫଟୋ ମଧ୍ୟ ରହିଛି। ସେ କହିଛନ୍ତି, ତାଙ୍କ ୧୦ମ ପିଲା ୨୦୨୪ ଫେବୃୟାରୀରେ ଜନ୍ମନେବ। ତେବେ ସେ ୭ ବର୍ଷରେ କିଛିଥର ୨ କିମ୍ବା ୩ ଯାଆଁଳା ଛୁଆ ଜନ୍ମକରିଥିବା କହିଛନ୍ତି। ଏଥିରେ ସେ ଏବଂ ତାଙ୍କ ସ୍ୱାମୀ ବେଶ୍ ଖୁସି ଥିବା କହିଛନ୍ତି। ହେଲେ ପୋଷ୍ଟ ଶେୟାର ପରେ ଅନେକେ ତାଙ୍କୁ କମେଣ୍ଟ କରିଥିବା ଦେଖିବାକୁ ମିଳିଛି।

# ଦୀପାବଳିରେ ସଲମାନଙ୍କ 'ଟାଇଗର ୩'



**ମୁମ୍ବାଇ:** ବଲିଉଡ୍ ଭାଇଜାନ୍ ସଲମାନ ଖାନ୍‌ଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଟାଇଗର-୩' ପାଇଁ ଦର୍ଶକମାନେ ଅପେକ୍ଷା କରି ବସିଛନ୍ତି। ତେବେ ଏହି ସିନେମା ଚଳିତବର୍ଷ ଦୀପାବଳିରେ ମୁକ୍ତିଲାଭ କରିବ ବୋଲି ଜଣାପଡ଼ିଛି। ଏଥିସହ ଏହି ମୁଭିର ପ୍ରଥମ ପୋଷ୍ଟର ସାମ୍ନାକୁ ଆସିଛି। ଏନେଇ ଅଭିନେତା ସଲମାନ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟ ମାଧ୍ୟମରେ ଶେୟାର କରିଛନ୍ତି। ଆଉ କ୍ୟାପ୍‌ଶନରେ ଲେଖିଛନ୍ତି, ମୁଁ ଆସୁଛି। ମନୀଷ୍ ଶର୍ମାଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ହିନ୍ଦୀ, ତାମିଲ ଏବଂ ତେଲୁଗୁ ଭାଷାରେ ରିଲିଜ୍ ହେବ। ଆସନ୍ତା ନଭେମ୍ବର ୧୦ ଫିଲ୍ମର ରିଲିଜ୍ ତାରିଖ ଥିବାବେଳେ ଏହାକୁ ଦର୍ଶକେ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ଏହାର ପ୍ରଥମ ଭାଗ 'ଏକ୍ ଥା ଟାଇଗର' ୨୦୧୨ରେ, ଦ୍ୱିତୀୟ ଭାଗ 'ଟାଇଗର ଜିନ୍ଦା ହେ' ୨୦୧୭ରେ ରିଲିଜ୍ ହୋଇଥିଲା। ଏଥିରେ ସଲମାନଙ୍କ ସହିତ ଶାହରୁଖ ଖାନ୍‌ଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଏହା ବ୍ୟତୀତ ଚଳଚ୍ଚିତ୍ରରେ କ୍ୟାଟ୍ରିନା କୈଫ, ଇମ୍ରାନ୍ ହାସ୍ମି, ରିଦ୍ଧି ଦୋଗ୍ରା, ବିଶାଳ ଜେଠ୍‌ୱା, ଅଭିନୟ ରାଜ ସିଂ ଭିନ୍ନ ଭିନ୍ନ ଭୂମିକାରେ ନଜରକୁ ଆସିବେ।


# Classified Everyday
0674-2580101, 2549949




### BRIDE WANTED

Handsome Brahmin boy 1993, 5'9" B.Tech, MS Serving Engineer USA. Only Son- "SUNASANSAR". 9937512659, 8249969649. D-75210

### GROOM WANTED

Wanted Groom for Beautiful Kayastha Bengali girl 34/5'3" M. Tech working as Teaching Professional, Call / Whatsapp- 9337240881. D-1205

Beautiful Kshyatriya girl 1998, 5'4" M.A., Ph.D. Serving Lecturer Govt. College, Bhubaneswar, "SUNASANSAR". 9937512659, 8249969649. D-75209




### SALE

3BHK Semi furnished flat sale at Jharpada, Bhubaneswar 80' feet road side. Contact: 9437307086. D-1184

ନଖରା ତ୍ରିନାଥବଜାର ମହୀଧରପଡ଼ା ପାଖରେ SC plot 7400sqft 11,00,000/-(outright) 7978663279. D-75208

କେନ୍ଦ୍ରାପଡ଼ା ଗରାପୁରସ୍ଥ ହନୁମାନ ମନ୍ଦିର ପାଖରେ 2.5 ଗୁଣ୍ଠର ଏକ SC ପ୍ଲଟ୍ ବିକ୍ରି ହେବ। ଯୋଗାଯୋଗ। 9437013139. D-1176

ଭୁବନେଶ୍ୱର ପାହାଳ NH ପାଖରେ developed yellowzone plot boundary, road, ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଗୃହ ନିର୍ମାଣ କରନ୍ତୁ। 6370354458. D-75207

A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452. D-75033

Ready to move 2BHK and 3BHK flat for sale near to TATA Ariana and Sum Hospital at Kalinga Vihar. Contact: 9437309741. D-0993

ଭୁବନେଶ୍ୱର-ଖୋର୍ଦ୍ଧା ପିତାପଲ୍ଲିଛକ ପାଖରେ ସଙ୍ଗେ ସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 7504861292. D-74899

Land for sale at Ranga Bazar Tankapani Road 4 acres of Nadipatha Land for sale single Owner Govt. valuation 5.08 lakh per Kataki Guntha. Genuine buyers Contact: Phone- 8144049201. D-1174

### PURCHASE

ପୁରୁଣା 2/3BHK ଫ୍ଲାଟ୍ କିଣିବାକୁ ଚାହୁଁଛି। ଇଚ୍ଛୁକ ଘରମାଲିକ ଯୋଗାଯୋଗ କରନ୍ତୁ। 7653898752. D-74310

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।




Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd., 9439856856. D-1038

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




3BHK flat Main Road Soubhagyanagar for family, bachelors, office: 9000004523. D-1204

Ground floor, 2BHK, 1BHK plot No-9 Neelakantha Nagar near DAV School, Nayapalli, BBSR, Mob- 9078706109. D-1202




Spa Kerala body Massage only best Therapist @699/- Bhubaneswar. 9337672475. D-1199

Relax, Refresh your body, Mind at Saikrupa Spa with best therapies. 8984068077. D-1190

Asribadda Panchakarma herbal SPA Kesharimall, Bhubaneswar. Contact: 8926173473. D-75030

Full body massage in homely atmosphere in all therapy. Mob: 8114881641. D-73442

Reduce stress through professional massage, SPA Station, Krishna Plaza, Nayapalli. Contact: 8118079281. D-74579

Newly open spa positively health benefits with expert therapist. 9938843929. D-75145

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### AFFIDAVIT

Before the Notary Public, Cuttack, dtd. 02.09.2023. I, Somali Patnaik, At: Kanipada, P.O.- Janugaon, P.S.- Naugaon, Dist.- Jagatsinghpur, At present Plot No.- 787 (B), Jayadev Vihar, P.S.- Nayapalli, BBSR-13 has changed my surname after my marriage to Sibadatta Mohanty. Henceforth I shall be known as Somali Mohanty for all purposes. D-1206

By virtue of an affidavit in the Court of Executive Magistrate Nuagaon, I, Sabitabala Pradhan and Bijuli Pradhan D/o Late Bhikari Pradhan of Village Krushnaprasad P.O- Sikrida P.S.- Nuagaon, Dist.- Nayagarh is same and one person in all purpose. My Date of Birth is 14-6-1989. D-1210

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୩ ସେପ୍ଟେମ୍ବର, ୨୦୨୩ Bhubaneswar, Sunday, September 3, 2023


# ପଏଣ୍ଟ ବାଣ୍ଟିଲେ ଭାରତ, ପାକିସ୍ତାନ

## ଏସିଆ କପ୍ କ୍ରିକେଟ
## ପାଣ୍ଡ୍ୟା, କିଶନଙ୍କ ଅର୍ଦ୍ଧଶତକ

ପାଲେକେଲ୍, ୨।୯(ପି.ଟି.)

ଏସିଆ କପ୍ କ୍ରିକେଟ୍ ୨୦୨୩ର ବହୁ ପ୍ରତୀକ୍ଷିତ ଭାରତ ପାକିସ୍ତାନ ମ୍ୟାଚ୍ ଶନିବାର ବିନା ଫଳାଫଳରେ ଶେଷ ହୋଇଛି। ଫଳରେ ଉଭୟ ଦଳ ପଏଣ୍ଟ ବାଣ୍ଟିବାକୁ ବାଧ ହୋଇଛନ୍ତି। ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚ୍‌ରେ ଭାରତ ପକ୍ଷରୁ ହାର୍ଦ୍ଦିକ ପାଣ୍ଡ୍ୟା ଓ ଇଶାନ କିଶନ ଅର୍ଦ୍ଧଶତକ ହାସଲ କରିଥିବା ବେଳେ ଭାରତ ୪୮.୫ ଓଭରରେ ୨୬୬ ରନ୍ କରି ଅଲଆଉଟ ହୋଇଛି। ଜବାବରେ ନିୟମିତ ବର୍ଷା କାରଣରୁ ପାକିସ୍ତନର ବ୍ୟାଟିଂ ସମ୍ଭବ ନ ହେବା କାରଣରୁ ମ୍ୟାଚ୍ ବାତିଲ ହୋଇଥିଲା। ମେଘୁଆ ପାଗ ନେଇ ପୂର୍ବରୁ ଆକଳନ କରାଯାଇଥିଲେ ମଧ ଭାରତୀୟ ଅଧିନାୟକ ରୋହିତ ଶର୍ମା ଆଶ୍ଚର୍ଯ୍ୟ ଜନକ ଭାବରେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ପାକିସ୍ତାନ ପକ୍ଷରୁ ପେସ୍ ବୋଲର ଶାହିନ୍ ଶାହ ଆଫ୍ରିଦି ଘାତକ ବୋଲିଂ କରି ୩୫ ରନ୍‌ରେ ୪ ଉଇକେଟ ନେଇଥିବା ବେଳେ ହରିଶ ରୌଫ୍ ଓ ନଶିମ ଶାହା ପ୍ରତ୍ୟେକ ୩ଟି ଲେଖାଏ ଉଇକେଟ ନେଇଥିଲେ।

**ଶାହିନ୍-ରୌଫ୍‌ଙ୍କ ଅଗ୍ନିବର୍ଷୀ ବୋଲିଂ:** ଟସ୍ ଜିତି ଦୁଇ ଓପନର ରୋହିତ ଶର୍ମା(୧୧) ଓ ଶୁବମାନ ଗିଲ୍(୧୦) ସତର୍କତାର ସହିତ ବ୍ୟାଟିଂ ଆରମ୍ଭ କରିଥିଲେ। ମ୍ୟାଚ୍‌ର ପଞ୍ଚମ ଓଭରରେ ବର୍ଷା ହେବା କାରଣରୁ ଖେଳ ବନ୍ଦ ରହିଥିଲା। ବର୍ଷା ପରେ ଶାହିନ୍ ଅଗ୍ନିବର୍ଷୀ ବୋଲିଂ କରିଥିଲେ।



ଶତକୀୟ ଭାଗୀଦାରି ଅବସରରେ ଇଶାନ କିଶନ ଓ ହାର୍ଦ୍ଦିକ ପାଣ୍ଡ୍ୟା।

ଭାରତୀୟ ଟପ୍ ଅର୍ଡର ଓଭରକାଷ୍ଟ କଣ୍ଡିସନରେ ପାକିସ୍ତାନୀ ପେସ୍ ବୋଲରଙ୍କ ସୁଇଂ ଆଗରେ ହାର୍ ମାନିଥିଲେ। ରୋହିତ ଶର୍ମା ୧୧ ଓ ବିରାଟ କୋହଲି ମାତ୍ର ୪ ରନ୍ କରି ଆଉଟ ହୋଇଥିଲେ। ଉଭୟଙ୍କୁ ବୋଲ୍ଡ କରି ଶାହିନ୍ ଭାରତକୁ ବ୍ୟାକଫୁଟକୁ ଠେଲି ଦେଇଥିଲେ। ଆହତ ସମସ୍ୟାରୁ ପ୍ରତ୍ୟାବର୍ତ୍ତନ କରିଥିବା ଶ୍ରେୟସ୍ ଆୟର ଦୁଇଟି ଚୌକା ସହିତ ସକରାତ୍ମକ ଢଙ୍ଗରେ ଆରମ୍ଭ କରିଥିଲେ। ତେବେ ହରିଶ ରୌଫ୍‌ଙ୍କୁ ବଡ ଶଟ୍ ଖେଳିବାକୁ ଯାଇ ଆୟର ୧୪ ରନ କରି ପ୍ୟାଭିଲିୟନ ଫେରିଥିଲେ। ଶୁବମନ ଗିଲ୍ ମଧ ମାତ୍ର ୧୦ ରନ୍ କରି ଆଉଟ ହେବାରୁ ଭାରତ ୬୬ ରନ୍‌ରେ ୪ ଉଇକେଟ ହରାଇଥିଲା। ଏହା ମଧ୍ୟରୁ ଶାହିନ୍ ଦୁଇଟି ଓ ହରିଶ ରୌଫ୍ ଦୁଇଟି ଉଇକେଟ ନେଇଥିଲେ।

**ପାଣ୍ଡ୍ୟା-କିଶନଙ୍କ ଶତକୀୟ ଭାଗୀଦାରି:** ୬୬ ରନ୍‌ରେ ୪ ଉଇକେଟର ପତନ ଘଟିବା ପରେ ଇଶାନ୍ କିଶନ୍(୮୨) ଓ ହାର୍ଦ୍ଦିକ ପାଣ୍ଡ୍ୟା(୮୭) ମୋର୍ଚ୍ଚା ସମ୍ଭାଳିଥିଲେ। ପାକିସ୍ତାନ ବିପକ୍ଷରେ ସର୍ବାଧିକ ପଞ୍ଚମ ଉଇକେଟ ଭାଗୀଦାରି ରେକର୍ଡ କରିବା ସହିତ ଉଭୟ ୧୩୮ ରନ୍ ଯୋଡ଼ିଥିଲେ। ପୂର୍ବରୁ ଏହି ରେକର୍ଡ ରାହୁଲ ଦ୍ରାବିଡ୍ ଓ ମହମ୍ମଦ କୈଫ୍‌ଙ୍କ ନାମରେ ରହିଥିଲା। ଉଭୟ ୨୦୦୬ରେ ୧୧୮ ରନ୍‌ର ଭାଗୀଦାରି କରିଥିଲେ। ଉଭୟ ଖେଳାଳି ୨୩ ଓଭର ବ୍ୟାଟିଂ କରିବା ସହିତ ୬ ହାରରେ ରନ୍ ସଂଗ୍ରହ କରିଥିଲେ। ନୂଆ ରୋଲ୍‌ରେ ଅର୍ଥାତ ୪ ନମ୍ବର ସ୍ଥାନରେ ଖେଳିଥିବା କିଶନ ୮୧ ବଲ୍ ଖେଳି ୯ ଚୌକା ଓ ୨ ଛକା ସହିତ ୮୨ ରନ କରିଥିଲେ। ଅନ୍ୟ ପକ୍ଷରେ ଭାରତର ଟପ୍ ସ୍କୋରର ରହିଥିବା ହାର୍ଦ୍ଦିକ ୯୦ ବଲ୍ ଖେଳି ୭ ଚୌକା ଓ ୧ ଛକା ମାରଥିଲେ। ଭାରତ ଏକ ବଡ଼ ସ୍କୋର ଆଡ଼କୁ ଅଗ୍ରସର ହେଉଥିବା ବେଳେ ୪୪ ତମ ଓଭରରେ ଶାହିନ୍ ୫ ବଲ୍ ବ୍ୟବଧାନରେ ହାର୍ଦ୍ଦିକ ଓ ରବୀନ୍ଦ୍ର ଜାଡେଜାଙ୍କୁ ଆଉଟ କରିଥିଲେ। ଶେଷ ଆଡ଼କୁ ଯଶପ୍ରୀତ ବୁମ୍‌ରା ୧୬ ରନ୍ କରିବାରୁ ଭାରତ ୨୬୬ ରନ୍‌ରେ ପହଞ୍ଚିଥିଲା। ପାକିସ୍ତାନ ପକ୍ଷରୁ ପେସ୍ ବୋଲର ୧୦ଟି ଯାକ ଉଇକେଟ ନେଇଥିବା ବେଳେ ୩ ସ୍ପିନର ଉଇକେଟ ଶୂନ୍ୟ ରହିଥିଲେ। ଶାହିନ୍ ଶାହ ଆଫ୍ରିଦି ୪ ଉଇକେଟ ନେଇଥିବା ବେଳେ ହରିଶ ରୌଫ୍ ଓ ନଶିମ ଶାହା ପ୍ରତ୍ୟେକ ୩ଟି ଲେଖାଏ ଉଇକେଟ ନେଇଥିଲେ। ଭାରତୀୟ ଇନିଂସ ଶେଷ ହେବା ପରେ ବର୍ଷା କାରଣରୁ ପାକିସ୍ତାନ ଇନିଂସରେ ଗୋଟିଏ ବି ବଲ୍ ପଡ଼ିବା ସମ୍ଭବ ହୋଇ ନଥିଲା। ସେପ୍ଟେମ୍ବର ୪ ତାରିଖରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ନେପାଳକୁ ଭେଟିବ।

**ସଂକ୍ଷିପ୍ତ ସ୍କୋର**

ଭାରତ ୪୮.୫ ଓଭରରେ ୨୬୬/୧୦ (ହାର୍ଦ୍ଦିକ ପାଣ୍ଡ୍ୟା-୮୭, ଇଶାନ କିଶନ୍-୮୨, ଯଶପ୍ରୀତ୍ ବୁମ୍‌ରା-୧୬, ଶାହିନ୍ ଶାହ ଆଫ୍ରିଦି-୪/୩୫, ହରିଶ ରୌଫ୍-୩/୫୮, ନଶିମ ଶାହା୩/୩୬)।

# ଦେବାଶିଷଙ୍କୁ ଡବଲ୍ସ ଟାଇଟଲ୍

## ଆଇଟିଏଫ୍ ଜୁନିୟର ଟେନିସ୍

ଭୁବନେଶ୍ୱର,୨।୯ (ସରୋଜ ଜେନା)

ରାଜ୍ୟର ପ୍ରତିଭାବାନ ଯୁବ ଟେନିସ୍ ତାରକା ଦେବାଶିଷ ସାହୁ ତେଲଙ୍ଗାନାରେ ଅନୁଷ୍ଠିତ ଆଇଟିଏଫ୍ ଜୁନିୟର ଟେନିସ ଟୁର୍ନାମେଣ୍ଟର ସିଙ୍ଗଲ୍ସ ବର୍ଗରେ ରନର ଅପ୍ ହୋଇଥିବା ବେଳେ ଡବଲ୍ସରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ହାଇଦ୍ରାବାଦର ଅଜିଜ ନଗର ସ୍ଥିତ ଲେକ୍ ଭିୟୁ ଟେନିସ୍ ଏକାଡେମୀରେ ଅନୁଷ୍ଠିତ ରାଜା ନରସିଂହ ରାଓ ମେମୋରିଆଲ ଆଇଟିଏଫ୍ ଟେନିସ୍ ଟୁର୍ନାମେଣ୍ଟରେ ଦେବାଶିଷ ୧୮ ବର୍ଷରୁ କମ୍ ବାଳକ ବର୍ଗରେ ରନରଅପ୍ ରହିଛନ୍ତି। ବାଳକ ଡବଲ୍ସରେ ମୁମ୍ବାଇର ସମର୍ଥ ସହିତାଙ୍କୁ ପାର୍ଟନର କରି ଖେଳୁଥିବା ଦେବାଶିଷ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ନିକଟରେ ଏକଲବ୍ୟ ପୁରସ୍କାର ହାସଲ କରିଥିବା ଦେବାଶିଷ ନିଜ ସଫଳତା ପାଇଁ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି।



ଦେବାଶିଷ ସାହୁ

# ଭାରତର ସଂଘର୍ଷପୂର୍ଣ୍ଣ ବିଜୟ

## ୧୬ ବର୍ଷରୁ କମ୍ ସାଫ୍ ଫୁଟ୍‌ବଲ

ଥିମ୍ପୁ,୨।୯(ପି.ଟି.)

ସାଉଥ ଏସିଆନ ଫୁଟ୍‌ବଲ ଫେଡେରେଶନ (ସାଫ୍) ୧୬ ବର୍ଷରୁ କମ୍ ଚାମ୍ପିୟନଶିପ୍ ବାଂଲାଦେଶ ବିପକ୍ଷ ମ୍ୟାଚ ଭାରତ ୧-୦ ଗୋଲ୍‌ରେ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛି। ଶନିବାର ଅନୁଷ୍ଠିତ ଏହି ମ୍ୟାଚରେ ବାଂଲାଦେଶ ଗୋଲ୍‌କିପର ନରହିଦୁଲ ଇସ୍‌ଲାମ ଚମତ୍କାର ଗୋଲ୍ କିପିଙ୍ଗ କରିବାରୁ ଭାରତ ପକ୍ଷେ ଗୋଲ ଦେବା ସହଜ ନ ଥିଲା। ୭୪ତମ ମିନିଟ୍‌ରେ ଥୋଙ୍ଗାମ୍ବା ସିଂ ଉଶାମ ବିଜୟସୂଚକ ଗୋଲ୍‌ଟିକୁ ସ୍କୋର କରିଥିଲେ। ଭାରତୀୟ ଦଳ ବର୍ତ୍ତମାନ ୪ ଦିନ ବିଶ୍ରାମ ନେବା ପରେ ଗ୍ରୁପ୍ 'ଏ'ରେ ଏହାର ଦ୍ୱିତୀୟ ତଥା ଅନ୍ତିମ ମ୍ୟାଚ ସେପ୍ଟେମ୍ବର ୬ରେ ନେପାଳ ବିପକ୍ଷରେ ଖେଳିବ। ଭୁଟାନ, ପାକିସ୍ତାନ ଓ ନେପାଳ ଗ୍ରୁପ୍ 'ବି'ରେ ସ୍ଥାନ ପାଇଛନ୍ତି। ଉଭୟ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ।

# ଦୃଷ୍ଟିବାଧିତ କ୍ରିକେଟର ସମ୍ବର୍ଦ୍ଧିତ

ଭୁବନେଶ୍ୱର,୨।୯(ସରୋଜ ଜେନା)

ଆଇବିଏସ୍ଏ ୱାର୍ଲ୍ଡ ଗେମ୍ସରେ ପଦକ ବିଜେତା ଦୃଷ୍ଟିବାଧିତ ଓଡ଼ିଆ କ୍ରିକେଟରଙ୍କୁ କାଭି ଓଡ଼ିଶା ପକ୍ଷରୁ ସମ୍ମାନିତ କରାଯାଇଛି। ଏହି ଟୁର୍ନାମେଣ୍ଟରେ ଭାରତୀୟ ମହିଳା ଦଳ ସ୍ୱର୍ଣ୍ଣ ଓ ପୁରୁଷ ଦଳ ରୌପ୍ୟ ପଦକ ହାସଲ କରିଥିଲା। ମହିଳା ଦଳରେ ସାମିଲ ୪ ଓ ପୁରୁଷ ଦଳରେ ଥିବା ୩ ଖେଳାଳିଙ୍କୁ ଶନିବାର ରମାଦେବୀ ମହିଳା ମହାବିଦ୍ୟାଳୟ କନଫରେନ୍ସ ହଲରେ ସମ୍ମାନିତ କରାଯାଇଛି। ମହିଳା ଦଳରେ ଉପ ଅଧିନାୟିକା ଫୁଲ ସୋରେନଙ୍କ ସମେତ ବାସନ୍ତୀ ହାଂସଦା, ପଦ୍ମିନୀ ଟୁଡୁ ଓ ଝିଲି ବିରୁଆ ରହିଛନ୍ତି। ଅନ୍ୟ ପକ୍ଷରେ ପୁରୁଷ ଦଳରେ ଏମ୍‌ଡି ଜାଫର ଇକ୍‌ବାଲ, ପଙ୍କଜ ଭୁଏ ଓ ନକୁଳ ବଡନାୟକ ରହିଥିଲେ। ରୋଟାରୀ କ୍ଲବର ଡିଷ୍ଟ୍ରିକ୍ଟ ଗଭର୍ନର ଜୟଶ୍ରୀ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ରୋଟାରୀ କ୍ଲବ ଦିବ୍ୟାଙ୍ଗ ମାନଙ୍କ ଉତ୍ଥାନ ପାଇଁ ପଦକ୍ଷେପ ଗ୍ରହଣ କରିବ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମାଦେବୀ ମହିଳା ମହାବିଦ୍ୟାଳୟ କୁଳପତି ଅପରାଜିତା ଚୌଧୁରୀ, ପୂର୍ବତନ ରଣଜୀ ଖେଳାଳି ସତ୍ୟରଞ୍ଜନ ଶତପଥୀ ଓ ସମାଜ ସେବୀ ହରିହର ପଟ୍ଟନାୟକ ଅତିଥି ଭାବରେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।




ଦୃଷ୍ଟିବାଧିତ କ୍ରିକେଟରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବୋପାନ୍ନା-ଇବିଡେନ୍ ତୃତୀୟ ରାଉଣ୍ଡରେ

ନ୍ୟୁୟର୍କ, ୨।୯ (ପି.ଟି.)

ଭାରତର ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ପାର୍ଟନର ମାଥ୍ୟୁ ଇବିଡେନ୍ ଏଠାରେ ଚାଲିଥିବା ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ପୁରୁଷ ଡବଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୬ଷ୍ଠ ସିଡ୍ ଇଣ୍ଡୋ-ଅଷ୍ଟ୍ରେଲିଆନ ଯୋଡ଼ି ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ୬-୩, ୬-୩ ସେଟ୍‌ରେ କାଜାଖସ୍ତାନର ଆନ୍ଦ୍ରେ ଗୋଲୁବେଭ୍ ଓ ରୁଶିଆର ରୋମାନ ସାଫିଉଲିନ୍‌ଙ୍କୁ ହରାଇ ଦେଇଛନ୍ତି। ପ୍ରତ-କ୍ୱାର୍ଟରଫାଇନାଲରେ ସେମାନେ ଅଣ ସିଡ୍ ବ୍ରିଟିଶ ଯୋଡ଼ି ହେନ୍‌ରୀ ପାଟେନ ଓ ଜୁଲିଆନ କ୍ୟାଶଙ୍କ ସହ ମୁକାବିଲା କରିବେ। ପ୍ରିକ୍ୱାର୍ଟରରେ ପ୍ରବେଶ କରିବା ଦ୍ୱାରା ସେମାନେ ଅତିକମ୍‌ରେ ୫୮,୦୦୦ ଆମେରିକୀୟ ଡଲାର ପୁରସ୍କାର ରାଶି ପକ୍କା କରିଛନ୍ତି। ଅଭିଜ୍ଞ ବୋପାନ୍ନା ଓ ଇବିଡେନ୍ ଯୋଡ଼ିଙ୍କୁ ମିଳିଥିବା ୭ଟି ବ୍ରେକ୍ ପଏଣ୍ଟ ମଧ୍ୟରୁ ସେମାନେ ୩ଟି କନଭର୍ଟ କରିବାରେ ସଫଳ ରହିଥିଲେ। ବିପକ୍ଷ ଯୋଡ଼ି ମାତ୍ର ଗୋଟିଏ ବ୍ରେକ୍ ପଏଣ୍ଟ ଅର୍ଜନ କରିପାରିଥିଲେ।



ରୋହନ ବୋପାନ୍ନା




# 'ଓଡ଼ିଆଙ୍କ ପାଇଁ ପ୍ରେରଣାର ଉତ୍ସ କିଶୋର'




କିଶୋର ଜେନାଙ୍କୁ ୫୦ ଲକ୍ଷର ଚେକ୍ ଦେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।



କିଶୋରଙ୍କ କୋଚ୍ ନୀଳମାଧବ ଦେଓଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା।

ଭୁବନେଶ୍ୱର,୨।୯(ସରୋଜ ଜେନା)

ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ନିଜର ଚମତ୍କାର ପ୍ରଦର୍ଶନ ଜରିଆରେ ସମସ୍ତଙ୍କ ହୃଦୟ ଜିତିଥିବା ଜାଭେଲିନ୍ ଥ୍ରୋୟର କିଶୋର ଜେନାଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରିଛନ୍ତି ଓଡ଼ିଶା ସରକାର। ବିଶ୍ୱ ଚାମ୍ପିୟନଶିପ୍‌ରେ ଚମତ୍କାର ପ୍ରଦର୍ଶନ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଥିକ ପୁରସ୍କାର ଘୋଷଣା କରାଯାଇଥିଲା। ଶୁକ୍ରବାର କିଶୋର ନୂଆଦିଲ୍ଲୀରୁ ଫେରିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଛି । ଶନିବାର କିଶୋର ଜେନାଙ୍କୁ ୫୦ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପ୍ରଥମ ଓଡ଼ିଆ ଆଥ୍‌ଲେଟ ଭାବରେ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବା କିଶୋର ଫାଇନାଲରେ ପହଞ୍ଚିଥିଲେ। ହଙ୍ଗେରୀର ରାଜଧାନୀ ବୁଦାପେଷ୍ଟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ଫାଇନାଲରେ କିଶୋର କ୍ୟାରିୟର ଶ୍ରେଷ୍ଠ ପ୍ରଦର୍ଶନ କରି ପଞ୍ଚମ ସ୍ଥାନରେ ରହିଥିଲେ। ଫାଇନାଲରେ ନୀରଜ ଚୋପ୍ରା ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ କିଶୋର ୮୪.୭୭ ମିଟର ଥ୍ରୋ ସହିତ ପଞ୍ଚମ ସ୍ଥାନରେ ରହିଥିଲେ।

ଶନିବାର କିଶୋରଙ୍କୁ ପୁରସ୍କୃତ କରିବା ସହିତ ମୁଖ୍ୟମନ୍ତ୍ରୀ ବେଶ୍ ପ୍ରଶଂସା କରିଥିଲେ। କିଶୋରଙ୍କ ଏହି ସଫଳତା କେବଳ ତାଙ୍କର ନୁହେଁ ବରଂ ସମଗ୍ର ଓଡ଼ିଶାର ଏହା ସଫଳତା ବୋଲି କହିଥିଲେ ମୁଖ୍ୟମନ୍ତ୍ରୀ। ଏହି ସଫଳତା ରାଜ୍ୟର ଯୁବ ଖେଳାଳିଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଥମ ଖେଳାଳି ଭାବରେ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିବା ସହିତ ଫାଇନାଲରେ ପ୍ରବେଶ କରିବା ଏକ ବୃହତ୍ ଉପଲବ୍ଧି। ରାଜ୍ୟରେ କ୍ରୀଡ଼ା ପ୍ରତିଭାଙ୍କ ଅଭାବ ନାହିଁ ବୋଲି ଆଉଥରେ ପ୍ରମାଣ କରିଛନ୍ତି କିଶୋର। ଏମିତି କ୍ରୀଡ଼ା ପ୍ରତିଭାଙ୍କୁ ଆଗକୁ ବଢ଼ିବା ପାଇଁ ସୁଯୋଗ ଦେବା ଆମର ଏକମାତ୍ର ଲକ୍ଷ୍ୟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

ଏହା ପୂର୍ବରୁ କିଶୋରଙ୍କୁ କଳିଙ୍ଗ ଷ୍ଟାଡିୟମରେ ଏକ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡା ବିଭାଗ ସଚିବ ଆର. ଭିନିଲ କ୍ରିଷ୍ଣା ଓ କ୍ରୀଡା ନିର୍ଦ୍ଦେଶକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କିଶୋରଙ୍କ ବ୍ୟତୀତ ସ୍ପୋର୍ଟ୍ସ ହଷ୍ଟେଲରେ ରହିଥିବା ତାଙ୍କର କୋଚ୍‌ମାନଙ୍କୁ ମଧ ସମ୍ମାନିତ କରାଯାଇଥିଲା।ସ୍ପୋର୍ଟ୍ସ ହଷ୍ଟେଲ ଓ ଆଥଲେଟିକ୍ସ ଏଚ୍‌ପିସିର ଖେଳାଳି ମାନେ କିଶୋରଙ୍କ ସହିତ ଆଲୋଚନାର ସୁଯୋଗ ପାଇଥିଲେ।

୧୯୯୫ ସେପ୍ଟେମ୍ବର ୬ରେ ପୁରୀର ବ୍ରହ୍ମଗିରିସ୍ଥିତ କୋଠସାହି ଗ୍ରାମରେ କିଶୋର ଜେନାଙ୍କ ଜନ୍ମ। ତାଙ୍କ ମା' ହେଉଛନ୍ତି ହରପ୍ରିୟା ଜେନା ଓ ବାପା କେଶବ ଜେନା। ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସରୁ ପ୍ରଶିକ୍ଷଣ ନେଇ ଆଗକୁ ବଢ଼ିଥିବା ଏହି ଆଥ୍‌ଲେଟ ପ୍ରତିଭା ଜଣଙ୍କ କଲମ୍ବୋରେ ଅନୁଷ୍ଠିତ ଶ୍ରୀଲଙ୍କା ନ୍ୟାଶନାଲ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ୮୪.୩୮ ମିଟର ଥ୍ରୋ କରି ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ପ୍ରଥମ ଥର ଏକ ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲ ଖେଳୁଥିଲେ ମଧ ନର୍ଭସ ନ ହୋଇ ୮୪.୭୭ ମିଟର ଥ୍ରୋ ସହିତ ପଞ୍ଚମ ସ୍ଥାନରେ ରହି ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ଏହା ପୂର୍ବରୁ କିଶୋରଙ୍କୁ ସିଆଇଏସ୍ଏଫ୍ ପକ୍ଷରୁ ୧ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI


ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୩/୨୦୨୩ (୮+୮=୧୬ ପୃଷ୍ଠା + ଛୁଟିଦିନ) | Bhubaneswar, Sunday, September 3/2023 | Page 16 | ₹ 7.00 | BERHAMPUR

# କଳିଙ୍ଗରେ ଫୁଟ୍‌ବଲ ବିଶ୍ୱକପ୍ କ୍ୱାଲିଫାୟର

## କାତାରକୁ ଭେଟିବ ଭାରତ

ଭୁବନେଶ୍ୱର,୨।୯(ସରୋଜ ଜେନା)

ଓଡ଼ିଶାର ଫୁଟ୍‌ବଲ ପ୍ରେମୀଙ୍କ ପାଇଁ ଖୁସି ଖବର। ଐତିହାସିକ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ ଫିଫା ବିଶ୍ୱକପ୍ ୨୦୨୬ ଏବଂ ଏଏଫ୍‌ସି ଏସିଆନ କପ୍ ୨୦୨୭ କ୍ୱାଲିଫାୟର ମ୍ୟାଚ୍। ଶନିବାର ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ୍(ଏଆଇଏଫ୍ଏଫ୍) ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି। ୨୦୨୬ ଫିଫା ଫୁଟ୍‌ବଲ ବିଶ୍ୱକପ୍ ଓ ୨୦୨୭ ଏଏଫ୍‌ସି ଏସିଆନ କପ୍‌ର ଯୋଗ୍ୟତା ପର୍ଯ୍ୟାୟ ଦୁଇଟି ଘରୋଇ ମ୍ୟାଚ୍ ପାଇଁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଓ ଗୁଆହାଟୀର ଇନ୍ଦିରା ଗାନ୍ଧୀ ଫୁଟ୍‌ବଲ ଷ୍ଟାଡିୟମକୁ ଭେନ୍ୟୁ ଭାବେ ଚୟନ କରାଯାଇଛି। ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଭାରତ ନଭେମ୍ବର ୧୬ ତାରିଖରେ କୁଏଟ୍ ବିପକ୍ଷରେ ଏହାର ଅଭିଯାନ ଆରମ୍ଭ କରିବ। ଭାରତରେ ଖେଳାଯିବାକୁ ଥିବା ପ୍ରଥମ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ହେବ। ଏହା ଦ୍ୱାରା ଦେଶର ଫୁଟ୍‌ବଲ ମାନଚିତ୍ରରେ ଓଡ଼ିଶା ଏହାର ଦବ୍‌ଦବା ଜାହିର କରିବାରେ ସମର୍ଥ ହୋଇଛି। ପୂର୍ବରୁ ହକି ଓ ଆଥ୍‌ଲେଟିକ୍ସରେ ଦେଶର ସ୍ପୋର୍ଟ୍ସ ହବ୍ ପାଲଟିଥିବା ଓଡ଼ିଶା ବର୍ତ୍ତମାନ ଫୁଟ୍‌ବଲରେ ମଧ୍ୟ ସମାନ ମାନ୍ୟତା ହାସଲ କରିବା ଦିଗରେ ଆଉ ଏକ ପାଦ ଅଗ୍ରସର ହୋଇଛି। ଏହା ପୂର୍ବରୁ ଭୁବନେଶ୍ୱରରେ ଅନୁଷ୍ଠିତ ଇଣ୍ଟରକଣ୍ଟିନେଣ୍ଟାଲ କପ୍‌ରେ ଭାରତ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା।



ଏସିଆନ କ୍ୱାଲିଫାୟର ପାଇଁ ଗ୍ରୁପ୍ 'ଏ'ରେ ଭାରତ ବ୍ୟତୀତ କାତାର, କୁଏଟ୍, ଆଫଗାନିସ୍ତାନ ଓ ମଙ୍ଗୋଲିଆ ସ୍ଥାନ ପାଇଛନ୍ତି।

ପ୍ରଥମ ମ୍ୟାଚ୍‌ଟି ଭାରତ ବିଦେଶରେ କୁଏଟ୍ ବିପକ୍ଷରେ ଖେଳିବ। ତେବେ ଡିଫେଣ୍ଡିଂ ଏଏଫ୍‌ସି ଏସିଆନ କପ୍ ଚାମ୍ପିୟନ କାତାର ବିପକ୍ଷରେ କଳିଙ୍ଗ ଷ୍ଟାଡିୟମରେ ଏହାର ଦ୍ୱିତୀୟ ମ୍ୟାଚ୍ ଖେଳିବ ଭାରତ। ତୃତୀୟ ମ୍ୟାଚଟି ଇନ୍ଦିରା ଗାନ୍ଧୀ ଫୁଟ୍‌ବଲ ଷ୍ଟାଡିୟମରେ ଖେଳାଯିବାକୁ ଥିବା ବେଳେ ଭାରତ ଏଥିରେ ଆଫଗାନିସ୍ତାନ ବନାମ ମଙ୍ଗୋଲିଆ ମ୍ୟାଚ୍‌ର ବିଜେତାକୁ ଭେଟିବ। ୨୦୨୪ ମାର୍ଚ୍ଚ ୨୧ ପରଠାରୁ ଯୋଗ୍ୟତା ପର୍ଯ୍ୟାୟ ଆରମ୍ଭ ହେବ। ମାର୍ଚ୍ଚ ୨୧ରେ ପ୍ରଥମ ମ୍ୟାଚ୍ ଓ ମାର୍ଚ୍ଚ ୨୬ ତାରିଖରେ ଦ୍ୱିତୀୟ ମ୍ୟାଚ୍ ଖେଳିବ ଭାରତ। ମ୍ୟାଚ୍ ଆୟୋଜନର ଅଧିକାର ପାଇଥିବା ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ଓ ଆସାମ ଫୁଟ୍‌ବଲ ଆସୋସିଏଶନକୁ ଧନ୍ୟବାଦ ଜଣାଇଛନ୍ତି ଏଆଇଏଫ୍ଏଫ୍ ମହାସଚିବ ଶାଜି ପ୍ରଭାକରନ୍।

## ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୯

ଓଡ଼ିଶାକୁ ପୁଣି ଥରେ ଅନ୍ତର୍ଜାତୀୟ ଫୁଟ୍‌ବଲ ଫେରିଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍ଏଫ୍)କୁ ଧନ୍ୟବାଦ ଜଣାଇଛନ୍ତି। ଏଆଇଏଫ୍ଏଫ୍ ପକ୍ଷରୁ ପୁନର୍ବାର ଓଡ଼ିଶାକୁ ଚୟନ କରାଯାଇଥିବା ଫୁଟ୍‌ବଲ ପ୍ରତି ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହା ରାଜ୍ୟରେ ଫୁଟ୍‌ବଲ ପ୍ରତି ଥିବା ଭଲ ପାଇବା ତଥା ଫୁଟ୍‌ବଲକୁ ପ୍ରମୋଟ କରିବାର ଇଚ୍ଛାଶକ୍ତିକୁ ଦର୍ଶାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଶ୍ୱର ଫୁଟ୍‌ବଲରମାନଙ୍କୁ ସ୍ୱାଗତ କରିବା ପାଇଁ ଓଡ଼ିଶା ପ୍ରସ୍ତୁତ ବୋଲି ସେ କହିଛନ୍ତି। ଫୁଟ୍‌ବଲ ପ୍ରଶଂସକମାନଙ୍କ ପାଇଁ ଏହା ଏକ ସ୍ମରଣୀୟ ଅନୁଭୂତି ରହିବ ବୋଲି ସେ କହିଛନ୍ତି। ଭୁବନେଶ୍ୱରରେ ଫିଫା ଦ୍ୱାରା ଅନୁମୋଦିତ ଅତିରିକ୍ତ ୫ଟି ଅଭ୍ୟାସ ପିଚ୍ ରହିଥିବାରୁ ବିଭିନ୍ନ ଅନ୍ତର୍ଜାତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଆୟୋଜନ ପାଇଁ ଏହା ପ୍ରକୃଷ୍ଟ ସ୍ଥାନ ବୋଲି ନବୀନ କହିଛନ୍ତି।

# ବଜ୍ରପାତରେ ନାବାଳକ ସମେତ ୮ ମୃତ, ୩ ଆହତ

ଡେଲାଙ୍ଗ,୨।୯(ରଶ୍ମିରଞ୍ଜନ ପ୍ରଧାନ)/ ଲୋଇସିଂହା,(ସୁଶାନ୍ତ ବାରିକ)/ ବଡ଼ଗାଁ,(ଅଶୋକ ଷଡ଼ଙ୍ଗୀ)/ ବାଉଁଶୁଣୀ,(ଦେବାଶିଷ ନେପାକ)/ ବାଲିକୁଦା,(ତାପସ ସ୍ୱାଇଁ)/ ବାଣପୁର(ଶଙ୍କର ବସ୍ତି)/ ଗମ୍ଭାରୀମୁଣ୍ଡା,(ଦିଲୀପ ସ୍ୱାଇଁ)/ ଜଟଣୀ,(ରବୀନ୍ଦ୍ର ନାଥ ମହାକୁଡ଼)

ପୁରୀ ଜିଲା ଡେଲାଙ୍ଗ ବ୍ଲକରେ ଶନିବାର ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରେଞ୍ଚ ପଞ୍ଚାୟତ ଅନ୍ତର୍ଗତ ପଲ୍ଲୀଗ୍ରାମର ଗନ୍ଧର୍ବ ସାମନ୍ତରାୟ(୫୨)। ଅପରାହ୍ନ ୩ଟା ସମୟରେ ଗନ୍ଧର୍ବ ଧାନକ୍ଷେତରେ ପିଡ଼ିଆ ପକାଇବାକୁ ଯାଇଥିଲେ। ହଠାତ୍ ପବନ ବର୍ଷା ସହ ବଜ୍ରପାତ ହେବାରୁ ସେ କ୍ଷେତରୁ ସନ୍ନିକଟ ବରଗଛ ମୂଳକୁ ଯାଇ ଆଶ୍ରୟ ନେଇଥିଲେ। ବରଗଛରେ ବଜ୍ରପାତ ମାଡ଼ ହେବାରୁ ସେ ସେଠାରେ ଟଳି ପଡିଥିଲେ। ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ଗଛମୂଳେ ମୁହଁମାଡ଼ି ପଡ଼ିଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ବିଲରେ କାମ କରୁଥିବାବେଳେ ବଜ୍ରପାତରେ ଆଉ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ କୁଟାସିଂହା ଗ୍ରାମର ସୁରେଶ ପାତ୍ର(୩୫)। ଲୋଇସିଂହା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ପଠାଇଛି। ଚାଷ ଜମିରେ ସୁରେଶଙ୍କ ସମେତ ୧୦ରୁ ୧୨ ଜଣ ଶ୍ରମିକ କାମ କରୁଥିଲେ। ଅପରାହ୍ନରେ ବର୍ଷା ସହ ବଜ୍ରପାତ ହେବାରୁ ସୁରେଶ ସେଠାରେ ଟଳି ପଡିଥିଲେ। ସାଙ୍ଗରେ କାମ କରୁଥିବା ଅନ୍ୟ ଶ୍ରମିକମାନେ ତାଙ୍କୁ ଉଦ୍ଧାର କରି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ମୃତକଙ୍କ ମଧ୍ୟରେ ୬ ଚାଷୀ

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସିଙ୍ଗାରମୁଣ୍ଡା ବଡପଡାଗ୍ରାମରଜଣେଚାଷୀପରବଲସୋରେଙ୍ଗ(୪୧)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ଅପରାହ୍ନରେ ଚାଷ ବିଲରେ କାମ କରିବା ସମୟରେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଗ୍ରାମବାସୀ ପୋଲିସକୁ ଖବର ଦେଇଛନ୍ତି।

ବୌଦ୍ଧ ବ୍ଲକ ରାଉତବାହାଲ ଗ୍ରାମରେ ବଜ୍ରପାତ ଘଟି ପାନେଶ୍ୱରୀ ପୋଢ ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଅପରାହ୍ନରେ ପାନେଶ୍ୱରୀ ବିଲରେ କାମ କରୁଥିବାବେଳେ ହଠାତ୍ ବଜ୍ରପାତର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ବୌଦ୍ଧ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି।

ସେହିପରି ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ତଣ୍ଡିକୂଳ ପଞ୍ଚାୟତ ଅନ୍ତର୍ଗତ ସାରଣା ଗାଁରେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ନିତ୍ୟାନନ୍ଦ ବାରିକ(୬୦)। ମଧ୍ୟାହ୍ନରେ ବିଲରେ ଥିବାବେଳେ ହଠାତ୍ ବର୍ଷା ସହ ବଜ୍ରପାତ ହୋଇଥିଲା। ସେ ଘରକୁ ଫେରି ଆସିବାବେଳେ ବଜ୍ରପାତରେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଜଗତ୍‌ସିଂହପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି।

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଞ୍ଚଳରେ ବଜ୍ରପାତରେ ଜଣେ ନାବାଳକଙ୍କ ସମେତ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଏହି ଥାନା ଅଧୀନ ଅରାଙ୍ଗ ଗ୍ରାମର ରଞ୍ଜିତ୍ ରଣସିଂହ(୨୨) ଓ କାଦମ୍ବଝୁଲା

☞ପୃଷ୍ଠା-୪



**ଆକ୍ରମଣ ଘଟଣା, ଯୁବକ ଗିରଫ**

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ): ଆକ୍ରମଣ ଘଟଣାରେ ବଡ଼ବଜାର ପୋଲିସ ଜଣେ ଅଟୋ ଚାଳକଙ୍କୁ ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଅଶୋକ ବେହେରା (୩୮)। ଲକ୍ଷ୍ମୀନୃସିଂହ ସାହିର ଅଶୋକ, ବାଲାଜି ରେଡ୍ଡୀ ନାମକ ଜଣେ ଯୁବକଙ୍କ ଠାରୁ ଗାଡ଼ି ଟାୟାର ମାଗି ଆଣିଥିଲେ। କିଛିଦିନ ପରେ ବାଲାଜୀ ଉକ୍ତ ଟାୟାର ଫେରାଇବାକୁ ଅଶୋକଙ୍କୁ କହିଥିଲେ। ଟାୟାର ନ ପାଇବାରୁ ଗତ ୩୧ ତାରିଖ ରାତିରେ ଅଶୋକଙ୍କ ଘରକୁ ଯାଇ ଗାଳି ଗୁଲଜ କରିଥିଲେ। ଏଥିରେ ଅଶୋକ ଉତକ୍ଷିପ୍ତ ହୋଇ ଶୁକ୍ରବାର ସନ୍ଧ୍ୟାରେ ବାଲାଜୀଙ୍କ ଘରକୁ ଯାଇ ଝଗଡା କରିବା ସହ ଠେଙ୍ଗାରେ ପିଟିବାରୁ ତାଙ୍କ ମୁଣ୍ଡ ଫାଟିଯାଇଥିଲା। ଜଣେ ମହିଳାଙ୍କୁ ମଧ୍ୟ ସେଠାରେ ଅଶୋକ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଥିଲା। ପୋଲିସ ଏ ସଂକ୍ରାନ୍ତରେ ୩୨୦/୨୩ ରେ ଏକ ମାମଲା ରୁଜୁ କରିଥିଲା।

## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ମୃତଦେହ କୂଅରୁ ମିଳିଲା

ବ୍ରହ୍ମପୁର,୨।୯(ସୁବାସ ଚନ୍ଦ୍ର ପାଢ଼ୀ)

ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ଶନିବାର ଗାଁମୁଣ୍ଡରେ ଥିବା ଏକ କୂଅରୁ ଜବତ ହୋଇଛି। ମୃତକ ଜଣଙ୍କ ହେଲେ ସଦର ଥାନା ଅନ୍ତର୍ଗତ ଗୌତମୀ ଗ୍ରାମର ଲକ୍ଷ୍ମଣ ବେହେରାଙ୍କ ପୁଅ ଘନଶ୍ୟାମ (୩୦)। ପୋଲିସ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ଘନଶ୍ୟାମଙ୍କ ମୃତଦେହ ଜବତ କରିଛି। ପାଣିରେ ବୁଡି ଶ୍ୱାସରୁଦ୍ଧ ହୋଇ ଘନଶ୍ୟାମଙ୍କ ମୃତ୍ୟୁ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି। ଏ ନେଇ ନଂ.୨୩/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁ କିଭଳି ହୋଇଛି ଜଣାପଡିବ ବୋଲି ପୋଲିସ କହିଛି। ପ୍ରକାଶ ଯେ, ଘନଶ୍ୟାମ ସୁରଟରେ କାମ କରନ୍ତି। କିଛିଦିନ ତଳେ ସେ ଗ୍ରାମକୁ ଫେରିଥିଲେ। ଶୁକ୍ରବାର ଗାଁମୁଣ୍ଡରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇ ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ମଧ୍ୟ ତାଙ୍କୁ ପାଇ ନ ଥିଲେ। ଶନିବାର ମଧ୍ୟାହ୍ନରେ କୂଅରେ ଏକ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିକମାନେ କୂଅରେ ପଶି ପାଣିରେ ଭାସୁଥିବା ମୃତଦେହ ବାହାର କରିଥିଲେ। ଅନ୍ୟପଟେ ବିପିନ ବେହେରା ସେଠାରେ ପହଞ୍ଚି ପୋଲିସ ଉପସ୍ଥିତିରେ ଭାଇଙ୍କ ମୃତଦେହ ଚିହ୍ନଟ କରିଥିଲେ।

### ଜମି ସମସ୍ୟାର ସମାଧାନ, ଲୋକଙ୍କୁ ମିଳିବ ପଟ୍ଟା

ସୋରଡା,୨।୯(ଲମ୍ବୋଦର ପାଣିଗ୍ରାହୀ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ ଗଞ୍ଜାମ ଜିଲା ଗସ୍ତ ସମୟରେ ଜମିଜମା ସମ୍ପର୍କିତ ଅନେକ ଅଭିଯୋଗ ଲୋକଙ୍କଠାରୁ ପାଇଥିଲେ। ଏ ବିଷୟରେ ୫-ଟି ସଚିବ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବା ପରେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଶନିବାର ଏକ ଉଚ୍ଚସ୍ତରୀୟ ବୈଠକରେ ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ କରାଯାଇ ଲୋକଙ୍କୁ ପଟ୍ଟା ଯୋଗାଇ ଦେବାକୁ ନିଷ୍ପତ୍ତି ନିଆଯାଇଛି । ସୂଚନା ଯୋଗ୍ୟ, ସୋରଡାରେ ଜଳଭଣ୍ଡାର ନିର୍ମାଣ ପରେ ବିସ୍ଥାପିତମାନେ ୧୨୭ ବର୍ଷ ହେଲା ଘର ପଟ୍ଟା ପାଇନଥିଲେ। ବ୍ଲକର ଖିଲାବାଡି, ବଞ୍ଜିର, ରାଇପାଲି, କେଶରୀପାଟଣା, ଅମୃତୁଲୁ, ବୁଗୁଡା, ତାକରଡା, ଗୁଣ୍ଡିରିବାଡି, ଖାରିଗୁଡା, ଲଙ୍ଗଳ ଝୋଳି, ବୋରଶିଙ୍ଗୀ ଆଦି ୧୭ ଗ୍ରାମର ୮୮୩ ଜଣଙ୍କୁ ଘରଡିହ ପଟ୍ଟା ଦିଆଯିବ ଏବଂ ସେପ୍ଟେମ୍ବର ୨୨ ସୁଦ୍ଧା ସମସ୍ତ ପଟ୍ଟାବଣ୍ଟନ ପ୍ରକ୍ରିୟା ଶେଷ ହେବ । ସେହିପରି ୧୬୮ ଜଣ ଲୋକଙ୍କୁ ଚାଷଜମି ପାଇଁ ପଟ୍ଟା ଦିଆଯିବା ପ୍ରକ୍ରିୟା ଅକ୍ଟୋବରରୁ ଆରମ୍ଭ ହୋଇଛି।

### ଡିଏଲ୍ଏସ୍ଏ ପକ୍ଷରୁ ପ୍ରଶିକ୍ଷଣ ଶିବିର

ବ୍ରହ୍ମପୁର,୨।୯ (ସୁବାସ ଚନ୍ଦ୍ର ପାଢ଼ୀ)

ରିଜନାଲ ଜୁଡିସିଆଲ ଏକାଡେମୀ ବ୍ରହ୍ମପୁର ପରିସରରେ ପ୍ୟାନେଲ ଓକିଲମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷା ରୂପଶ୍ରୀ ଚୌଧୁରୀ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଦେବଶ୍ରୀ ସାହୁ ଉପସ୍ଥିତ ଥିଲେ। ଜିଲାଜଜ୍ ଚୌଧୁରୀ ଶିବିରର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଡ଼ ଅରୁଣ କୁମାର ସାହୁ ଉପସ୍ଥିତ ରହି ମୁଦାଲାମାନଙ୍କ ଅଧିକାର, ଜାମିନ ଏବଂ ସେସନ କେଶ ଉପରେ ଉପସ୍ଥିତ ପ୍ୟାନେଲ ଓକିଲମାନଙ୍କୁ ଅବଗତ କରାଇଥିଲେ। ସେହିପରି ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍ସୋ ଜଜ ପ୍ରଭାତ କୁମାର ରାଜଗୁରୁ ପୋକସ ଆକ୍ଟ ଉପରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ପ୍ରିନ୍ସପାଲ ମାଜିଷ୍ଟ୍ରେଟ-ଜୁଭିନାଲ ଜଷ୍ଟିସ ବୋର୍ଡ, ଗଞ୍ଜାମ, ସୁଶାନ୍ତ କୁମାର ମିଶ୍ର ଉପସ୍ଥିତ ରହି ଜେ. ଜେ. ସି. ପି. ସି ଆକ୍ଟ-୨୦୧୫ ଉପରେ ବୁଝାଇଥିଲେ। ସେହିପରି ରାଜେନ୍ଦ୍ର କୁମାର ଦାସ ଦ୍ୱିତୀୟ-ଅତିରିକ୍ତ ସିଭିଲ ଜଜ୍-ସିନିୟର ଡିଭିଜନ, ବ୍ରହ୍ମପୁର, ଗଞ୍ଜାମ ଉପସ୍ଥିତ ରହି ସମ୍ପତ୍ତି ଏବଂ ପୋଷ୍ୟ ସନ୍ତାନ ବଜାୟ ରଖିବା ପାଇଁ ସ୍ୱତନ୍ତ୍ର ରେଫରାଲ୍ ଥିବା ମହିଳାମାନଙ୍କର ଅଧିକାର ଉପରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଉକ୍ତ ଶିବିରରେ ଜିଲା ଆଇନ ସେବା ପ୍ରାଧିକରଣର ଅନେକ ପ୍ୟାନେଲ ଓକିଲମାନେ ଉପସ୍ଥିତ ରହିଥିଲେ।

# ଗଞ୍ଜାମ ରାଜନୀତିରେ ଟାଇଗର ଆଉ ନାହାନ୍ତି

ବ୍ରହ୍ମପୁର/ଦିଗପହଣ୍ଡି, ୨।୯ (ନରସିଂହ ସାହୁ)/(ଅଶେଷନାଥ ମିଶ୍ର)

ଗଞ୍ଜାମ ଜିଲାର ବିଶିଷ୍ଟ ରାଜନୀତିଜ୍ଞ ସୂର୍ଯ୍ୟନାରାୟଣ ପାତ୍ର ରାଜନୀତିରେ ଜଣେ ଦକ୍ଷ ଖେଳୁଆଡ଼ ହୋଇଥିବାରୁ ତାଙ୍କୁ ଗଞ୍ଜାମ ଟାଇଗର ନଂ-୨ କୁହାଯାଉଥିଲା। ରାଜନୈତିକ ଜୀବନରେ ସେ ଏକାଧିକଥର କ୍ୟାବିନେଟ ମନ୍ତ୍ରୀ ହୋଇ ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ଭାଳିଥିଲେ। ୨୦୧୯ ନିର୍ବାଚନରେ ଜିତିବା ପରେ ସାମ୍ବିଧାନିକ ପଦ ବିଧାନସଭାର ବାଚସ୍ପତି ପଦ ପାଇଥିଲେ। ଶନିବାର ତାଙ୍କ ପରଲୋକରେ ବ୍ରହ୍ମପୁର ସମେତ ଜିଲାରେ ଗଭୀର ଶୋକବ୍ୟକ୍ତ କରାଯାଇଛି।

ଛାତ୍ର ଜୀବନରୁ ଅଣକଂଗ୍ରେସ ରାଜନୀତି ଆରମ୍ଭ କରିଥିବା ସୂର୍ଯ୍ୟ ଅନେକ ସମୟରେ ବିଭିନ୍ନ ଦାବି ନେଇ ବ୍ରହ୍ମପୁରରେ ହୋଇଥିବା ଛାତ୍ର ଆନ୍ଦୋଳନରେ ସକ୍ରିୟ ଭୂମିକା ତୁଲାଇଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ୬୦ଦଶକରେ ହୋଇଥିବା ଭୟଙ୍କର ଛାତ୍ର ଆନ୍ଦୋଳରେ ସାମିଲ ହୋଇଥିଲେ। ଖଲ୍ଲିକୋଟ କଲେଜ ଛାତ୍ର ସଂସଦର ମଧ୍ୟ କର୍ମକର୍ତ୍ତା ଥିଲେ। ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପରେ ସେ ସିନେଟ ଓ ସିଣ୍ଡକେଟ ସଦସ୍ୟ ହୋଇଥିଲେ। ବ୍ରହ୍ମପୁର ବାସିନ୍ଦା ସୂର୍ଯ୍ୟ ସହରରେ ଲୋକପ୍ରିୟ ଥିଲେ। ରାଜନୀତିରେ ପାଦ ଥାପି ପ୍ରଥମେ ପୌରପାଳିକା ସଂସ୍ଥାକୁ କାଉନସିଲର ଭାବେ ନିର୍ବାଚିତ ହୋଇ ସହରର ବିକାଶ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲେ। ୧୯୮୪ ଲୋକସଭା ନିର୍ବାଚନରେ ବ୍ରହ୍ମପୁର କ୍ଷେତ୍ରରୁ ତତ୍କାଳୀନ ଜନତା ପାର୍ଟିରୁ ପ୍ରତିଦ୍ୱନ୍ଦ୍ୱିତା କରି ପରାସ୍ତ ହୋଇଥିଲେ। ପରବର୍ତ୍ତି ୧୯୮୯ ନିର୍ବାଚନରେ ମଧ୍ୟ ସେହି ଜନତା ପାର୍ଟିରୁ ଲଢ଼ି ପରାଜିତ ହୋଇଥିଲେ। ୧୯୯୦ ବିଧାନସଭା ନିର୍ବାଚନରେ ଜନତା ଦଳରୁ ମୋହନା ବିଧାନସଭା ଆସନରୁ ଜିତିଥିଲେ। ବିଧାୟକ ଥାଇ ବିଜୁ ବାବୁଙ୍କ ନିର୍ଦ୍ଦେଶରେ ୧୯୯୧ ଲୋକସଭା ନିର୍ବାଚନରେ ପୁଣି ତୃତୀୟ ଥର ବ୍ରହ୍ମପୁର କ୍ଷେତ୍ରରୁ ଲଢ଼ିଥିଲେ। ୧୯୯୨ରେ ବିଜୁବାବୁ


ସୂର୍ଯ୍ୟନାରାୟଣ ପାତ୍ର

ତାଙ୍କ ମନ୍ତ୍ରୀମଣ୍ଡଳରେ ସୂର୍ଯ୍ୟଙ୍କୁ ସାମିଲ କରିଥିଲେ। ସୂର୍ଯ୍ୟ ମୋହନାରୁ ଲଗାତର ୪ ଥର ଓ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀରୁ ୩ ଥର ଏପରି ମୋଟ ୭ ଥର ଅପରାଜିତ ଭାବେ ବିଧାୟକ ହୋଇଥିଲେ। ଗତବର୍ଷ ଜୁନ ମାସରେ ବାଚସ୍ପତି ପଦରୁ ଅଚାନକ ଇସ୍ତଫା ଦେଇ ଚର୍ଚ୍ଚାକୁ ଆସିଥିଲେ। ଅସୁସ୍ଥତା ଯୋଗୁ ସକ୍ରିୟ ରାଜନୀତିରୁ ଦୂରେଇ ରହିଥିଲେ। ନିଜ ନିର୍ବାଚନ ମଣ୍ଡଳୀ ଦିଗପହଣ୍ଡିକୁ ମଧ୍ୟ ଆସୁ ନ ଥିଲେ। ଏହି ବରିଷ୍ଠ ରାଜନେତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ପୂର୍ବତନ ବାଚସ୍ପତି ତଥା ବରିଷ୍ଠ କଂଗ୍ରେସ ନେତା ଚିନ୍ତାମଣି ଦ୍ୟାନ ସାମନ୍ତରା ସୂର୍ଯ୍ୟଙ୍କ ଅବର୍ତ୍ତମାନରେ ଶୋକବ୍ୟକ୍ତ କରିବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି। ପରିବାରକୁ ସମବେଦନା ଜଣାଇଛନ୍ତି। ସହରର ଅନେକ ବିଜେଡି ନେତା ଓ କର୍ମୀ ଶୋକ ପ୍ରକାଶ କରିଛନ୍ତି। ସେହିପରି ଦିଗପହଣ୍ଡିରେ ମଧ୍ୟ ଶୋକ ପ୍ରକାଶ ପାଇଛି। ଦିଗପହଣ୍ଡି ଏନ୍ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ହୃଦୟ ରଞ୍ଜନ ମେକାପ, ଉଦୟ ନାଥ ସ୍ୱାଇଁ, ଭି. ରବି ନାରାୟଣ ରାଜୁ, ବିଜେଡ଼ି ଗଞ୍ଜାମ ଜିଲା କମିଟି ଉପସଭାପତି ବି. କ୍ରିଷ୍ଣା ରାଓ ସୁବୁଦ୍ଧି, ଖେମୁଣ୍ଡି ଓକିଲ ସଂଘ ସଭାପତି ଲକ୍ଷ୍ମୀ ନାରାୟଣ ପାଢ଼ୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି।


**ସେଲ୍ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

bmpselfie@gmail.com


@ ଜ୍ଞାନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।


# ସାମ୍ବାଦିକତା ବିଭାଗର ଆଲୁମ୍ନି ମିଟ୍



ଆଲୁମିନି ମିଟ୍‌ରେ ଯୋଗଦେଇଥିବା ପୁରାତନ ଓ ନୂତନ ଛାତ୍ରୀଛାତ୍ର।

ବ୍ରହ୍ମପୁର,୨।୯ (ତନୁଶ୍ରୀ ନାହାକ)

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଏବଂ ଗଣ ଯୋଗାଯୋଗ ବିଭାଗ ପକ୍ଷରୁ ଶନିବାର ପ୍ରଥମ ଆଲୁମ୍ନି ମିଟ୍ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଅଧ୍ୟକ୍ଷତା କରିଥିଲେ। ବିଭାଗ ମୁଖ୍ୟ ପ୍ରଫେସର ଗଣେଶ ସେଠୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପିଜି କାଉନସିଲ ଅଧକ୍ଷ ପ୍ରଫେସର ସୁଶାନ୍ତ କୁମାର ବରାଳ ଆଲୁମ୍ନି ମିଟରେ ଯୋଗ ଦେଇଥିବା ପୁରାତନ ତଥା ବର୍ତ୍ତମାନର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟକ୍ରମରେ ଦିବଂଗତ ପ୍ରଫେସର ସୁନୀଲ କାନ୍ତ ବେହେରାଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଆଗାମୀ ବର୍ଷ ବିଭାଗର ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବା ନେଇ ଆଲୋଚନା କରାଯାଇଥିଲା। ପୁରାତନ ଓ ବର୍ତ୍ତମାନ ଛାତ୍ରଛାତ୍ରୀ ମାନେ ନିଜ ନିଜର ମତ ରଖିଥିଲେ। ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଇଁ ସଭାପତି, ଉପସଭାପତି ମଧ୍ୟ ଚୟନ କରାଯାଇଥିଲା। ପୂର୍ବତନ ପ୍ରଫେସର ଶେଷ ଗିରି ରାଓଜାମୁଲା ଆଗାମୀ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଡ଼ିସେମ୍ବରରେ ବିଭାଗର ଦ୍ୱିତୀୟ ଆଲୁମ୍ନି ମିଟ ଅନୁଷ୍ଠିତ ହେବା ନିମନ୍ତେ ସ୍ଥିରିକୃତ ହୋଇଛି। ଏଥିରେ ୧୯୭୪ ବେଚରୁ ଆରମ୍ଭ କରି ୨୦୨୨ ପର୍ଯ୍ୟନ୍ତ ସମସ୍ତ ବ୍ୟାଚର ଛାତ୍ରୀଛାତ୍ର ମାନେ ଉପସ୍ଥିତ ରହିଥିଲେ। ଅନ୍ୟ ମାନଙ୍କ ଭିତରେ ପୁରାତନ ଛାତ୍ର ଡକ୍ଟର ହୃଷୀକେଶ ପାଣିଗ୍ରାହୀ, ଡକ୍ଟର ବନ୍ଦିତା ପଣ୍ଡା,ଡକ୍ଟର ଜୟନ୍ତ କୁମାର ପଣ୍ଡା, ଡକ୍ଟର ଚୀନୁ ବହିଦାର୍, ମନମୋହନ ପାଢ଼ୀ, ସନତକୁମାର ପଣ୍ଡା, କଲ୍ୟାଣୀ ସଂଘମିତ୍ରା, ହରିଶ ବେହେରା, ଡକ୍ଟର ହରିକୃଷ୍ଣ ବେହେରା, ଅସୀତ ପରିଛା ପଟ୍ଟନାୟକଙ୍କ ସମେତ ବହୁ ପୁରାତନ, ଜଣାଶୁଣା ଏବଂ ବର୍ତ୍ତମାନର ଛାତ୍ରୀଛାତ୍ରମାନେ ଉପସ୍ଥିତ।

## ଆକ୍ରମଣ କରି ୨୦ ହଜାର ଲୁଟ୍

ବ୍ରହ୍ମପୁର,୨।୯(ସୁବାସ ଚନ୍ଦ୍ର ପାଢ଼ୀ)

ସହର ଓ ସହରତଳି ଅଞ୍ଚଳରେରେ ଲୁଟେରା ଗ୍ୟାଙ୍ଗ ସକ୍ରିୟ ହେବାରେ ଲାଗିଲେଣି। ୨ଦିନ ତଳେ ଜଣେ ମହିଳାଙ୍କ ହାତରୁ ମୋବାଇଲ ଫୋନ୍ ଝାମ୍ପି ନେଇଥିଲେ। ଏ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଥିଲା। ଏବେ ପୁଣି ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରାଯାଇ ୨୦ ହଜାର ଟଙ୍କା ଓ ମୋବାଇଲ ଫୋନ ଲୁଟ୍ ହୋଇଛି। ଲୁଟର ଶିକାର ହୋଇଥିବା କୋଟିନେଡ଼ାର ସୁଦାମ ବିଷୋୟୀ ଏ ନେଇ ସଦର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୁଦାମ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସେ କୁକୁଡ଼ାଖଣ୍ଡି ଭାରତ ଗ୍ୟାସ କାର୍ଯ୍ୟାଳୟ ନିକଟରେ ଛିଡା ହୋଇଥିବା ବେଳେ ୨ଜଣ ବ୍ୟକ୍ତି ଆସି ତାଙ୍କୁ ଆକ୍ରମଣ କରି ମୋବାଇଲ ଓ ପକେଟରେ ଥିବା ଟଙ୍କା ଛଡାଇ ନେଇଥିଲେ। ଲୁଟିଆଦ୍ୱୟଙ୍କ ଚେହେରା ସମ୍ପର୍କରେ ପୋଲିସକୁ ଜଣାଇଛନ୍ତି। ସଦର ଥାନାରେ ୪୪୦/୨୩ରେ ଏକ ଲୁଟ୍ ମାମଲା ରୁଜୁ ହୋଇଛି।

## ବିଦ୍ୟୁତ୍ ଚୋରି ରୋକିବ ଟିପିଏସ୍ଓଡିଏଲ୍

ବ୍ରହ୍ମପୁର,୨।୯ (ସୁବାସ ଚନ୍ଦ୍ର ପାଢ଼ୀ)

ବିଦ୍ୟୁତ୍ ଚୋରି ଯୋଗୁ ଗୋଟିଏ ପଟେ ରାଜସ୍ୱ ହାନୀ ହେଉଥିବା ବେଳେ ଅନ୍ୟପଟେ ବିଭିନ୍ନ ସମୟରେ ଅଘଟଣ ଘଟି ଅନେକ ଧନଜୀବନ ଚାଲିଯାଇଥିବା ନଜିର ରହିଛି। ଏହାକୁ ଆଖି ଆଗରେ ରଖି ଟିପିଏସ୍ଓଡିଏଲ୍ ପକ୍ଷରୁ ବିଦ୍ୟୁତ ଉପଭୋକ୍ତାଙ୍କୁ ସଚେତନ କରାଯାଉଛି। ବିଦ୍ୟୁତ୍ ଚୋରି ରୋକିବା ପାଇଁ ଏନଫୋର୍ସମେଣ୍ଟ ଟିମ ଗଠନ କରାଯାଇଛି। ନିକଟରେ ସହରରେ ରାକ୍ଷୀ ବିକ୍ରେତାଙ୍କ ଦ୍ୱାରା ସିଧାସଳଖ ବିଦ୍ୟୁତ ଚୋରି ହେଉଥିବା ଘଟଣା ସାମ୍ନାକୁ ଆସିଥିଲା। ଟିମ ସମ୍ପୃକ୍ତ ରାଖୀ ବିକ୍ରେତାଙ୍କ ନିକଟକୁ ଯାଇ ଏହା ବେଆଇନ ବୋଲି କହିବା ସହ ଅସ୍ଥାୟୀ ବିଦ୍ୟୁତ ସଂଯୋଗ ନେବା ପାଇଁ ସେମାନଙ୍କୁ ପରାମର୍ଶ ଦେଇଥିଲା। ଟିପିଏସ୍ଓଡିଏଲ୍ ଉତ୍ସର୍ଗୀକୃତ ସେବା ପ୍ରତି ପ୍ରତିବଦ୍ଧତାକୁ ସୁଦୃଢ କରିବା ପାଇଁ ଆଗାମୀ ପାର୍ବଣ ଋତୁ ପୂର୍ବରୁ ସହରରେ ବେଆଇନ ଭାବେ ବିଦ୍ୟୁତ ଚୋରି କରୁଥିବା ବ୍ୟବସାୟୀ ମାନଙ୍କୁ ଅସ୍ଥାୟୀ ବିଦ୍ୟୁତ ସଂଯୋଗ ନେବା ପାଇଁ ଟିପିଏସ୍ଓଡିଏଲ୍ ପକ୍ଷରୁ ଅନୁରୋଧ କରାଯାଇଛି। ଗତ ଗୁରୁବାର ଟିପିଏସ୍ଓଡିଏଲ୍‌ର ସିଇଓ ଅମିତ ଗର୍ଗ କହିଛନ୍ତି, ପାର୍ବଣରେ ଅସ୍ଥାୟୀ ମଣ୍ଡପ ଗୁଡିକରେ ବୈଧ ସଂଯୋଗ ସହିତ ପାର୍ବଣ ଋତୁରେ କୌଣସି ବିଦ୍ୟୁତିକ ଦୁର୍ଘଟଣାକୁ ରୋକାଯାଇ ପାରିବ। ତୁରନ୍ତ ସମାଧାନ କରିବା ପାଇଁ ଟିପିଏସ୍ଓଡିଏଲ୍ ଫ୍ୟୁଜ୍ କଲ୍ ସେଣ୍ଟର (ଏଫସିସି) ଏବଂ ସୋସିଆଲ ମିଡିଆ ମନିଟରିଂ ୟୁନିଟ୍ ସମେତ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ବୋଲି ସେ କହିଛନ୍ତି।

## ସାମୁଦ୍ରିକ ଗବେଷଣାକୁ ଆଇଜରର ପ୍ରାଥମିକତା


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଆଇଜର ନିର୍ଦ୍ଦେଶକ ଓ ଅନ୍ୟମାନେ।

ବ୍ରହ୍ମପୁର,୨।୯ (ସ୍ମୃତି ରଞ୍ଜନ ମହାଲିକ)

ଭାରତୀୟ ବିଜ୍ଞାନ ଶିକ୍ଷା ଓ ଅନୁସନ୍ଧାନ ସଂସ୍ଥା (ଆଇଜର)କୁ ଗବେଷଣା ଏବଂ ଶିକ୍ଷା ପରାମର୍ଶଦାତା କମିଟି (ଆର୍ଏଏସି)ର ୨ ଦିନିଆ ପରିଦର୍ଶନ କାର୍ଯ୍ୟକ୍ରମ ଶନିବାର ସରିଛି। ଏ ନେଇ ଆଇଜର ପରିସରରେ ଏକ ଖବରଦାତା ସମ୍ମିଳନୀ ହୋଇଛି। ଆସନ୍ତା ୪ରୁ ୬ ମାସ ମଧ୍ୟରେ ଆଇଜର ନୂତନ କ୍ୟାମ୍ପସକୁ ସଂପୂର୍ଣ୍ଣ ଭାବେ ସ୍ଥାନାନ୍ତର ହେବ। ବର୍ତ୍ତମାନ ଆଇଟିଆଇ ପରିସରରେ ରହିଥିବା ଆଇଜର କ୍ୟାମ୍ପସରେ ପ୍ରାୟ ୧ ହଜାର ଛାତ୍ରୀଛାତ୍ର ପଢୁଛନ୍ତି ବୋଲି ଆଇଜର ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଗାଙ୍ଗୁଲି ସୂଚନା ଦେଇଥିଲେ। ଆଗାମୀ ଦିନରେ ଆଖପାଖ ଅଂଚଳର ପରିସ୍ଥିତି ଓ ପରିବେଶର ଗବେଷଣାକୁ ଗୁରୁତ୍ୱ ଦିଆଯିବ। ସାମୁଦ୍ରିକ ଗବେଷଣାକୁ ପ୍ରାଥମିକତା ଦିଆଯିବା ସହ ପାଣିପାଗ, ପ୍ରାକୃତିକ ବିପର୍ଯ୍ୟୟ ଦିଗରେ ମଧ୍ୟ ଗବେଷଣା କରାଯାଉଛି। ଏହି ଶିକ୍ଷାନୁଷ୍ଠାନରେ ଥିବା ୪୦ ଏକର ଜାଗାରେ ଭୁବନେଶ୍ୱର ଆଇଆଇଟି ସହ ମିଳିତ ଭାବେ ପ୍ରାକୃତିକ ବିପର୍ଯ୍ୟୟ କେନ୍ଦ୍ର ସ୍ଥାପନ ପାଇଁ ଆଲୋଚନା ହୋଇଛି। ସାମୁଦ୍ରିକ ଝଡ ବାତ୍ୟା ମୁକାବିଲା ଦିଗରେ ଶିକ୍ଷାନୁଷ୍ଠାନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଆଇଜର ପରିଦର୍ଶନ ପାଇଁ ଆସିଥିବା ଟିମରେ ପଦ୍ମଶ୍ରୀ ପ୍ରଫେସର କେ ଏନ ଗଣେଶଙ୍କ ନେତୃତ୍ୱରେ ପ୍ରଫେସର ଲକ୍ଷ୍ମୀକାନ୍ତମ ମାନେପାଲୀ, ପ୍ରଫେସର ରାମାସ୍ୱାମୀ, ପ୍ରଫେସର ତାରା ଚନ୍ଦ୍ର କାଣ୍ଡପାଲ, ପ୍ରଫେସର କେ ଜର୍ଜ ଥମସ ଓ ପ୍ରଫେସର ରାଜେନ୍ଦ୍ର ରୟ ପ୍ରମୁଖ ଉପସ୍ଥିତ ଥିଲେ। ଖବରଦାତା ସମ୍ମିଳନୀରେ ଆଇଜର ରେଜିଷ୍ଟ୍ରାର ପ୍ରଦୀପ କୁମାର ରାୟ, ସହକାରୀ ରେଜିଷ୍ଟ୍ରାରର କୋରଡା ମଞ୍ଜୁ ନାଥ ଓ ଧର୍ମେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରୀଡାବିତଙ୍କୁ ସମ୍ବର୍ଦ୍ଧନା

ଆସିକା,୨।୯(ସୁରେନ୍ଦ୍ର ନାଥ ସାହୁ)

ଆସିକା ଏନ୍ଏସି ୫ ନମ୍ବର ୱାର୍ଡର ବାସିନ୍ଦା ଯୁବ କ୍ରୀଡାବିତ ଅବିନାସ ମୁନୀଙ୍କୁ ଏନଏସି ପକ୍ଷରୁ କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଗି ସମ୍ବର୍ଦ୍ଧିତ କରାଯାଇଛି । ଗୁରୁବାର ଟାଉନ ହଲ ପରିସରରେ ଅନୁଷ୍ଠିତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଏନଏସି ଅଧକ୍ଷା ବିନେତା ସ୍ୱାଇଁ ଅବିନାସଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ସହ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ମନୋଜ କୁମାର ମୁନୀ ଓ ଗୀତାଞ୍ଜଳୀ ମହାପାତ୍ରଙ୍କ ପୁଅ ଅବିନାସ କିଛିଦିନ ତଳେ ସରିଥିବା ଗଞ୍ଜାମ ଜିଲା ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟରେ ୧୯ ବର୍ଷ ବାଳକ ବର୍ଗରେ ସିଙ୍ଗଲ, ଡବଲ ଓ ମିକ୍ସ ଡବଲରେ ଚାମ୍ପିୟନ ହୋଇ ଆସିକା ପାଇଁ ଗର୍ବ ଓ ଗୌରବ ଆଣିଥିବାରୁ ଏହି ସମ୍ବର୍ଦ୍ଧନା ଦିଆଯାଇଛି ।

## ସମ୍ପର୍କୀୟାଙ୍କୁ ଆକ୍ରମଣ କରିଜଣେ ଗିରଫ

ବ୍ରହ୍ମପୁର,୨।୯(ସୁବାସ ଚନ୍ଦ୍ର ପାଢ଼ୀ)

ଶାଳକଙ୍କ ସ୍ତ୍ରୀଙ୍କୁ ଆକ୍ରମଣ ଅଭିଯୋଗରେ ନିମଖଣ୍ଡି ପୋଲିସ ଅଭିଯୁକ୍ତ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ବି. ଜଗନ୍ନାଥପୁର ଗ୍ରାମର ଗନ୍ତା ଦାସ(୫୨)। ପୋଲିସ ତାଙ୍କ ନିକଟରୁ ଘଟଣାବେଳେ ବ୍ୟବହୃତ କାତି ଜବତ କରିଛି। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଉକ୍ତ ଗ୍ରାମର ଯୁଧିଷ୍ଠର ଦାସ ଜଣେ ଦିନ ମଜୁରିଆ ଥିଲେ। ସେ ରାମ ପାତ୍ରଙ୍କ ଜମିରେ କାମ କରୁଥିଲେ। ଯୁଧିଷ୍ଠିରଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ବିଳାସ ଦାସ ଉକ୍ତ ଜମିରେ ମୂଲ କାମ କରନ୍ତି। ଅନ୍ୟପଟେ ଯୁଧିଷ୍ଠରଙ୍କ ଭାଇଁ ଗନ୍ତା ଦାସ ତାଙ୍କ ଶଳା ଭାଉଜଙ୍କୁ ରାମ ପାତ୍ରଙ୍କ ଜମିରେ କାମ କରିବାକୁ ମନା କରିଥିଲେ। ହେଲେ ପରିବାର ଚଳାଇବା ପାଇଁ ସେ ଉକ୍ତ ଜମିରେ ମୂଲ କାମ କରୁଥିଲେ। ଶୁକ୍ରବାର ବିଳାସ ଜମିରେ କାମ କରୁଥିବା ବେଳେ ଗନ୍ତା ସେଠାକୁ ଆସି ତାଙ୍କୁ ଆକ୍ରମଣ କରିଥିଲେ। ନିକଟରେ ଠିଆ ହୋଇଥିବା ଜମି ମାଲିକ ଏହାର ପ୍ରତିବାଦ କରିଥିଲେ। ଗନ୍ତା ଏଥିରେ ଉତକ୍ଷିପ୍ତ ହୋଇ ଏକ କାତିରେ ରାମ ପାତ୍ରଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଥିବା ବେଳେ ବିଳାସ ମଧ୍ୟ ଆହତ ହୋଇଥିଲେ। ଖବରପାଇ ରାମ ପାତ୍ରଙ୍କ ପରିବାର ଲୋକ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଏମକେସିଜିରେ ଭର୍ତ୍ତି କରିଥିଲେ। ଏନେଇ ବିଳାସଙ୍କ ଅଭିଯୋଗକ୍ରମେ ନିମଖଣ୍ଡି ଥାନାରେ ପୋଲିସ ୨୮୨/୨୩ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ପରେ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ଏଆଇୱାଇଏଫ୍, ଏଆଇଏସ୍ଏଫ୍‌ର ସମର୍ଥନ

ବ୍ରହ୍ମପୁର,୨।୯(ନରସିଂହ ସାହୁ)

**ଆୟୁଷ କଲେଜ ଛାତ୍ର ଆନ୍ଦୋଳନ ଅବ୍ୟାହତ**

ବ୍ରହ୍ମପୁର ଉପକଣ୍ଠ ଆଙ୍କୁଶପୁରସ୍ଥ ଆୟୁଷ (ଆୟୁର୍ବେଦ) କଲେଜ ଛାତ୍ର ଆନ୍ଦୋଳନକୁ ଅଖିଳ ଭାରତ ଯୁବ ସଂଘ (ଏଆଇୱାଇଏଫ) ଓ ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସଏଫ) ଗଞ୍ଜାମ ଶାଖା ସମର୍ଥନ ଜଣାଇଛି। ସରକାର ତୁରନ୍ତ ଦାବି ପୂରଣ କରିବାକୁ ଦୁଇ ବାମପନ୍ଥୀ ସଂଗଠନ ଗୁରୁତ୍ୱ ଦେଇଛି। ଆଙ୍କୁଶପୁର ଆୟୁର୍ବେଦ କଲେଜ ପୁରାତନ ଅନୁଷ୍ଠାନ ସତ୍ତ୍ୱେ ଆବଶ୍ୟକ ଭିତ୍ତିଭୂମି ନାହିଁ ଏବଂ ଶିକ୍ଷକ ଅଭାବ ଲାଗି ରହିଛି। ଅନ୍ୟପକ୍ଷରେ ସିଟ ସଂଖ୍ୟା ୭୫ରୁ ୫୦କୁ କମାଇ ଦିଆଯାଇଛି। ତେଣୁ ସେଠାରେ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ଚାଲିଥିବା ଏଆଇଏସଏଫ ଅଭିଯୋଗ କରିଛି। ଶୁକ୍ରବାର ଯୁବ ଓ ଛାତ୍ର ସଂଘର ଏକ ଟିମ ଆନ୍ଦୋଳନସ୍ଥଳକୁ ଯାଇ ସମସ୍ୟା ଅନୁଧ୍ୟାନ କରିଥିଲେ।

ଫେରିବା ପରେ ବ୍ରହ୍ମପୁରରେ ଏଆଇଏସଏଫ ଓ ଏଆଇୱାଇଏଫ ନେତା କାମଦେବ ନାହାକ ଓ ପ୍ରଦୀପ ସେଠୀ କହିଛନ୍ତି ଆୟୁଷ ଛାତ୍ରଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ସରକାର ଅଧିକ ଅବହେଳା କଲେ ସେମାନଙ୍କ ଆନ୍ଦୋଳନରେ ଯୋଡ଼ିହୋଇ ତୀବ୍ର କରାଯିବ। ଆୟୁଷ ଛାତ୍ରଙ୍କ ଆନ୍ଦୋଳନକୁ ଦଳମତ ନିର୍ବିଶେଷରେ ସବୁ ଛାତ୍ର ସଂଗଠନ ସମର୍ଥନ ଜଣାଇବାକୁ ଏଆଇଏସଏଫ ଆହ୍ୱାନ ଦେଇଛି। କେବଳ ଆଙ୍କୁଶପୁର ନୁହେଁ ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୁର୍ବେଦ କଲେଜ ଛାତ୍ରୀଛାତ୍ରଙ୍କ ଗଣଧାରଣା ଓ ବିକ୍ଷୋଭ ଅବ୍ୟାହତ ରହିଛି। ତେଣୁ ରାଜ୍ୟ ଓ କେନ୍ଦ୍ର ସରକାର ସମସ୍ୟା ସମାଧାନ କରିବାକୁ ଏଆଇଏସଏଫ ଓ ଏଆଇୱାଇଏଫ ଦାବି କରିଛି। ସୂଚନାଯୋଗ୍ୟ ବ୍ରହ୍ମପୁର ପୂର୍ବତନ ଏମପି କବିରାଜ ଅନନ୍ତ ତ୍ରିପାଠୀ ଶର୍ମାଙ୍କ ଉଦ୍ୟମରେ ଆଙ୍କୁଶପୁରରେ ଆୟୁର୍ବେଦ କଲେଜ ପ୍ରତିଷ୍ଠା ହୋଇଥିଲା। ବିଜୁ ପଟ୍ଟନାୟକଙ୍କ ଶାସନରେ ଏହି ଘରୋଇ କଲେଜକୁ ସରକାରୀକରଣ କରାଯାଇଥିଲା।

# କେସି ହାଇସ୍କୁଲ ପରିସରରୁ ଘରୋଇ ସ୍କୁଲ ହଟାଇବା ଦାବିରେ ଧାରଣା

ବ୍ରହ୍ମପୁର,୨।୯(ସ୍ମୃତି ରଞ୍ଜନ ମହାଲିକ)

କେ.ସି.ହାଇସ୍କୁଲ ପରିସରରେ ୨୦୧୭ରୁ କେସି ପବ୍ଲିକ ସ୍କୁଲ ନାମରେ ଚାଲିଥିବା ଏକ ଘରୋଇ ସ୍କୁଲକୁ ତୁରନ୍ତ ହଟାଇବା ଦାବିରେ ଶନିବାର ସଂସ୍କାରବାଦୀ ସଂଘ ନେତୃତ୍ୱରେ ବିଭିନ୍ନ ଗଣସଂଗଠନ ପକ୍ଷରୁ ଧାରଣା ଦିଆଯାଇଛି। କେସି ହାଇସ୍କୁଲ ନାମରେ ଜମି ପଟ୍ଟା ରହିଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ୪ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ବର୍ତ୍ତମାନ ସ୍କୁଲ ପରିସରରେ ଘରୋଇ ସ୍କୁଲ ଖୋଲି ଘରୋଇ ମାଲିକାନାକୁ ସରକାରୀ ଅନୁଷ୍ଠାନ ହସ୍ତାନ୍ତର କରିବାକୁ ଷଡଯନ୍ତ୍ର ଚାଲିଥିବା ସଂସ୍କାରବାଦୀ ସଂଘ ଅଭିଯୋଗ ପକ୍ଷରୁ ହୋଇଛି। ବିଭିନ୍ନ ସଂଘ ପକ୍ଷରୁ ବାରମ୍ବାର ଅଭିଯୋଗ ପରେ କିଛି ଦିନ ହେଲା ସ୍କୁଲର ନାମ ଫଳକରେ କେସି ହାଇସ୍କୁଲ ଇଂରାଜୀ ମାଧ୍ୟମିକ ସ୍କୁଲ ନାମରେ ନାମିତ କରି ସରକାରୀ ଅନୁଷ୍ଠାନକୁ ହାତେଇବା ପାଇଁ ମସୁଧା ଆରମ୍ଭ କରାଯାଉଛି ବୋଲି ସଂଘ ଅଭିଯୋଗ କରିଛି। କେସି ହାଇସ୍କୁଲ ଏକ ସରକାରୀ ଅନୁଦାନ ପ୍ରାପ୍ତ ହାଇସ୍କୁଲ। ସ୍କୁଲର ସରକାରୀକରଣ ନିମନ୍ତେ ୨୦୧୭ ଜୁଲାଇ ୧୪ ତାରିଖରୁ କ୍ୟାବିନେଟରେ ମଞ୍ଜୁରୀ ପାଇଛି। ସରକାରୀ ନିୟମକୁ ଉଲଂଘନ କରି ପୁରାତନ କେସି ହାଇସ୍କୁଲ କୋଠାକୁ ଇଂରାଜୀ ମାଧ୍ୟମ ନାମରେ ଘରୋଇ ସ୍କୁଲ ମାଲିକମାନେ ଅକ୍ତିଆର କରିବାକୁ ଯୋଜନା କରୁଥିବା ସଂଘ କହିଛି। ଏଭଳି ସରକାରୀ ଅନୁଷ୍ଠାନ ଆତ୍ମସାତ କରିବା ବିରୋଧରେ ଜନ ସାଧାରଣ ସ୍ୱର ଉତ୍ତୋଳନ କରିବା ପାଇଁ ସଂଘ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଧାରଣାରେ ସଂସ୍କାରବାଦୀ ସଂଘର ସଭାପତି ତ୍ରିନାଥ ମହାରଣାଙ୍କ ସମେତ ରବି ରଥ, ଅବନୀ ଗୟା, ରାଜେନ୍ଦ୍ର ପଣ୍ଡା, ବିଜୟ କୁମାର ବେହେରା, ହିମାଂଶ କୁମାର ପଟ୍ଟନାୟକ ଓ ଅଶୋକ ଦଳାଇଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।



କେସି ହାଇସ୍କୁଲ ସମ୍ମୁଖରେ ଧାରଣାରତ ବିଭିନ୍ନ ସଂଗଠନ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୩/୨୦୨୩ | Bhubaneswar, Sunday, September 3/2023 | ପୃଷ୍ଠା-୧




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଭୁବନେଶ୍ୱର ଓଏସ୍‌ଏପି ୭ମ ବାଟାଲିଅନ ପରିସରରେ ଓଡ଼ିଶାବାସୀଙ୍କ ସେବାରେ ୧୯୦ଟି ପୋଲିସ ଯାନର ଲୋକାର୍ପଣ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍। (ରିପୋର୍ଟ: ପୃଷ୍ଠା-୪)

# ପ୍ରବଳ ବର୍ଷା ସହ ଡରାଇଲା ବିଜୁଳି

- କଟକରେ ୮୪.୪ ମି.ମି., ଖୋର୍ଦ୍ଧାରେ ୭୫ ମି.ମି. ବର୍ଷା ରେକର୍ଡ
- ଭୁବନେଶ୍ୱରରେ ଘଣ୍ଟାଏରେ ୪୨ ହଜାର ବିଜୁଳି

**ଭୁବନେଶ୍ୱର, ୨।୯ (ଅନୁରାଧା ମହାରଣା)**

ଉତ୍ତର ପୂର୍ବ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ଶନିବାର ରାଜ୍ୟରେ ପ୍ରବଳ ବର୍ଷା ହେବା ସହ ସହରାଞ୍ଚଳରେ ଜଳବନ୍ଦୀ ସ୍ଥିତି ନଜରକୁ ଆସିଛି। ତେବେ ଦ୍ୱୈତନଗରୀ ଭୁବନେଶ୍ୱର-କଟକରେ ଲୋକ ବର୍ଷାରେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଭୁବନେଶ୍ୱରରେ ଘଣ୍ଟାଏ ମଧ୍ୟରେ ୪୨ ହଜାରରୁ ଅଧିକଥର ବିଜୁଳି ମାରିଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ରର ଜଣେ ଅଧିକାରୀ ସୂଚନା ଦେଇଥିବାବେଳେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଅପରାହ୍ନ ୫ଟା ୩୦ ସୁଦ୍ଧା କଟକରେ ସର୍ବାଧିକ ୮୪.୪ ବର୍ଷା ରେକର୍ଡ ହୋଇଥିଲା। ସେହିପରି ଖୋର୍ଦ୍ଧାରେ ୭୫ ମି.ମି., ଭୁବନେଶ୍ୱରରେ ୪୬ ମି.ମି., ସୋନପୁରରେ ୨୭.୨ ମି.ମି., ଅନୁଗୋଳରେ ୨୬ ମି.ମି., ଯାଜପୁରରେ ୧୮ ମି.ମି., ନବରଙ୍ଗପୁରରେ ୧୬.୨ ମି.ମି., ମାଲକାନଗିରି ୧୪.୪ ମି.ମି., ଭବାନୀପାଟଣାରେ ୧୨ ମି.ମି., କେନ୍ଦ୍ରାପଡ଼ାରେ ୧୧.୪ ମି.ମି. ଓ ସୁନ୍ଦରଗଡ଼ରେ ୧୦.୪ ମି.ମି. ବର୍ଷା ରେକର୍ଡ ହୋଇଛି।

ରବିବାର ଉତ୍ତର ବଙ୍ଗୋପସାଗର ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହା ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଘନୀଭୂତ ହୋଇ ଏକ ଲଘୁଚାପର ରୂପ ନେବ। ଏହା ଆହୁରି ଅଧିକ ଘନୀଭୂତ ହୋଇ ଅବପାତ ରୂପ ନେବା ଆଶଙ୍କା ଥିବା ଆଞ୍ଚଳିକ ପାଣିପାଗ ☞ପୃଷ୍ଠା-୪

# ପରକୀୟା ପ୍ରୀତି ସନ୍ଦେହ | ସ୍ତ୍ରୀଙ୍କୁ ଉଲଗ୍ନ କରି ବୁଲାଇଲେ ସ୍ୱାମୀ

**ଜୟପୁର, ୨।୯**

ପରକୀୟା ପ୍ରୀତି ସନ୍ଦେହରେ ଜଣେ ଆଦିବାସୀ ମହିଳାଙ୍କୁ ତାଙ୍କ ସ୍ୱାମୀ ମାଡ଼ମାରି ଗାଁ ସାରା ଉଲଗ୍ନ କରି ବୁଲାଇଛନ୍ତି। ରାଜସ୍ଥାନର ପ୍ରତାପଗଡ଼ ଜିଲାର ଦରିୟାବାଦ ଗାଁରେ ଗୁରୁବାର ଏଭଳି ଅମାନବୀୟ ଘଟଣା ଘଟିଛି। ଘଟଣାର ଭିଡିଓ ଭାଇରାଲ ପରେ ପୋଲିସ ମହିଳାଙ୍କ ସ୍ୱାମୀଙ୍କ ସମେତ ୧୦ ଜଣଙ୍କୁ ଗିରଫ କରିଛି। ଏଥିସହ ଅନ୍ୟ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୋଲିସର ସୂଚନାନୁସାରେ ୨୧ ବର୍ଷୀୟା ମହିଳା ଜଣଙ୍କ ଅନ୍ୟ ଜଣେ ପୁରୁଷଙ୍କ ସହ ସମ୍ପର୍କ ରଖିଥିବା ନେଇ ତାଙ୍କ ସ୍ୱାମୀ ସନ୍ଦେହ କରୁଥିଲେ। ଏହି ଘଟଣାକୁ ନେଇ ବିଭିନ୍ନ ସମୟରେ ପରିବାର ମଧ୍ୟରେ ଗଣ୍ଡଗୋଳ ଲାଗି ରହିଥିଲା। ଗତ ଗୁରୁବାର ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ତାଙ୍କ ସହଯୋଗୀ ମାଡ଼ ମାରିବା ସହ ଉଲଗ୍ନ କରି ବୁଲାଇଥିଲେ ବୋଲି ରାଜସ୍ଥାନ ପୋଲିସ ମହାନିର୍ଦ୍ଦେଶକ ଉମେଶ ମିଶ୍ର କହିଛନ୍ତି।

ପୀଡ଼ିତାଙ୍କ ଅଭିଯୋଗ ଅନୁସାରେ ତାଙ୍କ ସ୍ୱାମୀ କାହ୍ନା ଗମେତିଙ୍କ ସମେତ ସୁରଜ, ବେଣିୟା, ନେତିୟ, ନାଥୁ ଏବଂ ମହେନ୍ଦ୍ର ମିଶି ତାଙ୍କୁ ଜୋରଜବରଦସ୍ତ ଏକ ବାଇକରେ ଉଠାଇ ନେଇଥିଲେ। ପରେ ତାଙ୍କୁ ଉଲଗ୍ନ କରି ଗାଁରେ ବୁଲାଇଥିଲେ। ଅପରପକ୍ଷେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ଲାଗି ୬ ଜଣିଆ ପୋଲିସ ଟିମ୍ ଗଠନ କରାଯାଇଛି ଏବଂ ପ୍ରତାପଗଡ଼ ଏସ୍‌ପି ଅମିତ କୁମାର ସମ୍ପୃକ୍ତ ଗାଁକୁ ଯାଇ ଲୋକଙ୍କୁ ପଚରାଉଚରା କରୁଛନ୍ତି ବୋଲି ଡିଜିପି କହିଛନ୍ତି। ଏହି ଘଟଣାରେ ରାଜ୍ୟ ମାନବାଧିକାର କମିଶନ ହସ୍ତକ୍ଷେପ କରିଛନ୍ତି। ପୀଡ଼ିତାଙ୍କୁ ତୁରନ୍ତ ଆର୍ଥିକ ସହାୟତା ଦେବା ସହ ଘଟଣାର ସବିଶେଷ ତଦନ୍ତ କରିବାକୁ ପ୍ରତାପଗଡ଼ ଏସ୍‌ପିଙ୍କୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଶନିବାର ସନ୍ଧ୍ୟାରେ ପୀଡ଼ିତାଙ୍କୁ ଭେଟି ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ତାଙ୍କୁ ସରକାରୀ ଚାକିରି ଦେବାକୁ ଘୋଷଣା କରିଛନ୍ତି। ଗେହଲଟ କହିଛନ୍ତି, ☞ପୃଷ୍ଠା-୪

# ଓଏସ୍‌ଏସ୍‌ସି ପ୍ରଶ୍ନପତ୍ର ପ୍ରଘଟ ମାମଲା | କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

**କଟକ, ୨।୯ (କାର୍ତ୍ତିକ ସାହୁ)**

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ଜୁନିୟର ଇଞ୍ଜିନିୟର (ସିଭିଲ୍) ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ମାମଲାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମାମଲାର ଗମ୍ଭୀରତାକୁ ବିଚାର କରି ହାଇକୋର୍ଟ କ୍ରାଇମବ୍ରାଞ୍ଚର ଜଣେ ଡିଆଇଜି ର୍‍ୟାଙ୍କର ବରିଷ୍ଠ ପୋଲିସ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଇବାକୁ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି।

ଆବେଦନକାରୀ ଜ୍ୟୋତିରଞ୍ଜନ ଦାସଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ବିଚାରପତି ଏ.କେ. ମହାପାତ୍ର ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ସହ କୌଣସି ର୍‍ୟାକେଟ୍ ସମ୍ପୃକ୍ତି ଥିବା ନେଇ ଜଣାପଡୁଥିବା କହିଛନ୍ତି। ଏଭଳି ର୍‍ୟାକେଟ୍ କେବଳ ଏହି ପରୀକ୍ଷା ନୁହେଁ, ବରଂ ରାଜ୍ୟ କିମ୍ବା ପଡ଼ୋଶୀ ରାଜ୍ୟରେ ଅନ୍ୟ ପରୀକ୍ଷା ପରିଚାଳନା ସଂସ୍ଥା ସହ ଜଡ଼ିତ ଅଛି, ତାହା ତଦନ୍ତ ସାପେକ୍ଷ। ଏଥିସହ ପରୀକ୍ଷା ଦେଇ ନଥିବା ୫୬ ଜଣ ପରୀକ୍ଷାର୍ଥି ଆଗାମୀ ୩ ତାରିଖରେ ହେବାକୁ ଥିବା ପରୀକ୍ଷା ଦେଇପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଏଥିପାଇଁ ସେମାନଙ୍କୁ ଓଏସ୍‌ଏସ୍‌ସି କର୍ତ୍ତୃପକ୍ଷ ଆଡ୍‌ମିଟ୍ କାର୍ଡ ଯୋଗାଇଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ଘଟଣାରେ ନିଯୁକ୍ତି ମୂଳ ମାମଲା ଉପରେ ନିର୍ଭର କରିବ ବୋଲି ଅଦାଲତ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି।

ସୂଚନାଯୋଗ୍ୟ, ୨୦୨୨ ନଭେମ୍ବର ୨ରେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନଙ୍କ ପକ୍ଷରୁ ୧୦୦୦ ପଦବୀରେ ଜୁନିୟର୍ ଇଞ୍ଜିନିୟର୍ ସିଭିଲ୍ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୩ ଜୁନ୍ ୪ରେ ପ୍ରିଲିମନାରି ପରୀକ୍ଷା ହୋଇଥିଲା। ୨୦୨୩ ଜୁନ୍ ୧୭ରେ ☞ପୃଷ୍ଠା-୪


DSPL-213

ଓଡ଼ିଶା ସରକାର

## ରାଜ୍ୟ ମୁକ୍ତ ବିଦ୍ୟାଳୟରେ ମାଗଣାରେ ନାମଲେଖା

ନାମଲେଖା ଶେଷ ତାରିଖ ୩୧ ଅଗଷ୍ଟ ପରିବର୍ତ୍ତେ ୧୫ ସେପ୍ଟେମ୍ବର, ୨୦୨୩କୁ ବୃଦ୍ଧି କରାଗଲା

ଅଧାରୁ ପାଠ ଛାଡ଼ିଥିବା, ମାଟ୍ରିକ୍ ଫେଲ୍ ବା ଅନୁପସ୍ଥିତ ଥିବା ୧୪ ରୁ ୧୮ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ସୁଯୋଗ।

୧୫,୫୦୦ରୁ ଅଧିକ ଛାତ୍ରଛାତ୍ରୀ ବର୍ତ୍ତମାନ ସୁଦ୍ଧା ନାମ ଲେଖାଇଛନ୍ତି।

- ଜିଲ୍ଲା ଓ ବ୍ଲକ୍‌ସ୍ତରରେ ନାମଲେଖା କ୍ୟାମ୍ପ
- ଘରକୁ ଘର ବୁଲି କାଉଂସେଲିଙ୍ଗ୍ କରୁଛନ୍ତି ଶିକ୍ଷକ-ଶିକ୍ଷୟିତ୍ରୀ



"ମୁଁ ଚାହେଁ ଆମ ପିଲାମାନେ ବଡ଼ ସ୍ୱପ୍ନ ଦେଖନ୍ତୁ, ଆଗକୁ ବଢ଼ନ୍ତୁ ଓ ଆତ୍ମବିଶ୍ୱାସର ସହିତ ଜୀବନର ସବୁ ଆହ୍ୱାନକୁ ସାମ୍ନା କରନ୍ତୁ।"
ମୁଖ୍ୟମନ୍ତ୍ରୀ, ଓଡ଼ିଶା

- ମାଗଣାରେ ନାମଲେଖା
- ମାଗଣାରେ ପାଠପଢ଼ା
- ମାଗଣାରେ ପରୀକ୍ଷା
- ମାଗଣାରେ ପାଠ୍ୟପୁସ୍ତକ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

OIPR-27068/13/0017/2324

## ଅଚେତ ଛାତ୍ରୀଙ୍କୁ ମେଡିକାଲ ଆଣିଲେ ବିଧାୟିକା

କୋଦଳା, (ଅମିତ କୁମାର ପଟ୍ଟନାୟକ): କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ମାନବିକତା ଦେଖାଇ ଜଣେ ଅଚେତ ଛାତ୍ରୀଙ୍କୁ ନିଜ ଗାଡ଼ିରେ ମେଡିକାଲରେ ଭର୍ତ୍ତି କରିଥିଲେ। କୋଦଳା ଥାନା ଅନ୍ତର୍ଗତ ଭାଟପଡା ଗ୍ରାମର ରମେଶ ନାହାକଙ୍କ ଝିଅ ମାମାଶ୍ରୀ ବେଗୁନିଆପଡା କାଁଟା ବାଳିକା ଉଚ୍ଚ ବିଦ୍ୟାଳୟକୁ ଯାଉଥିଲେ। ପେଟ୍ରୋଲ ପମ୍ପ ନିକଟରେ ଖରା ଯୋଗୁ ସେ ଅଚେତ ହୋଇଯାଇଥିଲେ। ଏହି ସମୟରେ ସୌରା ଛଟିନାରୁ ଆସୁଥିବା ବିଧାୟିକା ଲତିକା ପ୍ରଧାନ ନିଜ ଗାଡ଼ିରେ ଛାତ୍ରୀଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ।



## ସଂକ୍ଷେପରେ

### ହାଇୱା ଧକ୍କାରେ ୭ ମେଣ୍ଢା ମୃତ, ୮ ଗୁରୁତର

ଧରାକୋଟ,୨।୯(ଡି.ଏନ୍.ଏ.)

ଧରାକୋଟ ବ୍ଲକର ବରଡାବିଲି ଗ୍ରାମ ନିକଟରେ ଜାତୀୟ ରାଜପଥ ୫୯ ଦେଇ ଆସିକାରୁ ସୋରଡା ଯାଉଥିବା ଏକ ହାଇୱା ଧକ୍କା ଦେବାରୁ ଶନିବାର ୭ ମେଣ୍ଢାଙ୍କ ମୃତ୍ୟୁ ଘଟିଛି। ୮ ମେଣ୍ଢା ଗୁରୁତର ହୋଇଛନ୍ତି। ପଲରେ ଯାଉଥିବା ୯ ମେଣ୍ଢାଛୁଆ ରକ୍ଷା ପାଇଯାଇଛନ୍ତି। ସଂପୃକ୍ତ ଗ୍ରାମର କଂଗ୍ରେସ ଗୌଡ଼ ନିଜର ମେଣ୍ଢା ପଲକୁ ଚରେଇବା ପାଇଁ ଚପୁଡ଼ିଆ ଜଙ୍ଗଲକୁ ନେଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଧରାକୋଟ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

### ବଜ୍ରପାତରେ ୨ ଗୋରୁ ମୃତ, ୩ ଆହତ

କୋଟଗଡ଼,୨।୯(ସରୋଜ ବଳିୟାରସିଂ)/ ବାଲିଗୁଡ଼ା(ସଞ୍ଜୟ ପାଣିଗ୍ରାହୀ)

କୋଟଗଡ଼ ବ୍ଲକ ଜୁଡ଼ାବାଲି ପଞ୍ଚାୟତର ଶ୍ରାଲିଗୁଡାରେ ଶନିବାର ବଜ୍ରପାତ ହେବାରୁ ୨ଗୋରୁଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଆହତ ହୋଇଛନ୍ତି। ରାଶିଫୁଲ ବାରିକଙ୍କ ଗାଈଗୋଠ ପଡ଼ିଆରେ ଚରୁଥିବା ବେଳେ ବଜ୍ରପାତ ହୋଇଥିଲା। ଫଳରେ ଦୁଇଟି ଗୋରୁଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଆହତ ହୋଇଛନ୍ତି। ସ୍ଥାନୀୟ ତହସିଲଦାର ଦିବାକର ମାଝି ତଦନ୍ତ ପାଇଁ ନିଜ ଟିମ୍‌କୁ ଘଟଣାସ୍ଥଳକୁ ପଠେଇଛନ୍ତି। ପ୍ରାଣୀ ବିଭାଗ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଗୋରୁଙ୍କ ମୃତଦେହ ବ୍ୟବଚ୍ଛେଦ କରିଛି। କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରଶାସନ କହିଛି।

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ହିଞ୍ଜିଳିକାଟୁ, ୨।୯( ଦ୍ୱିତୀକୃଷ୍ଣ ପଣ୍ଡା )

ହିଞ୍ଜିଳି ବାବାଜୀ ପୋଖରୀରେ ବୁଡି ଶନିବାର ସ୍ଥାନୀୟ ପୌରାଞ୍ଚଳ ୨ ନମ୍ବର ୱାର୍ଡ ମଠପଦର ସାହିର ଚିନ୍ତାମଣି ପଣ୍ଡା (୩୦)ଙ୍କ ମୃତ୍ୟୁ ଘଟିଛି। ଅଗ୍ନିଶମ ବାହିନୀ କର୍ମଚାରୀମାନେ ପୋଖରୀରୁ ଯୁବକଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ଏ ନେଇ ହିଞ୍ଜିଳି ଥାନାରେ ନଂ .୧୮/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ମୃତଦେହ ଜବତ କରିଛି। ରବିବାର ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଯିବ ବୋଲି ଆଇଆଇସି ଅଭିମନ୍ୟୁ ଦାସ କହିଛନ୍ତି।

### ଯୁବକଙ୍କ ଆତ୍ମହତ୍ୟା

ଆସିକା,୨।୯(ସୁରେନ୍ଦ୍ର ନାଥ ସାହୁ)

କୋଟିନଡା ଥାନା ଅନ୍ତର୍ଗତ ଗୋଲାପଲ୍ଲୀ ଗ୍ରାମରେ ଶୁକ୍ରବାର ରାତିରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସେହି ଗ୍ରାମର ଜି. ଜୀବନ ପାତ୍ର (୨୫)। ନିଜ ଘରର ଏକ କଠୋରୀରେ ଫ୍ୟାନ୍‌ରେ ଝୁଲନ୍ତା ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇଥିବା ନେଇ ତାଙ୍କ ସ୍ତ୍ରୀ ଜି. ଭାନୁ କୋଟିନଡା ଥାନାରେ ଅଭିଯୋଗ କରିଛନ୍ତି। ପାରିବାରୀକ କନ୍ଦଳକୁ କେନ୍ଦ୍ର କରି ଏଭଳି ଘଟଣା ଘଟିଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ମୃତ ଦେହକୁ ଜବତ କରି ଆସିକା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ନଂ. ୫/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ କୃଷ୍ଣ ଚନ୍ଦ୍ର ସାହା କହିଛନ୍ତି।

### ଜି.ଉଦୟଗିରି ଏନ୍‌ଏସି ତରଫରୁ ବଡ଼ାଖାନା କାର୍ଯ୍ୟକ୍ରମ

ଜି.ଉଦୟଗିରି,୨।୯(ଶିଶିର ପଟ୍ଟନାୟକ)

ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଶୁକ୍ରବାର ବଡ଼ାଖାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ସନ୍ତୋଷ କୁମାର ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାଯ୍ୟକ୍ରମରେ ସମସ୍ତ ପରିମଳ କର୍ମଚାରୀ ସାମିଲ ହୋଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡଙ୍ଗୀ କହିଥିଲେ ଆଜିର ଦିନଟି ପରିମଳ ବ୍ୟବସ୍ଥାରେ ଜଡ଼ିତ ଥିବା ସମସ୍ତ କର୍ମଚାରୀଙ୍କ ପାଇଁ ସମର୍ପିତ। ପରିମଳ କର୍ମଚାରୀ ମାନଙ୍କ ପାଇଁ ଆଜି ଆମ ସହରଟି ସ୍ୱଚ୍ଛ ସହର ହୋଇପାରିଛି। ଅଧକ୍ଷ ବାଘ ସମସ୍ତ ପରିମଳ କର୍ମଚାରୀ, ସ୍ୱଚ୍ଛ କର୍ମୀ, ସ୍ୱଚ୍ଛ ସାଥୀ, ମିଶନ ଶକ୍ତି ଗ୍ରୁପ୍‌ର ମା'ମାନଙ୍କୁ ଧନ୍ୟବାଦ୍ ଦେଇଥିଲେ। କାଉନସିଲର ପି ସଞ୍ଜୀବ କୁମାର ପାତ୍ର, ମୋନାଲିସା ଦଳବେହେରା, ସିଦ୍ଧେଶ୍ୱରୀ ନାୟକ, ଭାରତୀ ବେହେରା, ଯାକେଶ କୁମାର ପ୍ରଧାନ, ଲକ୍ଷ୍ମୀପ୍ରିୟା ପରିଚ୍ଛା, ଲିପିକା ପ୍ରଧାନ, ନନ୍ଦିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ କୋର୍ଡିନେଟର ପ୍ରଭାତ ରଞ୍ଜନ ସାହୁ ପରିଚାଳନା କରିଥିଲେ।

# ଲୋକକଳା ମାଧ୍ୟମରେ ପ୍ରଚାର କରାଯିବ ସରକାରୀ କାର୍ଯ୍ୟକ୍ରମ

## କର୍ମଶାଳାର ଶୁଭାରମ୍ଭ କଲେ ଜିଲ୍ଲାପାଳ

ଛତ୍ରପୁର,୨।୯(ସନ୍ତୋଷ ପାଢ଼ୀ)

ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ପାରମ୍ପରିକ ଲୋକକଳା ମାଧ୍ୟମରେ ଗାଁ ଗାଁରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଓ କଳାକାର ମାନଙ୍କୁ ନିଜସ୍ୱ କଳାର ପ୍ରଦର୍ଶନ କରିବା ପାଇଁ ସରକାର ଏକ ସୁଯୋଗ ସୃଷ୍ଟି କରିଛନ୍ତି। ବ୍ଲକ କଳା ସାଂସ୍କୃତିକ ସଂଘର ସମସ୍ତ ଉପ ସଭାପତି, ସମସ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଏବଂ କଳାକାର ଗୁରୁ ମାନଙ୍କୁ ଶନିବାର ଏବଂ ରବିବାର ଦୁଇ ଦିନ ଧରି ଜିଲା ସ୍ତରୀୟ ତାଲିମ ପ୍ରଦାନ କରାଯାଉଛି। ଏହି ଅବସରରେ ଶନିବାର ଛତ୍ରପୁରସ୍ଥିତ ଜିଲା ସଂସ୍କୃତି ଭବନଠାରେ ଏକ ତାଲିମ ଶିବିର ଆୟୋଜିତ ହୋଇଥିଲା। ଏଥିରେ ଗଞ୍ଜାମ ଜିଲାପାଳ ତଥା ଜିଲା କଳା ଓ ସାଂସ୍କୃତିକ ସଂଘର ସଭାପତି ଦିବ୍ୟ ଜ୍ୟୋତି ପରିଡା ମୁଖ୍ୟଅତିଥି ରୂପେ ଯୋଗ ଦେଇ ସମସ୍ତ ସାଧନ ସଭ୍ୟମାନଙ୍କୁ ସରକାରଙ୍କ ଜନହିତକର ଯୋଜନାର ସଫଳ ରୂପାୟନ ନିମନ୍ତେ ପ୍ରଚାର ଓ ପ୍ରସାର ପାଇଁ ଲୋକ କଳା ମାଧ୍ୟମରେ ଜିଲାର ସମସ୍ତ ପଞ୍ଚାୟତରେ




ଜିଲାପାଳ ଓ ଅନ୍ୟମାନେ।

ପରିବେଷଣ ପାଇଁ ଜଣାଇଥିଲେ। ଏହି ଅବସରରେ ପରିଡ଼ା ପ୍ରଦୀପ ପ୍ରଜ୍ଜଳନ କରି ପ୍ରଥମ ଦିନ ପ୍ରଶିକ୍ଷଣର ଶୁଭାରମ୍ଭ କରିଥିଲେ। ପାରମ୍ପରିକ ଲୋକକଳା ମାଧ୍ୟମରେ ପ୍ରଚାର ପ୍ରସାର ବେଳେ ଲୋକକଳା ଗୁଡିକର ମୌଳିକତା ଯେମିତି ନଷ୍ଟ ହେବନାହିଁ ଓ ଗ୍ରାମାଞ୍ଚଳର ଲୋକମାନଙ୍କ ପାଖରେ ଯେଭଳି ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କିତ ତଥ୍ୟ ପହଞ୍ଚି ପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ କୃଷ୍ଣ ଚନ୍ଦ୍ର ନିଶଙ୍କ କହିଥିଲେ ଯେ, ଗଞ୍ଜାମ ଜିଲା ହେଉଛି କଳା ଓ ସଂସ୍କୃତିର ଏକୁଡିଶାଳ। ଜିଲାରେ କାର୍ଯ୍ୟକ୍ରମକୁ ଯେପରି ତ୍ୱରାନ୍ୱିତ କରାଯାଇଛି ଅନ୍ୟ ଜିଲାରେ ସେପରି ହୋଇ ପାରିନାହିଁ। ଜିଲାରେ ଥିବା ୨୯୫ଟି ସାଂସ୍କୃତିକ ଦଳ ଜିଲାର ୫୦୩ ଗ୍ରାମ ପଞ୍ଚାୟତରେ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ ପରିବେଷଣ କରିବେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବିନାରାୟଣ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ତାଲିମ ଶିବିରର ଆଭିମୁଖ୍ୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ରାଧା କୃଷ୍ଣ ରାମ, ଜିଲା କଳା ସାଂସ୍କୃତିକ ସଂଘ ଉପସଭାପତି ସନ୍ତୋଷ କୁମାର ପାଢୀ ପ୍ରମୁଖ ମଞ୍ଚାସୀନ ରହି କଳାକାର ମାନଙ୍କୁ କଳା ପ୍ରଦର୍ଶନ ମାଧ୍ୟମରେ ସରକାରଙ୍କ ଯୋଜନା କିଭଳି ଲୋକଙ୍କ ନିକଟରେ ପହଞ୍ଚିବ ସେହି ଦିଗରେ ଦିଗଦର୍ଶନ ଦେଇଥିଲେ। ମିଶନ ଶକ୍ତି, ମମତା ଯୋଜନା, ମୋ ସ୍କୁଲ, ଓଡିଶା ଆଦର୍ଶ ବିଦ୍ୟାଳୟ, ଫସଲ ବୀମା ଯୋଜନା, ଫସଲ ଋଣ ସୁଧ ରିହାତି, ଆମ ହସ୍ପିଟାଲ, ଆମ ଓଡିଶା ନବୀନ ଓଡିଶା, ୫-ଟି ହାଇସ୍କୁଲ ରୂପାନ୍ତରୀକରଣ, ମଧୁବାବୁ ପେନସନ ଯୋଜନା, କ୍ରୀଡା ଓ ହକି ଉପରେ ସଚେତନତା ବାର୍ତ୍ତା ସମ୍ପର୍କରେ କଳାକାର ମାନଙ୍କୁ ଶିକ୍ଷା ବିଭାଗର ଜିଲା ବିଜ୍ଞାନ ସୁପରଭାଇଜର୍ ରାମ ଚନ୍ଦ୍ର ମହାରଣା, ଜିଲା ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ମିଶନ ଶକ୍ତି ଜିଲା ସଂଯୋଜକ ଶାଶ୍ୱତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଜିଲାସ୍ତରୀୟ ସଂସାଧନ ସଭ୍ୟ ତଥା କଳାକାର ଓ ଉପସଭାପତି ଭଞ୍ଜନଗର ଜଗଦୀଶ ପାଣିଗ୍ରାହୀ, ବରିଷ୍ଠ କଳାକାର ବାଳକୃଷ୍ଣ ସାହୁ, ପ୍ରମୁଖ କଳା ପ୍ରଦର୍ଶନ ମାଧ୍ୟମରେ କିଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ ତାହା ଜଣାଇଥିଲେ। ବରିଷ୍ଠ କଳାକାର ଆଲୋକ କୁମାର ବିଷୋୟୀ ଏବଂ ତାଙ୍କ ସାଥୀ କଳାକାରଗଣ ଘୁଡୁକି ନୃତ୍ୟ ପରିବେଷଣ କରି କଳା ପ୍ରଦର୍ଶନର ମାର୍ଗ ଦର୍ଶନ ଦେଇଥିଲେ। ଏହି ଶିବିରରେ ବିକେଏସଏସର ସାଧନ ସଭ୍ୟମାନେ ପ୍ରଶିକ୍ଷଣ ନେଇ ନିଜ ସଂଘର ଅନ୍ୟ ସଭ୍ୟମାନଙ୍କୁ ବ୍ଲକ ସ୍ତରରେ ତାଲିମ ପ୍ରଦାନ କରିବେ। ପ୍ରକାଶ ଥାଉକି, ଆସନ୍ତା ୧୫ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ୧୬ ଦିନ ଧରି ତାଲିମ ପ୍ରାପ୍ତ କଳାକାରମାନେ ଗ୍ରାମଗୁଡ଼ିକରେ ଲୋକକଳା ମାଧ୍ୟମରେ ଲୋକଙ୍କୁ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରାଇବେ।

## ବିକାଶ ବିଦ୍ୟାନିକେତନରେ କ୍ରୀଡ଼ା ପ୍ରତିଯୋଗିତା

ଗୁମ୍ମା,୨।୯(ପ୍ରବୀଣ କୁମାର ଲିମା)

ଗୁମ୍ମା ବ୍ଲକ ସ୍ତରୀୟ ବିଭିନ୍ନ ବର୍ଗ ବୟସର ଛାତ୍ରୀଛାତ୍ରଙ୍କୁ ନେଇ ୨୦୨୩-୨୪ ବର୍ଷର କ୍ରିଡ଼ା ପ୍ରତିଯୋଗିତା ୪ମାଇଲ ସ୍ଥିତ ବିକାଶ ବିଦ୍ୟାନିକେତନଠାରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବରେ ବ୍ଲକ ଅଧକ୍ଷା ସୁନେମି ମଣ୍ଡଳ, ଅତିରିକ୍ତ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର କହଁର ଓ କ୍ରିଷ୍ଣା ଆପାରାଓ, ଜିଲା ଶିକ୍ଷାଧିକାରୀ ଅଧିନସ୍ଥ ଶାରୀରିକ ଶିକ୍ଷା ନିରିକ୍ଷକ ସୁରେନ୍ଦ୍ର ପାତ୍ର ଓ ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଭାନୁମତୀ ସ୍ୱାଇଁଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟରୁ ବହୁ ଛାତ୍ରୀଛାତ୍ରମାନେ ପ୍ରତିଯୋଗିତାରେ ଭାଗନେଇଥିଲେ। ଏଥିରେ ଅନେକ ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଭାଗନେଇଥିଲେ। ଏହା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସେରଙ୍ଗର ପ୍ରଧାନ ଶିକ୍ଷୟିତ୍ରୀ ଏବଂ ସହଯୋଗୀ ଶିକ୍ଷକଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ଉଦ୍‌ଯାପନ ସଭାରେ ବ୍ଲକ ଶିକ୍ଷା ଅଧିକାରୀ ନୟନ ରଞ୍ଜନ ମଣ୍ଡଳ, ସୁନିତା ରାଇକା, ଭାନୁମତୀ ସ୍ୱାଇଁ, ତ୍ରିଲୋଚନ ପଣ୍ଡିତ, ସନ୍ତୋଷ କୁମାର ଗୌଡ଼ଙ୍କ ଉପସ୍ଥିତିରେ ବିଜୟ ଲାଭ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଯୁବ ରେଡ୍‌କ୍ରସ ଜିଲା କାର୍ଯ୍ୟକାରିଣୀ ବୈଠକ

ଫୁଲବାଣୀ,୨।୯(ରାକେଶ କୁମାର ରାଉତ )

ଯୁବ ରେଡ୍‌କ୍ରସ ଜିଲା କାର୍ଯ୍ୟକାରିଣୀ ବୈଠକ ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ଡ. ସୁବାସ ଚନ୍ଦ୍ର ପ୍ରଧାନ ପୌରୋହିତ୍ୟ କରିଥିଲେ। କନ୍ଧମାଳ ଜିଲାରେ ଯୁବ ରେଡ୍‌କ୍ରସ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବା ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ଉପରେ ବୈଠକରେ ଆଲୋଚନା କରାଯାଇଥିଲା।

ଯୁବ ରେଡ୍‌କ୍ରସ କନ୍ଧମାଳ ଜିଲା ସଂଯୋଜକ ଡ. ବିଭୂତି ଭୂଷଣ ଆଚାର୍ଯ୍ୟଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକାରିଣୀ ବୈଠକରେ ଡ. ପ୍ରସନ୍ନ କୁମାର ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ ଯୁବ ରେଡ୍‌କ୍ରସର ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅଭିଭାଷଣ ପ୍ରଦାନ




ବୈଠକରେ ଆଲୋଚନା ଚାଲିଛି।

କରିଥିଲେ। ଚଳିତ ଶିକ୍ଷାବର୍ଷ ନିମନ୍ତେ ପ୍ରସ୍ତାବିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ପ୍ରଦାନ ପୂର୍ବକ ଜିଲା ସଂଯୋଜକ ଡ. ଆଚାର୍ଯ୍ୟ ଜିଲାର ପ୍ରତ୍ୟେକ ୟୁନିଟ ଚଳିତ ବର୍ଷ ରକ୍ତଦାନ ଶିବିର, ବ୍ୟାପକ ଚାରାରୋପଣ, ଡେଙ୍ଗୁ ଓ ଏଡ୍‌ସ ସଚେତନତା ଆଦି ଶିବିର ନିୟମିତ ଭାବେ ଆୟୋଜନ କରିବାକୁ ଜିଲାର ସମସ୍ତ ଯୁବ ରେଡ୍‌କ୍ରସ ୟୁନିଟକୁ କହିଥିଲେ। ବୈଠକରେ ଜିଲାର ସମସ୍ତ ସ୍ନାତକ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡ୍‌କ୍ରସ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ରେଡ୍‌କ୍ରସ ଜିଲା ସମ୍ପାଦକ ସୁକାନ୍ତ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଅଧାପିକା ଲିପିକା ମହାନ୍ତି, ସ୍ମୃତି ଯୋଗୀ ଓ ବର୍ଷାରାଣୀ ପୃଷ୍ଟିଙ୍କ ସମେତ ଯୁବ ରେଡ୍‌କ୍ରସ ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ଯୁବ ରେଡ୍‌କ୍ରସର ସ୍ୱେଚ୍ଛାସେବିନୀ ବିଦୁସ୍ମିତା ପାଢ଼ୀ ଧନ୍ୟବାଦ ଦେଇଥିଲେ।

## ଦୁଇଗୋଷ୍ଠୀ ମାରପିଟ ଘଟଣା, ୪ କୋର୍ଟଚାଲାଣ

ଗୋପାଳପୁର,୨।୯ (ନବୀନ ରାଜା ଆଚାରୀ)

ଦୁଇଗୋଷ୍ଠୀ ମଧ୍ୟରେ ପତିଆରା ଜାହିର ପାଇଁ ମାରପିଟ ଘଟଣାରେ ଶନିବାର ଗୋଳନ୍ଥରା ଥାନା ପୋଲିସ ୪ଜଣଙ୍କୁ କୋର୍ଟ ଚାଲଣ କରିଛି। ନାବାଳକଙ୍କୁ ପ୍ରିନ୍ସିପାଲ ମାଜିଷ୍ଟ୍ରେଟ ଜୁଭେଇନାଲ ଜଷ୍ଟିସ ବୋର୍ଡ ନିକଟରେ ହାଜର କରାଯାଇଛି। ଅଭିଯୁକ୍ତମାନେ ହେଲେ ହଳଦିଆ ପଦର ଗ୍ରାମର ସମୀର ଦାସ, ଶିଶିର ଦାସ, ସଦାନନ୍ଦ ଦାସ ଓ ଗୋଳନ୍ଥରା ଚଟି ଗ୍ରାମର ଏନ.ଭେଙ୍କେଟ ରାଓ। ଗୋଳନ୍ଥରା ଥାନା ଅଞ୍ଚଳରେ ଗତ କିଛି ଦିନ ହେଲା ଦୁଇ ଯୁବ ଗୋଷ୍ଠୀ ମଧ୍ୟରେ ପତିଆରା ଜାହିର କରିବା ନେଇ ପ୍ରତିଯୋଗୀତା ଲାଗିଛି। ବିଭିନ୍ନ ସମୟରେ ଉଭୟ ଗୋଷ୍ଠୀଙ୍କ ସମର୍ଥକ ଧମକ ଚମକ ମଧ୍ୟ ହୋଇଥିଲେ। ଗୁରୁବାର ବିଳମ୍ବିତ ରାତ୍ରିରେ କନିଷି ଢ଼ାବା ନିକଟରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା ଏଥିରେ ଦୁଇଜଣ ଆହତ ହେବା ସହ ଦୁଇଟି ବାଇକ ଭଙ୍ଗାରୁଜା କରିଥିଲେ। ଗୋଳନ୍ଥରା ଥାନା ପୋଲିସ ପହଞ୍ଚିଲା ବେଳେ ଉଭୟ ଗୋଷ୍ଠୀର ସମର୍ଥକ ମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ଦୁଇଟି ଗାଡ଼ି ଜବତ କରିଥିଲା। ଶୁକ୍ରବାର ଏନେଇ ଗୋଟିଏ ଗୋଷ୍ଠୀର ଶିବରାମ ସେଠୀ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୨୮/୨୩ ପ୍ରକାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ଶନିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲା। ବିପକ୍ଷ ଗୋଷ୍ଠୀର ଏନ ଭେଙ୍କେଟରାଓଙ୍କ ଅଭିଯୋଗ କ୍ରମେ ନଂ. ୪୩୧/୨୩ ପ୍ରକାରେ ମାମଲା ରୁଜୁ କରି ତଦନ୍ତ ଚାଲିଛି। ଶୀଘ୍ର ଅନ୍ୟମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଅଭିଯୁକ୍ତ ଗିରଫ

ପାରଳାଖେମୁଣ୍ଡି,(ଗିରିଧାରୀ ପରିଚ୍ଛା)୨।୯

ଗୋଷାଣୀ ବ୍ଲକ ଗୁରାଣ୍ଡି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳତ୍କାର କରିବା ଅଭିଯୋଗରେ ପୋଲିସ ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଟି.ସୁନୀଲ (୨୩)। ୧୪ ବର୍ଷୀୟ ନାବାଳିକା ନିଜ ପରିବାରର ଆର୍ଥିକ ଦୁର୍ଦ୍ଦଶା ଦେଖି କାମ କରି ଗୁଜାରଣ ମେଣ୍ଟାଉଥିଲେ। ପାରଳାଖେମୁଣ୍ଡି ସହର ଓମଶାନ୍ତି କଲୋନୀ ପଛପଟ ଥିବା ବସ୍ତିର ବିବାହିତ ଟି.ସୁନୀଲଙ୍କ ସହିତ କୌଣସି ପ୍ରକାର ନାବାଳିକାଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପରେ ସୁନୀଲ ବିବାହର ପ୍ରଲୋଭନ ଦେଖାଇ ଗତ ୨୭ ତାରିଖରେ ବ୍ରହ୍ମପୁର ସହରକୁ ବୁଲିବାପାଇଁ ଡାକି ନେଇଥିଲେ। ସେଠାରେ କୌଣସି ଏକ ସ୍ଥାନରେ ରଖି ବଳତ୍କାର କରିଥିଲେ। ପରେ ଗତ ୨୮ ତାରିଖରେ ନାବାଳିକା ଜଣକ କାମ କରୁଥିବା ହୋଟେଲରେ ଛାଡିଦେଇ ଚାଲିଯାଇଥିଲା। ଏ ନେଇ ନାବାଳିକା ଜଣକ ନିଜ ପରିବାରବର୍ଗଙ୍କୁ ଜଣାଇବା ପରେ ଗୁରାଣ୍ଡି ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୁକ୍ତଙ୍କ କୌଣସି ଫୋନ ନମ୍ବର, ଠିକଣା କିମ୍ବା ଫଟୋଚିତ୍ର ନାବାଳିକାଙ୍କ ପାଖରେ ନଥିବାରୁ ପୋଲିସକୁ ତଦନ୍ତ ବେଳେ ବହୁ ଅସୁବିଧା ହୋଇଥିଲା। ପରେ ନାବାଳିକାଙ୍କ ବାପାଙ୍କ ସହଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏ ନେଇ ନଂ.୬୫/୨୩ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## ସୁଜିତ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ



ଖେଳାଳିଙ୍କ ସହ ଅତିଥିମାନେ।

ଫିରିଙ୍ଗିଆ,୨।୯(ବିକ୍ରମ ଦିଗାଲ)

ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ଉଚ୍ଚ ମାଧ୍ୟମିକ ଖେଳ ପଡିଆରେ ଅନୁଷ୍ଠିତ ହୋଇଥିବା ଦୁଇ ଦିନିଆ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଛି। ମୁଖ୍ୟଅତିଥି ଭାବରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଯୋଗ ଦେଇଥିବା ବେଳେ ଫିରିଙ୍ଗିଆ ଗୋଷ୍ଠୀଉନ୍ନୟନ ଅଧିକାରୀ ରଶ୍ମି ରଞ୍ଜନ ମହନ୍ତ, ବରିଷ୍ଠ ପୋଲିସ ଅଧିକାରୀ ତଥା କଣ୍ଠ ଶିଳ୍ପୀ ଜଳନ୍ଧର ବେହେରା, ଖଜୁରିପଡା ପୂର୍ବତନ ବ୍ଲକ ଅଧକ୍ଷ ବୀରେନ୍ଦ୍ର କହଁର, ଫିରିଙ୍ଗିଆ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ପାତ୍ର, ଏମ୍‌ପି ପ୍ରତିନିଧି ବିଷ୍ଣୁ ଚରଣ ମଲ୍ଲିକ, ଜିଲା ପରିଷଦ ସଭ୍ୟ ନୀଳ ଗିରି ଦିଗାଲ ଯୋଗ ଦେଇଥିଲେ। ମୋଟ ୮ ଟିମ ଭାଗ ନେଇଥିବା ବେଳେ ଫାଇନାଲ ତଥା ୨ ଦିନିଆ ସୁଜିତ ମେମୋରିଆଲ ଟୁର୍ନାମେଣ୍ଟରେ ସୁଜିତ ଏଫସି ଏବଂ ଜେଡିକ୍ଲବ ଫୁଲବାଣୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁଜିତ ଏଫସି ଜେଡି କ୍ଲବକୁ ୧ -୦ ଗୋଲରେ ହରାଇ ବିଜୟ ଲାଭ କରିଥିଲା। ଖେଳକୁ ରେଫରୀ ସୁନୀଲ କୁମାର ବେହେରା, ବିଶ୍ୱରଞ୍ଜନ କହଁର, ସରୋଜ ମହାରଣା, ପ୍ରଫୁଲ୍ଲ କହଁର, ତଣ୍ଡେଶ୍ୱର କହଁର, ରୋହିତ ନାୟକ, ପରିଚାଳନା କରିଥିଲେ। ସୁଜିତ ଏଫସି କ୍ଲବର ସଭାପତି ଭବାନୀ ଶଙ୍କର ସାହୁ, ସମ୍ପାଦକ ଭବାନୀ ଶଙ୍କର ବେହେରା, କୋଷାଧକ୍ଷ ବିଦ୍ଧୁଦତ୍ତ ମୁଖି, ତନ୍ମୟ ଗୌଡ଼, ଜିତୁ ମୁଖି, ରାଜେଶ ଦିଗାଲଙ୍କ ସହ ସୁଜିତ ଏଫସି କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଶେଷରେ ଅତିଥିମାନେ ଫାଇନାଲ ଖେଳର ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରାଯାଇଥିଲା।

## ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚନ, ଇନ୍ଦ୍ରମଣି ସଭାପତି

ଶେରଗଡ,୨।୯(ସୂର୍ଯ୍ୟନାରାୟଣଦାଶ)


ଶେରଗଡ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ବୈଠକ ଶନିବାର ବିଇଓ ଅଫିସ ସାମନା ଏକ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ସଂଘର ସଭାପତି ପ୍ରଫୁଲ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ଶିକ୍ଷକ ମାନଙ୍କ ସମାସ୍ୟା ଉପରେ ଆଲୋଚନା କରାଯାଇଥିଲା। ଜିଲା ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସଭାପତି ସାରଥି ପାତ୍ର, ଉପସଭାନେତ୍ରୀ ଡି. ଗୌରୀ, କୁକୁଡାଖଣ୍ଡି ପ୍ରାଥମିକ ଶିକ୍ଷକ ସଂଘର ସଭାନେତ୍ରୀ ଏ. ପୁଷ୍ପଲତା ଯୋଗଦେଇ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିଥିଲେ। ସର୍ବସମ୍ମତିକ୍ରମେ ସଭାପତି ଭାବେ



ନିର୍ବାଚିତ ପ୍ରତିନିଧିମାନେ ଶପଥ ପାଠ କରୁଛନ୍ତି।

ଶିକ୍ଷକ ଇନ୍ଦ୍ରମଣି ସ୍ୱାଇଁ, ଉପସଭାପତି ଭାବେ ଶଙ୍କର ପ୍ରସାଦ ଜେନା, ଉପସଭାନେତ୍ରୀ ଭାବେ ଗିରିଜା ନନ୍ଦିନୀ ଦାଶ, ସମ୍ପାଦକ ଭାବେ ଦାଶରଥି ଜେନା, ସହ ସମ୍ପାଦକ ମଣ୍ଡଳୀ ଭାବେ ଯୋଗେନ୍ଦ୍ର ଗୌଡ, କବିରାଜ ନାୟକ, ବିଶ୍ୱଜିତ ଦାଶ, ଜିଲା ସଭ୍ୟ ଭାବେ ଏ. ଅନନ୍ତରାମ ଆଚାର, ସୁଦର୍ଶନ ବେହେରା, ସୁଶାନ୍ତ କୁମାର ପ୍ରଧାନ, କୋଷାଧକ୍ଷ ଭାବେ ଜୟ ପ୍ରକାଶ ଜେନା, ବ୍ଲକ ସଂଯୋଜକ ଭାବେ ରଘୁରାମ ବେହେରା ନିର୍ବାଚିତ ହୋଇ ଶପଥ ପାଠ କରିଥିଲେ।

## ମିଶନ ଶକ୍ତିର ସଚେତନତା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ମୋହନା,୨।୯(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକ ଅନ୍ତର୍ଗତ ଅଡବା ପଞ୍ଚାୟତଠାରେ ମିଶନ ଶକ୍ତି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସିଡିପିଓ ଲଳିତା ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଅଡବା ସରପଞ୍ଚ ସୁନେମୀ ଗମାଙ୍ଗ, ନାଏବ ସରପଞ୍ଚ ସୁରତ ରାଇତ, ୱାର୍ଡମେମ୍ବର ଉମାକାନ୍ତ ସାହୁ, ବିପିସି ମିଶନ ଶକ୍ତି ଲିଟୁ ପୂଜାରୀ, ବିଏଲସି ୱଲମ୍ ରଜନୀ କାନ୍ତ ପଣ୍ଡା ଓ ୪ଟି ପଞ୍ଚାୟତର ମହିଳାମାନେ ଉପସ୍ଥିତ ଥିଲେ। ମୋହନା ସିଡିପିଓ ବିଭିନ୍ନ ଗର୍ବବତୀ ମହିଳାଙ୍କୁ ଉପରେ କିପରି ହେଲେଥ କାର୍ଡ଼ ଉପରେ ସୁବିଧା ମିଳିବ ଓ ଋଣ କିପରି ସୁବିଧାରେ ପାଇ ପାରିବେ ତାହା ଉପରେ ମହିଳା ମାନଙ୍କୁ ବୁଝାଇଥିଲେ। ଅଡବା ପଞ୍ଚାୟତ, ଅଲିଗଣ୍ଡା, ଦମାଦୁଆ, ଡ଼ମ୍ବଗୁଡା ପଞ୍ଚାୟତର ମହିଳା ସଂଘର ୨୨୦ ମହିଳା ଉପସ୍ଥିତ ଥିଲେ।

## ଚିକିତ୍ସାରେ ଅବହେଳା ନେଇ ଗୁରାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ର ଘେରାଉ

### ସାପ କାମୁଡାରେ ଜଣେ ମୃତ

ପାରଳାଖେମୁଣ୍ଡି,୨।୯(ଗିରିଧାରୀ ପରିଚ୍ଛା)

ଗୋଷାଣୀ ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ଗୋଲାଗାଁ ଗ୍ରାମର ରଘୁନାଥ ନାୟକ(୫୫)ଙ୍କ ଶନିବାର ସାପ କାମୁଡ଼ାରେ ମୃତ୍ୟୁ ଘଟିଥିଲା। ଚିକିତ୍ସା ଅବହେଳା ଲାଗି ରଘୁନାଥଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରି ପରିବାର ଓ ଗ୍ରାମବାସୀ ଗୁରାଣ୍ଡି ସ୍ୱାସ୍ଥ୍ୟ କେନ୍ଦ୍ରକ ଘେରାଉ କରିଥିଲେ। ପରିବାର ବର୍ଗଙ୍କୁ କ୍ଷତିପୂରଣ ବାବଦରେ ୫୦ଲକ୍ଷ ସହ ଜଣଙ୍କୁ ସରକାରୀ ନିଯୁକ୍ତି ଦାବି କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ବ୍ୟବଚ୍ଛେଦ କରାଇଦେବୁ ନାହିଁ ବୋଲି ମେଡିକାଲ ମଧ୍ୟରେ ମୃତଦେହ ରଖି ଅଡ଼ି ବସିଥିଲେ। ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର ଏବଂ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ପହଞ୍ଚି ବହୁ ବୁଝାଶୁଝା କରିବାପରେ ପରିସ୍ଥିତି ଶାନ୍ତ ପଡିଥିଲା।



ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛନ୍ତି।

ପ୍ରକାଶ ଯେ, ସକାଳୁ ରଘୁନାଥ ସ୍ତ୍ରୀଙ୍କ ସହ ଗାଈଗୋରୁ ନିମନ୍ତେ ଘାସ ଆଣିବାକୁ ନିକଟସ୍ଥ ଖେତକୁ ଯାଇଥିଲେ। ଘାସ କାଟିବା ସମୟରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ସ୍ତ୍ରୀଙ୍କ ଡାକ ଶୁଣି ସ୍ଥାନୀୟ ଲୋକଙ୍କ ପହଞ୍ଚି ରଘୁନାଥଙ୍କୁ ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ହେଲେ ଠିକ ଉପଚାର ହୋଇନଥିବା ଓ ରଘୁନାଥଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଅବନତି ଘଟିଥିବାର ଦେଖି ପାରଳାଖେମୁଣ୍ଡି ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାକୁ ନେଇ ପରିବାରବର୍ଗ ଓ ଗ୍ରାମବାସୀ ଗୁରାଣ୍ଡି ଚିକିତ୍ସାଳୟରେ ଚିକିତ୍ସାରେ ଅବହେଳା ଏବଂ ପାରଳା ଡାକ୍ତରଖାନାରେ ଦୁଇ ଦୁଇ ଥର ମୃତଘୋଷଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ରଘୁନାଥ ଘରର ଜଣେ ହିଁ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବାରୁ ପରିବାର ବର୍ଗଙ୍କୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଏ ନେଇ ଗୁରାଣ୍ଡି ଥାନାରେ ନଂ. ୫/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ତଦନ୍ତ ଜାରି ରହିଥିବାର ଗୁରାଣ୍ଡି ଥାନା ଅଧିକାରୀ କହିଛନ୍ତି।

## ବଜ୍ରପାତରେ ମେଣ୍ଢା ଚରାଳି ମୃତ

ମୋହନା,(ମନମନ୍ତ ମିଶ୍ର):ଗଜପତି ଜିଲା ମୋହନା ଥାନା ଦାରୁପାଣି ଗାଁରେ ଶନିବାର ବଜ୍ରପାତରେ ମେଣ୍ଢା ଚରାଳି କୈଳାଶ ପ୍ରଧାନ(୫୦)ଙ୍କ ମୃତ୍ୟୁ ଘଟିଛି। ମଧ୍ୟାହ୍ନରେ କୈଳାଶ ଗାଁ ନିକଟସ୍ଥ ଜଙ୍ଗଲରେ ମେଣ୍ଢା ଚରାଉ ଥିଲେ। ଘଡଘଡି ସହ ପ୍ରବଳ ବର୍ଷା ହେବାରୁ ସେ ଏକ ଗଛ କୋରଡ଼ରେ ଆଶ୍ରୟ ନେଇଥିଲେ। ଏହି ସମୟରେ କୈଳାଶଙ୍କ ଉପରେ ବଜ୍ରପାତ ହୋଇଥିଲା। ପରିବାର ଲୋକେ କୈଳାଶଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଚନ୍ଦ୍ରଗିରି ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଥାନାଧିକାରୀ ବସନ୍ତ ସେଠୀ କହିଛନ୍ତି।

**ସଂକ୍ଷେପରେ**

## ଦୃଷ୍ଟିହୀନ ବିଦ୍ୟାଳୟ ପରିଦର୍ଶନ କଲେ ସ୍ୱତନ୍ତ୍ର ସଚିବ

ଶେରଗଡ,୨୧୯(ସୂର୍ଯ୍ୟନାରାୟଣଦାଶ)– ସାମାଜିକ ନିରପତ୍ତା ସମାଜ ମଙ୍ଗଳ ବିଭାଗ ସ୍ୱତନ୍ତ୍ର ସଚିବ ଦିଲ୍ଲୀପ ରଏ ଶନିବାର ଶେରଗଡ ବାକିଲିକଣା ସ୍ଥିତ କବି ନରସିଂହ ମଠ ଦୃଷ୍ଟି ହୀନ ବିଦ୍ୟାଳୟକୁ ପରିଦର୍ଶନ ସହ ପରିଚାଳନା ସମୀକ୍ଷା କରିଥିଲେ। ସ୍ୱତନ୍ତ୍ର ସଚିତ ବିଦ୍ୟାଳୟରେ ପହଞ୍ଚିବା ପରେ ସମ୍ପାଦକ କାଳୁଚରଣ ତାଙ୍କୁ ସ୍ୱାଗତ କରିଥିଲେ। ପରେ ବିଦ୍ୟାଳୟର ବୁଲି ଦେଖିବା ସହ କ୍ରୋଟନ ଗଛ ଲଗାଇ ସୌନ୍ଦର୍ଯ୍ୟ ବଢାଇବା ପାଇଁ କହିଥିଲେ। ବିଦ୍ୟାଳୟର ଦୃଷ୍ଟି ହୀନ ଛାତ୍ରୀଛାତ୍ରଙ୍କ ଶ୍ରେଣୀକୁ ଯାଇ ସେମାନଙ୍କର ପାଠ ପଢା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ସରକାରୀ ନିୟମ ଉଲ୍ଲଙ୍ଘନ ନକରିବାକୁ ସମ୍ପାଦକ କାଳୁଚରଣ କହିଥିଲେ। ନିଷ୍ଠାର ସହ ଅନୁଷ୍ଠାନ ପରିଚାଳନା କରିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ପରିଦର୍ଶନ ସମୟରେ ବିଡିଓ ଶିବାଶିଷ ବରାଳ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମମତା କୁମାରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଆର.ଉଦୟଗିରି,୨୧୯(ମନୋଜ କୁମାର ପାଢୀ)

ଛେଲିଗଡ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ୨ ଦିନ ଧରି ଚାଲିଥିବା ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଶନିବାର ଉଦଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବ୍ଲକରୁ ସରକାରୀ ଉଚ୍ଚ ବିଦ୍ୟାଳୟ ସମେତ ଆଦର୍ଶ ବିଦ୍ୟାଳୟରୁ ୭୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୦୦ରୁ ଉର୍ଦ୍ଧ୍ୱ ଜିଲାସ୍ତରୀୟ ପ୍ରତିଯୋଗିତା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆସନ୍ତା ୮ ତାରିଖରେ ଗାରାବନ୍ଧରେ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ନେବେ। ବ୍ଲକସ୍ତରୀୟ ପ୍ରତିଯୋଗିତାର ଉଦଯାପନୀ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ବୀରେନ୍ଦ୍ର ମଣ୍ଡଳ ଓ ଅତିରିକ୍ତ ଶିକ୍ଷାଧିକାରୀ ଯୁଧିଷ୍ଠିର ବେହେରା ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ବନମାଳୀ ବଡରଇତ, କ୍ରୀଡାଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ ଏବଂ ରାମଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରୀଡା ଶିକ୍ଷକ ମାଧବ ଖୁଣ୍ଟିଆ ପ୍ରମୁଖ ସଫଳ ପରିଚାଳନା କରିଥିଲେ।

# ଏସ୍‌ଏଚ୍‌ଜିଙ୍କୁ ସରକାରୀ ଯୋଜନା ଉପରେ ସଚେତନତା

ଭଞ୍ଜନଗର, ୨୧୯(ବାବୁଲା ପ୍ରଧାନ)

ଆଥଦିବାସୀ ଏବଂ ଜନଜାତି ଉନ୍ନୟନ ବିଦ୍ୟାଳୟ ଗୁଡିକର ଅଭିଭାବକମାନଙ୍କୁ ନେଇ ସେପ୍ଟେମ୍ବରରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି କ୍ରମରେ ଗଞ୍ଜାମ ଜିଲାର ଉକ୍ତ ବିଦ୍ୟାଳୟଗୁଡିକରେ ଆସନ୍ତା ୮, ୧୩, ୧୬, ୨୨ ଏବଂ ୨୬ ତାରିଖରେ ୫–ଟି ପର୍ଯ୍ୟାୟରେ ଅଭିଭାବକ ସମ୍ମିଳନୀ ହେବ। ଏ ନେଇ ଶନିବାର ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହ ଅନଲାଇନ ମାଧ୍ୟମରେ ଆଲୋଚନା କରିଥିଲେ। ଉକ୍ତ ସମ୍ମିଳନୀରେ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ଅଭିଭାବକମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହିବେ। ଅଭିଭାବକମାନେ ମଧ୍ୟ ସେମାନଙ୍କ ସମସ୍ୟା ଜଣାନ୍ତି ତେବେ ତାହାକୁ ସମାଧାନ ପାଇଁ ପଦକ୍ଷେପ ନିଆଯିବ। ଛାତ୍ରୀଛାତ୍ର, ଅଭିଭାବକଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ପ୍ରତିଯୋଗିତା ହେବ। ଏହାପରେ ପୁରସ୍କାର ପ୍ରଦାନ କରାଯିବ। ଯେଉଁ ସ୍କୁଲରେ ଭିତ୍ତିଭୂମିରେ କିଛି ଅସୁବିଧା ଥିବ ତାହାର ତୁରନ୍ତ ସମାଧାନ କରାଯିବ। ଅଭିଭାବକ ସମ୍ମିଳନୀ ଦିନ ବିଭିନ୍ନ ବିଭାଗ ପକ୍ଷରୁ ସେଠାରେ ବିଭିନ୍ନ ଷ୍ଟଲ ଖୋଲାଯିବ।

## ୫–ଟି ସଚିବଙ୍କ ଗସ୍ତ ପରେ ଚିନ୍ତା



ସଚେତନତା କାର୍ଯ୍ୟକ୍ରମ ଚାଲିଛି।

ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ରହି ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବେ ବୋଲି ଜିଲାପାଳ କହିଥିଲେ। ବୈଠକରେ ଭଞ୍ଜନଗର ଉପଜିଲାପାଳ, ଭଞ୍ଜନଗର ବିଡିଓଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଅନଲାଇନରେ ଯୋଗ ଦେଇଥିଲେ। ସେହିଭଳି ଗତ ୨୬ ତାରିଖରେ ୫–ଟି ସଚିବ ଭି.କେ. ପାଣ୍ଡିଆନ ଭଞ୍ଜନଗର ଗସ୍ତରେ ଆସିଥିବା ବେଳେ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚଜି) ମହିଳାମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ପଚାରିଥିଲେ। କିନ୍ତୁ ଅଧିକାଂଶ ମହିଳା ଉତ୍ତର ଦେଇ ପାରି ନ ଥିଲେ। ମହିଳାମାନେ ଏବେ ବି ସରକାରଙ୍କ ଯୋଜନା ସମ୍ପର୍କରେ ଜାଣି ପାରୁନ ଥିବାରୁ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ୫–ଟି ସଚିବ ସେଠାରେ ଉପସ୍ଥିତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶ ପ୍ରକାରେ ୩ ଦିନ ଧରି ଭଞ୍ଜନଗର ବ୍ଲକର ବିଭିନ୍ନ ଗ୍ରାମରେ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନଙ୍କୁ ନେଇ ଚାଲିଥିବା ସଚେତନତା କାର୍ଯ୍ୟକ୍ରମ ଶନିବାର ସମାପ୍ତ ହୋଇଛି। ବିଡିଓ ଶଶୀଭୂଷଣ ମହାପାତ୍ରଙ୍କ ସମେତ ବିଭିନ୍ନ ଅଧିକାରୀ ଗ୍ରାମାଞ୍ଚଳରେ ପହଞ୍ଚି ସରକାରଙ୍କ ଯୋଜନା ସମ୍ପର୍କରେ ମହିଳା ମାନଙ୍କୁ ସଚେତନ କରାଇଥିଲେ। ବୈଠକରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ସୁବିଧା, ଫସଲ ବୀମା ପ୍ରିମିୟମ ଛାଡ ପ୍ରମୁଖ ବିଷୟରେ ସଚେତନତା କରାଯାଇଥିଲା। ଏଥିସହ ଉକ୍ତ ଦିନ ଆସିଥିବା ଅଭିଯୋଗ ଗୁଡିକର ଧୀରେ ଧୀରେ ସମାଧାନ କରାଯାଉଥିବା ଜଣାପଡ଼ିଛି।

## ଗାଡ଼ି ଧକ୍କାରେ ବାଇକ୍ ଚାଳକ ମୃତ

ଗୋପାଳପୁର,୨୧୯(ନବୀନରାଜ୍ ଆଚାରୀ): ଗୋପାଳପୁର ଓଭର ବ୍ରିଜ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବ୍ରହ୍ମପୁର ଅଞ୍ଚଳ କୁଠାରୀ ମନ୍ଦିର ପ୍ରଥମ ଗଳିର ଜିଭିଏସ କୁମାର। କୁମାର ଜାତୀୟ ରାଜପଥ କଡ଼ରେ ଥିବା ଏକ ଢ଼ାବାରେ ଖାଇ ଘରକୁ ଫେରୁଥିବା ବେଳେ ରାତି ସାଢ଼େ ଦଶଟା ବେଳେ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ରାସ୍ତା ଉପରେ ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ବ୍ରହ୍ମପୁର ବଡ ମେଡିକାଲ ପଠାଇଥିଲେ ମଧ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଏ ନେଇ ଶନିବାର ଗୋପାଳପୁର ଥାନାରେ ମୃତ କୁମାରଙ୍କ ବନ୍ଧୁ ମୁନିନ୍ଦ୍ର କୁମାର ପାଣିଗ୍ରାହୀଙ୍କ ଏତଲା କ୍ରମେ ପୋଲିସ ନଂ. ୩୨୦/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

**ତହସିଲ କାର୍ଯ୍ୟାଳୟ, କନିଷି, ଗଞ୍ଜାମ**
ଦୂରଭାଷ ନଂ.: (୦୬୮୦) ୨୨୪୮୪୩୮
ଇ-ମେଲ୍: tah_@konisi@yahoo.co.in

ପତ୍ର ସଂଖ୍ୟା- 7950 — ତାରିଖ: 02.09.2023

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତହସିଲଦାର, କନିଷିଙ୍କ କାର୍ଯ୍ୟାଳୟରେ ଆବେଦନ କରାଯାଇଥିବା ଦାଖଲ ଖାରଜ ମାମଲା ସଂଖ୍ୟା– 19992/2022 ଏବଂ 19994/2022ର ଶୁଣାଣି ତା15.09.2023ରିଖ ଦିନ ଧାର୍ଯ୍ୟ କରାଯାଇଅଛି । କିନ୍ତୁ ପଟ୍ଟାଦାର ଶୁକୁରି ନାୟକ, ଗୋବିନ୍ଦ ନାୟକ, ପିତା– ପାଣ୍ଡବ ନାୟକ ନିଜ ଗାଁ ରାମଚନ୍ଦ୍ରପୁର ବାସିନ୍ଦା ମୃତ ବୋଲି ଘୋଷିତ ହୋଇଥିବା ଯୋଗୁ ତାହାଙ୍କ ଉତ୍ତରାଧିକାରୀମାନଙ୍କର ମକଦ୍ଦମାର ଶୁଣାଣି ସମୟରେ ଉପସ୍ଥିତି ଆବଶ୍ୟକ। ଏଣୁ ଉକ୍ତ ବ୍ୟକ୍ତିମାନଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା15.09.2023ରିଖ ପୂର୍ବାହ୍ନ ଘ.11.00ଟିକା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ମକଦ୍ଦମାର ଶୁଣାଣି ସମୟରେ ଉପସ୍ଥିତ ରହିବେ। ନଚେତ ସରକାରଙ୍କ ନିୟମାନୁଯାୟୀ ବିହିତ ନିଷ୍ପତ୍ତି ନିଆଯିବ ଏବଂ ଧାର୍ଯ୍ୟ ଦିନର ପରବର୍ତ୍ତୀ ସମୟରେ କୌଣସି ଆପତ୍ତି ଅଭିଯୋଗକୁ ଗ୍ରହଣ କରାଯିବ ନାହିଁ।

ସ୍ୱା./- ତହସିଲଦାର, କନିଷି

ଦିବ୍ୟାଙ୍ଗଙ୍କୁ ମିଳିଛି ପିଏମ୍ ଆବାସ ଯୋଜନାର କାର୍ଯ୍ୟାଦେଶ

## ଖାତାକୁ ଆସୁନି ଅନୁଦାନ ରାଶି, ହିତାଧିକାରୀ ହଟହଟା



କାହ୍ନୁ ଚରଣ ସାହାଣୀ ଓ ପରିବାର

ଖଜୁରିପଡ଼ା,୨୧୯(ବିଦୁର ବେହେରା )

ଖଜୁରିପଡ଼ା ବ୍ଲକ ଅଞ୍ଚଳରେ ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ କାର୍ଯ୍ୟାଦେଶ ମିଳୁଛି ହେଲେ ଅନୁଦାନ ପାଇବାରେ ବିଳମ୍ବ ଯୋଗୁ ହିତାଧିକାରୀମାନେ ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି। ଖଜୁରିପଡ଼ା ବ୍ଲକରେ ଆଡାଶି ପଡା ପଞ୍ଚାୟତର ପ୍ରଧାନ ପଡା ଗ୍ରାମର କାହ୍ନୁ ଚରଣ ସାହାଣୀ ଜଣେ ଭିନ୍ନକ୍ଷମ ବ୍ୟକ୍ତି। ସରକାରଙ୍କ ତରଫରୁ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ଘର ନିର୍ମାଣ କରିବା ପାଇଁ କାର୍ଯ୍ୟାଦେଶ ପାଇଛନ୍ତି। ମାତ୍ର ୨ ମାସ ବିତି ଗଲାଣି ହେଲେ ଆଜି ଯାଏ ବ୍ୟାଙ୍କ୍ ଖାତାକୁ ପ୍ରଥମ କିସ୍ତି ଟଙ୍କା ନ ଆସିବାରୁ ହିତାଧିକାରୀ ଏବେ ଚିନ୍ତାରେ। ଏ ନେଇ କାହ୍ନୁଁ ଚରଣ ସାହାଣୀ ବିଡିଓଙ୍କୁ ଯାଇ ସାକ୍ଷାତ କରି ନିଜ ସମସ୍ୟା ଜଣାଇବାରୁ ସମାଧାନ କରିବା ପରିବର୍ତ୍ତେ ବିରକ୍ତି ଭାବ ପ୍ରକାଶ କରି ଅନ୍ୟ କର୍ମଚାରୀ ପାଖକୁ ପଠେଇ ଦେଇଥିବା କହିଛନ୍ତି। କାହ୍ନୁ ଜଣେ ଅନ୍ଧ ବ୍ୟକ୍ତି ସେ ବାରମ୍ବାର ବ୍ଲକକୁ ଯିବା ସମ୍ଭବ ନାହିଁ ବୋଲି କାନ୍ଦି କାନ୍ଦି ଗଣମାଧ୍ୟମ ଆଗରେ କହିଛନ୍ତି। ପ୍ରଥମ କିସ୍ତି ଟଙ୍କା ନ ଆସିବାରୁ ଘର ତିଆରି କରିବା ସ୍ୱପ୍ନ ଏବେ ଭାଙ୍ଗି ଯାଇଛି। ଏ ନେଇ ଖଜୁରିପଡ଼ା ବିଡ଼ିଓ ଅନୁପମା ଘୋଷଙ୍କ ପ୍ରତିକ୍ରିୟା ନେବାକୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ଯୋଗାଯୋଗ ହୋଇ ପାରିନାହିଁ।

**OFFICE OF THE EXECUTIVE ENGINEER (AGRIL.), AGRICULTURE ENGINEERING DIVISION, KENDRAPARA**
Phone No.: 9777797206, E-mail ID: eeagril.kendrapara@gmail.com

**Govt. of Odisha "e" Procurement Notice**
**Bid Identification No. E.E. (A), Kendrapara Division - 02/2023-24**

No. L-88: The Executive Engineer (Agril.), Agriculture Engineering Division, Kendrapara on behalf of Governor of Odisha, invites percentage rate bids in Single Cover System in ONLINE MODE for **19 Number of Projects for Construction of Farmer Council Centre of both Kendrapara and Jajpur districts**.

1. Estimated Cost : Ranging from Rs.8,39,175.00 to Rs.8,46,313.00
2. Bid Cost : Rs.4,000/- + 18% GST as Mentioned against each in Column - 04
3. Period of Completion : Calendar months mentioned in Column - 06
4. No. of Works (Tender) : 19 Nos.
5. Class of Contractor : As mentioned in Column - 05
6. Date & time of availability of bid document in the portal : From Dt.04.09.2023 at 10.00 A.M. to Dt.11.09.2023 at 5.00 P.M.
7. Last date/time for receipt of bids in the portal : Dt.11.09.2023 at 5.00 P.M.
8. Date of submission of documents : Dt.04.09.2023 at 10.0 A.M. to Dt.12.09.2023 upto 5.00 P.M. (Except Holidays)
9. Date & time of opening of online bids : Dt.13.09.2023 at 02.00 P.M. & onwards
10. Name and address of the Officer Inviting Bid : Executive Engineer (Agril.), Agriculture Engineering Division, Kendrapara

Further details can be seen from the e-procurement portal **http://tendersodisha.gov.in**.

**Sd./- Executive Engineer (Agril.)**
**Agriculture Engineering Division, Kendrapara**
**OIPR-01471/11/0003/2324**

**GOVERNMENT OF ODISHA** No.B-818
**OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR**
Mail ID:- sepwdsbp@rediffmail.com
**e-Procurement**
**BID IDENTIFICATION No. CCENC (R AND B)/13/2023-24**
**No.4545 Dtd. 28.08.2023**

1. The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system **in ONLINE MODE** for the construction of **Road works and Bridge works** as detailed in the DTCN from the eligible class of contractors.
2. No. of works: **18 (Eighteen) (Roads and Bridge).**
3. Tender Cost: **Rs.10,000/-**
4. Class of contractor: **"B" Class, "A" Class and "Special" Class**
5. Date & Time of available in website & receipt of Bids From **04.09.2023** to **17.00 Hours of 20.09.2023.**
6. Date of opening of Technical Bid: **21.09.2023 at 11.00 Hours.**
7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in
8. Any corrigendum / Addendum will be displayed in the website **www.tendersodisha.gov.in**

**Sd./- Chief Construction Engineer, Northern (R&B) Circle, Sambalpur**
OIPR-34035/11/0014/2324

**GOVERNMENT OF ODISHA, "e"-PROCUREMENT NOTICE**
**WORKS DEPARTMENT**
No.B-813 — E-mail: ceroads.bbsr@gmail.com
**Bid Identification No. CE-DPI & R-22/2023-24**

1. The Chief Engineer, (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road work as mentioned below:
2. Nature of work : Road Works
3. No. of work : 37 Nos.
4. Tender Paper cost : Rs.10,000.00
5. Class of Contractor : A Class/Special Class/Super Class
6. Available of bid document in the website : From 10.00 A.M. of 04.09.2023 to 5.30 PM of 21.9.2023
7. Date of opening of Bid : Dt.22.09.2023 at 11.00 AM
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum / corrigendum / cancellation of tender can also be seen in the said website.

OIPR 34111/11/0037/2324 **Sd./- Chief Engineer (DPI & Roads), Odisha (I/C)**

## ଏନ୍‌ଏସିରେ ଟାଉନ୍ ପ୍ଲାନିଂ କର୍ମଶାଳା

ଜି.ଉଦୟଗିରି,୨୧୯(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ସମ୍ମିଳନୀ କକ୍ଷରେ ଟାଉନ୍ ପ୍ଲାନିଂ ସମ୍ପର୍କିତ ଏକ କର୍ମଶାଳା ଆୟୋଜନ କରାଯାଇଥିଲା। ଏଥିରେ ଭାରପ୍ରାପ୍ତ ଅଧ୍ୟକ୍ଷ ସନ୍ତୋଷ କୁମାର ବାଘ ସଭାପତିତ୍ୱ କରିଥିଲେ। ତହସିଲଦାର ରଞ୍ଜନ କୁମାର ସାହୁ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡଙ୍ଗୀ ଏହି କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏମଭିଆଇ ପ୍ରଶାନ୍ତ କୁମାର ଦାସ, ବିପିଏଚଓ ଡାକ୍ତର ରତିକାନ୍ତ ସାହୁ, ଆଇପିଓ ସୌମେନ୍ଦ୍ର କୁମାର ସାହୁ, ସିତାଂଶୁ କବି, କନିଷ୍ଠ ଯନ୍ତ୍ରୀ ସସ୍ମିତା ବେହେରା, ବରିଷ୍ଠ ସହାୟକ ସତ୍ୟପ୍ରକାଶ ମହାପାତ୍ର, ହିସାବ ରକ୍ଷକ ପଙ୍କଜ କୁମାର ବେହେରା ଏବଂ ସମସ୍ତ ୱାର୍ଡର କାଉନସିଲର ଉପସ୍ଥିତ ଥିଲେ। ଏହି ମାଷ୍ଟର ପ୍ଲାନ୍ କାର୍ଯ୍ୟଟିକୁ ଶେଷ କରିବା ପାଇଁ ୬୪ ସପ୍ତାହ ସମୟ ଧାର୍ଯ୍ୟ କରାଯାଇଛି। କର୍ମଶାଳାରେ ଏହି କାର୍ଯ୍ୟ ନେଇଥିବା ଏଜେନ୍ସିର ଅଧିକାରୀ ଭାବେ ଏହି ମାଷ୍ଟର ପ୍ଲାନ୍ କିପରି କରାଯିବ ଏବଂ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ କୋର୍ଡିନେଟର ପ୍ରଭାତ ରଞ୍ଜନ ସାହୁ ଏବଂ ଏମଆଇ ଏସ ମୁକେଶ ରଞ୍ଜନ ନାୟକ ପରିଚାଳନା କରିଥିଲେ।

## ନିର୍ମାଣର ବର୍ଷେ ପୂରିଲା କାର୍ଯ୍ୟକ୍ଷମ ହେଲାନି ଶୟନାଗାର



ଶୟନଗାର

କୋଦଳା,୨୧୯(ଅମିତ କୁମାର ପଟ୍ଟନାୟକ):

ରାଜ୍ୟ ସରକାର ସାଧାରଣ ଜନତାଙ୍କ ସୁରକ୍ଷା ପାଇଁ ବହୁ ଟଙ୍କା ବ୍ୟୟରେ ଉନ୍ନୟନମୂଳକ କାର୍ଯ୍ୟ କରୁଛନ୍ତି। ହେଲେ ସ୍ଥାନୀୟ ପ୍ରଶାସନର ଅବହେଳା ଯୋଗୁ ବହୁ ପ୍ରକଳ୍ପ ନିର୍ମାଣ ହୋଇ କାର୍ଯ୍ୟକ୍ଷମ ହେଉ ନ ଥିବା ଦେଖିବାକୁ ମିଳୁଛି। କୋଦଳା ବସଷ୍ଟାଣ୍ଡରେ ଶୟନାଗାର ନିର୍ମାଣର ବର୍ଷେ ହୋଇଯାଇଥିଲେ ମଧ୍ୟ ଏ ଯାଏ ତାହା କାର୍ଯ୍ୟକ୍ଷମ ହୋଇନି। କୋଦଳା ବସଷ୍ଟାଣ୍ଡରୁ ପ୍ରତ୍ୟେକ ଦିନ ବ୍ରହ୍ମପୁର, ଭୁବନେଶ୍ୱର, କଟକ, ଆସିକା, ପୋଲସରା ଆଦି ସହରକୁ ବହୁ ଯାତ୍ରୀ ଯାଉଛନ୍ତି। ରାତିରେ ହେଉ କିମ୍ବା କିଛି ଅସୁବିଧା ହେଲେ ଯାତ୍ରୀ ଶୟନାଗାର ନିହାତି ଆବଶ୍ୟକ ରହିଛି। ଏଥିପାଇଁ ୨୦୨୦ରେ କୋଦଳା ଏନଏସି ପକ୍ଷରୁ ୧୬ଲକ୍ଷ ୩୬ହଜାର ଟଙ୍କା ବ୍ୟୟରେ ଏକ ଶୟନାଗାର ନିର୍ମାଣ ପାଇଁ ଅନୁମୋଦିତ ହୋଇ କାର୍ଯ୍ୟ ହେଲା। ଏଥିରେ ଅତ୍ୟାଧୁନିକ ବ୍ୟବସ୍ଥା ଥାଇ ୬ଟି ଗୃହ ନିର୍ମାଣ ହୋଇଛି। ଏକ ବର୍ଷ ହେଲା ନିର୍ମାଣ କାର୍ଯ୍ୟ ସରିଯାଇଥିଲେ ମଧ୍ୟ ଏନଏସି ପକ୍ଷରୁ ଏହାର ପରିଚାଳନା ଦାୟିତ୍ୱ ଦିଆନଯାଇ କେବଳ ତାଲା ପକାଇ ରଖାଯାଇଛି। ରାତିରେ ବହୁ ସମୟରେ ଯାତ୍ରୀମାନେ ଖୋଲା ବାରଣ୍ଡାରେ ଶୋଉଥିବା ଦେଖିବାକୁ ମିଳୁଛି। ଯାହାଫଳରେ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ହୋଇଛି।

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.eT-North-WAT-25-2023, ତା.28.08.2023ରିଖ

**କାର୍ଯ୍ୟର ନାମ:** ୱାଲ୍ଟିୟର ମଣ୍ଡଳର କୋରାପୁଟ-ରାୟଗଡ଼ା ଲାଇନ୍‌ରେ ସିନିୟର ସେକ୍ସନ ଇଂଜିନିୟର (P.Way)/ ଟିକିରି ପରିସୀମା ଅଧୀନସ୍ଥ ଟିକିରି-ସିଙ୍ଗାପୁର ରୋଡ୍ ଷ୍ଟେସନ ମଧ୍ୟରେ ପୋଲଗୁଡ଼ିକରେ ନୂଆ ଗଲ୍‌ଭନାଇଜ୍‌ଡ୍ (Galvanized) ଷ୍ଟିଲ୍ H-ବିମ୍ ସ୍ଲିପରଗୁଡ଼ିକ ଦ୍ୱାରା ବର୍ତ୍ତମାନର 2109 ଗୋଟି କ୍ଷତିଗ୍ରସ୍ତ/ଫଟା ଷ୍ଟିଲ ଚ୍ୟାନେଲ ସ୍ଲିପରଗୁଡ଼ିକର ଥ୍ରୁ (Through) ବ୍ରିଜ୍ ଷ୍ଟିଲ ଚ୍ୟାନେଲ ସ୍ଲିପର ନବୀକରଣ (TBCSR) H-ବିମ୍।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹):** 5,35,70,282.83, **EMD(₹):** 4,17,900/-, **କାର୍ଯ୍ୟ ଶେଷ ହେବା ଅବଧି:** 12(ବାର) ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.26.09.2023ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ୱାଲ୍ଟିୟର
PR-530/O/23-24

**ପୂର୍ବ ତଟ ରେଳପଥ**
ସଂ.Comml/SBP/E-auction/Catg./23/19, ତା.23.08.2023ରିଖ

**କ୍ରମ ସଂ.1, ସମ୍ପତ୍ତିର ବିବରଣୀ :** 05(ପାଞ୍ଚ) ବର୍ଷ ନିମନ୍ତେ ବରଗଡ଼ ରୋଡ୍ 'B' ବର୍ଗ (BRGA)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଚା ଦୋକାନ (Tea Stall) (ସ୍ପେଶାଲ ମାଇନର ୟୁନିଟ୍-ସ୍ୱାଧୀନତା ସଂଗ୍ରାମୀ/ଯୁଦ୍ଧ ବିଧବା ଏବଂ ରେଳ କର୍ମଚାରୀଙ୍କ ବିଧବା ପତ୍ନୀ, ରେଳବାଇ ଦ୍ୱାରା ନିଜ ବ୍ୟବହାର ପାଇଁ ଜମି ହରାଇ ସ୍ଥାନାନ୍ତରିତ/ବିସ୍ଥାପିତ ହୋଇଥିବା ବ୍ୟକ୍ତିବିଶେଷ) ବ୍ୟବସ୍ଥା। **ଷ୍ଟେସନ :** ବରଗଡ଼ ରୋଡ୍ (BRGA)।
**କ୍ରମ ସଂ.2, ସମ୍ପତ୍ତିର ବିବରଣୀ :** 05(ପାଞ୍ଚ) ବର୍ଷ ନିମନ୍ତେ ବରଗଡ଼ ରୋଡ୍ 'B' ବର୍ଗ (BRGA)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଫଳ/ଫଳ ରସ ଦୋକାନ (ସ୍ପେଶାଲ ମାଇନର ୟୁନିଟ୍-ଅନୁସୂଚିତ ଜାତି) ବ୍ୟବସ୍ଥା। **ଷ୍ଟେସନ :** ବରଗଡ଼ ରୋଡ୍ (BRGA)।
**କ୍ରମ ସଂ.3, ସମ୍ପତ୍ତିର ବିବରଣୀ :** 05(ପାଞ୍ଚ) ବର୍ଷ ନିମନ୍ତେ ଝାରସୁଗୁଡ଼ା ରୋଡ୍ 'E' ବର୍ଗ (JSGR)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଚା ଦୋକାନ(Tea Stall) (ଜେନେରାଲ ମାଇନର ୟୁନିଟ୍-ଅଣସଂରକ୍ଷିତ) ବ୍ୟବସ୍ଥା। **ଷ୍ଟେସନ :** ଝାରସୁଗୁଡ଼ା ରୋଡ୍ (JSGR)।
**କ୍ରମ ସଂ.4, ସମ୍ପତ୍ତିର ବିବରଣୀ :** 05(ପାଞ୍ଚ) ବର୍ଷ ନିମନ୍ତେ ନୋର୍ଲା ରୋଡ ଷ୍ଟେସନ 'D' ବର୍ଗ (NRLR)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଚା ଦୋକାନ(Tea Stall) (ଜେନେରାଲ ମାଇନର ୟୁନିଟ୍) ବ୍ୟବସ୍ଥା। **ଷ୍ଟେସନ :** ନୋର୍ଲା ରୋଡ ଷ୍ଟେସନ (NRLR)।
**କ୍ରମ ସଂ.5, ସମ୍ପତ୍ତିର ବିବରଣୀ :** 05(ପାଞ୍ଚ) ବର୍ଷ ନିମନ୍ତେ ଜୁନାଗଡ଼ ରୋଡ୍ 'D' ବର୍ଗ (JNRD)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଚା ଦୋକାନ(Tea Stall) (ସ୍ପେଶାଲ ମାଇନର ୟୁନିଟ୍-ପୁରୁଷ) ବ୍ୟବସ୍ଥା। **ଷ୍ଟେସନ :** ଜୁନାଗଡ଼ ରୋଡ୍(JNRD)।
**ନିଲାମ ଆରମ୍ଭ ହେବା ତାରିଖ ଓ ସମୟ :** ତା.11.09.2023 ରିଖ 1100 ଘଟିକା (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ), **ନିଲାମ ବନ୍ଦ ହେବା ତାରିଖ ଓ ସମୟ :** ତା.11.09.2023ରିଖ 1210 ଘଟିକା (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ)।
ବିସ୍ତୃତ ବିବରଣୀ: www.ireps.gov.in ରେ ଉପଲବ୍ଧ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ସମ୍ବଲପୁର
PR-525/O/23-24

**GOVERNMENT OF ODISHA** No.O-855
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, ANGUL**
E-Mail: sencrwangul@yahoo.co.in; Ph.: 06764-236404
**e-Procurement Notice for Bridge work in Odisha**
**Bid Identification No. Bridge Online AGL-18/2023-24**
**No. 2141 // Dt.1.9.23**

1. Name of the work : **Bridge work.** 2. Total No. of work : **1 No.** 3. Estimated Cost : **Rs.248.23 Lakhs.** 4. Class of Contractor : **'B' Class.** 5. Period of completion : **As per Annexure.** 6. Other details.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Bridge Online-AGL- 18/2023-24 | 11.09.23 at 10.00 A.M. | 25.09.23 up to 5.00 P.M. | 22.09.23 upto 1.00 P.M. | 26.09.23 upto 11.00 A.M. | Will be intimated separately |

For detailed Notice inviting Tenders, Please visit to the website www.tendersorissa.gov.in.
**OIPR-25180/11/0024/2324** Sd./- Chief Construction Engineer, Rural Works Circle, Angul

**GOVERNMENT OF ODISHA** No. O-851
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR**
**e-Procurement Notice**

| | | |
|---|---|---|
| 1. | Name of Work | Construction of Bridge works under BSY for the year 2022-23 & 2023-24 |
| 2. | No. of Work | 5 (Five) Bridge Works |
| 3. | Time for Completion varies from | 12 (Twelve) to 24 (Twenty Four) Calendar Months |
| 4. | Approximate estimated cost varies from | Rs.197.31 lakhs to Rs.808.02 lakhs |
| 5. | Mode of submission of tender | Tender should be submitted online in **www.tendersodisha.gov.in** |
| 6. | Other details are as follow | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online-20/ 2022-23 | 07.09.2023 at 11.00 A.M. | 21.09.2023 upto 5.00 P.M. | 18.09.2023 upto 5.00 P.M. | 22.09.2023 at 11.00 A.M. | The date will be intimated to the technically qualified bidders later on |

- Further details can be seen from the website **www.tendersodisha.gov.in**.
- Any Corrigendum/Addendum will be displayed in the above e tender website only.

**OIPR-25118/11/0030/2324** **Sd./- Chief Construction Engineer, R.W. Circle, Bolangir**

## ନୋଟିସ

**ଶ୍ରୀଯୁକ୍ତ ଶତ୍ରୁଘ୍ନ ରାଉତ**
ପି.: ସ୍ୱର୍ଗତ ପହଲି ରାଉତ
ଗ୍ରାମ: କୁସପଙ୍ଗି
ପୋ.: ବାଲି, ଥାନା: ଗୁରୁଡ଼ିଝାଟିଆ
ଜିଲ୍ଲା: କଟକ

No. MM-136: ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଉକ୍ତ ଦପ୍ତର ଆଦେଶ ନାମା ସଂଖ୍ୟା ୭୪୬ ତା୧୧।୦୮।୨୦୨୩ରିଖ ଆପଣଙ୍କ ସ୍ଥାୟୀ ଠିକଣାରେ ଜ୍ଞାପକ ସଂଖ୍ୟା ୧୬୩୩୮ ତା୧୮।୧୧।୨୦୨୩ରିଖ ପ୍ରଦାନ ନିମନ୍ତେ ଡାକବିଭାଗ ମାଧ୍ୟମରେ ପ୍ରେରଣ କରାଯାଇଥିଲା, ଯାହାକି ଆପଣ ଦୀର୍ଘଦିନ ଅନୁପସ୍ଥିତ ରହିଥିବା ଦର୍ଶାଇ ଡାକବିଭାଗ ପତ୍ରଟିକୁ ଆପଣଙ୍କୁ ହସ୍ତାନ୍ତର ନ କରିପାରି ଉକ୍ତ ଦପ୍ତରକୁ ଫେରସ୍ତ କଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଉକ୍ତ ଆଦେଶନାମାଟିକୁ ସ୍ୱତନ୍ତ୍ର ପତ୍ରବାହକ ଶ୍ରୀ ସ୍ମୃତି ରଞ୍ଜନ ମହାରଣା, (ଉକ୍ତ ଦପ୍ତରର ସହକାରୀ ଉପବିଭାଗ ଅଧିକାରୀଙ୍କ) ଦ୍ୱାରା ହସ୍ତାନ୍ତର କରିବା ପାଇଁ ନ୍ୟସ୍ତ କରାଯାଇଥିଲା। ଆପଣ ଦିବା ୧୦.୩୦ ଘଟିକା ସମୟରେ ଅନୁପସ୍ଥିତ ଥିଲେ। ଜନସାଧାରଣ ଓ ସାକ୍ଷ୍ୟଙ୍କ ଉପସ୍ଥିତିରେ ଆପଣଙ୍କ ପରିବାର ଉକ୍ତ ପତ୍ରକୁ ଗ୍ରହଣ କରି ନ ଥିଲେ। ଏଥିରୁ ପ୍ରମାଣିତ ହେଉଛି କି ଆପଣ ଜାଣିଶୁଣି ପତ୍ରଟିକୁ ଗ୍ରହଣ ନ କରି ପ୍ରତ୍ୟାଖ୍ୟାନ କରିଛନ୍ତି।

ଏଣୁ ବିଜ୍ଞାପନ ମାଧ୍ୟମରେ ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଆପଣ ସରକାରୀ କାର୍ଯ୍ୟ ଦିବସରେ ସାତ ଦିନ ମଧ୍ୟରେ ଆଦେଶନାମାଟିକୁ ପ୍ରଧାନ ମୁଖ୍ୟ ବନସଂରକ୍ଷକ ଓ ମୁଖ୍ୟ ବନବାହିନୀ, ଓଡ଼ିଶାଙ୍କ ଦପ୍ତରରୁ ଦିବା ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଗ୍ରହଣ କରି ଏହାର କୈଫିୟତ ପଇଠ/ଉପସ୍ଥାପିତ କରିବା ହେବେ। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଆବଶ୍ୟକୀୟ କୈଫିୟତ ପଇଠ ନ କଲେ ଏକତରଫା ସରକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./– ପ୍ରଧାନ ମୁଖ୍ୟ ବନସଂରକ୍ଷକ ଓ ମୁଖ୍ୟ ବନବାହିନୀ
ଓଡ଼ିଶା, ଭୁବନେଶ୍ୱର

**OIPR-08002/11/0012/2324**

**Government of Odisha, e- Procurement Notice**
**INVITATION FOR BIDS (IFB)**
Email Id-sedklpwd@gmail.com
**Bid Identification No. C.C.E.Dkl.(R&B) 13/2023-24**
**Letter No. 2651/Dt.1.9.23**

No. B-806:- The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Buildings, Road and Bridge works as detailed below:

1. Name of the work : Building, Road and Bridge works
2. No. of works : 06 (Six) Nos.
3. Estimated Cost : **Rs.1.20 crore to Rs.5.78 crore (as given in column No. 03 of table)**
4. Cost of tender paper : Rs 10,000.00
5. Class of contractor : 'B' & 'A' Class **(as given in column No. 07 of table)**
6. Period of Completion of work : 06 (Six) to 11 (Eleven) Calendar months **(as given in column No. 08 of table)**
7. Date and time of availability of bid Document in the website : From Dt.05.09.2023 to 5.30 P.M. of Dt.19.09.2023
8. Date of opening of bid : Dt.21.09.2023 at 11.30 hours

The bidders have to participate in ONLINE bidding only. Further details can be seen from the e-Procurement Portal: www.tendersodisha.gov.in. Any Addendum/ Corrigendum/cancellation of tender can also be seen in the said website.

**Sd./- Chief Construction Engineer**
OIPR-34132/11/0018/2324 **Dhenkanal (R&B) Circle, Dhenkanal**

**PANCHAYAT SAMITI, KHAIRPUT, DIST.: MALKANGIRI**
**TENDER CALL NOTICE NO. 04/2023-24 Dt.02.09.2023**

The Block Development Officer, Khairput invites sealed percentage rate tenders vide Letter No. Dated: .2023 on behalf of Governor of Odisha from registered & eligible registered contractors of Odisha State PWD/CPWD having experience in construction of road, bridges and building works in conformity with Detailed Tender Call Notice for execution of 09 Nos. of work under PAB-2022-23/IDF scheme & CM-Special Assistance Scheme on drawal of agreement in PS contract forms of Govt. of Odisha. Tender papers will be sold from 04.09.2023 to 14.09.2023 in office hour (working days only from 10.00 A.M. to 5.30 P.M.) from Block Office, Khairput and received on 15.09.2023 in office hour (working days only from 10.00 A.M. to 5.30 P.M.) in the Office of the BDO, Khairput through Registered Post/Speed Post only. The tender shall be opened on 16.09.2023 at 11.00 A.M. in the Office of the BDO, Khairput. Term & condition and other details will be available in the office notice baord and district website i.e. **https://malkangiri.nic.in**. Purchasing & depositing of tender paper is the sole responsibility of the tender applicant within the due time.

**Sd./- 02.09.2023**
**Block Development Officer, Khairput**

**ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗରେ ୫ ସଦସ୍ୟ ନିଯୁକ୍ତ**

ଯାଜପୁର ଟାଉନ,୨।୯ (ପ୍ରଯନ୍ତା ପ୍ରିୟଦର୍ଶନୀ ମହାନ୍ତି): ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗଙ୍କ ସଦସ୍ୟ ଭାବେ ୫ଜଣଙ୍କୁ ଶନିବାର ନିଯୁକ୍ତି ଦିଆଯାଇଛି। ସେମାନେ ହେଲେ ଦୟାନିଧି ଦାସ, ସଂଯୁକ୍ତା ମହାନ୍ତି, ଅକ୍ଷୟ କୁମାର ବେହେରା, ପ୍ରିୟବ୍ରତ ସାମନ୍ତରାୟ ଓ ପ୍ରେମଶୀଳା କେରକେଟା। ଆସନ୍ତା ୩ ବର୍ଷ ପାଇଁ ଏହି ନିଯୁକ୍ତି ପ୍ରଦାନ କରାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ବଜ୍ରପାତରେ ନାବାଳକ...

ଗ୍ରାମର ଅମର ଶବର(୧୪)। ଆହତ ଅରାଙ୍ଗ ଗ୍ରାମର ନାଲ୍ଲା ନାୟକ, ପ୍ରଶାନ୍ତ ନାୟକ ଓ ପଞ୍ଚୁ ନାୟକଙ୍କୁ ଚିକିତ୍ସା ପାଇଁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଅପରାହ୍ନରେ ବର୍ଷା ସହ ବଜ୍ରପାତ ହେବାବେଳେ ଅମର ଛତା ଧରି ଘରକୁ ଫେରୁଥିବାବେଳେ ଅଚେତ୍ ହୋଇ ପଡ଼ିଥିଲେ। ଏହା ଦେଖି କେତେଜଣ ଗ୍ରାମବାସୀ ତାଙ୍କୁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଅରାଙ୍ଗ ଗ୍ରାମର ରଞ୍ଜିତ୍, ନାଲ୍ଲା, ପ୍ରଶାନ୍ତ ଓ ପଞ୍ଚୁ ବିଲକୁ କାମ କରିବାକୁ ଯାଇଥିଲେ। ହଠାତ୍ ବର୍ଷା ହେବାରୁ ଏମାନେ ସେଠାରେ ଥିବା ଏକ କୁଡ଼ିଆରେ ଆଶ୍ରୟ ନେଇଥିଲେ। ବଜ୍ରପାତ ହେବାରୁ ଘଟଣାସ୍ଥଳରେ ରଞ୍ଜିତ୍‌ଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟମାନେ ଆହତ ହୋଇଥିଲେ। ଖବରପାଇ ଗ୍ରାମବାସୀ ସେମାନଙ୍କୁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଜଟଣୀ ବ୍ଲକ ଅଧୀନ ପଞ୍ଚୁପଲି ପଞ୍ଚାୟତ ନୁଆଗାଁ ଅଞ୍ଚଳରେ ବର୍ଷା ସହ ବଜ୍ରପାତ ହେବାରୁ ଚାଷୀ ହୃଦାନନ୍ଦ ପାଇକରାୟ(୪୫)ଙ୍କ ମୃତ୍ୟୁ ଘଟିଛି।

## ପ୍ରବଳ ବର୍ଷା...

କେନ୍ଦ୍ର ନିର୍ଦ୍ଦେଶକ ଏଚ୍. ଆର୍. ବିଶ୍ୱାସ କହିଛନ୍ତି। ତେବେ ସମ୍ଭାବ୍ୟ ଲଘୁଚାପ ପାଇଁ ରାଜ୍ୟରେ ପ୍ରବଳ ବର୍ଷା ହେବ। ୩ରୁ ୬ ତାରିଖ ଯାଏ ଏକାଧିକ ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ୩ତାରିଖରେ ୧୪ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ସତର୍କତା ଜାରି ହୋଇଛ। ଏହି ଜିଲ୍ଲାଗୁଡ଼ିକ ହେଲା କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର, ଦେବଗଡ଼, ବୌଦ୍ଧ, ସୋନପୁର, କଳାହାଣ୍ଡି ଓ କନ୍ଧମାଳ। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର, ସୋନପୁର ଓ ବୌଦ୍ଧ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସାଙ୍ଗକୁ ବର୍ଷା ନେଇ ୟେଲୋ ୱାର୍ନିଂ ରହିଛି। ସକାଳୁ ମଧ୍ୟାହ୍ନ ଯାଏ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଅପରାହ୍ନରୁ ପାଗ ବଦଳିବା ସହ ବିଜୁଳି ଘଡ଼ଘଡ଼ି ସାଙ୍ଗକୁ ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଛି। ୪ ତାରିଖରେ ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ଅନୁଗୋଳ, ବୌଦ୍ଧ ଓ କନ୍ଧମାଳକୁ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ରହିଥିବାବେଳେ ୧୧ ଜିଲ୍ଲାକୁ ପ୍ରବଳ ବର୍ଷା ସମ୍ଭାବନା ରହିଛି। ମୋଟ ୨୪ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସାଙ୍ଗକୁ ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି। ୫ ତାରିଖରୁ ବିଜୁଳି ଘଡ଼ଘଡ଼ି ପରିମାଣ ହ୍ରାସ ପାଇବ। ତେବେ ୪ ଜିଲ୍ଲାରେ ଅତିପ୍ରବଳ ବର୍ଷା ଓ ୧୦ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ରହିଛି। ୬ ତାରିଖ ୧୦ ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ରହିଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସ୍ତ୍ରୀଙ୍କୁ ଉଲଗ୍ନ କରି...

ଏଭଳି ଘଟଣା ଅତି ନିନ୍ଦନୀୟ। ସଭ୍ୟ ସମାମଜରେ ଏଭଳି ଅପରାଧୀଙ୍କ ଲାଗି କୌଣସି ସ୍ଥାନ ନାହିଁ। ତେଣୁ ଅପରାଧୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ରାଜସ୍ଥାନର ଏହି ଘଟଣାକୁ ନେଇ ରାଜନୈତିକ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି, ରାଜ୍ୟରେ ମହିଳାଙ୍କ ଉପରେ ଅତ୍ୟାଚାର ବଢ଼ିଚାଲିଥିବାବେଳେ ମୁଖ୍ୟମନ୍ତ୍ରୀ ଗେହଲଟ ଓ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟଙ୍କ ମଧ୍ୟରେ କ୍ଷମତାକୁ ନେଇ ଛକାପଞ୍ଝା ଲାଗି ରହିଛି। ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ। ତେଣୁ ଆଗାମୀ ନିର୍ବାଚନରେ ରାଜ୍ୟବାସୀ ଶାସକ ଦଳକୁ ଉଚିତ ଶିକ୍ଷାଦେବେ ବୋଲି ନଡ୍ଡା କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ କହିଛନ୍ତି, ଜଣେ ଗର୍ଭବତୀ ମହିଳାଙ୍କୁ ସର୍ବସାଧାରଣରେ ଉଲଗ୍ନ ବୁଲାଯିବାର ଭିଡିଓ ଭାଇରାଲ ହେଉଥିବାବେଳେ ପ୍ରଶାସନ କିନ୍ତୁ ଏନେଇ କୌଣସି ସୂଚନା ପାଇପାରିନାହିଁ। ଏହା ରାଜସ୍ଥାନ ଲାଗି କଳଙ୍କ। ତେଣୁ ଏହି ଭିଡିଓକୁ ଶେୟାର ନ କରିବା ଲାଗି ସେ ଲୋକଙ୍କୁ ଅନୁରୋଧ କରିଛନ୍ତି। ସେହିପରି ଭାଜପା ଏମ୍‌ପି ଗଜେନ୍ଦ୍ର ସିଂ ଶେଖାୱତ୍ କହିଛନ୍ତି, ଏହି ଘଟଣା କଂଗ୍ରେସର ଛଳନାକୁ ପଦାରେ ପକାଇ ଦେଇଛି। ତେଣୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବା ସହ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ କରାଯିବା ଉଚିତ ବୋଲି କହିଛନ୍ତି।

## କ୍ରାଇମ୍‌ବ୍ରାଞ୍ଚ ତଦନ୍ତ...

ପ୍ରଥମ ପର୍ଯ୍ୟାୟ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କ ତାଲିକା ପ୍ରକାଶ ପାଇଥିଲା। ଏହାପରେ ଜୁଲାଇ ୧୬ରେ ମୁଖ୍ୟ ଲିଖିତ ପରୀକ୍ଷା କରାଯାଇଥିଲା। ତେବେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ହୋଇଥିଲା। ଏହି ପ୍ରଶ୍ନପତ୍ର ପ୍ରଘଟ ପଛରେ ଏକ ର୍ୟାକେଟ୍ କାର୍ଯ୍ୟ କରୁଥିବା ଜଣାପଡିଥିଲା। ଏମାନେ ଟଙ୍କା ନେଇ ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ଯୋଗାଇ ଦେଉଥିବା ସମ୍ପର୍କରେ ଚର୍ଚ୍ଚା ହେବା ସହ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାର ଉପଯୁକ୍ତ ତଦନ୍ତ ପାଇଁ କେତେଜଣ ପରୀକ୍ଷାର୍ଥୀଙ୍କ ପକ୍ଷରୁ ହାଇକୋର୍ଟରେ ଆବେଦନ କରାଯାଇଥିଲା।

# ୧୯୦ ପୋଲିସ ଯାନ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

- ■ ଜନସାଧାରଣଙ୍କ ସୁରକ୍ଷାକୁ ଅଧିକ ସୁନିଶ୍ଚିତ କରିବ
- ■ ଖଣି ଅଞ୍ଚଳ ଥାନା ପାଇଁ ୩୪ ଯାନ ଦେଲା ଓଏମ୍‌ସି

ଭୁବନେଶ୍ୱର,୨।୯(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ୧୯୦ ନୂଆ ପୋଲିସ ଯାନକୁ ଜନସାଧାରଣଙ୍କ ସେବା ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ଏହା ରାଜ୍ୟର ଆଇନକାନୁନ ରକ୍ଷା ସହ ଏନ୍‌ଫୋର୍ସମେଣ୍ଟ ଏଜେନ୍ସିର କାର୍ଯ୍ୟଦକ୍ଷତା ବୃଦ୍ଧି କରିବ। ଏଥିସହ ୨୦୨୩-୨୪ରେ ମୋଟ ୨୨୪ ପୋଲିସ ଯାନ କ୍ରୟ କରିବାକୁ ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ଏଥିପାଇଁ ଚଳିତ ବଜେଟରେ ୩୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବାକି ରହିଥିବା ଆଉ ୩୪ଟି ପୋଲିସ ଯାନ ଖୁବ୍‌ଶୀଘ୍ର କ୍ରୟ କରାଯିବ।

ଏଥିସହିତ ଖଣି ଅଞ୍ଚଳରେ ଆଇନ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ୩୪ଟି ଯାନ ବାବଦ ଖର୍ଚ୍ଚ ପ୍ରଦାନ କରିଛି। ସେହି ଯାନଗୁଡ଼ିକ ଖଣି ଅଞ୍ଚଳର ଥାନାଗୁଡ଼ିକର ପାଟ୍ରୋଲିଂକୁ ତ୍ୱରାନ୍ୱିତ କରିବା ସହ ବେଆଇନ ଖଣି କାରବାରକୁ ରୋକିବା ଦିଗରେ ସହାୟତା କରିବ। ଏଥିସହିତ ଏହି ଯାନଗୁଡ଼ିକ ଜନସାଧାରଣଙ୍କୁ ସୁରକ୍ଷା ଯୋଗାଇବା ସହ ଜରୁରୀ ସମୟରେ ତ୍ୱରିତ ପଦକ୍ଷେପ ନେବା, ଅପରାଧ ସମାଧାନ ଏବଂ ରାଜ୍ୟର ଜନସାଧାରଣଙ୍କ ସୁରକ୍ଷାକୁ ଅଧିକ ସୁରକ୍ଷିତ କରିବା ଦିଗରେ କାର୍ଯ୍ୟ କରିବ। ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ରାଜ୍ୟ ପୋଲିସ ଓଡ଼ିଶାର ଜନସାଧାରଣଙ୍କୁ ଅଧିକ ସୁରକ୍ଷିତ କରିବା ଦିଗରେ ସର୍ବଦା ଚେଷ୍ଟିତ ରହିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ। ଏଥିସହିତ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ଏବଂ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ପାଣିରେ ପଡ଼ିଥିବା ଛୁଆକୁ ଉଦ୍ଧାର କଲା ମା' ହାତୀ

ଟେନ୍‌ସା,୨।୯(ସମୀର କୁମାର ପାଢୀ)

ମା'ର ମମତା ଏତେ ମଜଭୁତ ଯେ, ଛୁଆ ଉପରେ ବଡ଼ବଡ଼ ବିପଦ ପଡିଲେ ବି ସେ ହାର ମାନି ନ ଥାଏ। ନିଜ ଛୁଆକୁ ବଞ୍ଚାଇବା ପାଇଁ ମା' ଆପ୍ରାଣ ଚେଷ୍ଟା ଜାରି ରଖିଥାଏ। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ସୁନ୍ଦରଗଡ ଜିଲା କୋଇଡା ବନ ବିଭାଗ ଅଞ୍ଚଳରେ। ଶୁକ୍ରବାର ରାତିରେ କୋଇଡା ରେଞ୍ଜର ଭବାନୀ ପାହାଡ଼ରେ ଏକ ହାତୀ ଛୁଆଟିଏ ଜନ୍ମ ହୋଇଥିଲା। କୌଣସି କାରଣ ବଶତଃ ଛୁଆ ହାତୀଟି ପାଣି ଥିବା ଏକ ଖାଲରେ ପଡ଼ିଯାଇଥିଲା। ଖବର ପାଇ ଶନିବାର ସକାଳୁ ରେଞ୍ଜର ଗୌତମ ପ୍ରଧାନ ଟିମ୍ ସହିତ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଜଙ୍ଗଲ ବିଭାଗ କିପରି ଛୁଆ ହାତୀଟିକୁ ଉଦ୍ଧାର କରିବ ସେନେଇ ଯୋଜନା କରୁଥାଏ। ଏପଟେ ମା' ହାତୀ ନିଜ ଜୀବନକୁ ବାଜି ଲଗାଇ ଛୁଆକୁ ଖାଲ ମଧ୍ୟରୁ ଉଦ୍ଧାର କରିବା ପାଇଁ ବାରମ୍ବାର ଚେଷ୍ଟା କରୁଥିଲେ ହେଁ ବିଫଳ ହେଉଥାଏ। ହେଲେ ସେ ହାର୍‌ମାନି ନ ଥିଲା। ବହୁ ଚେଷ୍ଟା କରିବା ପରେ ନିଜ ଶୁଣ୍ଢ ସାହାଯ୍ୟରେ ଛୁଆକୁ ଉଦ୍ଧାର କରିବାରେ ସଫଳ ହୋଇଥିଲା। ବର୍ତ୍ତମାନ ମା' ଓ ଛୁଆ ହାତୀ ସୁସ୍ଥ ଅଛନ୍ତି ବୋଲି ରେଞ୍ଜର ଗୌତମ ପ୍ରକାଶ କରିଛନ୍ତି।


DSPL-211

**ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**

**ପ୍ରଥମ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ୟୁନିଟ୍-୫, ଭୁବନେଶ୍ୱର**

ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ କାରିଗରୀ କୃତି ପାଇଁ ସମ୍ମାନିତ କରିବା ନିମନ୍ତେ ରାଜ୍ୟ ସରକାର "ଜୀବନବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର", ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ଓ କଳାକୃତି ପୁରସ୍କାର ପ୍ରଦାନ କରି ଆସୁଅଛି। ଏହି କାର୍ଯ୍ୟକ୍ରମ ଅନୁଯାୟୀ ୨୦୨୨ ବର୍ଷ ପାଇଁ ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ସମ୍ପୃକ୍ତ ଜିଲ୍ଲା ଉପ/ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ପ୍ରସ୍ତୁତ ପ୍ରତିକୃତି ସହିତ ଆବେଦନର ଶେଷ ତାରିଖ ୩୧.୧୦.୨୦୨୩।

**ଆବେଦନ ନିମନ୍ତେ ଆବଶ୍ୟକୀୟ ତଥ୍ୟ**

**କ. ଜୀବନବ୍ୟାପୀ ହସ୍ତଶିଳ୍ପ କୃତି ପୁରସ୍କାର | (Life Time Achievement Award)**
୧) ପ୍ରାର୍ଥୀଙ୍କ ଯୋଗ୍ୟତା:- ଓଡ଼ିଶାର କାରିଗର ହୋଇଥିବେ।
୨) ବୟସ ସୀମା:- ସର୍ବନିମ୍ନ ବୟସ ୬୦ ବର୍ଷ ହୋଇଥିବା ଆବଶ୍ୟକ।
୩) ପୁରସ୍କାର ରାଶି:- ଟ୫,୦୦,୦୦୦ଙ୍କା (ପାଞ୍ଚଲକ୍ଷ ଟଙ୍କା) ସହିତ ମାନପତ୍ର।

**ଖ. ରାଜ୍ୟ ହସ୍ତଶିଳ୍ପ ପୁରସ୍କାର | (State Handicraft Awards)**
୧) ପ୍ରାର୍ଥୀଙ୍କ ଯୋଗ୍ୟତା:- ଓଡ଼ିଶାର କାରିଗର ହୋଇଥିବେ।
୨) ବୟସ ସୀମା:- ସର୍ବନିମ୍ନ ବୟସ ୩୦ ବର୍ଷ ହୋଇଥିବା ଆବଶ୍ୟକ।
୩) ପୂର୍ବରୁ କୌଣସି ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଇ ନ ଥିବେ।
୪) ପୁରସ୍କାର ରାଶି: ଟ୧,୦୦,୦୦୦ଙ୍କା (ଏକଲକ୍ଷ ଟଙ୍କା)।

**ଗ. କଳାକୃତି ପୁରସ୍କାର | (Kalakruti Award)**
୧) ପ୍ରାର୍ଥୀଙ୍କ ଯୋଗ୍ୟତା:- ଓଡ଼ିଶାର କାରିଗର ହୋଇଥିବେ।
୨) ବୟସ ସୀମା:- ସର୍ବନିମ୍ନ ବୟସ ୩୦ ବର୍ଷ ହୋଇଥିବା ଆବଶ୍ୟକ।
୩) ପୁରସ୍କାର ରାଶି:- ଟ ୧୦,୦୦୦ଙ୍କା (ଦଶ ହଜାର ଟଙ୍କା) ସହିତ ପ୍ରମାଣପତ୍ର।

ସବିଶେଷ ବିବରଣୀ ଓ ଆବଶ୍ୟକ ଆବେଦନ ଫର୍ମ ନିମନ୍ତେ ଜିଲ୍ଲା ଉପ/ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଯୋଗାଯୋଗ କରିବାକୁ ଅନୁରୋଧ କିମ୍ବା ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶାର website: www.crafts.odisha.gov.in / ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶାର website https://handloom.odisha.gov.in ପରିଦର୍ଶନ କରିବାକୁ ଅନୁରୋଧ।

OIPR-31042/13/0010/2324 — ସ୍ୱା./- ନିର୍ଦ୍ଦେଶକ, ହସ୍ତଶିଳ୍ପ, ଓଡ଼ିଶା



**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE**

E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore

No. O-836

**"e" Procurement Notice for Road Work**

Identification No. Online Tender - Road NCB No. 32 for 2023-24

Letter No. 3750 — Date: 21.08.2023

1. Name of the Work : Road works under SDMF & Special Assistance to States Capital Investment (SACI)
2. Total No. of Work : 08 Nos. of Work.
3. Estimated Cost : As per Annexure
4. Eligible Class of Contractor : As per Annexure
5. Period of Completion : As per Annexure
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 32 | 05.09.2023 at 11.00 A.M. | 21.09.2023 upto 5.00 P.M. | 18.09.2023 upto 5.00 P.M. | 22.09.2023 at 11.00 A.M. | Will be intimated later |

• Further details can be seen from the website: **www.tendersodisha.gov.in**.

OIPR-25105/11/0034/2324 — Sd./- N.V. Harihar Rao, Chief Construction Engineer, R.W. Circle, Balasore



**ODISHA MINING CORPORATION LIMITED**

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES — Mining Happiness

**NIT No.36/OMC/CIVIL/2023**

**No.CAD-1925:**Tender for the following work is invited online through e-procurement portal of Govt. of Odisha.

| Sl. No. | Name of the Work | Estimated cost (in lakh rupees) | Time period of the work (in month) | Class of Contractor | EMD online (in Rupees) | Cost of Bid document (Rs.) Online |
|---|---|---|---|---|---|---|
| 1 | Construction of Residential complex (2B+S+8 floors) of OMC Ltd., at Paika Nagar, Bhubaneswar in the district of Khurda. | 4061.25 | 16 (Sixteen) | Special/ Super Class | 40,61,300/- | 10,000/-+ 18% GST |

1. Availability of Bid document in Govt. portal from dt.11.09.2023 to 03.10.2023 up to 5.00 PM. 2. Last date of on-line submission of tender in the portal is dt. 03.10.2023 up to 5.00 PM. 3. Date of opening of Technical Bid is dt.04.10.2023 at 11.00 AM. All other details can be seen from bid documents available at Govt. website www.tendersodisha.gov.in. Odisha Mining Corporation Ltd. reserves the right to reject any or all tenders without assigning any reason thereof.

OIPR-30005/11/0111/2324 — CGM (Civil)



**ODISHA UNIVERSITY OF TECHNOLOGY AND RESEARCH**

Techno Campus, Ghatikia, P.O.: Mahalaxmi Vihar, Bhubaneswar - 751029, Odisha, INDIA

No. 2761/OUTR — Dated: 31.08.2023

**ADMISSION NOTICE FOR FRESHERS 2023-24**

**(1st Year M.Tech., M.Plan, MCA & MBA Programmes)**

No. KK-196: This is for the information of all finally allotted candidates by OJEE-2023 for admission into 1st-year M. Tech, M. Plan, MCA & MBA Programmes of the University for the academic session 2023-24. They are to report in person as per the schedule, failing which their admission will be cancelled. The admission details, i.e., admission schedule, procedure to be followed, fees to be deposited, mode of deposit, documents required for verification, etc., are available on the official website of the University **(www.outr.ac.in)**. All the candidates are advised to visit our website and follow the instructions given therein in this regard.

**The classes for 1st semester will start from September 11, 2023.**
**Venue of Reporting: Students' Activities Centre (SAC) of the University**
**Admission Schedule for 1st-year M. Tech, M. Plan, MCA & MBA Programmes**

| Date | Time | Programmes |
|---|---|---|
| 07.09.2023 | 09.30 A.M. - 10.30 A.M. | M.Tech. in Power Systems Engg.<br>M.Tech. in Power Electronics and Drives<br>M.Tech. in Energy System and Management<br>M.Tech in Geotechnical Engg. |
| | 10.30 A.M. - 11.30 A.M. | M.Tech. in Water Resources Engg.<br>M.Tech. in Structural Engg.<br>M.Tech. in Water Resources Engg. (PT) |
| | 11.30 A.M. - 12.30 P.M. | M.Tech. in Thermal Engg.<br>M.Tech. in Mechanical Systems Desing<br>M.Tech. in Mechatronics and Machine Learning<br>M.Tech. in Industrial Engineering and Management |
| | 12.30 P.M. - 01.30 P.M. | M.Tech. in Computer Scinece and Engg.<br>M.Tech. in Information Technology<br>M.Tech. in Information Technology (PT)<br>M.Tech. in Electronics and Communications Engg.<br>M.Tech. in Instrumentation and Control Engg.<br>M.Tech. in VLSI Design and Embedded System<br>M.Tech. in Instrumentation and Control Engg. (PT) |
| | 02.30 P.M. - 03.30 P.M. | M. Plain in Urban and Regional Planning<br>M.Tech. in Biotechnology<br>M.Tech. in Textile and Chemical Processing<br>M.Tech. in Textile Engg.<br>MCA |
| | 03.30 P.M. - 04.30 P.M. | MBA |

OIPR-16005/11/0037/2324 — Sd./- Registrar



**GOVERNMENT OF ODISHA**
**ST & SC DEVELOPMENT DEPARTMENT**
**PROJECT ADMINISTRATOR, ITDA, PHULBANI**
**INVITATION FOR BIDS (IFB)**

Bid Identification No PA ITDA PLB_05 of 2023-24
Letter No.1932, Date 29.08.2023

**No.CAD-1898:**The Project Administrator, ITDA, Phulbani on behalf of Govt. of Odisha invites percentage rate of bids to be received in online mode only for the construction of 02 Nos. of Building works. The bidders have to participate in "online" bidding only. The website for online bidding is www.tendersodisha.gov.in. The details of bid documents will be available in above website from 10.00 A.M. of **04.09.2023 to 14.09.2023, 5.00 P.M.**.The bidders must possess compatible Digital Signature Certificate (DSC) of Class -II or Class- III. Bids received online shall be opened at **11.30 A.M. on 15.09.2023** in the office of the Project Administrator, ITDA, Phulbani. Further details can be seen from the Website www.tendersodisha.gov.in.

**Sd./- Project Administrator, ITDA, Phulbani**
OIPR-26040/11/0008/2324



**OFFICE OF THE PRINCIPAL**
**INSTITUTE OF MANAGEMENT AND INFORMATION TECHNOLOGY**
**(A Constituent College of BPUT, Govt. of Odisha)**
Gaurav Palace, Matha Sahi, Tulasipur,Cuttack,753008
Ph.No.-0671-2506711

No.953 — Date:01.09.23

**Admission Notice for Freshers of the Academic Year 2023-24**

**No.KK-197:** The college level admission for the allotted candidates by OJEE 2023 to MBA will be held on 07.09.2023, MCA on 08.09.2023 & M.Tech on 09.09.2023. The detailed schedule of reporting for admission, payment amount, mode of payment, affidavit forms etc. are available in our institute website **www.imit.ac.in.**

OIPR-14076/11/0001/2324 — **Sd./- PRINCIPAL**



**ODISHA STATE SEEDS CORPORATION LIMITED.**
(A Government Undertaking)
Santarapur, Bhubaneswar - 751002
Tel. MD-0674-2340573, E-mail: mdosscltd456@gmail.com
NIT No. OSSC/Mktg(Hort)-32/2023

**Short e-Tender Call Notice for Purchase of Certified Chilli Seeds for Rabi 2023-24**

No. CAD-1917: OSSC Ltd. invites Short e-Tender only from Registered Chilli Seed Producers (and in case of GOI PSUs, their authorized agencies) on item wise rate contract basis in double cover system through online mode only for the work below.

| | |
|---|---|
| Name of work | Purchase of Certified Chilli Seed for Rabi 2023-24 |
| No. of Work | One |
| Availability of Bid Document in Portal | 15.00 hours on Dt.04.09.2023 to 17 hours of Dt.15.09.2023 |
| Last date of receipt of tender in portal | 17 hours of Dt.15.09.2023 |
| Date and time of opening of Bid | 10.30 hours of Dt.16.09.2023 |

The detailed descriptions of crops, varieties, quantity, parameters, terms and conditions and other details of tender specified in the tender schedule would be made available in the e-Tender portal **www.tendersodisha.gov.in**. Any addendum/ corrigendum/cancellation can also be seen in the said website.

**Sd./- Managing Director**
OIPR-01106/11/0048/2324 — **OSSC Ltd., BBSR**



**Government of Odisha**
**"e" Procurement Notice**
No.MM-134
NANDANKANAN
**OFFICE OF THE DEPUTY DIRECTOR NANDANKANAN ZOOLOGICAL PARK**
**Bid Identification No.e-27/DD/NKN of 2023-24**

1. Name of the Work : Construction of Exotic Primate Complex at Nandankanan Zoological Park
2. Estimate Cost : Rs.1,58,79.000/-
3. Period of Completion : 05 (Five Calendar Months)
4. Date & Time of availability of the Bid documents in the portal : 5.00 PM of 02.09.2023 to 5.00 PM of 17.09.2023
5. Last date/time of receipt of the bid in Portal : 17.09.2023 upto 5.00 PM
6. Date of Opening : 18.09.2023 at 11.00 A.M.
7. Name and Address of the Officer : Office of the Deputy Director Nandankanan Zoological Park

Further any amended / cancellation/ retender/ corrigendum details can be seen from the e-procurement Portal "https://tendersodisha.gov.in.

**Sd./- Deputy Director**
**Nandankanan Zoological Park**
OIPR-08070/11/0015/2324



**OFFICE OF THE DISTRICT LEGAL SERVICES AUTHORITY, KENDRAPARA**
KENDRAPARA, DATED 1st SEPTEMBER 2023

**NOTICE**

**No.W-42:**This is to inform all concerned that the written test of the candidates, who have applied for different posts for the LADCS, Kendrapara shall be held at **1.00 P.M** on **09.09.2023** in the Conference Hall of New District Court Building, Kendrapara. The tests shall be of **30 minutes** duration.

All the candidates are required to attend Viva-Voce to be held in the chamber of the District Judge-Cum-Chairperson, DLSA, Kendrapara at New District Court building on the same date.

The Viva-Voce test shall commence at **3.00 P.M** on the scheduled date i.e. **09.09.2023.**

On the event, if any candidate fail to appear at this written test and Viva-Voce test, it shall be presumed that She/he shall no longer be interested for the post applied for.

Sd/- SECRETARY,
DISTRICT LEGAL SERVICES AUTHORITY,
KENDRAPARA
OIPR-18063/11/0002/2324



**GOVERNMENT OF ODISHA** No. O-834
**"e" PROCUREMENT NOTICE**
**Bid Identification No. Online-AGL-07 of 2023-2024**

1. Name of the Work : Building Work
2. Estimated Cost : Rs.16.00 Lakhs to 60.10 Lakhs
3. Period of Completion : 04, 05 & 06 Calendar Months
4. Date & time of availability of Bid Document in the Portal : From 01.09.2023 to 07.09.2023 upto 5.00 P.M.
5. Last date/time for receipt of Bids in the Portal : 08.09.2023 upto 5.00 P.M.
6. Name & Address of the OIT : Executive Engineer, Rural Works Division, Angul

Further details can be seen from the Govt. website **www.tendersorissa.gov.in**.

**Sd./- Executive Engineer**
**R.W. Division, Angul**
OIPR-25096/11/0006/2324



**SURVEY & MAP PUBLICATION**
At- Badajobra, Po-College Square, Cuttack-753003
Ph-0671-2547057, Mail:surveymappublication@gmail.com

**QUOTATION CALL NOTICE**
**No.1297/MP, Dated 28.08.2023**

**No.F-123:**The Sealed Quotations are invited from the GST Registered Firm for Supply of Graphic Art Photo Film of size 22" x 61 mtrs. Fuji/Konica/any other reputed brand, from the Manufacturer/ Authorised dealer/ Suppliers of India. The details of Quotation will be made available in Odisha Govt. Website www.odisha.gov.in upto 18.09.2023 for download and Last date of submission quotation 18.09.2023, at 2 PM.

**Sd./- Addl.Director**
**Survey & Map Publication**
OIPR-24043/11/0001/2324 — **Odisha, Cuttack**



**GOVERNMENT OF ODISHA** No. A-509
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER AND BASIN MANAGER, SUBARNAREKHA AND BUDHABALANGA BASIN, LAXMIPOSI**
Tel. No./Mobile No.: 9438477985, e-Mail: cebmsbb2019@gmail.com
Bid Identification No. 19/2023-24 of CEBM, SBB, Laxmiposi

**NOTICE INVITING TENDER**

Online tenders are invited from the eligible bidders for construction of Ring Road cum Flood Protection Embankment at Baripada Town with operation and maintenance of the Project for a period of five years after successful completion of the Project on EPC Contract.

| Name of Work | Class/EMD/Tender Fee/Period of Completion |
|---|---|
| Construction of Ring Road cum Flood Protection Embankment at Baripada Town with operation and maintenance of the project for a period of five years after successful completion of the project | 1. Class - Super Class or Equivalent Bidders.<br>2. EMD: Rs.54,44,000/-<br>3. Tender Fee: Rs.10,000/- to be transferred online (non-refundable).<br>4. Period of Completion: 24 (Twenty four) calendar months including rainy seasons. |

| | | |
|---|---|---|
| A. | Period of Availability of Bid Document in the portal | Dt.04.09.2023 from 10.00 A.M. to Dt.17.10.2023 upto 5.00 P.M. |
| B. | Time & date for pre-bid Conference | Dt.21.09.2023 at 11.30 A.M. Office of the CE & BM, S&B Basin, Laxmiposi in Physical/Virtual Mode through Google Meet. The interested bidder should ask to link giving their email Id to **cebmsbb2019@gmail.com** (Joining time is Google Meet 11.30 A.M. to 12.30 P.M.) |
| C. | Last Date and Time for Receipt of Bids | Dt.17.10.2023 upto 5.00 P.M. |
| D. | Place of Sale & Receipt of Bids | Online through e-Procurement |
| E. | Time and Date of Opening of Technical Bid | Dt.18.10.2023 at 11.00 A.M. |
| F. | Place of Opening of Bids | Office of the CE&BM, S&B Basin, Laxmiposi |
| G. | Further details can be seen from E-Procurement portal "**https://tendersodisha.gov.in**". | |

Sd./- Chief Engineer & Basin Manager
Subarnarekha & Budhabalanga Basin, Laxmiposi
OIPR-32074/11/0033/2324

## ଏ ସପ୍ତାହର ପ୍ରଶ୍ନ

୧– 'ମେରା ଗାଓଁ ମେରି ଧରୋହର' କାର୍ଯ୍ୟକ୍ରମ ..... ମନ୍ତ୍ରଣାଳୟ ସହିତ ଜଡିତ ?
୨– ଇଲେକ୍ଟ୍ରିକ୍ କାର୍ ମୋଟରସ୍ପୋର୍ଟ୍ସ ଚାମ୍ପିୟନଶିପ୍‌ର ନାମ ......... ?
୩– ' ଉଡାନ ଏକ ମଜଦୁର ବଚେ କି' ପୁସ୍ତକର ଲେଖକ ........... ?
୪– ଫାଦର ଅଫ୍ ଗ୍ରୀନ୍ ରିଭୋଲ୍ୟୁଶନ୍ .............ଙ୍କୁ କୁହାଯାଏ ?
୫– ଆଦିତ୍ୟ ଏଲ୍୧ ବା ସୂର୍ଯ୍ୟଯାନ ............ ଠାରେ ରଖାଯାଇଛି ?

## ଗତ ଥରର ଉତ୍ତର

୧ ଚେସ୍
୨ ଗୁଜରାଟ
୩ ୧୯୩୦
୪ ବାଲ୍ ଗଙ୍ଗାଧର ତିଳକ
୫ ହସ୍ତୁରାସ

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ମାନସ ରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### କମ୍ ଜନସଂଖ୍ୟା ଥିବା ଦେଶ



୧– ଭାଟିକାନ୍ ସିଟି ........ ୮୦୦
୨– ନାଉରୁ ........ ୧୦,୮୭୬
୩– ତୁଭାଲୁ ........ ୧୧,୯୩୧
୪– ପାଲାଉ ........ ୧୮,୧୬୯
୫– ସ୍ୟାନ୍ ମ୍ୟାରିନୋ ........ ୩୪, ୦୧୭
୬– ଲିଚେନ୍‌ଷ୍ଟେଇନ୍ ........ ୩୮,୨୫୦
୭– ମୋନାକୋ ........ ୩୯,୫୧୧
୮– ସେଣ୍ଟ କିଟ୍ସ ଆଣ୍ଡ ନେଭିସ୍ ........ ୫୩, ୫୪୪
୯– ମାର୍ସାଲ ଆଇସ୍‌ଲାଣ୍ଡ ........ ୫୯, ୬୧୦
୧୦– ଡୋମିନିକା ........ ୭୨,୧୬୭

## ଜାଣନ୍ତୁ ଦୁନିଆ

# ମୋନାକୋ

**ପୃଥିବୀର ଦ୍ୱିତୀୟ କ୍ଷୁଦ୍ରତମ ଦେଶ ହେଉଛି ମୋନାକୋ। ଏହାର କ୍ଷେତ୍ରଫଳ ଗୋଟିଏ ଛୋଟ ଗାଁଠାରୁ ବି କମ୍। ଜାଣନ୍ତୁ ଏହି ଦେଶ ସମ୍ପର୍କରେ କିଛି ରୋଚକ ତଥ୍ୟ...**



⏭ପୃଥିବୀର ସବୁଠୁ କ୍ଷୁଦ୍ରତମ ଦେଶ ହେଉଛି ଭାଟିକାନ୍ ସିଟି। ଏହାପରେ ଦ୍ୱିତୀୟରେ ରହିଛି ମୋନାକୋ, ଯାହାର କ୍ଷେତ୍ରଫଳ ମାତ୍ର ୨.୦୨ ବର୍ଗ କିଲୋମିଟର।

⏭୨୦୧୬ ଜନଗଣନା ଅନୁଯାୟୀ ଏହାର ଜନସଂଖ୍ୟା ୩୮,୪୯୯। ସାନ୍ଦ୍ରତା ବା ସ୍ଥାନ ପ୍ରତି ଜନସଂଖ୍ୟା ଅନୁସାରେ ଏହା ପୃଥିବୀର ଜନଗହଳ ଦେଶ। ତେବେ ପ୍ରତିଦିନ ଏଠାକୁ ଇଟାଲୀ ଏବଂ ଫ୍ରାନ୍ସରୁ ୫୦,୦୦୦ କର୍ମୀ ଆସୁଥିବାରୁ ଏହାର ଜନସଂଖ୍ୟା ଦୁଇଗୁଣ ହୋଇଯାଏ।

⏭ପୃଥିବୀର ଧନିକ ଶ୍ରେଣୀୟ ବ୍ୟକ୍ତିମାନଙ୍କ ଲାଗି ଏହା ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ। ବିଶେଷକରି ଏଠାରେ ଥିବା କ୍ୟାସିନୋ ଡେ ମଣ୍ଟେକାର୍ଲୋରେ ବସି ଜୁଆ ଏବଂ ଅନ୍ୟାନ୍ୟ ଖେଳର ମଜା ନେବା ଏବଂ ଓସେନୋଗ୍ରାଫିକ ମ୍ୟୁଜିଅମ୍‌ରେ ଗଭୀର ସମୁଦ୍ରର ବିଭିନ୍ନ ଦୃଶ୍ୟକୁ ଉପଭୋଗ ଲାଗି ପର୍ଯ୍ୟଟକ ବେଶି ଆକୃଷ୍ଟ ହୋଇଥା'ନ୍ତି। ଏଠାରେ ଏହି ଜୁଆଖେଳ ଟେବୁଲ୍‌ଗୁଡ଼ିକ ୧୮୫୬ ମସିହାରୁ ରହିଥିବା କୁହାଯାଏ। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଏଠାକାର ବାସିନ୍ଦାଙ୍କୁ କ୍ୟାସିନୋ ମଧ୍ୟରେ ଜୁଆ ଖେଳିବାର ଅନୁମତି ନାହିଁ।

⏭ଏହି ଦେଶର ସମସ୍ତ ରାଜକୋଷ ଏହାର ପର୍ଯ୍ୟଟନ ଏବଂ କ୍ୟାସିନୋରୁ ଆସିଥାଏ।

⏭ଏଠାରେ ଆୟୋଜିତ ଗ୍ରାଣ୍ଡ ପ୍ରିକ୍ସ କାର୍ ରେସ୍ ବିଶ୍ୱ ପ୍ରସିଦ୍ଧ।

⏭ଏଠାକାର ସ୍ଥାୟୀ ବାସିନ୍ଦାଙ୍କୁ ମୋନେଗାସ୍କ୍ କୁହାଯାଉଥିବା ବେଳେ ବାହାର ଦେଶରେ ଜନ୍ମିତ, କିନ୍ତୁ ଏଠାରେ ଘର କରି ରହୁଥିବା ବାସିନ୍ଦାଙ୍କୁ ମୋନାକୋଇଆନ୍ ବୋଲି କୁହାଯାଇଥାଏ।



# ଏବେଠୁ





**ଭଲ ହୋଟେଲରେ ଖାଇବା, ବ୍ରାଣ୍ଡେଡ୍ ପୋଷାକ ପିନ୍ଧିବା, ଦାମୀ ଫୋନ୍ ଓ ଗାଡ଼ି ବ୍ୟବହାର କରିବା ଏବଂ ବିଳାସପୂର୍ଣ୍ଣ ଘରେ ରହିବା ସ୍ୱପ୍ନ; ଯାହାକୁ ପୂରଣ କରିବା ନିଶାରେ ଅନେକେ ନିଜର ସମସ୍ତ ଆୟକୁ ବ୍ୟୟ କରିଦିଅନ୍ତି। ତେବେ ବର୍ତ୍ତମାନକୁ ସୁଖ ସମୃଦ୍ଧିରେ ଭରି ଦେଇ ଭବିଷ୍ୟତକୁ ଅଣଦେଖା କରିବା ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ। ତେଣୁ ଭବିଷ୍ୟତ ପାଇଁ ସଞ୍ଚୟ ଆରମ୍ଭ କରିବାର ପ୍ରକୃଷ୍ଟ ସମୟ ହେଉଛି ଯୁବାବସ୍ଥା...**

ବର୍ତ୍ତମାନର ଖୁସି ପାଇଁ ଅନେକେ ଭବିଷ୍ୟତକୁ ଅଣଦେଖା କରିବସନ୍ତି, ଯେଉଁଥିପାଇଁ ସେମାନଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ହେଲେ ଭବିଷ୍ୟତରେ ଏକ ସୁଖ ସମୃଦ୍ଧିଶାଳୀ ଜୀବନ ସେହିମାନେ ଜିଇ ପାରନ୍ତି, ଯେଉଁମାନେ ଯୁବାବସ୍ଥାରୁ ହିଁ ସଞ୍ଚୟ କରିବା ଆରମ୍ଭ କରନ୍ତି...

**ମାନସିକସ୍ତରରେ ପ୍ରସ୍ତୁତ ହୁଅନ୍ତୁ:** ସଞ୍ଚୟ କରିବା ଏକ କଳା, ଯାହାକି ସମସ୍ତଙ୍କ ପାଖରେ ନ ଥାଏ। ହେଲେ ଯଦି ଜଣେ ସଞ୍ଚୟ କରିବାର ସମସ୍ତ ଭଲ ଦିଗ ବିଷୟରେ ଅବଗତ ହେବ ଏବଂ ସଞ୍ଚୟ କରିବା ପାଇଁ ମାନସିକସ୍ତରରେ ନିଜକୁ ପ୍ରସ୍ତୁତ କରିବ, ତେବେ ନିଶ୍ଚୟ ଏହାଦ୍ୱାରା ଭବିଷ୍ୟତ ମଧ୍ୟ ସୁରକ୍ଷିତ ହୋଇପାରିବ ସେଥିରେ ସନ୍ଦେହ ନାହିଁ। ତେଣୁ ବର୍ତ୍ତମାନକୁ ସୁଖ ସମୃଦ୍ଧିରେ ଭରି ଦେବା ଆଳରେ ସମସ୍ତ ଅର୍ଥ ବ୍ୟୟ ନ କରି ଭବିଷ୍ୟତ ପାଇଁ ଯୁବାବସ୍ଥାରୁ ହିଁ ସଞ୍ଚୟ ମନୋବୃତ୍ତି ରଖନ୍ତୁ।

**ନିର୍ଦ୍ଧାରିତ କରନ୍ତୁ ଲକ୍ଷ୍ୟ:** ଅନେକେ ସଞ୍ଚୟ ଆରମ୍ଭ କରି ମାତ୍ର କିଛି ମାସ ମଧ୍ୟରେ ଏହାକୁ ବନ୍ଦ କରି ଦେଉଥିବା ବି ଦେଖିବାକୁ ମିଳେ। ହେଲେ ଏହାଦ୍ୱାରା ସଞ୍ଚୟର କୌଣସି ଲାଭ ହୋଇ ନ ଥାଏ। ତେଣୁ ମନ ଭିତରେ ଏକ ଲକ୍ଷ୍ୟ ନିର୍ଦ୍ଧାରିତ କରନ୍ତୁ। ଯେପରି ଏକ ଗାଡ଼ି, ଘର କିଣିବା କିମ୍ବା ଟ୍ରାଭେଲ୍ ପ୍ଲାନ୍ କରିବା ଭଳି ବିଭିନ୍ନ କାର୍ଯ୍ୟ ପାଇଁ ପ୍ଲାନିଂ କଲେ ସେଭିଂ ନିଶ୍ଚୟ କରିପାରିବେ। ପ୍ରତିମାସରେ ମିଳୁଥିବା ଦରମା ଟଙ୍କାରେ ନିଜ ଖର୍ଚ୍ଚକୁ ଆବଶ୍ୟକତା ଅନୁଯାୟୀ ସୀମିତ ରଖି ସଞ୍ଚୟ ଆରମ୍ଭ କରିପାରିବେ।

**ମନି ମ୍ୟାନେଜ୍‌ମେଣ୍ଟ ଶିଖନ୍ତୁ:** ପିଲାବେଳୁ ଅଭିଭାବକଙ୍କଠାରୁ ମିଳୁଥିବା ପକେଟ ମନିରୁ ବି କିଛିକିଛି ସଞ୍ଚୟ କରିହେବ ଏବଂ ଯାହାକି ଛୋଟ ଆବଶ୍ୟକତା ସମୟରେ କାମରେ ଲଗାଇହେବ। ତେବେ ଭବିଷ୍ୟତକୁ ସୁଦୃଢ଼ କରିବା ଲାଗି ନିଜେ ରୋଜଗାରକ୍ଷମ ହେବା ପରେ ଅର୍ଥାତ୍ ଯୁବାବସ୍ଥାରୁ ହିଁ ସଞ୍ଚୟ କରିବା ଆବଶ୍ୟକ। ଆୟ ଅନୁଯାୟୀ କେତେ ବ୍ୟୟ ହେଉଛି ତାହାକୁ ନଜରରେ ରଖି ସଞ୍ଚୟ କରନ୍ତୁ। ଯଦି ଅଧିକ ସଞ୍ଚୟ କରିବାକୁ ଲକ୍ଷ୍ୟ ରଖିଛନ୍ତି ହେଲେ ପାଖରେ ଅର୍ଥ କମ୍ ଅଛି, ତେବେ କେଉଁ ଖର୍ଚ୍ଚ ଉପରେ ଲଗାମ ଲଗାଇଲେ ଏହା ମ୍ୟାନେଜ୍ ହୋଇପାରିବ, ଅଧିକ ଆୟ କରିବାକୁ ହେଲେ ଅନ୍ୟ କେଉଁ ପନ୍ଥା ଅବଲମ୍ବନ କରିପାରିବେ ଆଦି ବିଷୟରେ ଯୋଜନା କରନ୍ତୁ।

**ଦୂର କରନ୍ତୁ ଭ୍ରାନ୍ତ ଧାରଣା:** ଅନେକଙ୍କ ମନରେ ଏକ ଭ୍ରାନ୍ତ ଧାରଣା ରହିଛି, ଯୁବାବସ୍ଥାରେ ମଜାମସ୍ତିରେ ରହିବା ସହ ଟଙ୍କା ଖର୍ଚ୍ଚ କରିବା ଠିକ୍ ଏବଂ ଏବେଠୁ ସଞ୍ଚୟ କରିବା ଦ୍ୱାରା ନିଜ ଇଚ୍ଛା ଏବଂ ଆବଶ୍ୟକତା ଅପୂରଣୀୟ ରହିଯାଏ। ହେଲେ ଏପରି ଭାବି ସମସ୍ତ ଆୟ ସାରିଦେବା ଠିକ୍ ନୁହେଁ। କାରଣ ଭବିଷ୍ୟତକୁ ସୁଦୃଢ଼ କରିବାକୁ ହେଲେ ବର୍ତ୍ତମାନଠୁ ସଞ୍ଚୟ କରିବା ବୁଦ୍ଧିମତ୍ତାର କାର୍ଯ୍ୟ। ଅନ୍ୟପକ୍ଷରେ ଏବେଠୁ ସଞ୍ଚୟ କଲେ ଭବିଷ୍ୟତ ସୁଦୃଢ଼ ହୋଇପାରିବ ବୋଲି ପ୍ରଥମେ ସଞ୍ଚୟ କରିବା ପରେ ବଳକା ଟଙ୍କାକୁ ନେଇ ଅଭାବରେ ଚଳି ବର୍ତ୍ତମାନକୁ ସଙ୍କୁଚିତ କରିଦେବା ବି ଠିକ୍ ନୁହେଁ। ତେଣୁ ନିଜ ଆବଶ୍ୟକତା ଅନୁଯାୟୀ ଖର୍ଚ୍ଚ ବାଦ୍ କେତେ ଟଙ୍କା ସଞ୍ଚୟ କରିପାରିବେ ସ୍ଥିର କରନ୍ତୁ।

**କିପରି କରିବେ ସଞ୍ଚୟ:** ସଞ୍ଚୟ କରିବାର ଅର୍ଥ ନୁହେଁ କେବଳ ବଳକା ଟଙ୍କା ପାଖରେ ସାଇତି ରଖିବା କିମ୍ବା କୁମ୍ଭିରେ ଜମାଇ ରଖିବା। ସଞ୍ଚୟର ଭରପୂର ଲାଭ ଉଠାଇବା ଲାଗି ଆପଣ ବ୍ୟାଙ୍କ, ପୋଷ୍ଟ ଅଫିସ କିମ୍ବା ମ୍ୟୁଚୁଆଲ୍ ଫଣ୍ଡଗୁଡ଼ିକରେ ଥିବା ବିଭିନ୍ନ ସେଭିଂ ପ୍ଲାନ୍ ଆପଣାଇ ପାରିବେ...

⏭ପ୍ରତି ମାସରେ ସମପରିମାଣର ଟଙ୍କା ସଞ୍ଚୟ କରିପାରୁଥିଲେ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସ୍‌ରେ ଏକ ଆର୍‌ଡି (ରିକରିଂ ଡିପୋଜିଟ୍) ଆକାଉଣ୍ଟ ଖୋଲି ଅଧିକ ଲାଭବାନ୍ ହୋଇପାରିବେ।

⏭ସେହିପରି କିଛି ମାସର ଟଙ୍କା ଏକାଠି ରଖି ବ୍ୟାଙ୍କ୍‌ରେ ଏଫ୍‌ଡି (ଫିକ୍ସଡ୍ ଡିପୋଜିଟ୍) ବି କରିପାରିବେ।

⏭ସଞ୍ଚୟ ପାଇଁ ଚାକିରି କରିବାର ପ୍ରାରମ୍ଭିକ ସମୟରୁ ହିଁ ପେନ୍‌ସନ୍ ପ୍ଲାନ୍ କରିନେଲେ ଭଲ। ଏଥିରେ ଆପଣଙ୍କୁ ୬୦ ବର୍ଷ ହେବା ପର୍ଯ୍ୟନ୍ତ ଟଙ୍କା ଜମା ରଖିବାକୁ ହେବ। ଯେତେଶୀଘ୍ର ଏହି ପ୍ଲାନ୍ କରିବେ, ସେତେ ଅଧିକ ବର୍ଷ ଟଙ୍କା ଜମା କରି ଅଧିକ ଲାଭବାନ୍ ହୋଇପାରିବେ। ଏଥିରେ ଆପଣ ନିଜ ସୁବିଧା ଅନୁସାରେ ପ୍ରତିମାସରେ କିମ୍ବା ବର୍ଷକୁ ଥରେ ଟଙ୍କା ଜମା କରିପାରିବେ। ତେବେ ବାର୍ଷିକ ଏକକାଳୀନ ଅଧିକ ଟଙ୍କା ଜମା କରିବା ପରିବର୍ତ୍ତେ ପ୍ରତିମାସରେ ଅଳ୍ପ ଅଳ୍ପ ଜମା କରିବା ସହଜ ହେବ। ଟ୍ୟାକ୍ସ ବେନିଫିଟ୍ ପାଇବା ପାଇଁ ଚାହୁଁଥିଲେ ଭାରତ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ନ୍ୟାଶନାଲ ପେନ୍‌ସନ୍ ସିଷ୍ଟମ ଯୋଜନା ବା ଏନ୍‌ପିଏସ୍ ସ୍କିମ୍‌ରେ ଟଙ୍କା ଜମା କରିପାରିବେ।

⏭ଆପଣ ଚାହିଁଲେ ଯେକୌଣସି ନ୍ୟାଶନାଲାଇଜ୍‌ଡ ବ୍ୟାଙ୍କ, ଅଥରାଇଜ୍‌ଡ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସ ଏବଂ ନିର୍ଦ୍ଦିଷ୍ଟ କେତୋଟି ପ୍ରାଇଭେଟ ବ୍ୟାଙ୍କରେ ପିପିଏଫ୍ (ପବ୍ଲିକ୍ ପ୍ରୋବିଡେଣ୍ଟ ଫଣ୍ଡ) ଆକାଉଣ୍ଟ ମଧ୍ୟ ଖୋଲିପାରିବେ। ଏଥିରେ ବର୍ଷକୁ ୫୦୦ରୁ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଇନ୍‌ଭେଷ୍ଟ କରିପାରିବେ।

⏭ମ୍ୟୁଚୁଆଲ୍ ଫଣ୍ଡ, ଡାଇରେକ୍ଟ ଇକ୍ୱିଟି ଆଦିରେ ବି ଇନ୍‌ଭେଷ୍ଟ କରି ଭଲ ସେଭିଂ କରିପାରିବେ।

⏭ପାରମ୍ପରିକ ଇନ୍‌ଭେଷ୍ଟମେଣ୍ଟର ଏକ ଭଲ ବିକଳ୍ପ ହେଉଛି ଗୋଲ୍ଡ ଇନ୍‌ଭେଷ୍ଟମେଣ୍ଟ ସ୍କିମ୍, ଯାହାକି ଆପଣଙ୍କୁ ଭବିଷ୍ୟତରେ ଲାଭବାନ୍।

⏭ମନେରଖନ୍ତୁ, ଅନେକେ ସେଭିଂରୁ ଅଧିକ ଲାଭ ପାଇବା ଆଶାରେ ଶେୟାର ମାର୍କେଟ, ରିୟଲ ଇଷ୍ଟେଟ, ମ୍ୟୁଚୁଆଲ ଫଣ୍ଡ ଭଳି ସଂସ୍ଥାରେ ଟଙ୍କା ନିବେଶ କରିଥା'ନ୍ତି ଏବଂ ବେଳେବେଳେ ଠକାମିର ଶିକାର ମଧ୍ୟ ହୋଇଥା'ନ୍ତି। ତେଣୁ ଏଥିରେ ନିବେଶ କରିବାକୁ ଚାହୁଁଥିଲେ ଏକ୍ସପର୍ଟ ବା କନ୍‌ସଲ୍‌ଟାଣ୍ଟଙ୍କ ପରାମର୍ଶ ନିଅନ୍ତୁ ଏବଂ ସତର୍କତା ଅବଲମ୍ବନ କରନ୍ତୁ।

## କ'ଣ କୁହନ୍ତି ଏମାନେ...


ରବିଶଙ୍କର

**ରବିଶଙ୍କର ନାୟକ** (କର୍ମଜୀବୀ, ଭୁବନେଶ୍ୱର)– ବାହାରେ ରହିବା, ନିଜର ତଥା ପରିବାରର ବିଭିନ୍ନ ଖର୍ଚ୍ଚକୁ ମ୍ୟାନେଜ କରିବା ଭିତରେ ଅଧିକ ଟଙ୍କା ବଳି ନ ଥାଏ। ତଥାପି ସବୁ ଖର୍ଚ୍ଚକୁ ମ୍ୟାନେଜ୍ କରି କିଛି ଟଙ୍କା ସଞ୍ଚୟ କରିବାକୁ ଆଦୌ ଭୁଲେନି। କାରଣ ବର୍ତ୍ତମାନ ସବୁର ଦରଦାମ୍ ଯେଉଁ ଭଳି ବଢ଼ିଲାଣି ଭବିଷ୍ୟତରେ ତାହା କେଉଁ ସ୍ତରରେ ପହଞ୍ଚିବ ତାହା କିଏ ଜାଣେ। ତେଣୁ ଫ୍ୟୁଚର୍‌ରେ ଅସୁବିଧା ନ ହେବା ଲାଗି ଏକ ପେନ୍‌ସନ୍ ପ୍ଲାନ୍ କରିବା ସହ କିଛି ଟଙ୍କା ମ୍ୟୁଚୁଆଲ୍ ଫଣ୍ଡରେ ମଧ୍ୟ ଇନ୍‌ଭେଷ୍ଟ କରୁଛି।


ସୁପ୍ରିୟା

**ସୁପ୍ରିୟା ସାହୁ** (କର୍ମଜୀବୀ, ଯାଜପୁର)– ବ୍ୟାଙ୍କ୍‌ରେ ଆର୍‌ଡି ଆକାଉଣ୍ଟ ଖୋଲି ପ୍ରତିମାସରେ କିଛି ଟଙ୍କା ରଖୁଛି। ଯଦିଓ ଜବ୍ ପାଇଁ ଘରଠାରୁ ଦୂରରେ ରହି ଘରଭଡ଼ା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଭିତରେ କମ୍ ଟଙ୍କା ବଳେ, ତଥାପି ଅନାବଶ୍ୟକ ଖର୍ଚ୍ଚ ଯଥାସମ୍ଭବ କମ୍ କରି କିଛି ଟଙ୍କା ରଖୁଛି। ଏହି ଜମା ଟଙ୍କାରେ ଦରକାର ବେଳେ ନିଜର ଅନେକ ଛୋଟ ବଡ଼ ଆବଶ୍ୟକତା ମଧ୍ୟ ପୂରଣ ହୋଇପାରିଛି। ତେଣୁ ସମସ୍ତେ ଭବିଷ୍ୟତ ପାଇଁ ଟଙ୍କା ସଞ୍ଚୟ କରି ରଖିବା ନିହାତି ଭଲ କଥା।







## ୟୁଥ୍ ଆଲର୍ଟ

# କୋଲେଷ୍ଟରଲ୍ ବଢୁଥିଲେ

**ଶରୀରରେ କୋଲେଷ୍ଟରଲ୍ ପରିମାଣ ବୃଦ୍ଧି ହେବା ଦ୍ୱାରା ବିଭିନ୍ନ ଶାରୀରିକ ସମସ୍ୟା ବିଶେଷକରି ହୃଦ୍‌ରୋଗ ହେବାର ଆଶଙ୍କା ବଢ଼ିଯାଏ। ପରିବର୍ତ୍ତିତ ଲାଇଫ୍ ଷ୍ଟାଇଲ୍ ଏବଂ ଫାଷ୍ଟଫୁଡ୍ ଜାତୀୟ ଅସନ୍ତୁଳିତ ଖାଦ୍ୟାଭ୍ୟାସ ଯୁବପିଢ଼ିଙ୍କ ଠାରେ ଏଥିପାଇଁ ମୁଖ୍ୟତଃ ଦାୟୀ। ତେଣୁ ସୁସ୍ଥ ରହିବା ଲାଗି କୋଲେଷ୍ଟରଲ୍ ପରିମାଣ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିଲେ କେତେକ ଦିଗ ପ୍ରତି ଯତ୍ନଶୀଳ ହେବା ନିହାତି ଆବଶ୍ୟକ...**



■ଅଧିକ ପରିମାଣରେ ତଟକା ପନିପରିବାକୁ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ଏହା ନା କେବଳ କୋଲେଷ୍ଟରଲ ପରିମାଣକୁ ନିୟନ୍ତ୍ରଣରେ ରଖିବ ବରଂ ଶରୀରକୁ ଆବଶ୍ୟକମାତ୍ରାରେ ପୋଷକ ତତ୍ତ୍ୱ ଯୋଗାଇ ଦେବ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରି ସୁସ୍ଥ ରଖିବାରେ ସାହାଯ୍ୟ କରିବ।

■ଫାଇବର୍‌ଯୁକ୍ତ ଖାଦ୍ୟ ଶରୀର ପାଇଁ ବହୁ ଉପକାରୀ। ଏହା ମଧ୍ୟ ଶରୀରରେ କୋଲେଷ୍ଟରଲ୍ ପରିମାଣକୁ ନିୟନ୍ତ୍ରଣରେ ରଖିଥାଏ। କୋଷ୍ଠକାଠିନ୍ୟ ସମସ୍ୟା ନ ହେବା ଲାଗି ବି ଏହା ଲାଭଦାୟକ। ତେଣୁ ଓଟ୍ସ, ବିନ୍ସ, ବ୍ରୋକୋଲି, ଶକରକନ୍ଦା, ପନିପରିବା ଭଳି ଫାଇବରଯୁକ୍ତ ଖାଦ୍ୟକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।

■ବ୍ଲୁବେରି, ଜାମୁକୋଳି, ଷ୍ଟ୍ରବେରୀ, ସେଓ, ଅଙ୍ଗୁର, କମଳା, ପିଜୁଳି ଭଳି ଫଳ ଖାଆନ୍ତୁ, ଉପକୃତ ହେବେ।

**କ'ଣ ଖାଇବେ ନାହିଁ:**

■ରେଡ୍ ମିଟ୍ ଖାଇବା ଦ୍ୱାରା ଶରୀରରେ ଚର୍ବି ଅଂଶ ବୃଦ୍ଧି ପାଇଥାଏ। ତେଣୁ କୋଲେଷ୍ଟରଲ୍ ସ୍ତର ନିୟନ୍ତ୍ରଣରେ ରଖିବା ଲାଗି ମାଂସ ବିଶେଷ କରି ଛେଳିମାଂସ ବା ମଟନ ଯେତେ କମ୍ ଖାଇବା ବା ଆଦୌ ନ ଖାଇବା ଭଲ। ସେହିପରି ଫ୍ରୋଜେନ୍ ମିଟ୍, ପ୍ରୋସେସ୍‌ଡ ମିଟ୍ ନ ଖାଇବା ଭଲ।


■କୋଲେଷ୍ଟରଲ୍ ସମସ୍ୟା ଥିଲେ ଫ୍ୟାଟ୍‌ଯୁକ୍ତ ଖାଦ୍ୟ ଯଥା କ୍ଷୀର, ଛେନା ଭଳି ଖାଦ୍ୟ କମ୍ ଖାଇବା ଭଲ।

■ଅଧିକ ତେଲମସଲା, ଫାଷ୍ଟଫୁଡ୍, ମଇଦା, ଛଣାଛଣି ଜାତୀୟ ଖାଦ୍ୟ ଯଥାସମ୍ଭବ କମ୍ ଖାଆନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୩ ସେପ୍ଟେମ୍ବର, ୨୦୨୩ Bhubaneswar, Sunday, September 3, 2023

# ଜୋକୋଭିଚ୍‌ଙ୍କ ସଂଘର୍ଷପୂର୍ଣ୍ଣ ବିଜୟ


ନୋଭାକ୍ ଜୋକୋଭିଚ୍


କାରୋଲିନ୍ ଓଜ୍‌ନିଆକି

## ୟୁଏସ୍ ଓପନ ଟେନିସ୍

**ନ୍ୟୁୟର୍କ,୨।୯(ପି.ଟି.)**

ଟେନିସ୍ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍‌ର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି ସର୍ବିୟାର ନୋଭାକ୍ ଜୋକୋଭିଚ୍। ଶୁକ୍ରବାର ବିଳମ୍ବିତ ରାତିରେ ଖେଳାଯାଇଥିବା ମ୍ୟାଚରେ ପ୍ରଥମ ଦୁଇ ସେଟ୍‌ରେ ପରାଜିତ ହୋଇଥିଲେ ହେଁ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ବିଜୟୀ ହୋଇଥିଲେ। ଅଣସିଡେଡ୍ ଲାସ୍‌ଲୋ ଡିଜେରେଙ୍କ ବିପକ୍ଷ ମ୍ୟାଚ୍‌କୁ ୪-୬, ୪-୬, ୬-୧, ୬-୩ ଓ ୬-୩ ସେଟ୍‌ରେ ଜିତି ନେଇ ଜୋକୋଭିଚ୍ ୪ର୍ଥ ରାଉଣ୍ଡରେ ପହଞ୍ଚିଛନ୍ତି। ପ୍ରଥମ ଦୁଇ ସେଟ୍‌କୁ ୪-୬, ୪-୬ରେ ହାରିବା ପରେ ୨୦୦୬ ପରେ ପ୍ରଥମ ଥର ୪ର୍ଥ ରାଉଣ୍ଡ ପୂର୍ବରୁ ବିଦାୟ ନେବାର ସମ୍ଭାବନା ଦେଖାଦେଇଥିଲା। ତେବେ ନିଜ ଅଭିଜ୍ଞତାରୁ ପାଇଦା ଉଠାଇ ତୃତୀୟ ସେଟ୍‌କୁ ଜିତି ନେଇଥିଲେ। ପରବର୍ତ୍ତୀ ଦୁଇ ରାଉଣ୍ଡରେ ମଧ୍ୟ ସମାନ ଭାବରେ ପ୍ରାଧାନ୍ୟ ବିସ୍ତାର କରି ଖେଳିବା ସହିତ ମ୍ୟାଚ ଜିତି ନେଇଥିଲେ। ଏହା ସହିତ ଜୋକୋଭିଚ୍‌ଙ୍କ ପ୍ରତିପକ୍ଷ ଖେଳାଳିଙ୍କ ପାଇଁ ଏହା ଏକ ମେସେଜ୍ ଯେ ସେ ଏବେ ମଧ୍ୟ ୫ ରାଉଣ୍ଡର ମ୍ୟାଚ୍ ଖେଳିବା ପାଇଁ ଫିଟ୍ ରହିଛନ୍ତି। ଜୋକୋଭିଚ୍ ପରବର୍ତ୍ତୀ ରାଉଣ୍ଡରେ କ୍ରୋଏସିଆର ବୋର୍ନା ଗୋଜୋଙ୍କୁ ଭେଟିବେ। କ୍ୱାଲିଫାୟର ଖେଳି ଆସିଥିବା ପ୍ରଥମ ଥର ପାଇଁ ୟୁଏସ୍ ଓପନ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସିଧାସଳଖ ସେଟ୍‌ର ବିଜୟକୁ ମୁଁ ପସନ୍ଦ କରିଥାଏ। ଆସନ୍ତା ମ୍ୟାଚ୍‌ରେ ଟ୍ରାକ୍‌କୁ ଫେରିବାକୁ ପ୍ରୟାସ କରିବି ବୋଲି ମ୍ୟାଚ ପରେ କହିଥିଲେ ଜୋକୋଭିଚ୍। ଆର୍ଥର ଆଶେ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ଟି ୩ ଘଣ୍ଟା ୩୦ ମିନିଟ୍ ଧରି ଚାଲିଥିଲା। ପ୍ରଥମ ଦୁଇ ସେଟ୍ ହାରିବା ପରେ ଏହା ଜୋକୋଭିଚ୍‌ଙ୍କ ଅଷ୍ଟମ ବିଜୟ। ସେହିପରି ୫ ସେଟ୍ ବିଶିଷ୍ଟ ମ୍ୟାଚ୍‌ରେ ଜୋକୋଭିଚ୍‌ଙ୍କ ବିଜୟ ପରାଜୟ ରେକର୍ଡ ୩୮-୧୧ରେ ପହଞ୍ଚିଛି।

ଆମେରିକୀୟ ଖେଳାଳି ଟମି ପଲ୍ ମଧ୍ୟ ବିଜୟୀ ହୋଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବିଶ୍ୱ ମାନ୍ୟତାର ୧୪ତମ ସ୍ଥାନରେ ଥିବା ଟମି ୬-୧, ୬-୦, ୩-୬, ୬-୩ ସେଟ୍‌ରେ ସ୍ପେନ୍‌ର ଆଲେକଜାଣ୍ଡର ଡାଭିଡୋଭିଚ୍ ଫୋକିନାଙ୍କୁ ପରାସ୍ତ କରିଛନ୍ତି। ଟମିଙ୍କ ମ୍ୟାଚ୍ ଦେଖିବା ପାଇଁ ୨୩ ହଜାର ଦର୍ଶକ ଉପସ୍ଥିତ ଥିଲେ। ଏତେ ସଂଖ୍ୟକ ଦର୍ଶକଙ୍କ ଉପସ୍ଥିତି ମୋତେ ବେଶ୍ ଆନନ୍ଦିତ କରିଛି ବୋଲି ଟମି କହିଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ଅନ୍ୟତମ ଆମେରିକୀୟ ବେନ୍ ଶେଲଟନଙ୍କୁ ଭେଟିବେ ଟମି। ୨୦ ବର୍ଷୀୟ ଶେଲଟନ୍ ରୁଷିଆର ଆସ୍ଲାନ କାରାଟ୍‌ସେଭ୍‌ଙ୍କୁ ୬-୪, ୩-୬, ୬-୨ ଓ ୬-୦ରେ ପରାସ୍ତ କରିଥିଲେ। ବିଶ୍ୱ ମାନ୍ୟତାର ୯ ନମ୍ବର ସ୍ଥାନରେ ଥିବା ଟେଲର ଫ୍ରିଜ୍ ଓ ୧୦ ନମ୍ବର ଫ୍ରାନ୍ସିସ୍ ଟିଆଫୋ ମଧ୍ୟ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଟେଲର ୬-୧, ୬-୨ ଓ ୬-୦ରେ ଚେକ୍ ରିପବ୍ଲିକ୍‌ର ଜାକୁବ୍ ମେନ୍ସିକ୍‌ଙ୍କୁ ପରାସ୍ତ କରିଥିଲେ। ସେହିପରି ଟିଆଫୋ ଅଷ୍ଟ୍ରେଲିଆର ରିଙ୍କି ହିଜିକାଟାଙ୍କୁ ୪-୬, ୬-୨, ୬-୩ ଓ ୭-୬(୬) ସେଟ୍‌ରେ ପରାସ୍ତ କରିଥିଲେ।

ମହିଳା ସିଙ୍ଗଲ୍ସରେ କୋକୋ ଗଫ୍ ୩-୬, ୬-୩ ଓ ୬-୦ରେ ବେଲଜିୟମର ଏଲେସ୍ ମର୍ଟେନ୍ସଙ୍କୁ ପରାସ୍ତ କରିଛନ୍ତି। ପ୍ରଥମ ସେଟ୍‌ରେ ପରାଜିତ ହେବା ପରେ କୋକୋ ପ୍ରତ୍ୟାବର୍ତ୍ତନ କରିଥିଲେ। ୧୦ ମ୍ୟାଚ୍ ପରେ ମର୍ଟେନ୍ସଙ୍କ ବିପକ୍ଷରେ ଏହା କୋକୋଙ୍କ ପ୍ରଥମ ବିଜୟ। ୨୦୨୨ ୱିମ୍ବଲଡନ୍ ଚାମ୍ପିୟନ ଏଲେନା ରିବାକିନା ଆଶ୍ଚର୍ଯ୍ୟଜନକ ଭାବରେ ବିଦାୟ ନେଇଛନ୍ତି। ବିଶ୍ୱ ମାନ୍ୟତାର ୪ ନମ୍ବର ସ୍ଥାନରେ ଥିବା ରିବାକିନା ୩୦ ନମ୍ବର ସ୍ଥାନରେ ଥିବା ସୋରାନା କ୍ରିଷ୍ଟିଙ୍କ ନିକଟରୁ ୬-୩, ୬-୭(୬) ୬-୪ରେ ପରାସ୍ତ ହୋଇଛନ୍ତି। ଟପ୍ ସିଡ୍ ଇଗା ସ୍ୱିଟେକ୍ ମାତ୍ର ୪୯ ମିନିଟ୍ ସମୟ ନେଇ ୬-୦, ୬-୧ ସେଟ୍‌ରେ କାଜା ଜୁଭାନଙ୍କୁ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ସାଢେ ୩ ବର୍ଷ ପରେ ପ୍ରତ୍ୟାବର୍ତ୍ତନ କରିଥିବା କାରୋଲିନ୍ ଓ୍ୱାଜନିଆକି ନିଜର ବିଜୟ ଧାରା ଅବ୍ୟାହତ ରଖିଛନ୍ତି। ଜେନିଫର ବ୍ରାଡିଙ୍କୁ ସେ ୪-୬, ୬-୩ ଓ ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ଫ୍ରେଞ୍ଚ ଓପନ ରନର ଅପ୍ ରହିଥିବା କାରୋଲିନା ମୁଚୋଭା ୭-୬, ୬-୩ରେ ଟେଲର ଡାଉନସେଣ୍ଡଙ୍କୁ ପରାସ୍ତ କରିଛନ୍ତି। ୩୩ ବର୍ଷୀୟା ଓଜନିଆକି କ୍ୱାର୍ଟର ଫାଇନାଲରେ ପ୍ରବେଶ ପାଇଁ ୧୯ ବର୍ଷୀୟା କୋକୋ ଗଫ୍‌ଙ୍କୁ ଭେଟିବେ।

# ଅଷ୍ଟ୍ରେଲିଆ ୮ ଉଇକେଟରେ ବିଜୟୀ

## ଟି୨୦ କ୍ରିକେଟ

**ଡର୍ବାନ, ୨।୯(ଏପି)**

କିଙ୍ଗ୍ସମିଡ୍‌ଠାରେ ଅନୁଷ୍ଠିତ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆ ୮ ଉଇକେଟରେ ବିଜୟ ହାସଲ କରିଛି। ଏଥିସହିତ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୨-୦ରେ ଅଗ୍ରଣୀ ଲାଭ କରିବା ସହ ଆଗୁଆ ସିରିଜ ଜିତିନେଇଛି। ଶୁକ୍ରବାର ଖେଳାଯାଇଥିବା ମ୍ୟାଚରେ ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇ ଆୟୋଜକ ଦଳ ଦକ୍ଷିଣ ଆଫ୍ରିକାର ସ୍କୋରକୁ ୧୬୪/୮ରେ ସୀମିତ କରିଦେଇଥିଲା। ୧୬୫ ରନର ବିଜୟ ଲକ୍ଷ୍ୟକୁ ଦଳ ୩୧ ବଲ୍ ବାକି ଥାଇ ଦୁଇ ଉଇକେଟ ବିନିମୟରେ ହାସଲ କରିନେଇଥିଲା। ଗତ ବୁଧବାର କ୍ୟାରିୟର ଶ୍ରେଷ୍ଠ ୯୨ରନ ସହ ଅପରାଜିତ ରହିଥିବା ଅଧିନାୟକ ମିଚ୍ ମାର୍ଶ ୭୨ରନ କରି ଅପରାଜିତ ରହିଥିଲେ। ମାଥ୍ୟୁ ଶର୍ଟ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୩୦ ବଲ୍‌ରୁ ୬୬ ରନ କରିଥିଲେ। ପ୍ରଥମ ଟି୨୦କୁ ଅଷ୍ଟ୍ରେଲିଆ ୧୧୧ରନରେ ଜିତି ନେଇଥିଲା। ସିରିଜର ତୃତୀୟ ତଥା ଅନ୍ତିମ ମ୍ୟାଚ ରବିବାର ଖେଳାଯିବ।

**ସଂକ୍ଷିପ୍ତ ସ୍କୋର**

**ଦକ୍ଷିଣ ଆଫ୍ରିକା:** ୨୦ ଓଭରରେ ୧୬୪/୮ (ଏଡେନ୍ ମାରକ୍ରାମ-୪୯, ଟେମ୍ବା ବଭୁମା-୩୫, ଟ୍ରିଷ୍ଟାନ ଷ୍ଟବ୍ସ-୨୭; ସିନ୍ ଆବଟ-୩/୨୨, ନାଥାନ ଏଲିସ-୩/୨୫, ଜସନ ବେହରେନଡ୍ରଫ୍-୨/୨୫)।

**ଅଷ୍ଟ୍ରେଲିଆ:** ୧୪.୫ ଓଭରରେ ୧୬୮/୨ (ମାଥ୍ୟୁ ଶର୍ଟ-୬୬, ମିଚେଲ ମାର୍ଶ-୭୯*; ଲିଜାର୍ଡ ୱିଲିୟମ୍ସ-୧/୧୭)।

# ସାବ୍‌ଲେଙ୍କୁ ଡାଇମଣ୍ଡ ଲିଗ୍ ଗ୍ରାଣ୍ଡ ଫିନାଲେ ଯୋଗ୍ୟତା



ଅବିନାଶ ସାବ୍‌ଲେ

**ଜିଆମେନ୍ (ଚାଇନା), ୨।୯ (ପି.ଟି.)**

ଭାରତର ଅବିନାଶ ସାବ୍‌ଲେ ଏଠାରେ ଚାଲିଥିବା ଜିଆମେନ୍ ଲେଗ୍ ଡାଇମଣ୍ଡ ଲିଗ୍ ମିଟିଙ୍ଗ୍‌ର ପୁରୁଷ ୩,୦୦୦ ମିଟର ଷ୍ଟିପଲଚେଜ୍ ଇଭେଣ୍ଟରେ ୫ମ ସ୍ଥାନ ଅଧିକାର କରିଥିଲେ ହେଁ ଚଳିତ ମାସ ପରବର୍ତ୍ତୀ ଭାଗରେ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ)ର ୟୁଜିନ୍‌ଠାରେ ହେବାକୁଥିବା ଗ୍ରାଣ୍ଡ ଫିନାଲେ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଗତ ମାସରେ ହଙ୍ଗେରୀଠାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ୨୮ ବର୍ଷୀୟ ସାବ୍‌ଲେ ଫାଇନାଲ ରାଉଣ୍ଡକୁ ଯୋଗ୍ୟତା ଅର୍ଜନ କରିପାରି ନ ଥିଲେ। ସେତେବେଳେ ତାଙ୍କର ଟାଇମିଂ ୮ ମିନିଟ ୧୬.୨୭ ସେକେଣ୍ଡ ରହିଥିଲା, ଯାହାକି ସିଜନ ଶ୍ରେଷ୍ଠ ୮:୧୧.୬୩ ଏବଂ ଜାତୀୟ ରେକର୍ଡ ଟାଇମିଂ ୮:୧୧.୨୦ଠାରୁ କମ୍ ରହିଥିଲା। ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନ ମରକ୍କୋର ସୋଫିଆନି ଏଲ୍ ବାକାଲି ୮:୧୦.୩୧ ଟାଇମିଂରେ ରେସ୍ ଜିତିଥିବା ବେଳେ ଇଥିଓପିଆର ସାମୁଏଲ୍ ଫିରେଡ (୮:୧୧.୨୯) ଏବଂ କେନିଆର ଆମୋସ ସରେମ (୮:୧୪.୪୧) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ବିଜେତା ସାବ୍‌ଲେ ରେସ୍‌ରୁ ୪ ପଏଣ୍ଟ ଅର୍ଜନ କରିପାରିଛନ୍ତି। ଏହି ସିଜନର ୪ଟି ଇଭେଣ୍ଟରେ ସେ ମୋଟ ୧୧ପଏଣ୍ଟ ଅର୍ଜନ କରିପାରିଛନ୍ତି। ସେ ୬ଷ୍ଠ ସ୍ଥାନ ସହ ସେପ୍ଟେମ୍ବର ୧୬ରେ ଆମେରିକାର ୟୁଜିନଠାରେ ହେବାକୁଥିବା ଫିନାଲେ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେ ପ୍ରଥମ ଥର ଡାଇମଣ୍ଡ ଲିଗ୍ ଫିନାଲେରେ ଭାଗ ନେବାକୁ ଯାଉଛି। ତାଙ୍କ ସହିତ ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା (ସେପ୍ଟେମ୍ବର ୧୬) ଏବଂ ଲଙ୍ଗ ଜମ୍ପର ମୁରଲୀ ଶ୍ରୀଶଙ୍କରଙ୍କ ସହ ଯୋଗ ଦେଇଛନ୍ତି। ଚଳିତବର୍ଷ ପୂର୍ବ ୩ଟି ଡାଇମଣ୍ଡ ଲିଗ ମଧ୍ୟରୁ ରାବାଟ (ମରକ୍କୋ)ଠାରେ ସାବ୍‌ଲେ ୧୦ମ, ଷ୍ଟକ୍‌ହୋମ୍‌ଠାରେ ୫ମ ଏବଂ ସିଲେସିଆ (ପୋଲାଣ୍ଡ)ଠାରେ ୬ଷ୍ଠ ସ୍ଥାନରେ ରହିଥିଲେ।

# ଦ୍ୱୀପାୟନ ଭାରତୀୟ ଦଳ ଅଧିନାୟକ

**ଅଷ୍ଟ୍ରେଲିଆ ଓପନ ଗେଟ୍‌ବଲ୍ ଚାମ୍ପିୟନଶିପ**


ଭାରତୀୟ ଗେଟ୍‌ବଲ୍ ଦଳ।

**ଭୁବନେଶ୍ୱର,୨।୯(ସରୋଜ ଜେନା)**

ଆସନ୍ତା ସେପ୍ଟେମ୍ବର ୪ରୁ ୭ ତାରିଖ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ଠାରେ ଅନୁଷ୍ଠିତ ହେଉଥିବା ଅଷ୍ଟ୍ରେଲିଆ ଓପନ ଗେଟବଲ ଚାମ୍ପିୟନଶିପ ପାଇଁ ଭାରତୀୟ ଗେଟବଲ ସଂଘ ତରଫରୁ ଏକ ୭ଜଣିଆ ଦଳ ଅଷ୍ଟ୍ରେଲିଆ ଗ୍ରସ୍ତ କରିଛି। ଏହି ଦଳ ଚାମ୍ପିୟନଶିପର ଦଳଗତ ବର୍ଗ ଏବଂ ଡବଲ୍ସ ବର୍ଗରେ ଅଂଶଗ୍ରହଣ କରିବ। ଏହି ଦଳରେ ଦ୍ୱୀପାୟନ ପଟ୍ଟନାୟକ, ଡ. ଉମାକାନ୍ତ ପାଣି, ଶରତ ପାତ୍ର, ସର୍ବେଶ୍ୱର ବ୍ରହ୍ମାନନ୍ଦ ମହାପାତ୍ର, ନିରଞ୍ଜନ ମଙ୍ଗରାଜ, ଶରତ ମହାନ୍ତି ଓ ତ୍ରିଲୋଚନ ଦେବତା ରହିଛନ୍ତି। ଭାରତୀୟ ଗେଟବଲ ସଂଘର ଅଧକ୍ଷ ଦ୍ୱୀପାୟନ ପଟ୍ଟନାୟକ ଏହି ଦଳର ଅଧିନାୟକ ମଧ୍ୟ ଅଛନ୍ତି। ଅଷ୍ଟ୍ରେଲିଆ ଗ୍ରସ୍ତ ପୂର୍ବରୁ ଅଷ୍ଟ୍ରେଲିଆ ଟୁର୍ନାମେଣ୍ଟରେ ଖେଳୁଥିବା ଦଳ ଏବଂ ଭାରତୀୟ ଗେଟବଲ ସଂଘର ଦଳ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ଖେଳା ଯାଇଥିଲ। ଏହି ମ୍ୟାରେ ଅତିଥି ଭାବେ ରୋଟାରୀ କ୍ଲବର ଡିଷ୍ଟ୍ରିକ୍ଟ ଗଭର୍ନର ଜୟଶ୍ରୀ ମହାନ୍ତି, ସିଲିକନ ଇନ୍‌ଷ୍ଟିଚ୍ୟୁଟର ନିତାଇ ଗୌର ଧଳ, ମନୋରଞ୍ଜନ ମିଶ୍ର ଏବଂ ତାରାପ୍ରସାଦ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଆସନ୍ତା ନଭେମ୍ବର ୨୬ ଓ ୨୭ରେ ଭାରତୀୟ ଓପନ ଗେଟବଲ ଟୁର୍ନାମେଣ୍ଟ ସିଲିକନ ଇନ୍‌ଷ୍ଟିଚ୍ୟୁଟରେ ଅନୁଷ୍ଠିତ ହେବ। ଏଥିରେ ପାକିସ୍ତାନ, ଚାଇନା, ତାଇୱାନ, ଇଣ୍ଡୋନେସିଆ ପ୍ରମୁଖ ଦେଶର ଖେଳାଳି ମାନେ ଯୋଗଦେବେ ବୋଲି ଦ୍ୱୀପାୟନ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଖେଳାଳି ନିଲାମି ସ୍ଥଗିତ

**ମୁମ୍ବାଇ, ୨।୯ (ପି.ଟି.)**

ପ୍ରୋ-କବାଡ଼ି ଲିଗ୍ (ପିକେଏଲ୍)ର ୧୦ମ ସିଜନ ପାଇଁ ଖେଳାଳି ନିଲାମି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଥିବା ପ୍ରତିଯୋଗିତାର ଆୟୋଜକଙ୍କ ତରଫରୁ ସୂଚନା ଦିଆଯାଇଛି। ଏସିଆନ ଗେମ୍ସ ପାଇଁ ଭାରତୀୟ ଦଳର ପ୍ରସ୍ତୁତି ଚାଲିଛି। ଏଥିପାଇଁ ନିଲାମ କାର୍ଯ୍ୟକୁ ସ୍ଥଗିତ ରଖିବା ଲାଗି ଆମେଚର କବାଡି ଫେଡେରେଶନ ଅଫ୍ ଇଣ୍ଡିଆ ଅନୁରୋଧ କରିଥିଲା। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଖେଳାଳି ନିଲାମ ସେପ୍ଟେମ୍ବର ୮-୯ରେ ହୋଇଥାନ୍ତା। ଆୟୋଜକଗଣ ବ୍ରଡ୍‌କାଷ୍ଟର ଏବଂ ପିକେଏଲ୍ ଟିମ୍‌ଗୁଡ଼ିକ ସହ ଆଲୋଚନା ପରେ ଖେଳାଳି ନିଲାମ ଲାଗି ସାନି ତାରିଖ ଘୋଷଣା କରାଯିବ।

# ପାକିସ୍ତାନକୁ ହରାଇ ଭାରତ ଚାମ୍ପିୟନ

## ପୁରୁଷ ୫ଏସ୍ ଏସିଆ କପ୍ ହକି

**ଓମାନ, ୨।୯**

ଭାରତ ଏଠାରେ ଚାଲିଥିବା ଉଦ୍‌ଘାଟନୀ ପୁରୁଷ ୫ଏସ୍ ଏସିଆ କପ୍ ହକି ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛି। ୨୦୨୪ରେ ଓମାନରେ ହେବାକୁଥିବା ଏଫ୍‌ଆଇଏଚ୍ ପୁରୁଷ ୫ଏସ୍ ବିଶ୍ୱକପ୍ ପାଇଁ ଏସିଆର ଏହି କ୍ୱାଲିଫାଇଂ ଟୁର୍ନାମେଣ୍ଟର ଫାଇନାଲରେ ଭାରତ ଶୁଟ୍ ଆଉଟରେ ପାକିସ୍ତାନକୁ ହରାଇ ଦେଇଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୪-୪ ଗୋଲ୍‌ରେ ଅମୀମାଂସିତ ରହିଥିଲା। ଭାରତ ତରଫରୁ ମହମ୍ମଦ ରାହିଲ (୧୯ତମ ଓ ୨୬ତମ ମିନିଟ), ଯୁଗରାଜ ସିଂ (୭ମ) ଓ ମନିନ୍ଦର ସିଂ (୧୦ମ) ଗୋଲ୍ ସ୍କୋର କରିଥିଲେ। ଅନ୍ୟପକ୍ଷରେ ପାକିସ୍ତାନ ପକ୍ଷରୁ ଅବଦୁଲ ରେହମାନ (୫ମ), ଅଧିନାୟକ ଅବ୍‌ଦୁଲ ରାଣା (୧୩ତମ), ଜିକ୍ରିୟା ହାୟାତ (୧୪ତମ) ଓ ଅର୍ଶାଦ ଲିଆକତ୍ (୧୯ତମ) ଗୋଲ୍ ଦେଇଥିଲେ। ଶୁଟଆଉଟରେ ଭାରତ ତରଫରୁ ଗୁର୍‌ଜୋତ ସିଂ ଓ ମନିନ୍ଦର ସିଂ ଗୋଲ୍ ଦେଇଥିଲେ। ଭାରତୀୟ ହକି ଦଳର ଏହି ସଫଳତା ପାଇଁ ହକି ଇଣ୍ଡିଆ ଖେଳାଳିଙ୍କ ପିଛା ୨ ଲକ୍ଷ ଟଙ୍କା ଲେଖାଏ ଏବଂ ସପୋର୍ଟ ଷ୍ଟାଫ୍‌ଙ୍କ ଲାଗି ୧ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ଘୋଷଣା କରିଛନ୍ତି।



୫ଏସ୍ ଏସିଆ କପ୍ ହକି ଟୁର୍ନାମେଣ୍ଟରେ ଚାମ୍ପିୟନ ଭାରତୀୟ ଦଳ।

# ଭାରତର ୩୩ ଜଣିଆ ଶୁଟିଂ ଦଳ

## ଏସିଆନ ଗେମ୍ସ

**ନୂଆଦିଲ୍ଲୀ, ୨।୯(ପି.ଟି.)**

ଚାଇନାର ହାଙ୍ଗ୍‌ଝୋଠାରେ ସେପ୍ଟେମ୍ବର ୨୩ରୁ ହେବାକୁ ଥିବା ୧୯ତମ ଏସିଆନ ଗେମ୍ସ ପାଇଁ ଭାରତର ୩୩ ଜଣିଆ ଶୁଟିଂ ଦଳ ଘୋଷଣା କରାଯାଇଥିବା ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ(ଏନ୍‌ଆର୍‌ଏଆଇ) ଶନିବାର ପ୍ରକାଶ କରିଛି। ଏହାଛଡ଼ା ଦକ୍ଷିଣ କୋରିଆର ଚାଙ୍ଗ୍‌ଓନଠାରେ ଅକ୍ଟୋବର ୨୨ରୁ ନଭେମ୍ବର ୨ ପର୍ଯ୍ୟନ୍ତ ହେବାକୁଥିବା ଏସିଆନ ଚାମ୍ପିୟନଶିପ୍ ଲାଗି ମଧ୍ୟ ୩୫ଜଣିଆ ଦଳ ଘୋଷଣା କରାଯାଇଛି। ପ୍ୟାରିସ ଅଲିମ୍ପିକ ପାଇଁ ମୋଟ ୨୪ ଅଲିମ୍ପିକ କୋଟା ରହିଥିବାରୁ ଏହି ପ୍ରତିଯୋଗିତା ଗୁରୁତ୍ୱପୂର୍ଣ୍ଣ। ଏଥିରେ ରାଇଫଲ, ପିସ୍ତଲ ଓ ଶଟ୍‌ଗନ୍‌ରେ ୧୨ଟି ବ୍ୟକ୍ତିଗତ ଅଲିମ୍ପିକ ଇଭେଣ୍ଟ ରହିଛି। ପ୍ରତି ଇଭେଣ୍ଟରେ ୨ଟି ଲେଖାଏ କୋଟା ରହିଛି। ଏସିଆନ ଚାମ୍ପିୟନଶିପ୍‌ରେ ଭାରତ ସମସ୍ତ ୧୬ଟି ଇଭେଣ୍ଟରେ ଭାଗ ନେବ। ତନ୍ମଧ୍ୟରେ ୪ ମିକ୍ସଡ ଟିମ୍ ଇଭେଣ୍ଟ ରହିଛି। ଭାରତ ୪ ଅତିରିକ୍ତ ଶୁଟରଙ୍କୁ ଦଳରେ ସାମିଲ କରିଛି। ସେମାନେ ହେଲେ ରୁଦ୍ରାଂଶ ପାଟିଲ, ମେହୁଲି ଘୋଷ, ସିଫ୍ଟ କୌର ଶର୍ମା ଏବଂ ରାଜେଶ୍ୱରୀ କୁମାରୀ। ସେମାନେ କେବଳ ର୍‍ୟାଙ୍କିଙ୍ଗ ପଏଣ୍ଟ ପାଇଁ ପ୍ରତିଯୋଗିତାରେ ଭାଗ ନେଉଛନ୍ତି। ଇତିମଧ୍ୟରେ ୪ ଶୁଟର ପ୍ୟାରିସ କୋଟା ହାସଲ କରିସାରିଛନ୍ତି। ଫଳରେ ସେମାନେ ଆଉ କୋଟା ନେଇପାରିବେ ନାହିଁ। ଚାଙ୍ଗଓନ୍ ପାଇଁ ମନୋନୀତଙ୍କ ମଧ୍ୟରେ ମନୁ ଭାକର, ଦିବ୍ୟାଂଶ ସିଂ ପନୱାର, ଐଶ୍ୱରୀ ପ୍ରତାପ ସିଂ ତୋମାର, ଅଖିଲ ଶେଓରାନ, ରିଦିମ ସାଙ୍ଗୱାନ, ଇଶା ସିଂ, ଆଦର୍ଶ ସିଂ, କିନାନ ଚେନାଇ, ଗାନେମତ ସେଖନଙ୍କ ଭଳି ଦକ୍ଷ ଶୁଟର ରହିଛନ୍ତି। ନିକଟରେ ଆଜରବୈଜାନର ବାକୁଠାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ସେମାନେ ଅସଫଳ ରହିଥିଲେ। ଆସନ୍ତା ପ୍ୟାରିସ ଗେମ୍ସ ପାଇଁ କୋଟା ହାସଲ କରିବା ଲାଗି ଚାଙ୍ଗଓନ୍ ଚାମ୍ପିୟନଶିପ୍ ଆଉ ଏକ ସୁଯୋଗ। ଭାରତ ଇତିମଧ୍ୟରେ ୭ ପ୍ୟାରିସ କୋଟା ହାସଲ କରିସାରିଛି। ସେଥିରୁ ଭୋନିଶ ମେଣ୍ଡିରାଟା (ପୁରୁଷ ଟ୍ରାପ୍), ରୁଦ୍ରାଂଶ ବାଲା ସାହେବ ପାଟିଲ (ପୁରୁଷ ୧୦ ମିଟର ଏୟାର ରାଇଫଲ) ଏବଂ ସ୍ୱପ୍ନିଲ କୁସାଲେ (ପୁରୁଷ ୫୦ ମିଟର ରାଇଫଲ ୩ ପୋଜିଶନ) ପ୍ରମୁଖ ଗତବର୍ଷର ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ୨୦୨୪ ଅଲିମ୍ପିକ କୋଟା ହାସଲ କରିସାରିଛନ୍ତି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ